

ଶ୍ରୀମନ୍ଦିର ପରିକ୍ରମା ସ୍ୱତନ୍ତ୍ର

▶ଭିତର ପୃଷ୍ଠାରେ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-196 •BHUBANESWAR •WEDNESDAY •10 JANUARY 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୯୬ •ଭୁବନେଶ୍ୱର •ବୁଧବାର •୧୦ ଜାନୁଆରୀ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦



DSPL-521

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

# ନିଯୁକ୍ତି ପର୍ବ

ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ



Skilled in ODISHA

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ

୩୫୪ ନୂଆ ନିଯୁକ୍ତି

ଉଚ୍ଚ ଶିକ୍ଷା ବିଭାଗ

୨୫୮ ନୂଆ ନିଯୁକ୍ତି

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ
୧୦ ଜଣ ଆସିଷ୍ଟାଣ୍ଟ ପ୍ରଫେସର
୧୯୪ ଜଣ ସହକାରୀ ତାଲିମ ଅଧିକାରୀ
ଏବଂ
୧୫୦ ଜଣ କନିଷ୍ଠ ସହାୟକ

ଉଚ୍ଚ ଶିକ୍ଷା ବିଭାଗ
ସରକାରୀ ମହାବିଦ୍ୟାଳୟର
ଆସିଷ୍ଟାଣ୍ଟ ପ୍ରଫେସରଙ୍କ
ନିଯୁକ୍ତି

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୧୦ ଜାନୁଆରୀ ୨୦୨୪ ॥ ସନ୍ଧ୍ୟା ୫ଟା
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

OIPR-11001/13/0060/2324

# ଓଡ଼ିଶାର ସାଂସ୍କୃତିକ ପରମ୍ପରାକୁ ଗର୍ବିତ କରିଛି କପଡ଼ାଗନ୍ଦା ଶାଲ୍ ଓ ଇଡ଼ିତାଲ ଚିତ୍ରକଳା

**ଭୁବନେଶ୍ୱର, ୯ ।୧(ସମିସ):** ରାୟଗଡ଼ା ଜିଲ୍ଲାର ଡଙ୍ଗରିଆ କନ୍ଧମାନେ ଛୁଞ୍ଚିସୂତା ସାହାଯ୍ୟରେ କନା ଉପରେ କରୁଥିବା କାରୁକାର୍ଯ୍ୟପୂର୍ଣ୍ଣ କପଡ଼ାଗନ୍ଦା ଶାଲ୍ ଓ ଲାଞ୍ଜିଆ ପ୍ରକ୍ରିୟାକୁ ସମର୍ଥନ ଏବଂ ଦସ୍ତାବିଜ୍‌କରଣ କରିବାକୁ ଆଗେଇ ଆସି ଆଦିବାସୀ ଭାଷା ଏବଂ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ଏକକାଳୀନ କାର୍ଯ୍ୟ କରିଛି





## ହାତବୁଣା କଳା ପାଇଁ ଲୋକପ୍ରିୟ ଡଙ୍ଗରିଆ କନ୍ଧ

ସୌରା ଜନଜାତିଙ୍କ ଇଡ଼ିତାଲ୍ ଚିତ୍ରକଳାକୁ ମିଳିଛି ଜିଆଇ ମାନ୍ୟତା। ଏହି ସମୃଦ୍ଧ ସାଂସ୍କୃତିକ ପରମ୍ପରା ସମଗ୍ର ଓଡ଼ିଶାବାସୀଙ୍କୁ ଗର୍ବିତ କରିଛି। ରାଜ୍ୟ ସରକାରଙ୍କ ତରଫରୁ ଆଦିବାସୀ ସାଂସ୍କୃତିକ ପରମ୍ପରା, କଳା ଏବଂ ହସ୍ତଶିଳ୍ପକୁ ଉନ୍ନତ ତଥା ଲୋକପ୍ରିୟ କରିବା ଦିଗରେ ବେଶ୍ କିଛି କାର୍ଯ୍ୟ କରାଯାଇଛି। ଏହି ସଫଳତାରେ ଅନ୍ୟତମ ଭାଗିଦାର ହେଉଛି ଅନୁସୂଚିତ ଜନଜାତି ଓ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ। ଜିଆଇ ଟ୍ୟାଗିଂ ବିଭାଗ। ଆଦିବାସୀଙ୍କ ସାଂସ୍କୃତିକ ତଥା ଅର୍ଥନୈତିକ ଦିଗଗୁଡିକୁ ସଂରକ୍ଷଣ ପାଇଁ ମହତ୍ୱପୂର୍ଣ୍ଣ ପଦକ୍ଷେପ ଅନୁଯାୟୀ ଡଙ୍ଗରିଆ କନ୍ଧ ଜନଜାତି ଦ୍ୱାରା ହାତରେ ବୁଣାଯାଉଥିବା କପଡ଼ାଗନ୍ଦା ଶାଲ୍‌କୁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଅନୁସନ୍ଧାନ ତାଲିମ ପ୍ରତିଷ୍ଠାନ ଦ୍ୱାରା ଆବେଦନ ପରେ ଏହି ମାନ୍ୟତା ମିଳିପାରିଛି। ଏହି ଦୁଇ ସାମଗ୍ରୀର ଜିଆଇ ଟ୍ୟାଗ୍ ପାଇଁ ନିୟମଗିରି ଡଙ୍ଗରିଆ କନ୍ଧ ବୁଣାକାର ସଂଘ ଏବଂ ନିର୍ଦ୍ଦେଶାଳୟ ମିଳିତ ଭାବେ ଆବେଦନ କରିଥିଲେ।

ଓଡ଼ିଶା ହେଉଛି ୧୩ଟି ଆଦିମ ଜନଜାତି ସମେତ ୬୨ଟି ଆଦିବାସୀ ସମ୍ପ୍ରଦାୟଙ୍କ ଘର। ଜିଆଇ ଟ୍ୟାଗିଂ ଆଦିବାସୀ ସାଂସ୍କୃତିକ ସୁନ୍ଦର ପରମ୍ପରାର ସଂରକ୍ଷଣକୁ ଜାରି ରଖିବାରେ ଓଡ଼ିଶା ସରକାରଙ୍କ ନିଷ୍ଠାକୁ ପ୍ରମାଣିତ କରିଛି। ଡଙ୍ଗରିଆ କନ୍ଧ ଆଦିବାସୀମାନେ ହାତବୁଣା କଳା ପାଇଁ ଲୋକପ୍ରିୟ। ଶାଲ୍‌ରେ ଦର୍ଶାଯାଇଥିବା ବିଭିନ୍ନ ଚିତ୍ର ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ସାମାଜିକ-ସାଂସ୍କୃତିକ ସମ୍ପର୍କକୁ ପ୍ରତିପାଦିତ କରେ। ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ସେମାନଙ୍କ ମାତୃଭୂମି ଏବଂ ନିୟମ ରାଜାଙ୍କ ବାସସ୍ଥାନ ନିୟମଗିରି ପାହାଡ଼ ସହ ଜଡ଼ିତ ରହିଛନ୍ତି। ପ୍ରକୃତି ସହିତ ଗଭୀର ଭାବରେ ଜଡ଼ିତ ଏହି ଜନଜାତି ଭୂପୃଷ୍ଠରେ ସେମାନଙ୍କର କଳା ଦୈନନ୍ଦିନ ଗ୍ରାମ୍ୟ ଜୀବନର ଏକ ସରଳ ଚିତ୍ର ପରି ମନେହୁଏ। କିନ୍ତୁ ସଉରାମାନଙ୍କର କଳା ପ୍ରତୀକ ଏବଂ ଅର୍ଥରେ ଭରପୁର ରହିଥାଏ। ଆଦିମ ଜନଜାତିଙ୍କ ମଧ୍ୟରୁ ଲାଂଜିଆ ସଉରାଙ୍କ ଶୈଳୀ, ରୀତିନୀତି ଏବଂ ପରମ୍ପରା, ଜନଜାତିଙ୍କ ଦ୍ୱାରା ନିର୍ମିତ କଳାକୃତିରେ ଚିତ୍ରିତ କରାଯାଇଛି। ଲାଂଜିଆ ସଉରାଙ୍କ ଚିତ୍ରଶିଳ୍ପ କାନ୍ଥ-ଭିତ୍ତିଚିତ୍ରର ଏକ ଶୈଳୀ। ଏହି ଚିତ୍ରଗୁଡ଼ିକୁ 'ଇକନ୍ସ' ବା ଲୋକପ୍ରିୟ ଭାବରେ ଇଡ଼ିତାଲ୍ ମଧ୍ୟ କୁହାଯାଏ। ଯାହାର ଆଦିବାସୀ ସମ୍ପ୍ରଦାୟଙ୍କ ପାଇଁ ଅନେକ ଧାର୍ମିକ ଏବଂ ଆଧ୍ୟାତ୍ମିକ ଗୁରୁତ୍ୱ ରହିଛି।

ଲାଂଜିଆ ସମ୍ପ୍ରଦାୟମାନେ ଆର୍ଥିକ ଅନଗ୍ରସର ଶ୍ରେଣୀର। ହେଲେ ସେମାନେ ସେମାନଙ୍କ ସମୃଦ୍ଧ ସଂସ୍କୃତିକୁ ଯତ୍ନର ସହ ବଞ୍ଚାଇ ରଖିଛନ୍ତି। ସେମାନଙ୍କର ସାଂସ୍କୃତିକ ଐତିହ୍ୟର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସେମାନଙ୍କର ପ୍ରିୟ 'ଇଡ଼ିତାଲ୍'। ନିଜର ସୁନ୍ଦରତା, ଆକର୍ଷଣ, ଚିତ୍ରପଟ୍ଟ ବିଜ୍ଞାନ, ସୌନ୍ଦର୍ଯ୍ୟ ଶାସ୍ତ୍ର ଏବଂ ଆନୁଷ୍ଠାନିକ ମହତ୍ତ୍ୱ ପାଇଁ ପ୍ରସିଦ୍ଧ ଏହି କଳାକୃତିଗୁଡ଼ିକ ଲାଂଜିଆ ସୌରା ସମ୍ପ୍ରଦାୟର ସଂସ୍କୃତିର ବାସ୍ତବ ଭଣ୍ଡାର। ସେମାନେ ପାରମ୍ପରିକ ଜ୍ଞାନ, ବୁଝାମଣା ଏବଂ ଲୋକନୃତ୍ୟର ଭଣ୍ଡାର ଭାବରେ କାର୍ଯ୍ୟ କରନ୍ତି। କେବଳ ସେମାନଙ୍କର ସାହିତ୍ୟକୁ ନୁହେଁ; ବରଂ ସେମାନଙ୍କର ଅସ୍ତିତ୍ୱର ଦର୍ଶନକୁ ମଧ୍ୟ ପରିପ୍ରକାଶ କରନ୍ତି ବୋଲି କହିଛନ୍ତି ବିଭାଗୀୟ କମିଶନର ତଥା ସଚିବ ରୂପା ରୋଶନ ସାହୁ।

## ୬ ସହରର ବାୟୁର ମାନ ତଳକୁ ତଳକୁ

# ଚାରି ବର୍ଷ ପରେ ବି ସ୍ଥିତିରେ ଆସିପାରୁନି ସୁଧାର

**ଭୁବନେଶ୍ୱର, ୯ ।୧(ସମିସ):** ରାଜ୍ୟର ୬ ପ୍ରମୁଖ ସହରର ବାୟୁର ମାନ ଧୀରେ ଧୀରେ ଖରାପ ହେବାରେ ଲାଗିଛି। କିଛି ବର୍ଷ ହେବ ରାଜ୍ୟର ଏହି ସହରଗୁଡ଼ିକରେ ବାୟୁର ମାନ ତଳକୁ ତଳ ଖସି ଚାଲିଛି। ବର୍ଷ ତମାମ ବାୟୁର ଗୁଣବତ୍ତା ନିର୍ଦ୍ଧାରିତ ମାନଠାରୁ କମ୍ ରହୁଥିବା ବେଳେ ଶୀତ ଦିନେ ଅବସ୍ଥା ସାଂଘାତିକ ହୋଇଯାଉଛି। ଏମିତି ଦେଶର ସର୍ବାଧିକ ପ୍ରଦୂଷିତ ସହର ଦିଲ୍ଲୀଠାରୁ ମଧ୍ୟ ଓଡ଼ିଶାର କିଛି ସହରର ବାୟୁ ପ୍ରଦୂଷଣ ଅଧିକ ରହୁଥିବା ଦେଖାଯାଉଛି।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ତଥ୍ୟ ଅନୁଯାୟୀ ମଙ୍ଗଳବାର ଓଡ଼ିଶାର ୫ ଟି ସହର ଅନୁଗୁଳ, କଟକ, ଭୁବନେଶ୍ୱର, ବାଲେଶ୍ୱର ଓ ବାରିପଦାର ବାୟୁ ମାନ ଅତି ଖରାପ (ଭେରି ପୁଅର) ଶ୍ରେଣୀରେ ରହିଛି। ଯେଉଁଠାରେ ଗୁଣବତ୍ତା ମାନ (ଏକ୍ୟୁଆଇ) ୩୦୦-୪୦୦ ମଧ୍ୟକୁ ଚାଲିଯାଇଛି। ୦-୫ ମଧ୍ୟରେ ବାୟୁର ଗୁଣବତ୍ତା ରହିଲେ ଏହା ଭଲ ଶ୍ରେଣୀରେ ଓ ୫୧-୧୦୦ ମଧ୍ୟରେ ସନ୍ତୋଷଜନକ ଶ୍ରେଣୀରେ ଆସିଥାଏ। ମାତ୍ର ଏବେ ଏକ୍ୟୁଆଇ ଏତେ ପରିମାଣରେ ବଢ଼ିଯାଇଥିବାରୁ ଏହି ସହରରେ ସ୍ଥିତି ଗୁରୁତର ହେବା ଆଶଙ୍କା ରହିଛି। ଯଦିଓ ମଙ୍ଗଳବାର ତାଳଚେରରେ ବାୟୁର ମାନରେ ସାମାନ୍ୟ ଉନ୍ନତି ଘଟିଛି, ତଥାପି ଏହା ଖରାପ ବର୍ଗ (ପୁଅର) ରେ ରହିଛି।

ରାଜ୍ୟରେ ବାୟୁପ୍ରଦୂଷଣ ଓ ଏହାଯୋଗୁଁ ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ତତ୍‌କାଳୀନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ି ୨୦୧୯ରେ ସ୍ୱଚ୍ଛ ବାୟୁ ସୁନିଶ୍ଚିତ ପାଇଁ ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଥିଲେ।

## ସଫଳ ହେଉନାହିଁ ବିଭାଗୀୟ ରଣନୀତି

ଏଥିପାଇଁ ଆଇଆଇଟି ଭୁବନେଶ୍ୱରକୁ ବୈଷୟିକ ସହାୟକ ଭାବେ ନିଯୁକ୍ତି ଦିଆଯାଇଥିଲା। ଏହା ସହ ସହରୱାରୀ ସ୍ଥାନ ନିରୂପଣ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ତଥ୍ୟକୁ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅନୁଧ୍ୟାନ କରିବା ସହ ବିଭାଗ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ଇତିମଧ୍ୟରେ ୪ ବର୍ଷ ବିତିଥିଲେ ମଧ୍ୟ ଏହି ପ୍ରସଙ୍ଗର ଅଗ୍ରଗତି ହୋଇପାରି ନାହିଁ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ରାଜ୍ୟର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଆଇଆଇଟି ପକ୍ଷରୁ ବିଭିନ୍ନ ମାନଦଣ୍ଡ ଯାଞ୍ଚ କରାଯାଉଛି। ଉଭୟ କ୍ଷେତ୍ରସ୍ତର ଓ ସାଟେଲାଇଟ୍ ମାଧ୍ୟମରେ ପ୍ରଦୂଷଣ ସଂକ୍ରାନ୍ତ ତଥ୍ୟ ସଂଗ୍ରହ ହେଉଛି। ଏହାସହିତ ସହରାଞ୍ଚଳଗୁଡ଼ିକରେ ପ୍ରଦୂଷଣ କମାଇବା



ପାଇଁ ସ୍ଥାନୀୟ ପୌର ସଂସ୍ଥାକୁ ଆବଶ୍ୟକୀୟ ପଦକ୍ଷେପ ପାଇଁ କୁହାଯାଉଥିବା ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏୟାର କ୍ୱାଲିଟି ଇଣ୍ଡେକ୍ସସ୍ତରକୁ ୦ରୁ ୫୦୦ ମଧ୍ୟରେ ୬ ଭାଗରେ ବିଭକ୍ତ କରାଯାଇଥାଏ। ପ୍ରଦୂଷଣସ୍ତରକୁ ଦେଖି ୦-୫୦ ଭିତରେ ଥିବା ବାୟୁ ଭଲ ଓ ଏଥିପାଇଁ ନୀଳ ଚିହ୍ନ ବ୍ୟବହାର କରାଯାଏ। ସେହିପରି ୫୧-୧୦୦ ସନ୍ତୋଷଜନକ, ୧୦୧-୨୦୦ ଚଳନୀୟ (ମଡରେଟ୍), ୨୦୧-୩୦୦ ଖରା(ପୁଅର), ୩୦୧-୪୦୦ ଅତି ଖରାପ(ଭେରି ପୁଅର) ଏବଂ ୪୦୧-୫୦୦ ସାଂଘାତିକ(ସିଭିୟର) ଭାବେ ବିବେଚନା କରାଯାଇଥାଏ।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଅବ୍ୟବସ୍ଥା

# ଜେରକ୍ସ ଓଏମ୍‌ଆର ସିଟ୍‌ରେ ହେଲା ପରୀକ୍ଷା

**କଟକ, ୯ ।୧(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଆନୁକୂଲ୍ୟରେ ମଙ୍ଗଳବାର ରାଜ୍ୟରେ ହୋଇଥିବା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ପରୀକ୍ଷା ହଲ୍‌ରେ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବା ଓଏମ୍‌ଆର୍ ଉତ୍ତର ସିଟ୍‌ରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ୧୦୦ଟି ପ୍ରଶ୍ନ ପାଇଁ ଓଏମ୍‌ଆର୍ ସିଟ୍‌ରେ ମାତ୍ର ୬୦ ନମ୍ବର ପର୍ଯ୍ୟନ୍ତ ସଂଖ୍ୟା ରହିଥିଲା। ଅବଶିଷ୍ଟ ୪୦ଟି ପ୍ରଶ୍ନ ପାଇଁ ଉତ୍ତର ଖାତାରେ କୌଣସି ସଂଖ୍ୟା ନଥିଲା। ଯାହାକୁ ନେଇ ପରୀକ୍ଷା ହଲ୍‌ରେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କିଛି ସମୟ ପରେ ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନ୍‌ଲାଇନ୍ ମାଧ୍ୟମରେ ଏକ ସଂଶୋଧିତ ଓଏମ୍‌ଆର୍ ସିଟ୍ ଦିଆଯାଇଥିଲା। ଏହାକୁ ଜେରକ୍ସ କରି ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ପରୀକ୍ଷାର୍ଥୀଙ୍କୁ ଦେଇଥିଲେ। ସପ୍ତମ, ଅଷ୍ଟମ ଏବଂ ନବମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ଓଏମ୍‌ଆର୍ ସିଟରେ ଏହି ତ୍ରୁଟି ଦେଖାଦେଇଥିଲା। ଅନ୍ୟପକ୍ଷରେ ଏଭଳି ଅବ୍ୟବସ୍ଥାକୁ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ ସୁରୁଖୁରୁରେ ପରୀକ୍ଷା ଶେଷ ହୋଇଛି। ସପ୍ତମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ମାର୍କ ଏବଂ ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀ ୬୦ମାର୍କରେ ପରୀକ୍ଷା

## ୧୦୦ଟି ପ୍ରଶ୍ନ ପାଇଁ ରହିଛି ୬୦ଟି ଉତ୍ତର

ଦେଇଛନ୍ତି। ଏହି ପ୍ରବେଶିକା ପରୀକ୍ଷା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ପ୍ରଶ୍ନପତ୍ର ଓ ଓଏମ୍‌ଆର୍ ପ୍ରସ୍ତୁତ କରାଯାଉଛି। ସେହି ଅନୁଯାୟୀ ବୋର୍ଡ ପରୀକ୍ଷା ପରିଚାଳନା କରୁଛି। ଯଦି କୌଣସି ସମୟରେ ପ୍ରଶ୍ନପତ୍ର କିମ୍ବା ଓଏମ୍‌ଆର୍‌ର ଅଭାବ ଦେଖାଦିଏ, ସେହି ସମୟରେ ଜେରକ୍ସ କରାଯାଇ ପରୀକ୍ଷା କରିବାକୁ ବ୍ୟବସ୍ଥା ରହିଛି। ତେଣୁ ଏହାକୁ ତ୍ରୁଟି ବୋଲି କୁହାଯାଇପାରିବନାହିଁ ବୋଲି ଶ୍ରୀ ତରାଇ କହିଛନ୍ତି।

ସୂଚନା ଥାଉକି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ବୋର୍ଡ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ୧ଲକ୍ଷ ୪୭ ହଜାର ୯୧୧ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ଷଷ୍ଠ ଶ୍ରେଣୀରେ ୧ ଲକ୍ଷ ୩୯ ହଜାର ଏବଂ ସପ୍ତମ, ଅଷ୍ଟମ, ନବମ ଶ୍ରେଣୀରେ ୮ହଜାର ୯୧୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ପୂର୍ବାହ୍ନ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଷଷ୍ଠ ଶ୍ରେଣୀ ଏବଂ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସପ୍ତମରୁ ନବମ ଶ୍ରେଣୀ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏଥିନିମନ୍ତେ ରାଜ୍ୟରେ ୭୦୪ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଥିଲା। ଛାତ୍ରଛାତ୍ରୀ ନିର୍ଦ୍ଦିଷ୍ଟ ସମୟରେ ପରୀକ୍ଷା ହଲକୁ ପ୍ରବେଶ କରିଥିଲେ। କିନ୍ତୁ ପ୍ରଶ୍ନପତ୍ର ଦେବା ପରେ ଓଏମ୍‌ଆର୍ ସିଟ୍‌ରେ ବ୍ୟାପକ ତ୍ରୁଟି ବିଚ୍ୟୁତି ଦେଖିବାକୁ ମିଳିଥିଲା।

# ପ୍ରଥମଥର ପାଇଁ ଝାରସୁଗୁଡ଼ାରେ ଏଣ୍ଟରପ୍ରାଇଜ୍ ଓଡ଼ିଶା ସମ୍ମିଳନୀ

**ଭୁବନେଶ୍ୱର, ୯ ।୧(ସମିସ):** ଆସନ୍ତା ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଝାରସୁଗୁଡ଼ାଠାରେ ଭାରତୀୟ ଉଦ୍ୟୋଗ ପରିସଂଘ (ସିଆଇଆଇ) ପକ୍ଷରୁ 'ଏଣ୍ଟରପ୍ରାଇଜ୍ ଓଡ଼ିଶା' ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଓଡ଼ିଶା ବିଶେଷ କରି ଝାରସୁଗୁଡ଼ା ଏବଂ ପଶ୍ଚିମ ଓଡ଼ିଶାରେ ଶିଳ୍ପ ଓ ଆନୁଷଙ୍ଗିକ କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ‌ଇ) ଗୁଡ଼ିକୁ ବ୍ୟାବସାୟିକ ସୁଯୋଗ ଦେବା ଓ ସେସବୁକୁ ବୃହତ୍ ଶିଳ୍ପ ସଂସ୍ଥା ସହିତ ଯୋଡ଼ିବା, ମହିଳା ଉଦ୍ୟୋଗୀ ଓ ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଝାରସୁଗୁଡ଼ା ପ୍ରଦର୍ଶନୀ ପଡ଼ିଆଠାରେ ସିଆଇଆଇର ଏହି ୨୪ତମ ସମ୍ମିଳନୀ ଆୟୋଜିତ ହେବ। ସମ୍ମିଳନୀର ପ୍ରସ୍ତୁତି, କାର୍ଯ୍ୟକ୍ରମର ରୂପରେଖ ଓ ରାଜ୍ୟ ସରକାରଙ୍କ ସହଯୋଗ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ପୂର୍ବରୁ ଭୁବନେଶ୍ୱରରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଥିବା ବେଳେ ପ୍ରଥମ ଥର କରି ଏହା ଝାରସୁଗୁଡ଼ା ଠାରେ ଏହା ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଶତାଧିକ କମ୍ପାନୀ, ଶିଳ୍ପ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ମୁଖ୍ୟ ଅଭିଜ୍ଞତା ଅଧିକାରୀ(ସିଏକ୍ସଓ), କ୍ରୟ ପରିଚାଳକଙ୍କ ସମେତ ଦେଶ ବିଦେଶର ଶିଳ୍ପ ପ୍ରତିନିଧିମାନେ ଯୋଗ



ଦେବାର କାର୍ଯ୍ୟକ୍ରମ ରହିଛି। ଏହାର ପ୍ରସ୍ତୁତି ସମ୍ପର୍କରେ ସିଆଇଆଇର ଅଧ୍ୟକ୍ଷ ଶଶୀ ଶେଖର ମହାନ୍ତି ବିଶେଷ ଭାବେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରଥମ ଦିନ ପ୍ରାରମ୍ଭିକ ଅଧିବେଶନରେ ଭିଜନ ଓଡ଼ିଶା-୨୦୩୦, ଏବଂ ରାଜ୍ୟ ତଥା ଦେଶର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବାରେ ବିଜୁ ଇକୋନୋମିକ୍ କରିଡର୍‌ର ଭୂମିକା, ଆୟୋଜିତ ଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟନ ସହିତ ଓଡ଼ିଶା ତଥା ପଶ୍ଚିମ ଓଡ଼ିଶାରେ ଶିଳ୍ପକୁ ନେଇ ରହିଥିବା ବିଭିନ୍ନ ସୁଯୋଗ ସମ୍ପର୍କରେ ଆଲୋଚନା ହେବ। ଏହାସହ ବିଭିନ୍ନ ଶିଳ୍ପ ସଂସ୍ଥାରୁ ଯୋଗଦେଇଥିବା ପ୍ରତିନିଧିମାନେ ସେମାନଙ୍କର ଅଭିଜ୍ଞତା ବାଣ୍ଟିବେ। ୨ୟ ଦିବସରେ ଦକ୍ଷତା ବିକାଶ, କୃଷି ଓ ଖାଦ୍ୟ ପ୍ରକ୍ରିୟା କରଣ, ଷ୍ଟାର୍ଟ ଅପ୍ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ମନ୍ତ୍ରୀଙ୍କ ସମେତ ରାଜ୍ୟ ପ୍ରଶାସନର ବରିଷ୍ଠ ପ୍ରଶାସନିକ ଅଧିକାରୀ, ଶିଳ୍ପ ସଂସ୍ଥାର ପ୍ରତିନିଧିମାନଙ୍କୁ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି। ସେହିପରି ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ ପାଢ଼ୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ସିଆଇଇର ଉପାଧ୍ୟକ୍ଷ ଡଃ ପ୍ରଦୀପ୍ତ ମହାନ୍ତି, ଆଞ୍ଚଳିକ ନିର୍ଦ୍ଦେଶକ ଜୋନ୍ କୁରୁଭିଲା, ରାଜ୍ୟ ମୁଖ୍ୟ ଅଶୋକ ବାରାତ୍, ରାଜ୍ୟ ଶିଳ୍ପ ବିଭାଗର ଅନ୍ୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଡ୍ରିମ୍‌ସରେ ଲୋକପ୍ରିୟ କନ୍ନଡ଼ ଅଭିନେତ୍ରୀ ସଞ୍ଚିତା ସେଟ୍ଟୀ

# ସଫଳତା ପାଇଁ ନିରନ୍ତର ପ୍ରଚେଷ୍ଟା ଆବଶ୍ୟକ

**ଭୁବନେଶ୍ୱର, ୯।୧(ସମିସ):** ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲ୍‌ଥ ସାଇନ୍ସ ଆଣ୍ଡ ହସ୍‌ପିଟାଲ ପକ୍ଷରୁ 'ରିଲ୍‌ସ ଓ ରିୟଲ ଲାଇଫ' ପ୍ରସଙ୍ଗ ଉପରେ ଆଲୋଚନାଚକ୍ର ମଙ୍ଗଳବାର ଜୟଶ୍ରୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ କର୍ମଯୋଗୀ ଧନେଶ୍ୱର ରଥଙ୍କ ପ୍ରତିକୃତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଭକ୍ତି ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟବକ୍ତା ଭାବ କନ୍ନଡ ଓ ତାମିଲ ଚଳଚ୍ଚିତ୍ରର ଲୋକପ୍ରିୟ ସିନେ ଅଭିନେତ୍ରୀ ସଞ୍ଚିତା ସେଟ୍ଟୀ ଭାରତୀୟ ଗୁରୁ ପରମ୍ପରା ଉପରେ ଆଲୋକପାତ କରି କହିଲେ, ଗୁରୁ ହିଁ ଅନ୍ଧାରରୁ ଆଲୋକକୁ ବାଟ କଢାଇ ନିଅନ୍ତି। ରାତାରାତି କେହି ସଫଳ ହୁଏ ନାହିଁ, ସୁଯୋଗ ଓ ସମୟର ସଦୁପଯୋଗ କରି ନିରନ୍ତର ପ୍ରଚଷ୍ଟା ଦ୍ୱାରା ଜଣେ ସଫଳତା ଶୀର୍ଷରେ ପହଞ୍ଚି ଥାଏ ବୋଲି ସେ କହିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରି ଏଭଳି କାର୍ଯ୍ୟକ୍ରମ ବିଦ୍ୟାର୍ଥୀଙ୍କ



ପାଇଁ ପ୍ରେରଣାଦାୟକ ହେବବୋଲି ଆଶା ବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ଶଶୀଭୂଷଣ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନ 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ଅର୍ପିତା ପ୍ରିୟଦର୍ଶିନୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କମଧ୍ୟରେ ନିର୍ଦ୍ଦେଶିକା ଚିନ୍ମୟୀ ରଥ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଫେସର ଡା. ଧୀରେନ୍ଦ୍ର ନାଥ ମହାରଣା, ପ୍ରଫେସର ଡା. ସନ୍ଧ୍ୟା ମହାରଣା, ପ୍ରଫେସର ଡା. ନିରୂପମା ଚୟନୀ, ମାନବ ସମ୍ବଳ ମୁଖ୍ୟ ପ୍ରଦ୍ୟୁତ୍ କୁମାର ଷଡଙ୍ଗୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସାରଦା ପ୍ରସାଦ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଡ. ପ୍ରଜ୍ଞଦା ରିତା ଯୋଷୀ ଓ ସ୍ମୃତିରେଖା ଗୁରୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଧାନସଭା ଷ୍ଟାଣ୍ଡିଂ କମିଟିର ସୁପାରିସ; ନିଶାମୁକ୍ତ ହେବ ଉଚ୍ଚଶିକ୍ଷାନୁଷ୍ଠାନ

**ଭୁବନେଶ୍ୱର, ୯ ।୧(ସମିସ):** ମୁଁ ନିଶାଦ୍ରବ୍ୟ ଖାଇବି ନାହିଁ। ଶିକ୍ଷାନୁଷ୍ଠାନ ପରିସରକୁ ମଧ୍ୟ ଆଣିବି ନାହିଁ। ଏ ସମ୍ବନ୍ଧରେ କୌଣସି ତଥ୍ୟ ପାଇଲେ କର୍ତ୍ତୃପକ୍ଷଙ୍କୁ ଅବଗତ କରିବି। ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କ ପରି ଏଣିକି ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ଏପରି ନିଶା ନିବାରଣ ଘୋଷଣାନାମା ପ୍ରଦାନ କରିବାକୁ ହେବ। କଲେଜ କ୍ୟାମ୍ପସ୍‌କୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ବିଧାନସଭା ଷ୍ଟାଣ୍ଡିଂ କମିଟି ଏହା ସୁପାରିସ କରିଛି। କମିଟିର ଅଧ୍ୟକ୍ଷ ଭୂପିନ୍ଦର ସିଂହ ମଙ୍ଗଳବାର ଏନେଇ ସୂଚନା ଦେଇଛନ୍ତି।

## ନିଶା ନିବାରଣ ଘୋଷଣାନାମା ଦେବେ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ

ସୂଚନା ଅନୁଯାୟୀ, ପୂର୍ବରୁ ଛାତ୍ରଛାତ୍ରୀମାନେ ନାମଲେଖା ସମୟରେ ନିଶା ନିବାରଣ ଘୋଷଣାନାମା ପ୍ରଦାନ କରିବା ବାଧ୍ୟତାମୂଳକ କରାଯାଇଛି। ତନ୍ମଧ୍ୟରେ ତମାଖୁସେବନ, ମଦ୍ୟପାନ ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟର ଭୟାବହତା ସମ୍ପର୍କରେ ଅବଗତ ହେବା, କ୍ୟାମ୍ପସ୍‌ରେ କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ ନ କରିବା, କ୍ୟାମ୍ପସ୍‌ର କୌଣସି ସ୍ଥାନରେ ନିଶାଦ୍ରବ୍ୟ କାରବାର ହେଉଥିବା ଜାଣିଲେ କର୍ତ୍ତୃପକ୍ଷଙ୍କ ନଜରକୁ ଆଣିବେ ବୋଲି ଘୋଷଣା କରିବେ। ଅନୁରୂପ ଭାବେ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ମଧ୍ୟ ଏପରି ଘୋଷଣା ପ୍ରଦାନ କରିବେ। ଯୁକ୍ତ୨ ଓ ସ୍ନାତକ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ନିଶାମୁକ୍ତ କରିବା ପାଇଁ ଗୁରୁତ୍ୱାରୋପ କରାଯାଉଛି। ବିଧାନସଭା ଷ୍ଟାଣ୍ଡିଂ କମିଟି ସୁପାରସକୁ ବିଭିନ୍ନ କଲେଜ ଅଧ୍ୟାପକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ପରିସରରୁ ନିଶାର ସମ୍ପୂର୍ଣ୍ଣ ନିବାରଣ ପାଇଁ ସରକାରଙ୍କ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି ସଂଗଠନଗୁଡ଼ିକ ପ୍ରକାଶ କରିଛନ୍ତି।

## ■ ହାଇକୋର୍ଟଙ୍କୁ ଜଣାଇଲେ ସରକାର

# କଟକରେ ମେ' ୩୧ ସୁଦ୍ଧା ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍

**କଟକ, ୯।୧(ସମିସ):** ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳଗୁଡ଼ିକରେ ନିରାପଦ ତଥା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହେଉନଥିବା ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାରେ ଆଜି ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଲିଖିତ ଜବାବ ଦାଖଲ କରାଯାଇଛି। ରାଜ୍ୟରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ପୂର୍ବରୁ ହାଇକୋର୍ଟ ଜବାବ ତଲବ କରିଥିଲେ। ଅଦ୍ୟାବଧି ରାଜ୍ୟର ୭ଟି ସହରରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ଷମ କରାଯାଇସାରିଲାଣି ଓ ୧୭ଟି ସହରରେ ଏହି କାର୍ଯ୍ୟ ଚାଲୁ ରହିଛି। ତେବେ କଟକ ସହରରେ ଆସନ୍ତା ମେ' ୩୧ ସୁଦ୍ଧା ଏହି ଯୋଜନା କାର୍ଯ୍ୟକାରୀ ହେବ ଓ ସହରର ଲୋକେ ଏହା ଦ୍ୱାରା ଉପକୃତ ହୋଇପାରିବେ ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଦୁଇ ସପ୍ତାହ ପରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ମୈତ୍ରୀ ସଂସଦ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ସିଏଜି ରିପୋର୍ଟ ଅନୁସାରେ ରାଜ୍ୟରେ ସହରାଞ୍ଚଳ ଲୋକ ବି ନିରାପଦ ପାନୀୟ ଜଳ ପାଉନାହାନ୍ତି। ପାର୍ବତ୍ୟାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ସ୍ୱପ୍ନ ପାଲଟିଛି ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ। ୱାଟ୍‌କୋ ପକ୍ଷରୁ ରାଜ୍ୟରେ ପିଇବା ପାଣି ଯୋଗାଇବା କ୍ଷେତ୍ରରେ କ'ଣ ଆକ୍ସନ ପ୍ଲାନ୍ ରହିଛି। ଏହାକୁ କେତେଦୂର କାର୍ଯ୍ୟକାରୀ କରାଯାଇଛି ଓ କାର୍ଯ୍ୟକାରୀ ହୋଇନଥିଲେ କେଉଁ ସମୟସୀମାରେ ଏହା ହାସଲ ପାଇଁ ଲକ୍ଷ୍ୟ ରଖାଯାଇଛି ତାହା ଜଣାଇବାକୁ ଗତ ଶୁଣାଣି ବେଳେ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟରେ ଯାବତୀୟ ବର୍ଜ୍ୟଜଳ ବିଭିନ୍ନ ନଦୀକୁ ଛଡ଼ାଯିବା ଦ୍ୱାରା ନଦୀଜଳ ପ୍ରଦୂଷିତ ପ୍ରସଙ୍ଗରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବର୍ଜ୍ୟଜଳ ପରିଚାଳନା ନେଇ ସାନି ସତ୍ୟପାଠ ଦାଖଲ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ କାଠଯୋଡ଼ିରେ ସହରର ବର୍ଜ୍ୟଜଳ ପ୍ରବେଶ ଜନିତ ନଦୀଜଳ ପ୍ରଦୂଷିତ ହେଉଥିବା ଅଭିଯୋଗ କରି ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ପକ୍ଷରୁ ୨୦୧୬ ମସିହାରେ ଦାୟର ଜନସ୍ୱାର୍ଥ ମାମଲା ସହ ମୈତ୍ରୀ ସଂସଦ ଓ ଗିରିବାଳା ବେହେରାଙ୍କ ପକ୍ଷରୁ ରୁଜୁ ଉପରୋକ୍ତ ମାମଲା ଗୁଡ଼ିକର ଏକତ୍ର ଶୁଣାଣି ହୋଇଆସୁଛି।

# ଆଦୃତି ଅପେକ୍ଷାରେ 'ରୁଫ୍ ଟପ୍ ସୋଲାର୍ ପ୍ଲାଣ୍ଟ'

## ଟାଟା ପାୱାର୍ ପକ୍ଷରୁ ପ୍ରକଳ୍ପର ପ୍ରଚାର ପ୍ରସାର ଓ ସଚେତନତାରେ ଅଭାବ

**ଭୁବନେଶ୍ୱର, ୯ ।୧(ସମିସ):** ରାଜ୍ୟର କ୍ରମବର୍ଦ୍ଧିଷ୍ଣୁ ବିଦ୍ୟୁତ୍ ଶକ୍ତିର ଚାହିଦାକୁ ମେଣ୍ଟାଇବା ପାଇଁ ସରକାର ସୌର ଶକ୍ତିର ବ୍ୟାପକ ଉପଯୋଗ ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି ଏବଂ ଘରୋଇ କ୍ଷେତ୍ରରେ ବ୍ୟବହାର ପାଇଁ ପ୍ରୋତ୍ସାହନ ଦେବାସହ ନେଟ୍ ମିଟରିଂ ବ୍ୟବସ୍ଥା ମାଧ୍ୟମରେ ଛାତ ଉପରେ ସୌର ପ୍ରକଳ୍ପ (ରୁଫ୍ ଟପ୍ ସୋଲାର ପ୍ଲାଣ୍ଟ) ସ୍ଥାପନ ଭଳି ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ପ୍ରକଳ୍ପ ସ୍ଥାପନ ପରିବେଶ ଅନୁକୂଳ ହୋଇଥିବା ବେଳେ ଏହା ମଧ୍ୟ ଗ୍ରାହକମାନଙ୍କ ବିଦ୍ୟୁତ୍ ବିଲ୍ ହ୍ରାସରେ ସହାୟକ ହେଉଛି। ଏହାର ଅଧିକ ଆଦୃତି ଓ ପ୍ରସାର ପାଇଁ ଓଡ଼ିଶାରେ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାରକୁ ଅଧିକୃତ କରାଯାଇଛି।

ଅକ୍ଷୟ ଉର୍ଜାକୁ ଭବିଷ୍ୟତ ପାଇଁ ଶକ୍ତି କ୍ଷେତ୍ରର ପ୍ରଧାନ ଉତ୍ସ ଭାବେ ଦେଖାଯାଉଥିବା ବେଳେ ଏକ୍ଷେତ୍ରରେ ସୌର ଶକ୍ତିର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ। ଏପରିକି ଦୈନିକ ଜଣେ ଗ୍ରାହକ ୬ ଘଣ୍ଟା ସୌର ଶକ୍ତି ଉତ୍ପାଦନ କଲେ ବିଦ୍ୟୁତ୍ ବିଲ୍ ୨୫ରୁ ୫୦ପ୍ରତିଶତ ହ୍ରାସକରିପାରିବ। ସେହିପରି ବିଶ୍ୱ ତାପନ ହ୍ରାସ କରିବାରେ ସୌର ଶକ୍ତି ଏକ ପ୍ରମୁଖ ଏବଂ ସହଜ ଉପାୟ ହୋଇଥିବା ବେଳେ ଏହାକୁ



ଅନୁଭବ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏକ୍ଷେତ୍ରରେ ରିଆତି ବ୍ୟବସ୍ଥା ସହ ଅନ୍ୟ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି। ଏପିରିକି ଗତବର୍ଷ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ସୌର ଶକ୍ତି ଉତ୍ପାଦନ ସହ ରାଜ୍ୟବ୍ୟାପୀ ନେଟ୍ ମିଟରିଂ, ଭର୍ଚୁଆଲ ନେଟ୍ ମିଟରିଂ(ଆଭାସୀ ମିଟରିଂ) ଏବଂ ଗ୍ରୁପ୍ ନେଟ ମିଟରିଂକୁ ସଠିକ୍ ଭାବେ କାର୍ଯ୍ୟାନ୍ୱୟନ ପାଇଁ ଏକ ମାର୍ଗଦର୍ଶିକା ମଧ୍ୟ ପ୍ରଣୟନ କରିଥିଲେ। ଅଧିକରୁ ଅଧିକ ସଂଖ୍ୟାରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଏହି ନେଟ୍ ମିଟରିଂ ମାଧ୍ୟମରେ ସୌର ପ୍ରକଳ୍ପ ସ୍ଥାପନ ପାଇଁ ଉତ୍ସାହିତ କରାଇବା ଏହାର ଉଦ୍ଦେଶ୍ୟ ଥିଲା।

ଅପରପକ୍ଷେ, ଛାତ ଉପରେ ସୌର ପ୍ଲାଣ୍ଟ ପ୍ରତିଷ୍ଠା ଆଦୌ ଉତ୍ସାହଜନକ ହେଉ ନଥିବା ଏକ ରିପୋର୍ଟରୁ ଜଣାପଡ଼ିଛି, ଯାହାକି ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଟାଟା ପାୱାରର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ଯେଉଁ ଜିଲ୍ଲାରେ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ରହିଛି, ସେଠାରେ ଏହି ବ୍ୟବସ୍ଥା ଉପଭୋକ୍ତାଙ୍କୁ ଆକୃଷ୍ଟ କରିପାରୁନାହିଁ।

ତଥ୍ୟ ଅନୁଯାୟୀ ଟିପିସିଓଡିଏଲ ଅଧୀନରେ ମାତ୍ର ୮୨୮ଟି ସୌର ପ୍ଲାଣ୍ଟ ପ୍ରତିଷ୍ଠା ହୋଇଛି। ଟିପିସିଓଡିଏଲ୍ ଅଧୀନରେ ୩୦ ଲକ୍ଷ ୭୫ ହଜାରରୁ ଅଧିକ ଉପଭୋକ୍ତା ଥିବାବେଳେ ପ୍ଲାଣ୍ଟ ସଂଖ୍ୟା ବିଚାରକୁ ନେଲେ ଏହା ମୋଟ ଉପଭୋକ୍ତା ସଂଖ୍ୟାର ମାତ୍ର ୦.୦୨ ପ୍ରତିଶତ ଅଟେ।

ତଥ୍ୟଅନୁଯାୟୀ, ଜୁନ୍୨୦୨୦ରୁ ଗତ ନଭେମ୍ବର ମଧ୍ୟରେ ଟିପିସିଓଡିଏଲ୍ ଅଞ୍ଚଳରେ ୩.୭୬ ଲକ୍ଷ ନୂଆ ଗ୍ରାହକ ବିଦ୍ୟୁତ୍ ସଂଯୋଗ ନେଇଛନ୍ତି। ଏସବୁକୁ ଦେଖିଲେ ରୁଫ୍ ଟପ୍ ସୋଲାର ପ୍ଲାଣ୍ଟ ସ୍ଥାପନ ହାର ଆଦୌ ସନ୍ତୋଷଜନକ ନୁହେଁ ବୋଲି ଶକ୍ତି ସମୀକ୍ଷକମାନେ ମତ ଦେଇଛନ୍ତି। ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଉପଭୋକ୍ତାମାନେ ଏନେଇ ଆଦୌ ସଚେତନ ନଥିବା ବେଳେ ପ୍ରକଳ୍ପ ସ୍ଥାପନ ବେଳେ ସରକାରୀ ସହାୟତା ସମ୍ପର୍କରେ ମଧ୍ୟ ଅବଗତ ନାହାନ୍ତି। ଏକ୍ଷେତ୍ରରେ ଟିପିସିଓଡିଏଲ୍ ଗ୍ରାହକମାନଙ୍କୁ ଅଧିକ ସଚେତନତା କରିବାର ଆବଶ୍ୟକତା ରହିଛି।



সামিঙ্କু 'অর্জুন'

▶କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-196 ◆BHUBANESWAR ◆WEDNESDAY ◆10 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୬ ◆ଭୁବନେଶ୍ୱର ◆ବୁଧବାର ◆୧୦ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦







### ଉପାନ୍ତ ମାଲକାନଗିରିରେ ବିମାନ ଉଡ଼ାଣ ସ୍ୱପ୍ନ ସାକାର

# ମାଲ୍ୟବନ୍ତରେ ବିକାଶର 'ନବୀନ' ପୁଷ୍ପକ

## ବିମାନବନ୍ଦର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ




**ମାଲକାନଗିରି ଜିଲ୍ଲା ଓ ଆଖପାଖ ଅଞ୍ଚଳରେ ଯୋଗାଯୋଗ, ପର୍ଯ୍ୟଟନ ଓ ବାଣିଜ୍ୟ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବ: ମୁଖ୍ୟମନ୍ତ୍ରୀ**

**୨୩୩ ଏକର ଅଞ୍ଚଳରେ ପରିବ୍ୟାପ୍ତ ବିମାନବନ୍ଦର**

**ରାଜ୍ୟ ସରକାର ବ୍ୟୟ କରିଛନ୍ତି ୭୦ କୋଟିରୁ ଊର୍ଦ୍ଧ୍ୱ**

■ **ମାଲକାନଗିରି, ୯ ।୧ (ସମିସ):** ମାଲକାନଗିରି ଜିଲ୍ଲା ଇତିହାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଛନ୍ତି ବିକାଶର ସୁବର୍ଣ୍ଣ ସ୍ୱାକ୍ଷର। ରୂପାନ୍ତର ଯାତ୍ରାରେ ଆଉ ପାଦେ ଆଗେଇବା ସହ ଆକାଶ ପଥରେ ଯୋଡ଼ି ହୋଇ ନୂଆ କୀର୍ତ୍ତିମାନ ସୃଷ୍ଟି କରିଛି ମାଲ୍ୟବନ୍ତ ଅଞ୍ଚଳ । ଅନୁସୂଚିତ ଜାତି ଓ ଜନଜାତି ଅଧ୍ୟୁଷିତ ଉପାନ୍ତ ମାଲକାନଗିରିରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି ବିମାନବନ୍ଦର। ବିକାଶର 'ନବୀନ' ପୁଷ୍ପକ ବିମାନ ମାଲକାନଗିରି ଜିଲ୍ଲାବାସୀଙ୍କ ଅକଳ୍ପନୀୟ ସ୍ୱପ୍ନକୁ ସାକାର କରିଛି। ପୂର୍ବରୁ କୋରାପୁଟର ଜୟପୁର, କଳାହାଣ୍ଡିର ଉତ୍‌କେଳା, ରାଉରକେଲା, ଗଞ୍ଜାମର ରଙ୍ଗେଇଲୁଣ୍ଡାରେ ବିମାନବନ୍ଦର ସ୍ଥାପନ ହୋଇଥିବାବେଳେ ମାଲକାନଗିରିର ବିମାନବନ୍ଦର ଓଡ଼ିଶା ବିକାଶରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ବିମାନ ବନ୍ଦର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ସହ ମାଲକାନଗିରି ଜିଲ୍ଲାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଥିବା କହିଛନ୍ତି। ବିମାନଚଳାଚଳ ଦ୍ୱାରା ମାଲକାନଗିରି ଜିଲ୍ଲା ଓ ଆଖପାଖ ଅଞ୍ଚଳରେ ▶ପୃଷ୍ଠା-୧୧

## ଗୋବିନ୍ଦପାଲି ସମନ୍ୱିତ ଜଳସେଚନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

### ଖର୍ଚ୍ଚହେବ ୪,୦୦୦ କୋଟି ଟଙ୍କା

**ଜୁଲାଇ ମାସରୁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ**

**୪ଟି ବ୍ଲକ୍‌ର ୯୨,୮୧୫ ଏକର ଚାଷ ଜମିକୁ ମିଳିବ ଜଳସେଚନର ସୁବିଧା**

**୧.୫ ଲକ୍ଷ ଲୋକଙ୍କୁ ଯୋଗାଇ ଦିଆଯିବ ବିଶୁଦ୍ଧ ପାନୀୟ ଜଳ**

**ମାର୍ଚ୍ଚରେ '୫-ଟି' କାର୍ତ୍ତିକ ପାଣ୍ଡିଆନଙ୍କୁ ସାଧାରଣ ଲୋକ ଦେଇଥିଲେ ପ୍ରସ୍ତାବ**

■ **ମାଲକାନଗିରି, ୯ ।୧ (ସମିସ):** ଆଜି ମାଲକାନଗିରି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ଗୋବିନ୍ଦପାଲି ସମନ୍ୱିତ ଜଳସେଚନ ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ୪୦୦୦ କୋଟି ଟଙ୍କାର ବ୍ୟୟ ଅଟକଳରେ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ପ୍ରକଳ୍ପ ପ୍ରସ୍ତୁତ ହୋଇଛି। ଗତ ମାର୍ଚ୍ଚ ୨୮ ତାରିଖରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ମାଲକାନଗିରି ଗସ୍ତ ସମୟରେ ସ୍ଥାନୀୟ ଜନସାଧାରଣ ସପ୍ତଧାରା ନଦୀରେ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ କରିବା ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ସାଧାରଣ ଲୋକଙ୍କ ଏହି ପ୍ରସ୍ତାବକୁ ଶ୍ରୀ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଯାହାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଲୋକଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦେଇ ପ୍ରାୟ ▶ପୃଷ୍ଠା-୧୧

## 'ଅବିଶ୍ୱସନୀୟ'କୁ କାର୍ଯ୍ୟରେ କରି ଦେଖାନ୍ତି ମୁଖ୍ୟମନ୍ତ୍ରୀ: ପାଣ୍ଡିଆନ

### ୩ ଜିଲ୍ଲାରେ ୫୧୧୬ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ



- ମାଲକାନଗିରିକୁ ସପ୍ତଧାରା ଜଳସେଚନ ପାଇଁ ୪୫୦୦ କୋଟି
- ୧୦ ମାସରେ କୋରାପୁଟ ଜିଲ୍ଲାକୁ ୪୦୦ କୋଟି ଟଙ୍କା ମଞ୍ଜୁର
- ନବରଙ୍ଗପୁର ଜିଲ୍ଲାର ବିକାଶ ପାଇଁ ମିଳିଛି ୪୫୦ କୋଟି ଟଙ୍କା
- କେବଳ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ପାଇଁ ୧୩୫ କୋଟି ଟଙ୍କା
- ଖୁବ୍ ଶୀଘ୍ର ହେବ ସାମାଜିକ ସୁରକ୍ଷା ଭତ୍ତା ରାଶି ବୃଦ୍ଧି ଘୋଷଣା
- ଉମରକୋଟରେ ହେବ ବୃକକ୍ ରୋଗୀଙ୍କ ପାଇଁ ଡାଏଲିସିସ୍ ସେଣ୍ଟର

■ **ମାଲକାନଗିରି/କୋରାପୁଟ/ନବରଙ୍ଗପୁର, ୯ ।୧ (ସମିସ):** ଯାହା ଅନ୍ୟମାନଙ୍କ ପାଇଁ ଅବିଶ୍ୱସନୀୟ ଓ ଅକଳ୍ପନୀୟ, ତାହାକୁ ବାସ୍ତବ କରି ଦେଖାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଉପାନ୍ତ ଇଲାକାରେ ଥିବା ମାଲକାନଗିରିରୁ ବିମାନ ଉଡ଼ାଣ ଆରମ୍ଭ ଏହାର ଜ୍ୱଳନ୍ତ ଉଦାହରଣ। ପ୍ରତ୍ୟେକ ସରକାରୀ ସେବା ରାଜଧାନୀରୁ ନେଇ ଉପାନ୍ତ ଅଞ୍ଚଳରେ ପହଞ୍ଚାଇବା ଲକ୍ଷ୍ୟରେ କାମ କରୁଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଧାରା ମଧ୍ୟ ସମ୍ପୂର୍ଣ୍ଣ ନିଆରା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉ କି ଲକ୍ଷ୍ମୀ ଯୋଜନା, ଅବିଭକ୍ତ କୋରାପୁଟ ଜିଲ୍ଲାରୁ ହିଁ ମୁଖ୍ୟମନ୍ତ୍ରୀ ଏହି ସବୁ ଯୋଜନାର ଶୁଭାରମ୍ଭ କରିଛନ୍ତି ବୋଲି କହିଛନ୍ତି '୫-ଟି' କାର୍ତ୍ତିକ ପାଣ୍ଡିଆନ୍ । ମାତ୍ର କେଇମାସ ମଧ୍ୟରେ ସାଧାରଣ ଲୋକମାନଙ୍କ ଆବଶ୍ୟକତାମୂଳକ ପ୍ରସ୍ତାବ ଆଧାରରେ ୩ ଜିଲ୍ଲାରେ ୫୧୧୬ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ ହୋଇଥିବା ଉଲ୍ଲେଖ କରି ଶ୍ରୀ ପାଣ୍ଡିଆନ ଅବିଭକ୍ତ ▶ପୃଷ୍ଠା-୧୧

## ସୁବର୍ଣ୍ଣରେଖାରେ ୧୫ ଜଣିଆ ଏନ୍‌ଜିଟି ଟିମ୍



**ନଦୀ ଗତିପଥ ପରିବର୍ତ୍ତନ ନେଇ ସ୍ଥିତି ଅନୁଧ୍ୟାନ**

■ **ଜଳେଶ୍ୱର/ରାଇବଣିଆ, ୯ ।୧ (ସମିସ):** ସୁବର୍ଣ୍ଣରେଖାର ଗତିପଥ ଧୀରେ ଧୀରେ ବଦଳୁଛି। କୂଳ ଖାଉଛି ନଦୀ। ଏ ନେଇ ଏନ୍‌ଜିଟିର ହାଇଦ୍ରାବାଦ ଏବଂ ଓଡ଼ିଶାର ଏକ ୧୫ ଜଣିଆ ମିଳିତ ପ୍ରତିନିଧି ଦଳ ଜଳେଶ୍ୱର ବ୍ଲକ୍ ମାକିଡିଆ ଓ ବିଳାସପୁର ନଦୀ ଶଯ୍ୟା ବୁଲି ଦେଖିଛନ୍ତି। ମାକିଡିଆ ଓ ବିଳାସପୁରଠାରେ ସୁବର୍ଣ୍ଣରେଖା ନଦୀର ଗତିପଥ ଅତିଶୟ ଅଙ୍କାବଙ୍କା ହୋଇଥିବା ବେଳେ ନଦୀକୂଳ ବାରମ୍ବାର ଖାଇଯାଉଥିବା ଦେଖିବାକୁ ମିଳିଛି। ଏହା ଫଳରେ ମାକିଡିଆଠାରୁ ନଦୀର ନିମ୍ନ ଭାଗରେ ନଦୀର ଗତିପଥ ପରିବର୍ତ୍ତନ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ସୁବର୍ଣ୍ଣରେଖାର ଶଯ୍ୟା ପରିବର୍ତ୍ତନ ଓ ନଦୀକୂଳ ଅଞ୍ଚଳ ପ୍ରତି ଥିବା ବିପଦ ଯୋଗୁଁ ସୁବର୍ଣ୍ଣରେଖା ନଦୀର ବହୁ ବାଲି ସୈରାତକୁ ଏନଜିଟି ତରଫରୁ ବହୁ ଦିନ ଧରି ବନ୍ଦ କରାଯାଇଛି; କିନ୍ତୁ ଜଳେଶ୍ୱର ଅଞ୍ଚଳରେ ରାଜନଗର, ମାକିଡିଆ, କୁଆଁରପୁର, ତୋଟାପଡ଼ା, ବେହେରାସାହି, ମୁଣ୍ଡତୁଣୀୟା, ଗୋଆ ଗଡିୟା, ଡିପିପୁର, ମାଳିପାଳ, ଶିଖରପୁର, ଚାଲନ୍ତି, ମହମ୍ମଦନଗର ପାଟଣା, ସେକସରାଇ(କ), ଜମାଲପୁର, ବାଲିକବାଡ, ଚିଟିମିଶ୍ରା, ନମକନାରେ ଦିନକୁ ଦିନ ବାଲି ଚୋରି ବଢ଼ିବାରେ ଲାଗିଛି। ସରକାରୀ ଭାବେ ସୁବର୍ଣ୍ଣରେଖା ନଦୀର ସମସ୍ତ ବାଲି ସୈରାତ ଏନଜିଟିର କଟକଣା ଯୋଗୁଁ ବନ୍ଦ ରହିଛି; ମାତ୍ର ବାଲି ମାଫିଆ ନଦୀର ଉଭୟ ପଟୁ ଖୋଲାଖୋଲି ବାଲି ଉଠାଇ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରିବାରେ ଲାଗିଛନ୍ତି। ଏହା ଫଳରେ ରାଜ୍ୟ ସରକାର ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି।

### 'ନବୀନ କାର୍ଡ' ପ୍ରତି ବଢ଼ୁଛି ଉତ୍ସାହ

## ୪ ଦିନରେ ୭୧ ହଜାର ଆବେଦନ

■ **ଭୁବନେଶ୍ୱର, ୯ ।୧ (ସମିସ):** ବିଏସ୍‌କେୱାଇ 'ନବୀନ କାର୍ଡ 'ପାଇଁ ଗ୍ରାମାଞ୍ଚଳରେ ବଢ଼ୁଛି ଉତ୍ସାହ। ଗତ ୪ ଦିନ ମଧ୍ୟରେ ନବୀନ କାଡର୍ ପାଇଁ ୧.୨ ଲକ୍ଷ ପଞ୍ଜୀକରଣ ହୋଇଥିବାବେଳେ ୭୧୦୦୦ ଆବେଦନପତ୍ର ବିଭାଗ ନିକଟରେ ପହଞ୍ଚିଛି। ୩୦ଟି ଯାକ ଜିଲ୍ଲାରୁ ପଞ୍ଜୀକରଣ ପାଇଁ ଆବେଦନ ହୋଇଥିବା ବେଳେ ଗଞ୍ଜାମ, କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ଆବେଦନ ହୋଇଥିବା ସୂଚନା ମିଳିଛି। ଗଞ୍ଜାମ ଜିଲ୍ଲାରୁ ୯୫୨୫ ପରିବାର ଆବେଦନ କରିଥିବା ବେଳେ କଟକରୁ ୭୩୫୯ ଏବଂ ଖୋର୍ଦ୍ଧାରୁ ୭୧୬୫ ଆବେଦନ ବିଭାଗ ନିକଟରେ ପହଞ୍ଚିଛି। ବିଭିନ୍ନ ଜନସେବା କେନ୍ଦ୍ର ଜରିଆରେ ବିଏସ୍‌କେୱାଇ ନବୀନ କାର୍ଡର ଅଧିକାଂଶ କରାଯାଉଛି। ସେହିପରି ଅନେକ ଲୋକ ସିଧାସଳଖ ବିଏସ୍‌କେୱାଇନବୀନ ଡଟ୍ ଓଡ଼ିଶା ଡଟ୍ ଜିଓଭି ଡଟ୍ ଆଇନ୍ ୱେବ୍‌ସାଇଟ୍‌ରେ ଲଗ୍ ଇନ୍ କରି ଆବେଦନ କରିପାରିଛନ୍ତି। ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ଆବେଦନ ଜାରି ରହିବ। ଚଳିତ ବର୍ଷ ମେ'




**ପଞ୍ଜୀକରଣ କରିଛନ୍ତି ୧.୮୨ ଲକ୍ଷ ପରିବାର**

**ଗଞ୍ଜାମ, କଟକ, ଖୋର୍ଦ୍ଧାରୁ ସର୍ବାଧିକ ଆବେଦନ**

ପହିଲାରୁ ନବୀନ କାର୍ଡରେ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ।

ବିଏସ୍‌କେୱାଇରୁ ବଞ୍ଚିତ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଜନିତ ଆର୍ଥିକ ବୋଝରୁ ସୁରକ୍ଷା ଦେବା ଲକ୍ଷ୍ୟରେ ନୂଆ ବର୍ଷ ଭେଟି ସ୍ୱରୂପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଏସ୍‌କେୱାଇ ନବୀନ କାର୍ଡ ଘୋଷଣା କରିଥିଲେ। ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣରେ ଗ୍ରାମାଞ୍ଚଳର ସବୁ ପରିବାର ପାଇଁ (ସରକାରୀ କର୍ମଚାରୀ, ପେନସନ୍‌ଭୋଗୀ ଓ ଆୟକର ଦାତାଙ୍କୁ ବାଦ୍ ଦେଇ) ବିଏସ୍‌କେୱାଇ ନବୀନ କାର୍ଡ ଆରମ୍ଭ କରାଯାଇଛି। ଏହା ଦ୍ୱାରା ରାସନ କାର୍ଡ ନ ଥିବା ପ୍ରାୟ ୧୪ ଲକ୍ଷ ପରିବାରକୁ ସର୍ବଶ୍ରେଷ୍ଠ ସ୍ୱାସ୍ଥ୍ୟ ସେବା ଯୋଜନାରେ ସାମିଲ କରାଯିବ। ଏହାକୁ ମିଶାଇ ପ୍ରାୟ ୧.୧୦ ପରିବାରକୁ (୯୦%) ବିଏସ୍‌କେୱାଇରେ ସାମିଲ କରାଯାଇଛି। ଖୁବ୍ ଶୀଘ୍ର ସହରାଞ୍ଚଳର ସବୁ ପରିବାରକୁ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ବିଏସ୍‌କେୱାଇ ନବୀନ କାର୍ଡରେ ପରିବାରର ପୁରୁଷଙ୍କ ପାଇଁ ୫ ଲକ୍ଷ ଏବଂ ମହିଳା ସଦସ୍ୟଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ଉପଲବ୍ଧ ହେବ। ବିଏସ୍‌କେୱାଇ ନବୀନ କାର୍ଡ ହିତାଧିକାରୀମାନେ ତାଲିକାଭୁକ୍ତ ଘରୋଇ ଡାକ୍ତରଖାନାରେ ନିର୍ଦ୍ଧାରିତ ଗୁରୁତର (କ୍ରିଟିକାଲ) ରୋଗ ଗୁଡିକର ଦେୟମୁକ୍ତ ଚିକିତ୍ସା ପାଇବେ। ହୃଦରୋଗୀ, କିଡ୍‌ନୀ ରୋଗୀ, ଲିଭର୍ ରୋଗୀ, ବ୍ରେନ୍ ଷ୍ଟ୍ରୋକ୍, ଗମ୍ଭୀର ମସ୍ତିଷ୍କ କ୍ଷତ, ବ୍ରେନ୍ ଟ୍ୟୁମର, ପୋଡ଼ାଜଳା ଆହତ, ସ୍ନାୟୁ ମାଂଶପେଶୀ ଏବଂ କର୍କଟ ରୋଗୀଙ୍କୁ ବିଏସ୍‌କେୱାଇ ନବୀନ କାର୍ଡରେ ଚିକିତ୍ସା ମିଳିବ। ଯେଉଁମାନେ ବିଏସ୍‌କେୱାଇ କାର୍ଡ ପାଇଛନ୍ତି ସେମାନଙ୍କର ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ପଞ୍ଜୀକରଣ କରିବାର ଆବଶ୍ୟକତା ରହିବ ନାହିଁ।

### ଲୋକକଥା



ବିଲ୍‌କିସ୍ ମାମଲା ନୂଆମୋଡ଼ ନେଲା  
ଅଦାଲତ ଦେଲା ନାତ,  
କେଉଁ ଆଧାରରେ ଦୋଷୀଙ୍କୁ ହେ ବାବୁ  
କରି ପକେଇଲ ମୁକ୍ତ !  
ପୀଡ଼ିତାକୁ ହନ୍ତସନ୍ତ,  
ଜଗତଟା ସାରା ଜାଣିଗଲା କିଏ  
ଅପରାଧୀଙ୍କର ଭକ୍ତ ॥

# ବିପଜ୍ଜନକ ବୋତଲ ପାଣି

### ୧ ଲିଟର ବୋତଲରେ ୧ଲକ୍ଷରୁ ୩.୭ ଲକ୍ଷ ପ୍ଲାଷ୍ଟିକ୍ କଣିକା

**ସଂଗୃହୀତ ନମୁନାରୁ ଚିହ୍ନଟ ହୋଇଛି ସାତ ପ୍ରକାର କଣିକା**

**ମାନବ ଶରୀର ପ୍ରତି ବିପଦ, ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଉଦ୍‌ବେଗ**

■ **ଭୁବନେଶ୍ୱର, ୯ ।୧ (ସମିସ):** ପ୍ଲାଷ୍ଟିକ୍ ବୋତଲରେ ମିଳୁଥିବା ପାନୀୟ ଜଳ ବି ବିଶୁଦ୍ଧ ନୁହେଁ। ଏଥିରେ ଭୟଙ୍କର ଓ ବିପଜ୍ଜନକ ପ୍ଲାଷ୍ଟିକ କଣିକା ମିଶ୍ରିତ ଥିବାରୁ ଏହା ମାନବ ଶରୀର ପ୍ରତି ଭୟଙ୍କର ବିପଦ ଡ଼ାକି ଆଣୁଛି । ପ୍ରୋସିଡିଙ୍ଗସ୍ ଅଫ୍ ଦ ନ୍ୟାସନାଲ ଏକାଡେମୀ ଅଫ୍ ସାଇନ୍ସେସ୍ ଜର୍ଣ୍ଣାଲରେ ଏହି ଏ ସଂକ୍ରାନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ସହିତ ଅଧିକ ଗବେଷଣା ହେଲେ ଆହୁରି ଉଦ୍‌ବେଗଜନକ ତଥ୍ୟ ସାମ୍ନାକୁ ଆସିବା ଆସିପାରେ ବୋଲି ବୈଜ୍ଞାନିକମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

ବିଶୁଦ୍ଧ ପାନୀୟ ଜଳ ପାଇଁ ମିନେରାଲ ୱାଟର ଉପରେ ଅନେକ ନିର୍ଭର କରିଥାଆନ୍ତି । ସପିଂ ମଲ୍ ଠାରୁ ଆରମ୍ଭ କରି ଭୋଜିଭାତ, ହୋଟେଲ ସବୁଠି ପ୍ଲାଷ୍ଟିକ୍ ବୋତଲରେ ପାନୀୟ ଜଳ ମିଳୁଚି। ତେବେ ପ୍ରତି ୧ ଲିଟର୍ ବୋତଲରେ ୧୧୦,୦୦୦ରୁ ୩୭୦,୦୦୦ ପ୍ଲାଷ୍ଟିକ୍ ପାର୍ଟିକିଲ ଅବା ପ୍ଲାଷ୍ଟିକ୍ କଣିକା ରହିଥିବା ବୈଜ୍ଞାନିକଙ୍କ ଗବେଷଣାରୁ ସୂଚନା ମିଳିଛି। ଏହ ପ୍ଲାଷ୍ଟିକ ମଧ୍ୟରୁ ୯୦% କଣିକାର ଆକାର ୧ ମାଇକ୍ରୋମିଟର୍‌ରୁ (ନାନୋ ସାଇଜଡ୍) ମଧ୍ୟ କମ୍। ନାନୋପ୍ଲାଷ୍ଟିକ୍ ମାଇକ୍ରୋ ପ୍ଲାଷ୍ଟିକର ଆକାର ଠାରୁ କ୍ଷୁଦ୍ର ଏବଂ ମାନବ ଶରୀର ଉପରେ ଏହାର ଗଭୀର ପ୍ରଭାବ ଥାଏ ବୋଲି ଅଧ୍ୟୟନ ପରେ ଗବେଷକମାନେ ଜାଣିବାକୁ ପାଇଛନ୍ତି। ବିଦେଶରେ ବହୁଳ ପ୍ରସାରିତ ତିନିଟି କମ୍ପାନୀର ପାଣି ବୋତଲ ଉପରେ ଗବେଷଣା କରିବା ପରେ ଏହା ଜଣାପଡିଛି।

ରିପୋର୍ଟ ଅନୁସାରେ ଅଧିକାଂଶ ପ୍ଲାଷ୍ଟିକ୍ ଛୋଟ ଛୋଟ କଣିକାରେ ଭାଗ ହୋଇ ରହିଥାଏ । ତେବେ ସେହି କଣିକା କେତେ ଛୋଟ ହୋଇପାରେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। ମାଇକ୍ରୋ ପ୍ଲାଷ୍ଟିକ୍ ଠାରୁ ନାନୋପ୍ଲାଷ୍ଟିକ୍ ଅଧିକ କ୍ଷତିକାରକ। ନାନୋପ୍ଲାଷ୍ଟିକ୍ ଶରୀରରେ ପ୍ରବେଶ କରିବା ପରେ ▶ପୃଷ୍ଠା-୧୧

## ଭିଜିଲାନ୍ସ ଜାଲରେ କୋଟିପତି ମୋଟରଯାନ ନିରୀକ୍ଷକ



**ମିଳିଲା ୩୧ ପ୍ଲଟ୍; ୧୦ଟି ବେନାମୀ; ୧୫ ଲକ୍ଷର ସୁନାଗହଣା ଓ ୪ଟି ବେନାମୀ ଗାଡ଼ି; ଭୁବନେଶ୍ୱରରେ ୨ଟି କୋଠା; ବ୍ୟାଙ୍କ ଓ ବୀମାରେ ଜମା ହୋଇଛି ୭୨ ଲକ୍ଷ**

■ **ନୟାଗଡ/ ଭୁବନେଶ୍ୱର, ୯ ।୧(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ନୟାଗଡ ମୋଟରଯାନ ନିରୀକ୍ଷକ (ଏମ୍‌ଭିଆଇ) ପଞ୍ଚାନନ ବେହେରା। ଭୁବନେଶ୍ୱରରେ ପଞ୍ଚାନନଙ୍କ ୩୧ଟି ପ୍ଲଟ୍ ଠାବ କରାଯାଇଛି। ସେଥିରୁ ୧୦ଟି ବେନାମୀ ପ୍ଲଟ୍ ରହିଛି। ପଥରଗାଡିଆ, ଦାରୁଠେଙ୍ଗ, ଶାମପୁର, ପାଣ୍ଡରା, ରଘୁନାଥପୁର, ଚନ୍ଦ୍ରଶେଖରପୁର, ଦୁଇତଳ, ରଣସିଂହପୁର ଭଳି ଭୁବନେଶ୍ୱର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ପଞ୍ଚାନନଙ୍କ ପ୍ଲଟ୍ ରହିଛି। ଠାବ କରାଯାଇଥିବା ପ୍ଲଟ୍‌ଗୁଡିକର ଦଲିଲ୍ ମୂଲ୍ୟ ପ୍ରାୟ ୨ କୋଟି ୧୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରୁଛି ଭିଜିଲାନ୍ସ। ତେବେ ଦଲିଲ୍ ମୂଲ୍ୟଠାରୁ ଉପରୋକ୍ତ ପ୍ଲଟ୍‌ଗୁଡିକର ପ୍ରକୃତ ମୂଲ୍ୟ ବେଶ୍ ଅଧିକ ହେବ ବୋଲି ତଦନ୍ତକାରୀ ସଂସ୍ଥା ଅନୁମାନ କରୁଛନ୍ତି। ଜମି ପଞ୍ଜିକରଣ ସମୟରେ ପ୍ଲଟ୍‌ଗୁଡିକୁ ନିର୍ଦ୍ଧାରିତ ମୂଲ୍ୟ ଠାରୁ କମ୍ ଦରରେ ପଞ୍ଜିକରଣ କରାଯାଇଥିବା ନେଇ ସନ୍ଦେହ କରାଯାଉଥିବା ବେଳେ ଭିଜିଲାନ୍ସ ▶ପୃଷ୍ଠା-୧୧

# ବ୍ରହ୍ମପୁରର ୭ଟି ୱାର୍ଡରେ ବୁଲିଲା ଅର୍ପଣ ରଥ

ବ୍ରହ୍ମପୁର, ୯ ।୧(ସମିସ)






ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ହେବ ପ୍ରତିଷ୍ଠା। 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ପ୍ରକଳ୍ପରେ ସାମିଲ ହେବା ପାଇଁ ରେଶମ ସହର ବ୍ରହ୍ମପୁରରେ ଲୋକଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଅପୂର୍ବ ଉତ୍ସାହ ଓ ଉଦ୍ଦିପନା। ସୋମବାରଠାରୁ ଆରମ୍ଭ ହୋଇଥିବା ଅର୍ପଣ ରଥ ପରିକ୍ରମା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଁଞ୍ଚିଛି। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୭ଟି ଅର୍ପଣ ରଥ ବାହାର କରାଯାଇଥିବା ବେଳେ ପ୍ରତ୍ୟେକ ଦିନ ୭ଟି ରଥ ସହରର ୭ଟି ୱାର୍ଡରେ ପରିକ୍ରମା କରିବ। ପୂର୍ବାହ୍ନ ୮ଟାଠାରୁ ପରିକ୍ରମା ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅକ୍ଷତ ଓ ଗୁଆ ସଂଗ୍ରହ କାର୍ଯ୍ୟ ଚାଲୁ ରହୁଛି। ଦ୍ୱିତୀୟ ଦିନରେ ବ୍ରହ୍ମପୁର ମହାନଗର ନିଗମର ୩, ୧୯, ୮, ୧୬, ୩୨, ୨୫ ଓ ୩୫ ଆଦି ୭ଟି ୱାର୍ଡରେ ପରିକ୍ରମା କରିଛି ଅର୍ପଣ ରଥ। ଦ୍ୱିତୀୟ ଦିନରେ ୩୫ନମ୍ବର ୱାର୍ଡ ଅନ୍ତର୍ଗତ ଗଜପତି ନଗରରେ ବ୍ରହ୍ମପୁର ବିଧାୟକ ତଥା ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡାଙ୍କ ଘରୁ ଏହି ଅର୍ପଣ ରଥ ଜରିଆରେ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା। ଏହି ଅବସରରେ କମିଶନର ଜେ. ସୋନାଲଙ୍କ ସମେତ ସ୍ଥାନୀୟ କର୍ପୋରେଟର ସମୀର ମିଶ୍ର, ଡେପୁଟି କମିଶନର ବିନୋଦ ବେହେରା ପ୍ରମୁଖଙ୍କ ସହିତ ଅଞ୍ଚଳର ବହୁ ମହିଳା ଭକ୍ତ ଓ ମିଶନ ଶକ୍ତି ଗୋଷ୍ଠୀର ମହିଳାମାନେ ସାମିଲ ହୋଇଥିଲେ। ସେହିଭଳି ମେୟର ସଂଘମିତ୍ରା ଦଳେଇଙ୍କ ୱାର୍ଡରେ ପରିକ୍ରମା କରିଥିଲା ଅର୍ପଣ ରଥ। ଏଠାରେ ବିଧାୟକ ବିକ୍ରମ କୁମାର ପଣ୍ଡା, ଜିଲ୍ଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ଓ ଡେପୁଟି ମେୟର ବିବେକ ରେଡ୍ଡୀଙ୍କ ସମେତ ସ୍ଥାନୀୟ କର୍ପୋରେଟର ଉପସ୍ଥିତ ଥିଲେ। ଘର କୁ ଘର ବୁଲି ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଉତ୍ସବ ଲାଗି ସଂଗ୍ରହ ହେଉଥିବା ଚାଉଳ ଓ ଗୁଆ ଅର୍ପଣ ରଥରେ ସମର୍ପଣ କରିବାକୁ ଖାସକରି ମହିଳା ଭକ୍ତଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସେହିଭଳି ମଙ୍ଗଳବାର ସହରର ଅନ୍ୟ ୪ଟି ୱାର୍ଡରେ ମଧ ସ୍ଥାନୀୟ କର୍ପୋରେଟର ଓ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଅର୍ପଣ ରଥ ପରିକ୍ରମା କରିଥିଲା। ଏହି କ୍ରମରେ ଆସନ୍ତା ବୁଧବାର ସହରର ୪, ୧୮, ୯, ୧୭, ୩୧, ୨୬ ଓ ୩୮ ନମ୍ବର ୱାର୍ଡରେ ଏହି ଅର୍ପଣ ରଥ ପରିକ୍ରମା କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଯେଉଁ ଯେଉଁ ୱାର୍ଡରେ ଅର୍ପଣ ରଥ ପରିକ୍ରମା କରୁଛି ସେହି ଅଞ୍ଚଳରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ସ୍ୱତନ୍ତ୍ର ବ୍ୟବସ୍ଥାର ଆୟୋଜନ କରାଯାଇଛି।

- ରେଶମ ସହରରେ ସୃଷ୍ଟି ହୋଇଛି ଆଧ୍ୟାତ୍ମିକ ପରିବେଶ
- ୧୫ ତାରିଖ ସୁଦ୍ଧା ଶ୍ରୀକ୍ଷେତ୍ର ପଠାଯିବ ସଂଗୃହୀତ 'ଅକ୍ଷତ ଓ ଗୁଆ'
- ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ପାଇଁ ସବୁଠି ଉତ୍ସାହ ଓ ଉଦ୍ଦୀପନା

## ୫ ଦଫା ଦାବିରେ ୟୁନିୟନ ବ୍ୟାଙ୍କ କର୍ମଚାରୀଙ୍କ ବିକ୍ଷୋଭ

**ବ୍ରହ୍ମପୁର, ୯ ।୧(ସମିସ):** ସ୍ଥାନୀୟ ଟାଟାବେଞ୍ଚ ଛକ ସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ନିଖିଳ ଓଡିଶା ୟୁନିୟନ ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ୫ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ଦାବି ଗୁଡ଼ିକ ମଧ୍ୟରେ ଖାଲିଥିବା ପଦବୀ ପୂରଣ, ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି, ବଦଳି ହୋଇଥିବା କର୍ମଚାରୀଙ୍କୁ ତୁରନ୍ତ ରିଲିଭ କରିବା, ଅସ୍ଥାୟୀ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରି ଓ ବୋନସ ପ୍ରଦାନ କରିବା ଭଳି ଦାବି ଅନ୍ତର୍ଭୁକ୍ତ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ନେତୃବୃନ୍ଦ ପ୍ରଦୀପ ଷଡଙ୍ଗୀ, ସାଧାରଣ ସମ୍ପାଦକ ଅଜୟ କୁମାର ମହାନ୍ତି, ଅଶୋକ ଦାସ, ପ୍ରତାପ ଚୌଧୁରୀ, ଯୁଧିଷ୍ଠିର ବେହେରା, କିଶୋର ମିଶ୍ରଙ୍କ ସମେତ ବହୁ ନେତୃବୃନ୍ଦ ଓ ସଦସ୍ୟ ସାମିଲ ଥିଲେ।

## କୁକୁଡ଼ାଖଣ୍ଡି ହାଇସ୍କୁଲରୁ ଚୋରି; ଥାନାରେ ଏତଲା

**ବ୍ରହ୍ମପୁର, ୯ ।୧(ସମିସ):** କୁକୁଡାଖଣ୍ଡି ସ୍ଥିତ ସରକାରୀ ହାଇସ୍କୁଲରୁ କୌଣସି ଦୁର୍ବୃତ୍ତ ସ୍କୁଲର ମୁଖ୍ୟ ଫାଟକ ସମେତ କ୍ଲାସରୁମ କବାଟ ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରି ନେଇଯାଇଛି। ଏନେଇ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ମଧୁସ୍ମିତା ପାଢ଼ୀ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନାପ୍ରକାରେ, ୨ଦିନ ପୂର୍ବେ ସ୍କୁଲର ସମସ୍ତ କର୍ମଚାରୀ ତାଲା ପକାଇ ଘରକୁ ଯାଇଥିଲେ। ତା' ପର ଦିନ ସକାଳୁ ସ୍କୁଲର ପ୍ରଧାନ ଶିକ୍ଷକ ପରୀକ୍ଷା ପ୍ରଶ୍ନପତ୍ର ସଂଗ୍ରହ କରିବାକୁ ସ୍କୁଲକୁ ଆସିଥିଲେ। ଏହି ସମୟରେ ବିଦ୍ୟାଳୟ ଭିତରର ସ୍ମାର୍ଟ କୋଠାରୀ ଗୁଡ଼ିକର କବାଟ ଖୋଲାଥିବା ଶିକ୍ଷକମାନେ ଦେଖିବାକୁ ପାଇଥିଲେ। ଯାଞ୍ଚ ବେଳେ ପୂର୍ବ ରାତିରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। କୋଠରୀରରେ ଲାଗିଥିବା ୯ଟି ସ୍ପିକର, ୨ଟି ରୁଟର, ନେଟୱାର୍କ ବୋର୍ଡ, ଲାଇଟ, ଫ୍ୟାନ, କେବୁଲ, ପାଇଖାନାରେ ଲାଗିଥିବା ଦାମୀ ସାମଗ୍ରୀ ଚୋରି ହୋଇଯାଇଥିଲା। ସେହିପରି ୯ମ ଓ ୧୦ମ ଶ୍ରେଣୀ କୋଠରୀ ଭିତରେ ଥିବା ସୁଇଚ ବୋର୍ଡ ଓ ଫ୍ୟାନ ଭାଙ୍ଗି ଯାଇଥିବା ଜଣାପଡ଼ିଥିଲା।

## ହ୍ୟାଣ୍ଡସ ଅନ୍, ଆର୍ଟସ୍ ଅନ୍, ମାଇଣ୍ଡସ ଅନ୍

- ବ୍ରହ୍ମପୁର ଆଇଟିଆଇରେ ହ୍ୟାଣ୍ଡସ ଅନ୍ ସ୍କିଲ୍ ପ୍ରତିଯୋଗିତା
- ୮୦ଟି ଟିମ୍‌ରେ ୨୪୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

**ବ୍ରହ୍ମପୁର, ୯ ।୧(ସମିସ):** ବିଦ୍ୟାର୍ଥୀଙ୍କ ମଧ୍ୟରେ ଶାରିରୀକ, ମାନସିକ ଓ ଜ୍ଞାନକୌଶଳ ଓ ଦକ୍ଷତା ନିମିତ୍ତ ବୃଦ୍ଧିର ବିକାଶ ଲାଗି ବ୍ରହ୍ମପର ଆଇଟିଆଇ ସଦା ଗୁରୁତ୍ୱ ଦେଇଆସୁଛି। ହ୍ୟାଣ୍ଡସ ଅନ, ଆର୍ଟସ ଅନ ଓ ମାଇଣ୍ଡସ ଅନ୍‌ର ଅଭିବୃଦ୍ଧି ଲକ୍ଷ୍ୟ ନେଇ ଆଇଟିଆଇରେ ଅନୁଷ୍ଠିତ ହୋଇଛି ଏକ ସ୍କିଲ ପ୍ରତିଯୋଗିତା। ଯେଉଁଥିରେ ୮୦ଟି ଟିମ୍‌ରେ ୨୪୦ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକଟି ଟିମରେ ଉଭୟ ଛାତ୍ର ଓ ଛାତ୍ରୀ ସାମିଲ ରହିଥିଲେ। ଗୋଟିଏ ସାଇକଲକୁ ସମ୍ପୂର୍ଣ୍ଣ ଖୋଲିବା ସହ ପୁନଃବାର ଯୋଡ଼ିଥିଲେ। ଏହି ପ୍ରତିଯୋଗିତାକୁ ଅନୁଷ୍ଠାନର ଅଧ୍ୟକ୍ଷ ଡ଼କ୍ଟର ରଜତ କୁମାର ପାଣିଗ୍ରାହୀ, ଏମ୍ପ୍ଲୋଇମେଣ୍ଟ ଏକ୍ସଚେଞ୍ଜର ଏଲ. କେ ନାୟକ ଓ ହିଞ୍ଜିଳିକାଟୁ ଆଇଟିଆଇ ଅଧ୍ୟକ୍ଷ ଇଂ. ରାଜେଶ କୁମାର ତ୍ରିପାଠୀ ପ୍ରମୁଖ ଉଦଘାଟନ କରିଥିଲେ। ଏଥିରେ ଛାତ୍ରଛାତ୍ରୀମାନେ ଏକ ସାଇକେଲକୁ ହେଣ୍ଡ ଟୁଲସ ଜରିଆରେ ସମ୍ପୂର୍ଣ୍ଣ ଖୋଲିବା ସହ ଯୋଡ଼ିଥିଲେ। ବିଦ୍ୟାର୍ଥୀଙ୍କ ସାଧାରଣ ଦକ୍ଷତା ବିକାଶ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଏଭଳି ପ୍ରତିଯୋଗୀତା କରାଯାଇଥିଲା। ଛତ୍ରପୁର ଆଇଟିଆଇର ରାମ କୃଷ୍ଣ ସାହୁ ତାଲିମ ଅଧିକାରୀ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଚୟନ କରାଯାଇଥିଲା। ଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଦୁଇଚକିଆ ଗାଡ଼ି ଖୋଲିବା ସହ ଯୋଡ଼ି ନିମନ୍ତେ ଲକ୍ଷ୍ୟ ରଖାଯାଇଛି।



## ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ପଦଯାତ୍ରାରେ ବାହାରିଲେ ୬ ଯୁବକ

**ବ୍ରହ୍ମପୁର, ୯ ।୧(ସମିସ):** ଅଯୋଧ୍ୟାରେ ନବନିର୍ମିତ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବା ନିମନ୍ତେ ମଙ୍ଗରବାର ସ୍ଥାନୀୟ ପ୍ରେମନଗର ଠାରୁ ୬ଜଣ ଯୁବକ ପଦଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ହେଲେ ସିଟି ହାଇସ୍କୁଲ ଖେଳପଡ଼ିଆ ନିକଟସ୍ଥ ହରିଜନ ବସ୍ତିର ସନ୍ତୋଷ ପରଦେଶୀ, ରାଜେଶ ପରଦେଶୀ, ପ୍ରେମନଗର ପ୍ରଥମ ଲାଇନର ସିଲୁ ପଣ୍ଡା, ଆକାଶ ପ୍ରଧାନ, ମେଣ୍ଟୁ ଛକ ଅଞ୍ଚଳର ଟିଟୁ ପାଣିଗ୍ରାହୀ ଓ ଆସିକାର ଗୋପାଳ ସ୍ୱାଇଁ। ପ୍ରଥମେ ସନ୍ତୋଷ ପ୍ରଥମେ ଏହି ଯାତ୍ରାରେ ବାହାରିବାକୁ ମନସ୍ଥ କରିଥିବା ବେଳେ ପରେ ଅନ୍ୟମାନେ ତାଙ୍କୁ ସହଯୋଗ କରିବାକୁ ପଦଯାତ୍ରାରେ ବାହାରିଥିବା ଜଣାପଡିଛି। ଏହି ଦଳ ପ୍ରତିଦିନ ୫୦ରୁ ୬୦କିଲୋମିଟର ଚାଲିବାକୁ ନିଷ୍ପତି ନେଇଥିବା ଜଣାପଡିଛି। ବହୁ ବର୍ଷ ପରେ ଏବଂ ବହୁ ବାଦବିବାଦ ପରେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ନିମନ୍ତେ ନିଷ୍ପତି ହୋଇଥିବା ବେଳେ ଉକ୍ତ ସ୍ଥାନରେ ନିର୍ମାଣ ହୋଇଥିବା ମନ୍ଦିରକୁ ସ୍ୱଚକ୍ଷୁରେ ଦେଖିବାର ସୁଯୋଗ ମିଳିଥିବାରୁ ସମସ୍ତେ ବେଶ ଆନନ୍ଦିତ ଅଛନ୍ତି।



## ଟ୍ରକ୍ ଧକ୍କାରେ ପୂର୍ବତନ ପ୍ରଧାନଶିକ୍ଷକ ମୃତ; ଚାଳକ ଅଟକ

**ବ୍ରହ୍ମପୁର, ୯ ।୧(ସମିସ):** ମଙ୍ଗଳବାର ସକାଳେ ସ୍ଥାନୀୟ ସିଟି ହସ୍ପିଟାଲ ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାଲିଙ୍ଗିପେଟା ସାହିର ସୁରେନ୍ଦ୍ର ପାତ୍ର(୬୫)। ସେ ଦକ୍ଷିଣପୁର ହାଇସ୍କୁଲରୁ କିଛି ବର୍ଷ ପୂର୍ବେ ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ଏନେଇ ଟ୍ରାଫିକ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି। ଏହା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ପୁଲିସ କାବୁ କରି ପଚରାଉଚରା କରୁଛି। ଗାଡ଼ି ଚାଳକର ବେପାରୁଆ ଗାଡି ଚଳାନା ଯୋଗୁଁ ଏଭଳି ଦୁର୍ଘଟଣା ଘଟଣା ଘଟିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ସୁରେନ୍ଦ୍ର ପାତ୍ର କାମରେ ସକାଳ ୮ଟାରେ ଘରୁ ବାହାରିଥିଲେ। ସୁରେନ୍ଦ୍ର ଗେଟ ବଜାର ଛକରୁ ଚାଲି ଚାଲି ଯାଉଥିବା ବେଳେ ସିଟି ହସ୍ପିଟାଲ ନିକଟରେ ଶ୍ରୀ ଦୁର୍ଗା ଲରୀ ନାମକ ଗୋଟିଏ ଟ୍ରକ (ଓଆର୦୭ଏସ୧୨୫୬ ତାଙ୍କ ପଛପଟୁ ଧକ୍କା ଦେଇଥିଲା। ଫଳରେ ସୁରେନ୍ଦ୍ର କଚାଡି ହୋଇ ରାସ୍ତାରେ ପଡିବା ସହ ଗୁରୁତର ହୋଇଥିଲେ। ପରିବାର ଲୋକେ ଓ ପୁଲିସ ମିଳିତ ଭାବେ ଗୁରୁତର ଅବସ୍ଥାରେ ସୁରେନ୍ଦ୍ରଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ଜ୍ୱାଇଁ ପୁଅ ସମୀର କୁମାର ପଣ୍ଡା ଟ୍ରାଫିକ ଥାନାରେ ଅଭିଯୋଗ କରିଛନ୍ତି। ଡ୍ରାଇଭରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପୁଲିସକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଶବ ବ୍ୟବଚ୍ଛେଦ ପରେ ମୃତ ଦେହ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ କହିଛି। ସୁରେନ୍ଦ୍ର ପାତ୍ରଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପକ୍ଷରେ ନୋ ଏଣ୍ଟି ସମୟରେ ସହରରେ ଅନାଧିକାର ଭାବେ ଟ୍ରକ ପ୍ରବେଶ କରୁଛି। ଫଳରେ ଟ୍ରାଫିକ ସମସ୍ୟା ଓ ଏଭଳି ଦୁର୍ଘଟଣା ଘଟୁଛି। ଏଣୁ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର ପଣ୍ଡା ଦାବି କରିଛନ୍ତି। ଏନେଇ ସ୍ଥାନୀୟ ଗେଟ ବଜାର ଏନ୍‌ଜିଓ ହଲରେ ମଙ୍ଗଳବାର ମଞ୍ଚର ଏକ ଶୋଭା ହୋଇଥିଲା। ଏଥିରେ ସଦସ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ସୁରେନ୍ଦ୍ର ପାତ୍ରଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଏଥିରେ ମଞ୍ଚର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ଶ୍ୟାମସୁନ୍ଦର ଖାଡ଼େଙ୍ଗା, ଅଶୋକ ଦଳାଇ, ଅବସର ପ୍ରାପ୍ତ କର୍ମଚାରୀ ସଂଘର ସଭାପତି କାମରାଜୁ ମହାରଣା, ପ୍ରଦିପ କୁମାର ସାହୁ ଓ ତ୍ରିନାଥ ମହାରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ଶୋକ

## ଗାଡ଼ି ଚଢ଼ାଇ ଭାଇକୁ ହତ୍ୟା ଉଦ୍ୟମ; ସାନ ଭାଇ ଗିରଫ

**ବ୍ରହ୍ମପୁର, ୯ ।୧(ସମିସ):** ହତ୍ୟା ଉଦ୍ୟମ ଓ ଆକ୍ରମଣ ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଟାଟା କଲୋନୀ ସିନ୍ଧି ଗାଁର ପି.କେଶବ ରେଡ଼ି(୪୩)। ସୂଚନାଯୋଗ୍ୟ ଯେ, ପି.ପାସ୍ୱେର୍ଯ୍ୟା ରେଡ଼ିଙ୍କ ବଡ଼ପୁଅ ପି. ଧରମା ରେଡ଼ି, ମଝିଆ ପୁଅ ପି. ଦାନେଶୁ ରେଡ଼ି ଓ ସାନ ପୁଅ ପି.କେଶବ ରେଡ଼ି। କିଛି ବର୍ଷ ପୂର୍ବେ ଟାଟା ପକ୍ଷରୁ ୧୦ ଲକ୍ଷ ଟଙ୍କା ପି.ପାସ୍ୱେର୍ଯ୍ୟାଙ୍କୁ ମିଳିଥିଲା। ସେତେବେଳେ, ସେ ସାନପୁଅ ନିକଟରେ ରହୁଥିଲେ। କେଶବଙ୍କ ନିକଟରେ ଏବେ ସେହି ଟଙ୍କା ରହିଥିଲା। ପିତାଙ୍କ ଦେଖାଶୁଣା କରୁଥିବା କେଶବ ୫ଲକ୍ଷ ନେବେ ଆଉ ବଳକା ଟଙ୍କା ଦୁଇ ଭାଇକୁ ଦେବେ ବୋଲି ପୂର୍ବରୁ ଗାଁ କମିଟିରେ କେଶବ କହିଥିଲେ। କିନ୍ତୁ ଭାଇମାନେ ଏହାକୁ ଗ୍ରହଣ ନ କରି ସମାନ ଭାଗ କରିବାକୁ କହିଥିଲେ। ଯାହାକୁ ନେଇ ୩ଭାଇଙ୍କ ମଧ୍ୟରେ କିଛି ବର୍ଷ ହେଲା ଗଣ୍ଡଗୋଳ ଲାଗିରହିଥିଲା। ଗତ ସୋମବାର ମଝିଆ ଭାଇ ଦାନେଶୁ ମଧ୍ୟାହ୍ନ ୧୨.୧୫ ସମୟରେ ବିଲକୁ ଯାଉଥିବା ସମୟରେ ସାନଭାଇ କେଶବ ଟାଟା ଏସି ଗାଡ଼ିରେ ଆସି ଘର ସମ୍ମୁଖରେ ଗାଳି ଗୁଲଜ କରିଥିଲା। ଏହା ଶୁଣିବାପରେ ଦାନେଶୁ ଘର ନିକଟରେ ପହଞ୍ଚିବା ବେଳେ କେଶବ ଟାଟା ଏସି ଗାଡ଼ି ତାଙ୍କ ଉପରକୁ ଚଢ଼ାଇଥିଲା। ଫଳରେ ଦାନେଶୁ ତଳେ ପଡିଯିବା ପରେ ମଧ କେଶବ ପୁଣି ଗାଡ଼ି ପଛକୁ କରି ଧକ୍କା ଦେଇଥିଲା। ଦାନେଶୁର ସ୍ତ୍ରୀ ପି. ନାର୍ସମ୍ମା ଦୌଡ଼ି ଆସି ସ୍ୱାମୀକୁ ବଞ୍ଚାଇବା ପାଇଁ ଟାଣି ଦେଇଥିଲା। ପତ୍ନୀର ପାଟି ଶୁଣି ଗାଁ ଲୋକେ ଘଟଣା ସ୍ଥଳରେ ରୁଣ୍ଡ କରିଥିଲେ। ଏହି ସମୟରେ କେଶବ ଗାଡି ଛାଡି ସେଠାରୁ ଚମ୍ପଟ ମାରିଥିଲା। ଯିବାବେଳେ ଦାନେଶୁଙ୍କୁ ଜୀବନରୁ ମାରି ଦେବୀ ବୋଲି ଧମକ ଦେଇଥିଲା। ଦାନେଶୁ ଗୁରୁତର ଥିବାରୁ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା ନିମନ୍ତେ ତାଙ୍କୁ ଭୁବନେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏ ନେଇ ଦାନେଶୁଙ୍କ ପତ୍ନୀ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ କେଶବକୁ କୋର୍ଟ ଚାଲାଣ କରିବା ସହ ଗାଡ଼ିକୁ ଜବତ କରିଥିବା ପୁଲିସ କହିଛି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବାଳକୃଷ୍ଣ ବେରଦଳେଇ
ଅମଲାଭଟ୍ଟା, ଜେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ

## ବ୍ରହ୍ମପୁର ବନଖଣ୍ଡ: ବଢ଼ିଛି ମଗର କୁମ୍ଭୀର ସଂଖ୍ୟା

### ଜଳଭଣ୍ଡାରରେ ପାଣି ନାହିଁ; ସୁରକ୍ଷିତ ରହିବେ କେମିତି?

ବ୍ରହ୍ମପୁର, ୯ ।୧(ସମିସ)



ବ୍ରହ୍ମପୁର ବନଖଣ୍ଡରେ କୁମ୍ଭୀର ଗଣନା ଶେଷ ହୋଇଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ କୁମ୍ଭୀର ସଂଖ୍ୟା ବୃଦ୍ଧି ଘଟିଛି। କୁମ୍ଭୀରଙ୍କ ବାସସ୍ଥଳି କୁହାଯାଉଥିବା ଘୋଡ଼ାହାଡ଼ ଜଳଭଣ୍ଡାର ଓ ଆଖପାଖ ଜଳାଶୟରେ କୁମ୍ଭୀରମାନେ ବସବାସ କରୁଛନ୍ତି। ଏଣେ ଚଳିତବର୍ଷ ଏଠାରେ ଜଳ ନାହିଁ। ନିମ୍ନସ୍ତରର ଜଳରେ କୁମ୍ଭୀରମାନେ ରହୁଛନ୍ତି। ଏପରିକି କିଛି କୁମ୍ଭୀର ନିକଟସ୍ଥ ଜଳାଶୟକୁ ମଧ୍ୟ ଚାଲି ଯାଇଛନ୍ତି। ଏପରିସ୍ଥଳେ ଆଗାମୀ ଗ୍ରୀଷ୍ମ ଋତୁ କୁମ୍ଭୀରଙ୍କ ଲାଗି ଜଟିଳ ହୋଇପାରେ ବୋଲି ପରିବେଶବିତ ମତ ଦେଇଛନ୍ତି। ସୂଚନା ପ୍ରକାରେ ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ଗତ ୬ତାରିଖରୁ କୁମ୍ଭୀର ଗଣନା ଆରମ୍ଭ ହୋଇ ନିକଟରେ ଶେଷ ହୋଇଛି। କୁମ୍ଭୀରଙ୍କ ପାଇଁ ସଂରକ୍ଷିତ ଥିବା ଦିଗପହଣ୍ଡି ବନାଞ୍ଚଳ ଅନ୍ତର୍ଗତ ଘୋଡାହାଡ ଜଳ ଭଣ୍ଡାର ଓ ଏହାର ଆଖ ପାଖ ଜଳାଶୟ ମାନଙ୍କରେ ବନ ବିଭାଗ ପକ୍ଷରୁ ଗଣନା କରାଯାଇଥିଲା। ଗଣନା କାର୍ଯ୍ୟରେ ୨୦ଟି ଟିମ ନିୟୋଜିତ ଥିଲେ। ୧୦ଟି ଟିମ ଘୋଡାହାଡ ଜଳ ଭଣ୍ଡାର ମଧ୍ୟରେ ଗଣନା କରିଥିବା ବେଳେ ଅନ୍ୟ ଟିମ୍ ଏହାର ଆଖପାଖରେ ରହିଥିବା ପୋଖରୀ ଗୁଡିକରେ କୁମ୍ଭୀର ଗଣିଥିଲେ। ଗଣନାରୁ ଜଣାପଡ଼ିଛି ଯେ, ଜଳ ଭଣ୍ଡାର ପରିସରରେ ଚଳିତବର୍ଷ ମୋଟ ୫୭ଟି ମଗର କୁମ୍ଭୀର ରହିଛନ୍ତି। ସେହିଭଳି ନିକଟସ୍ଥ ୧୨ଟି ଜଳାଶୟରେ ୨୭ଟି କୁମ୍ଭୀର ରହିଛନ୍ତି। ଏଣେ ୨୦୨୨ମସିହାରେ ବ୍ରହ୍ମପୁର ବନଖଣ୍ଡରେ ୭୬ଟି କୁମ୍ଭୀର ରହିଥିଲେ। ୨୦୨୩ରେ ଏହି ସଂଖ୍ୟା ୮୧ରେ ପହଞ୍ଚିଥିଲା। ଅନୁରୂପ ଭାବେ ଚଳିତବର୍ଷ ମଧ କୁମ୍ଭୀର ସଂଖ୍ୟା ବୃଦ୍ଧି ଘଟିଛି। ବ୍ରହ୍ମପୁର ବନଖଣ୍ଡରେ ସର୍ବମୋଟ ୮୪ଟି ମଗର କୁମ୍ଭୀର ରହିଥିବା ବନଖଣ୍ଡ ଅଧିକାରୀ ସନି ଖୋଖରଙ୍କଠାରୁ ସୂଚନା ମିଳିଛି। ଜଳଭଣ୍ଡାର ପରିସରରେ ଚଳତବର୍ଷ ପାଣି କମ ଥିବାରୁ କୁମ୍ଭୀରଙ୍କ ସ୍ଥିତିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ହେବା ପରେ ବନଖଣ୍ଡ ଅଧିକାରୀ ତାହା ଦୂର କରିଛନ୍ତି। ପାଣି କମ ଥିବାରୁ ଗଣନା ବେଳେ ସମସ୍ତ କୁମ୍ଭୀରଙ୍କୁ ସିଧାସଳଖ ଦେଖିବାରେ ସହଜ ହୋଇଥିବା ଜଣାଇଛନ୍ତି। ଅନ୍ୟପକ୍ଷରେ ଜଳାଶୟରେ କମ୍ ପାଣିଥିବାରୁ ଏହାର ପ୍ରଭାବ କୁମ୍ଭୀରଙ୍କ ଉପରେ ପଡ଼ିବ ବୋଲି ମଧ ବନ ବିଭାଗ ପକ୍ଷରୁ ଆଶଙ୍କା କରାଯାଇଛି। ମୌସୁମୀ ଆସିଲେ ହିଁ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ହେବ ବୋଲି କୁହାଯାଇଛି।

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

# ବୁଲୁଛି 'ଅର୍ପଣ ରଥ'; ଶ୍ରଦ୍ଧାଳୁ ଦେଉଛନ୍ତି ଗୁଆ-ଅକ୍ଷତ



**ଖଲ୍ଲିକୋଟ:** ଖଲ୍ଲିକୋଟ ଏନଏସିର ତିନୋଟି ୱାର୍ଡରେ ଅର୍ପଣ ରଥ ବୁଲିଛି। ଘରକୁ ଘର ବୁଲି ସଂଗ୍ରହ କରାଯାଇଛି ମୁଠାଏ ଚାଉଳ ଓ ଗୁଆ। ଖଲ୍ଲିକୋଟ ଏନଏସି କାର୍ଯ୍ୟାଳୟଠାରୁ ଅର୍ପଣ ରଥ ବାହାରି ୪,୫ ଓ ୬ ନମ୍ବର ୱାର୍ଡର ବଙ୍ଗଳା ସାହି, ଜଗନ୍ନାଥ ବିହାର, ନୂଆଁ ସାହି, ଶବର କଲୋନୀ, ପାଇକ ସାହି, ଧରାକୋଟ ସାହି, ତେଲି ସାହି, କୁମ୍ଭାର ସାହି ପରିକ୍ରମା କରିଛି। ମୃଦଙ୍ଗ କୀର୍ତ୍ତନର ତାଳ, ଶଙ୍ଖ ଧ୍ୱନି ସାଙ୍ଗକୁ ଜୟ ଜଗନ୍ନାଥ, ହରିବୋଲ ଶବ୍ଦରେ ଆଧ୍ୟାତ୍ମିକ ପରିବେଶ ଦେଖାଦେଇଛି। ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା, ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର, ଉପାଧ୍ୟକ୍ଷ ଲିଲି ସାହୁ, କାଉନସିଲର ପ୍ରଦୀପ କୁମାର ପଟ୍ଟନାୟକ, ଅନିତା ଶବର, ବଳରାମ ବେହେରା, ସୁଜାତା କୁମାରୀ ସାମନ୍ତଙ୍କ ସମେତ ସମସ୍ତ କାଉନସିଲର ଏବଂ ଏସଏଚଜି ମହିଳାମାନେ ଏହି ଉତ୍ସବରେ ଉପସ୍ଥିତ ଥିଲେ।



**ଗଞ୍ଜାମ:** ଗଞ୍ଜାମ ବ୍ଲକର ବିଭିନ୍ନ ପଞ୍ଚାୟତରେ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ଗଡିଛି। ଏହାକୁ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ପରିକ୍ରମା କରିବା ସମୟରେ ବିଭିନ୍ନ ଗ୍ରାମବାସୀଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଓ ଉଦ୍ଦିପନା ଦେଖିବାକୁ ମିଳିଛି। ପରମ୍ପାରିକ ବାଦ୍ୟ ବାଜଣା ଧ୍ୱନି ସାଙ୍ଗକୁ ଶ୍ରୀଜଗନ୍ନାଥ ନାରାରେ ଗ୍ରାମ୍ୟ ପରିବେଷରେ ଆଧ୍ୟାତ୍ମିକ ପରବେଶ ସୃଷ୍ଟି ହୋଇଛି। ଗଞ୍ଜାମ ସମିତି ଗୋଷ୍ଠି ଉନ୍ନୟନ ଅଧିକାରୀ ବସନ୍ତ ମଲିକ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା ପ୍ରମୁଖଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବୁଦ୍ଧିଜୀବୀ, ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଥମ ଦିବସରରେ ପାଳିବନ୍ଧ, ହୁମ୍ମା, ରାମଗଡ଼, ପୋଇରାଶି, ଯୁଡ଼ିଏସପୁର, ସାନ ରାମଚନ୍ଦ୍ରପୁର, କରପଡା ପ୍ରମୁଖ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିବା ଜଣାପଡ଼ିଛି।



**ଦିଗପହଣ୍ଡି:** ଦିଗପହଣ୍ଡି ବ୍ଲକ ବମକୋଇ ପଞ୍ଚାୟତରେ ମଙ୍ଗଳବାର ଗଡିଲା ଜୟ ଜଗନ୍ନାଥ ଅର୍ପଣ ରଥ। ସ୍ଥାନୀୟ ସରପଞ୍ଚ ତପନ କୁମାର ପ୍ରଧାନଙ୍କ ସଂଯୋଜନାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନଙ୍କ ସମେତ ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ, ପୂର୍ବତନ ସରପଞ୍ଚ ସଂଘ ସଭାପତି କେ . ହରିବନ୍ଧୁ ରେଡ୍ଡୀ ଓ ବହୁସଂଖ୍ୟକ ପଞ୍ଚାୟତବାସୀ ଉପସ୍ଥିତ ରହି ରଥକୁ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ରଥ କୀର୍ତ୍ତନ ମଣ୍ଡଳୀ ସହକାରେ ପଞ୍ଚାୟତର ବମକୋଇ, ମଦନମୋହନପୁର ଗ୍ରାମ ସମେତ ଅନେକ ଗ୍ରାମ ପରିଭ୍ରମଣ କରି ପ୍ରତ୍ୟେକ ଘରୁ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ। ସେହିପରି କଇଠଡା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଦେବହରି ଗୌଡ଼ଙ୍କ ସଂଯୋଜନାରେ ରଥ ପଞ୍ଚାୟତ ଅଧିନସ୍ଥ ବହୁ ଗ୍ରାମ ପରିକ୍ରମା କରିଥିଲା। ଏଠାରେ ରାଜେନ୍ଦ୍ର ଦୋରା, ସେବା ସମବାୟ ସମିତି ସଭାପତି ଜାଗିଲି ସେଠୀ, ସହଦେବ ରେଡ୍ଡୀ, ସିମାଞ୍ଚଳ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।



**ଛତ୍ରପୁର, ୯ ।୧(ସମିସ):** ମଙ୍ଗଳବାର ଛତ୍ରପୁର ଏନଏସିର ୪ ଓ ୫ନମ୍ବର ୱାର୍ଡରେ ଜୟ ଜଗନ୍ନାଥ ଅର୍ପଣ ରଥ ବୁଲି ଲୋକଙ୍କଠାରୁ ଗୁଆ ଓ ଚାଉଳ ସଂଗ୍ରହ କରିଛି। ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓଙ୍କ ନେତୃତ୍ୱରେ ୫ନଂ ୱାର୍ଡ ରେଡି ସାହି ସ୍ଥିତ ହନୁମାନ ପ୍ରତିମୂର୍ତ୍ତି ନିକଟରେ ଏହି ଜୟ ଜଗନ୍ନାଥ ଅର୍ପଣ ରଥକୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ୱାର୍ଡର ମା' ମାଉସୀମାନେ ଭକ୍ତି ଓ ଶ୍ରଦ୍ଧାର ସହିତ ଗୁଆ ଓ ଚାଉଳ ପ୍ରଦାନ କରିଥିଲେ। ଯୋଡି ଶଙ୍ଖ, ହରେ କୃଷ୍ଣ ହରେ ରାମ ଓ ଜୟ ଜଗନ୍ନାଥ ନାରାରେ ସାରା ପରିବେଶ ପ୍ରକମ୍ପିତ ହୋଇଥିଲା। ଭକ୍ତି ମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ପୂର୍ବତନ ଏନଏସି ଅଧ୍ୟକ୍ଷା ଜି. ଆରତୀ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସମ୍ବିତ ସଂଗ୍ରାମଜିତ ସାହୁ, ଛତ୍ରପୁର ନଗର ବିଜେଡି ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଯୁବ ବିଜେଡି ସଭାପତି ସନମୁଖ ପଟ୍ଟନାୟକ, କେ. ଚନ୍ଦ୍ର ଶେଖର ରେଡ୍ଡୀ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, କାଉନସିଲର ଦେବାଶିଷ ମିଶ୍ର, ପ୍ରୀତିଛନ୍ଦା ସାମଲ, ଅରୁନ୍ଧତୀ ରେଡ୍ଡୀ, ମମତା ପାତ୍ର, ଟି. ଗଣେଶ ରେଡ୍ଡୀ, ବି. ନିଶ୍ଚଳା, କେ. ରମେଶ, ସୁମନ୍ତ ନାହାକ, ଆଇନ ଜୀବି ପ୍ରଶାନ୍ତ ଶତପଥିଙ୍କ ସମେତ ରେଡ୍ଡୀ ସଂଘର ଭଦ୍ର ବ୍ୟକ୍ତି ଏବଂ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ।



**କୁକୁଡ଼ାଖଣ୍ଡି:** 'ଅର୍ପଣ ରଥ'କୁ କୁକୁଡ଼ାଖଣ୍ଡି ବ୍ଲକରେ ଭବ୍ୟ ସ୍ୱାଗତ କରାଯାଇଛି। ମଙ୍ଗଳବାର ଏହି ରଥ ଲାଞ୍ଜିଆ, ବାଳକୃଷ୍ଣପୁର, ବାଘଝରି, ବିରିବାଡ଼ିଆ, ପଦରବାଲି, ପତିତପାବନପୁର, ବୋଦାଲୁଣ୍ଡି , ଭଗବାନପୁର ଓ ରାଜଗୋପାଳପୁର ପରିକ୍ରମା କରିଛି। ପ୍ରତି ଗ୍ରାମରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି। ସମସ୍ତ ଗ୍ରାମ ଗୁଡିକରେ "ଜୟ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇ ଭାବମୟ ପରିବେଶ ସୃଷ୍ଟି ହୋଇଛି। କାର୍ଯ୍ୟକ୍ରମରେ ଲାଞ୍ଜିଆ ସମିତିସଭ୍ୟ କାହ୍ନୁ ଚରଣ ପାତ୍ର, ସରପଞ୍ଚ ଅନିଲ ଗୌଡ଼, ପିଇଓ ଅଶୋକ ପଟ୍ଟନାୟକ, ଜିଆରଏସ କୃଷ୍ଣ ମଲ୍ଲିକ ଓ ସୁଶାନ୍ତ ସେଠି, ଯୋଗାଣ ସହାୟକ ସିମାଞ୍ଚଳ ଗୌଡ, କାଜଲ ପାଣିଗ୍ରାହୀ, ପଦ୍ମ ଚରଣ ଗୌଡ଼ , ନୀଳକଣ୍ଠ ଗୌଡ଼ , ନାରାୟଣ ଦାସ ଓ ସ୍ଥାନୀୟ ଗ୍ରାମବାସୀ ଯୋଗଦାନ କରିଥିଲେ।



**କୋଦଳା:** କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଶାସନ ସହଯୋଗରେ ପ୍ରତ୍ୟକ ଘରୁ" ଗୁଆ ଓ ଚାଉଳ ମୁଠେ "ସଂଗ୍ରହ କରିବା ପାଇଁ ଜୟ ଜଗନ୍ନାଥ ଅର୍ପଣ ରଥ ଦ୍ୱିତୀୟ ଦିନରେ ପଦାର୍ପଣ କରିଛି। ମଙ୍ଗଳବାର ଦ୍ୱିତୀୟ ଦିନରେ କୋଦଳା ବିଜେ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଅର୍ପଣ ରଥ ପୂଜାର୍ଚ୍ଚନା କରି କୀର୍ତ୍ତନ ମଣ୍ଡଳୀ ଘଣ୍ଟ ଘଣ୍ଟି, ହୁଳହୁଳି ଓ ହରିବୋଲ ଧ୍ୱନିରେ ବାହାରିଥିଲେ। ପ୍ରଥମେ ବାଇଗଣିଆ ସାହି ଦେଇ, ବଡ଼ ଖଡୁରା ସାହି, ଖଡୁରା ନୁଆସାହି, ଗୌଡ଼ସାହି, ବସଷ୍ଟାଣ୍ଡ ପରିବା ବଜାର, ଖଦାଳ ସାହି, କରଣ ସାହି, ଗୋହିରିନାଳ ସାହି, ଦଶବଖାରା, ଡେରାସାହି, କୁମୁଟି ସାହି ଓ ଶକ୍ତିନଗର ଦେଇ ପୁଣି ଜଗନ୍ନାଥ ମନ୍ଦିରକୁ ଫେରିଥିଲେ। ପ୍ରତ୍ୟକ ସାହିରେ ମହିଳାମାନେ ରଥକୁ ବନ୍ଦାପନା କରି ପୁଷ୍ପ ଓ ହୁଳହୁଳି ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଏନଏସିର କାଉନସିଲର, କର୍ମକର୍ତ୍ତା ସମେତ ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା, କର୍ମୀ, ମହିଳା ସଂଘ ଓ ଜନ ସାଧାରଣ ଉପସ୍ଥିତ ଥିଲେ।



**ଧରାକୋଟ:** ଭାବ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ଶହ ଶହ ଶ୍ରଦ୍ଧାଳୁଙ୍କ ଗ୍ରହଣରେ ଧରାକୋଟ ବ୍ଲକର ସରଧାପୁର, ଜାହାଡ଼ା, ରୁଗୁମୁ, ଜଗମୋହନ ଓ ମାଣିକପୁର ପଞ୍ଚାୟତରେ ଜଗନ୍ନାଥ ଅର୍ପଣ ରଥକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ବିଡିଓ ଡେନିସ ବେହେରାଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଦସ୍ୟ, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଘରୁ ଘରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଇଥିଲା। ଘଣ୍ଟ , ଘଣ୍ଟା, ତାଳ, ମୃଦଙ୍ଗ ଓ ଶଙ୍ଖ ଧ୍ୱନି ସହ ହୁଳହୁଳି ଶବ୍ଦରେ ସବୁଠି ଜଗନ୍ନାଥ ମୟ ପରିବେଶ ସୃଷ୍ଟି ହୋଇଥିଲା।

DSPL-523

ମିଶନ ଶକ୍ତି | ODISHA MILLETS MISSION | TDCC | ଆମ ଓଡ଼ିଶା ନବୀନ ଓଡ଼ିଶା

## ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ଅବଧି ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା

ମାଣ୍ଡିଆ ସଂଗ୍ରହ ବର୍ଷ : ୨୦୨୩-୨୪





- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ ୦୧ ଜାନୁୟାରୀ ମାସରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଚାଲୁ ରହିବ।
- ସମସ୍ତ ମାଣ୍ଡିଆ ଚାଷୀ ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୧୫ ଜାନୁୟାରୀ ୨୦୨୪ ମଧ୍ୟରେ ପଞ୍ଜିକରଣ କରିବାକୁ ଅନୁରୋଧ।

### ପଞ୍ଜିକରଣ ପ୍ରକ୍ରିୟା :

- ପୂର୍ବରୁ ପଞ୍ଜିକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ ମାଣ୍ଡିଆ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ନିର୍ଦ୍ଧାରିତ ପଞ୍ଜିକରଣ ସମୟ ସୀମା ମଧ୍ୟରେ ଯୋଗାଯୋଗ କରି ପୂର୍ବରୁ ପଞ୍ଜିକୃତ ତଥ୍ୟରେ ଆବଶ୍ୟକୀୟ ସଂଶୋଧନ କରିପାରିବେ।
- ଚଳିତ ବର୍ଷ ଯେଉଁ ନୂତନ ଚାଷୀ ଏହି ପଞ୍ଜିକରଣ କରିବାକୁ ଆଗ୍ରହୀ ତେବେ ସେମାନେ ନିକଟସ୍ଥ ସଂଗ୍ରହକାରୀ ସଂସ୍ଥା କିମ୍ବା ନିକଟସ୍ଥ କୃଷି କାର୍ଯ୍ୟାଳୟରୁ ପଞ୍ଜିକରଣ ସମ୍ପର୍କିତ ସମସ୍ତ ତଥ୍ୟ ପାଇବା ସହ ପଞ୍ଜିକରଣ ମଧ୍ୟ କରିପାରିବେ।
- ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ।

### ପଞ୍ଜିକରଣ ଅବଧି :

- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ତଥା ଶେଷ ତାରିଖକୁ ଅପେକ୍ଷା ନ କରି ପ୍ରତ୍ୟେକ ମାଣ୍ଡିଆ ଚାଷୀ, ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ଆବଶ୍ୟକୀୟ ଫର୍ମ ଦାଖଲ କରିବାକୁ ଅନୁରୋଧ।
- ଖରିଫ ମାଣ୍ଡିଆ ବିକ୍ରୟ ସମ୍ପର୍କୀୟ ନିର୍ଦ୍ଦିଷ୍ଟ ତାରିଖ ଉକ୍ତ ଫର୍ମରେ ଉଲ୍ଲେଖ କରିବାକୁ ହେବ।
- ଚାଷୀମାନେ ବିଗତ ବର୍ଷ ଯେଉଁ ସଂଗ୍ରହକାରୀ ସଂସ୍ଥାରେ ପଞ୍ଜିକରଣ କରିଥିଲେ ସେହିଠାରେ ସମ୍ପର୍କ କରିବା ଆବଶ୍ୟକ।
- ଯେଉଁ ଜିଲ୍ଲା/ବ୍ଲକ ଗୁଡିକରେ ନୂତନ ଭାବରେ ମାଣ୍ଡିଆ ଚାଷ କରାଯାଇଛି, ଉକ୍ତ ଚାଷୀମାନେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ। ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ ଅଟେ।

### ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :

- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜିକରଣ କରାଇବା।
- ପଞ୍ଜିକରଣ ଫର୍ମରେ ଥିବା ସମସ୍ତ ତଥ୍ୟକୁ ଜାନୁୟାରୀ ମାସ ୧୫ତାରିଖ ମଧ୍ୟରେ loginରେ ଡିଜିଟାଇଜ କରିବା ସହ ପଞ୍ଜିକୃତ ଫର୍ମ ନିର୍ଭୁଲ ବୋଲି ସୁନିଶ୍ଚିତ କରିବା।
- ଅଣ ଚାଷୀ କିମ୍ବା ଭୁଲ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ।
- ପଞ୍ଜିକରଣ ଶୀଘ୍ର ହେବା ସହ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା କରିବେ।

### ଭାଗ ଚାଷୀ :

ଭାଗ ଚାଷୀମାନେ ମଧ୍ୟ ପଞ୍ଜିକରଣ ପ୍ରକ୍ରିୟାରେ ନିୟମ ମତେ ଅଂଶ ଗ୍ରହଣ କରିପାରିବେ।

### କ୍ଷୁଦ୍ର ଓ ନାମମାତ୍ର ଚାଷୀ :

ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ।

₹ ୩୮୪୬/- କୁଇଣ୍ଟାଲ ପ୍ରତି (୨୦୨୩-୨୪ ଖରିଫ ଋତୁ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ)

OIPR-01034/13/0002/2324

For more details visit- www.milletsodisha.com | Follow us on Odisha Millets Mission

ମତାମତ ଜ୍ଞାନ ଓ ଅଜ୍ଞାନ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରେ।
-ପ୍ଲାଟୋ



ସକାଳ
THE SAKALA

## ବିରୋଧୀମୁକ୍ତ ବାଂଲାଦେଶ ନିର୍ବାଚନ

# ଭାରତ ସତର୍କ ରହିବା ବିଧେୟ

ପଡ଼ୋଶୀ ବାଂଲାଦେଶର ସାଧାରଣ ନିର୍ବାଚନ ଓ ଏହାର ଫଳାଫଳ ଭାରତ ପାଇଁ ଯଥେଷ୍ଟ ଗୁରୁତ୍ୱ ରଖେ। ତାହାର କାରଣ ହେଲା ଭାରତର ଯେତେ ପଡ଼ୋଶୀ ରାଷ୍ଟ୍ର ଅଛନ୍ତି, ସେମାନଙ୍କ ମଧ୍ୟରୁ ବାଂଲାଦେଶ ସହିତ ହିଁ କେବଳ ଏବେ ସମ୍ପର୍କ ଭଲ। ଆଉ ସମସ୍ତେ ମତଲବୀ ଏବଂ ବିରୋଧୀ। ଦ୍ୱିତୀୟ କଥା ହେଲା, ହିନ୍ଦୁବହୁଳ ଭାରତ ପରେ ବାଂଲାଦେଶ ବିଶ୍ୱର ତୃତୀୟ ରାଷ୍ଟ୍ର, ଯେଉଁଠାରେ ସର୍ବାଧିକ ହିନ୍ଦୁ ବସବାସ କରନ୍ତି। ତା'ଛଡ଼ା ଉତ୍ତର-ପୂର୍ବାଞ୍ଚଳ ଓ ଭାରତର ମୁଖ୍ୟ ଭୂଖଣ୍ଡ ମଧ୍ୟରେ ରହିଥିବା ବାଂଲାଦେଶ ରଣକୌଶଳାତ୍ମକ ଦୃଷ୍ଟିକୋଣରୁ ସ୍ଥିର ଏବଂ ଭାରତର ମିତ୍ର ରାଷ୍ଟ୍ର ଭାବେ ରହିବା ଉଚିତ। ସେ ଦୃଷ୍ଟିରୁ ସେଠାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଆୱାମୀ ଲିଗ୍ ଦଳ କ୍ରମାଗତ ଭାବେ ପଞ୍ଚମଥର ବିଜୟୀ ହେବା ଭାରତ ପାଇଁ ନିଶ୍ଚିତ ଆଶ୍ୱସ୍ତିକର ଖବର। ଭାରତର ଦୃଢ଼ ସମର୍ଥକ ଓ ମିତ୍ର ରହି ଆସିଥିବା ପ୍ରଧାନମନ୍ତ୍ରୀ ଶେଖ ହସିନା ପଞ୍ଚମଥର ପାଇଁ କ୍ରମାଗତ ଭାବେ ପ୍ରଧାନମନ୍ତ୍ରୀ ହେବାକୁ ଯାଉଥିବାବେଳେ ବାଂଲାଦେଶର ସୃଷ୍ଟି ପାଇଁ ଭାରତର ଅବଦାନ ଓ ସେ ଦେଶର ବିକାଶରେ ନୂଆଦିଲ୍ଲୀର ସାହାଯ୍ୟ ସହଯୋଗକୁ ମୁକ୍ତ କଣ୍ଠରେ ପୁଣିଥରେ ସ୍ୱୀକାର କରିଛନ୍ତି।

ଏହାସତ୍ତ୍ୱେ ବାଂଲାଦେଶରେ ଯେଉଁ ସାଧାରଣ ନିର୍ବାଚନ ହେଲା ତାହାକୁ ନେଇ ବିଶ୍ୱବ୍ୟାପୀ ଗଣତନ୍ତ୍ରପ୍ରେମୀ ଓ ସଚେତନ ଜନତା ନାପସନ୍ଦ କରୁଛନ୍ତି। ନିର୍ବାଚନ କରାଇବା ଏବଂ ତାହାକୁ ସହଜରେ ଜିଣି କ୍ଷମତା ଅକ୍ତିୟାର କରିବା ବାସ୍ତବରେ ଗଣତନ୍ତ୍ର ପଦବାଚ୍ୟ ନୁହେଁ। ଏହାକୁ ଦ୍ୱିତୀୟ ଶ୍ରେଣୀ ବା କାମଚଳା ଗଣତନ୍ତ୍ର କହିଲେ ଭୁଲ୍ ହେବ ନାହିଁ। ବାଂଲାଦେଶର ପ୍ରମୁଖ ବିରୋଧୀଦଳ ବିଏନ୍‌ପି ସମେତ ଆଉ କେତେକ ପ୍ରଭାବଶାଳୀ ରାଜନୈତିକ ଦଳ ଏହି ନିର୍ବାଚନକୁ ବର୍ଜନ କରିଥିଲେ। ବର୍ଜନର କାରଣ ହସିନା ସରକାର ଓ ସେଠାକାର ଅଦାଲତଙ୍କ ପାଇଁ ଯୁକ୍ତିଯୁକ୍ତ ଓ ଗ୍ରହଣୀୟ ହୋଇ ନଥିଲେ ମଧ୍ୟ ଏକ ବିରୋଧୀବିହୀନ ନିର୍ବାଚନ ପ୍ରହସନ ମାତ୍ର। କିଛି ଛୋଟ ଛୋଟ ଦଳଙ୍କ ପାଇଁ କେତେକ ଆସନ ଛାଡ଼ି ଦିଆଯାଇଥିବାବେଳେ ପ୍ରାୟ ୧୦ ଶତାଂଶ ଆସନରେ ଶାସକ ଦଳ ପ୍ରାର୍ଥୀ ଦେଇ ନ ଥିଲା। ତେଣୁ ସେ ସବୁ ଆସନରୁ ସ୍ୱାଧୀନ ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି। ଆହୁରି ଗୁରୁତ୍ୱପୂର୍ଣ୍ଣ ହେଲା ନିଜକୁ ଏଯାବତ୍ ଧର୍ମନିରପେକ୍ଷ ବୋଲାଉଥିବା ଆୱାମୀ ଲିଗ୍ ଓ ଏହାର ନେତା ହସିନା ଏଥର ଦେଶର ମୌଳାବାଦୀ ଇସଲାମୀୟ ଦଳଙ୍କ ସହ ସାଲିସ୍ କରିଛନ୍ତି। ମୋଟ ୩୦୦ ସଂସଦୀୟ ଆସନରୁ ଆୱାମୀ ଲିଗ୍‌କୁ ୨୨୨ ଆସନ ମିଳିଥିବାବେଳେ ଦଳରୁ ଟିକଟ ନ ପାଇ ବିଦ୍ରୋହୀ ସ୍ୱାଧୀନ ଭାବେ ଲଢ଼ିଥିବା ଅନେକ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଆୱାମୀ ଲିଗ୍‌ର ଏହି ବିଜୟୀ ବିଦ୍ରୋହୀ ପ୍ରାର୍ଥୀମାନେ ସଂସଦରେ ଦ୍ୱିତୀୟ ସର୍ବବୃହତ୍ ଗୋଷ୍ଠୀ ହେବାର ମାନ୍ୟତା ମଧ୍ୟ ପାଇଛନ୍ତି।

ବାଂଲାଦେଶରେ ୨୦୧୮ ନିର୍ବାଚନରେ ଭୋଟ୍ ହାରଥିଲା ୮୦ ଶତାଂଶ। ଏଥର ତାହା ୪୦ ଶତାଂଶକୁ ଖସି ଆସିଥିବା ବେଳେ ନିର୍ବାଚନ ବେଳେ ହିଂସାକାଣ୍ଡ ଓ ରକ୍ତପାତ ବିଭିନ୍ନ ସ୍ଥାନରେ ଘଟିଥିଲା। ବିରୋଧୀମାନେ ଭାରତ ବିରୋଧୀ ସ୍ଲୋଗାନ ଦେବା ସହିତ ହସିନାଙ୍କୁ ନୂଆଦିଲ୍ଲୀର ଏଜେଣ୍ଟ ଭାବେ ଚିତ୍ରଣ କରିଥିଲେ। ନିର୍ବାଚନ ପୂର୍ବରୁ ଏଥର ପ୍ରଥମ କରି ହସିନା ସରକାର ପ୍ରମୁଖ ବିରୋଧୀଦଳଙ୍କ ବିରୋଧରେ ଅବିଚାରିତ ଭାବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବହୁ ତୁଙ୍ଗ ବିରୋଧୀ ନେତାଙ୍କୁ ଜେଲ୍ ପଠାଇଥିଲା। ଗଣତନ୍ତ୍ର ଯଦି ସମ୍ଭାବନାର କଳା ହୁଏ, ତା'ହେଲେ ଯେନତେନ ପ୍ରକାରେଣ ବିଜୟ ହାସଲ କରିବା ହେଉଛି ଏକମାତ୍ର ବାଟ। ସେ ଦୃଷ୍ଟିରୁ ସମଗ୍ର କାର୍ଯ୍ୟଟିକୁ ଅନୁଭବୀ ହସିନା ବେଶ୍ ଚତୁରତାର ସହ ସମ୍ପନ୍ନ କରି ସଫଳ ହୋଇଛନ୍ତି ବୋଲି କୁହାଯାଇପାରେ।

ବାଂଲାଦେଶ ଏବେ ତାହାର ଇତିହାସର ଏକ ସଂକଟଜନକ ସ୍ଥିତି ଦେଇ ଗତି କରୁଛି। ଦେଶର ଅର୍ଥନୈତିକ ଅଭିବୃଦ୍ଧି କମିଛି। ୨୦୨୨ରେ ବାଂଲାଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ଥିଲା ୭.୧ ଶତାଂଶ। ଏକ ନବ୍ୟ ବିକାଶଶୀଳ ଦେଶ ପାଇଁ ଏହା ନିଶ୍ଚିତ ଏକ ପ୍ରଶଂସନୀୟ ଅଭିବୃଦ୍ଧିହାର। ସେ ଅଭିବୃଦ୍ଧିହାର ଏବେ ନିମ୍ନଗାମୀ। ରାଜନୈତିକ ଅସ୍ଥିରତା ତାହାକୁ ଆହୁରି ବିଗାଡ଼ିପାରେ। ଏହାସହିତ ଦେଶର ବୈଦେଶିକ ବିନିମୟ ମୁଦ୍ରା ଭଣ୍ଡାର ୧୫ ବର୍ଷ ମଧ୍ୟରେ ସବୁଠୁ ନିମ୍ନସ୍ତରରେ ପହଞ୍ଚିଛି। ତେଣୁ ଆମଦାନୀ ବାଣିଜ୍ୟ ଉପରେ ଏହାର ବଡ଼ ପ୍ରତିକୂଳ ପ୍ରଭାବ ପଡ଼ିବ। କୃଷି ଓ ବାଣିଜ୍ୟ କ୍ଷେତ୍ରରେ ଏକପ୍ରକାର ମାନ୍ଦାବସ୍ଥା ଦେଖାଦେଇଛି ଏବଂ ବେକାରୀ ବଢ଼ିଛି। ଏଭଳି ପରିସ୍ଥିତିରେ ବିରୋଧୀମୁକ୍ତ ବାଂଲା ସଂସଦ ଦେଶରେ ଏବେ ଅର୍ଥନୈତିକ ଓ ରାଜନୈତିକ ସଂସ୍କାର ପ୍ରକ୍ରିୟା ଆରମ୍ଭ କରିବା ମାତ୍ରେ ତାହାର ବିରୋଧ ଓ ପ୍ରତିବାଦ ତତ୍କାଳ ରାଜରାସ୍ତାରେ ହେବ। ଏହି ପରିସ୍ଥିତିରୁ ଇସଲାମୀୟ ମୌଳବାଦୀ ଓ ଭାରତ ବିରୋଧୀ ତତ୍ତ୍ୱମାନେ ଫାଇଦା ନେବେ, ଯାହା ନିକଟ ଭବିଷ୍ୟତରେ ନୂଆଦିଲ୍ଲୀ ପାଇଁ ଚିନ୍ତାର କାରଣ ହୋଇପାରେ। ଭାରତରେ ହିନ୍ଦୁତ୍ୱର କାୟାବିସ୍ତାର ଓ ଏଥିପାଇଁ ସରକାରୀ ପ୍ରୋତ୍ସାହନ ପଡ଼ୋଶୀ ଇସଲାମୀୟ ରାଷ୍ଟ୍ରଙ୍କ ପାଇଁ ଗାତ୍ରଦାହର କାରଣ ପାଲଟିଛି। ତେଣୁ ଭାରତ ବିରୋଧରେ ବାଂଲାଦେଶରେ ଏକ ମୁକ୍ତ ପ୍ରତିବାଦ ଆରମ୍ଭ ହେବାର ଆଶଙ୍କା ଅଧିକ।

ତେବେ ପରିସ୍ଥିତିକୁ ସୁଧାରିବା ପାଇଁ ହସିନାଙ୍କୁ ଏହି ପାଳିରେ ପ୍ରଚଣ୍ଡ ପରିଶ୍ରମ ଓ ନେତୃତ୍ୱର ଦକ୍ଷତା ଦେଖାଇବାକୁ ପଡ଼ିବ। ନିଜର ଓ ଦେଶର ସ୍ୱାର୍ଥରକ୍ଷା ପାଇଁ ସେ ଉଭୟ ଭାରତ ଓ ଚୀନ୍ ମୁହାଁ ହୋଇପାରନ୍ତି। ଯଦି ସେ ଚୀନ୍ ଆଡ଼କୁ ଢଳିଲେ ତା'ହେଲେ ଭାରତ ପାଇଁ ଖରାପ ସଙ୍କେତ ସୃଷ୍ଟି ହେବ। ଏବେ ମାଳଦ୍ୱୀପ ଘଟଣାରୁ ଆମେ ଯାହା ଦେଖୁଛୁ ସେଥିରେ ଗୋଟିଏ ଅଳ୍ପବିକଶିତ ରାଷ୍ଟ୍ର ଭାରତ ସହିତ ସାମାଜିକ-ଅର୍ଥନୈତିକ ସମ୍ପର୍କ ରଖି ଚୀନ୍ ସହିତ ସାମରିକ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରକ୍ଷା କରିବା ବିପଜ୍ଜନକ। ଏହା ଏସିଆର ଦୁଇ ବୃହତ୍ ଶକ୍ତି ମଧ୍ୟରେ ଉତ୍ତମ ଭାରସାମ୍ୟ ରକ୍ଷା ପାଇଁ ସେ ଦେଶ ନିମନ୍ତେ ସହାୟକ ହୁଏ ନାହିଁ। ଏବେ ବାଂଲାଦେଶର ସଂକୁଚିତ ରାଜନୈତିକ ଓ ଗଣତାନ୍ତ୍ରିକ କ୍ଷେତ୍ର ତାହାର ଅର୍ଥନୀତି ଓ ମୁକ୍ତ ବାଣିଜ୍ୟକୁ ପ୍ରଭାବିତ କରିବ। ତେଣୁ ଆଉ କିଛିମାସ ପରେ ଭାରତୀୟ ଭୋଟରଙ୍କ ସାମ୍ନା କରିବାକୁ ଯାଉଥିବା କେନ୍ଦ୍ର ସରକାର ଏଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡ଼ିବ। ●

# ବାପାମାଆମାନଙ୍କୁ ଚିଠିଟିଏ



ଅକ୍ଷୟ କୁମାର ମିଶ୍ର
କଟକ, ମୋ: ୯ ୯୩୮ ୭ ୬୩୭୩୭

ପ୍ରିୟ ବାପାମାଆମାନେ,

ଶୁଭେଚ୍ଛା ନେବେ। 'ଲେଖିବି କି ଲେଖିବି ନି?' ଏଭଳି ଏକ ମାନସିକ ଦ୍ୱନ୍ଦ୍ୱ ଭିତରେ ବେଶ୍ କିଛିଦିନ ଗଲା ପରେ ସ୍ଥିର କଲି ଏମିତି ଏକ ଚିଠି ଆପଣମାନଙ୍କ ଉଦ୍ଦେଶ୍ୟରେ ଲେଖିବି ବୋଲି। ମୋର ଉଦ୍ଦେଶ୍ୟ ନୁହେଁ ଆପଣମାନଙ୍କୁ ପରାମର୍ଶ ଦେବା ଅଥବା ଆପଣମାନଙ୍କର ଦୋଷ ଦୁର୍ବଳତା ବାଛିବା। ମୁଁ ଯାହା ଦେଖୁଛି ଏବଂ ଅନୁଭବ କରୁଛି ସେହି ଅଭିଜ୍ଞତା ଭିତରୁ କିଛି କଥା ଆପଣମାନଙ୍କ ସହିତ କେବଳ ବିନିମୟ କରିବାକୁ ଚାହୁଁଛି।

ଶ୍ରେଣୀଗୃହରେ ଶିକ୍ଷକ ହେଲେ ବି ମୁଁ ଜଣେ ବାପା। ପୁଅଝିଅଙ୍କୁ ନେଇ ଆପଣମାନଙ୍କର ଯେମିତି ସ୍ୱପ୍ନ ଅଛି, ମୋର ମଧ୍ୟ ସେମିତି ଅଛି। କେହି ବାପାମାଆ ଚାହାନ୍ତି ନାହିଁ ତାଙ୍କ ପୁଅଝିଅମାନେ ବଡ଼ ମଣିଷ ନ ହୁଅନ୍ତୁ। ସମସ୍ତଙ୍କର ଇଚ୍ଛା ପିଲାମାନେ ଭଲ ପାଠ ପଢ଼ନ୍ତୁ। ଆଗକୁ ବଢ଼ନ୍ତୁ। ଦଶ ଜଣରେ ଜଣେ ହୁଅନ୍ତୁ। କିନ୍ତୁ ଆମ ଇଚ୍ଛାର ଘୋଡ଼ାଟା ଏତେ ଜୋରରେ ଧାବମାନ ଯେ ବାସ୍ତବତାଠାରୁ କେତେବେଳେ ଆମେ ବିଚ୍ଛିନ୍ନ ହୋଇଯାଉ ତାହା ନିଜେ ମଧ୍ୟ ଜାଣିପାରୁନା। ଅଜାଣତରେ ନିଜର ଇଚ୍ଛାକୁ ପିଲାମାନଙ୍କ ଉପରେ ଲଦି ଦେଉ। ସେମାନେ କ'ଣ ଚାହୁଁଛନ୍ତି ତାହା ଜାଣିବାକୁ ଚେଷ୍ଟା କରୁନା। ଶାରୀରିକ ତଥା ମାନସିକ ବୋଝ ଦେଇ ସେମାନଙ୍କୁ ଭାରାକ୍ରାନ୍ତ କରିପକାଉ। ବିଶେଷକରି ଯେଉଁ ବାପାମାଆମାନେ ଅପାଠୁଆ ସେମାନେ ପିଲାମାନଙ୍କ ପ୍ରତି ଯେତିକି ଯତ୍ନବାନ ହେବା କଥା ତାହା ହୁଅନ୍ତି ନାହିଁ। ଅବହେଳା କାରଣରୁ ବହୁ ପ୍ରତିଭାର ଉନ୍ମେଷ ହୋଇପାରେ ନାହିଁ।

ପ୍ରଥମେ ସେହି ବାପାମାଆମାନଙ୍କୁ କହିବାକୁ ଚାହେଁ ଯେଉଁମାନେ ନିଜ ପୁଅଝିଅଙ୍କ ସହିତ କିଛି ମୁହୂର୍ତ୍ତ ବିତାଇବାକୁ ସମୟ ପାଆନ୍ତି ନାହିଁ। ହଁ, ଏହା ସତ୍ୟ ଯେ ଆପଣମାନେ ଅର୍ଥନୈତିକ ଭାବେ ବହୁ ଦୁର୍ବଳ। ଏଣୁ ଗୁଜୁରାଣ ମେଣ୍ଟାଇବା ପାଇଁ ସକାଳୁ ସଞ୍ଜ ଯାଏଁ ବିଭିନ୍ନ କାର୍ଯ୍ୟ କରି ଅର୍ଥ ଉପାର୍ଜନ କରିବାକୁ ଆପଣମାନେ ବାଧ୍ୟ ହୁଅନ୍ତି। ଆପଣମାନଙ୍କର ଯୁକ୍ତି ହେଉଛି - 'ହାତରେ ଅର୍ଥ ନଥିଲେ ଖାଇବୁ କ'ଣ, ପିନ୍ଧିବୁ କ'ଣ, ପିଲାଙ୍କ ପାଠପଢ଼ାରେ ଯାହା ଖର୍ଚ୍ଚ ହେବ ତାହା ଆସିବ କେଉଁଠୁ ? ହାଡ଼ ଭଙ୍ଗା ପରିଶ୍ରମ କରି ଯାହା ପାଉ ସେଇଥିରେ ସଂସାର ଚଳେ। ତଥାପି ଅଭାବ ମେଣ୍ଟେ ନାହିଁ। ସମୟ କାହିଁ ପିଲାଙ୍କ ସହିତ ଦୁଃଖ ସୁଖ ହେବାକୁ? ଯେତେପର୍ଯ୍ୟନ୍ତ ପାରିବେ ପଢ଼ିବେ। ଅଳିଆରୁ ଗଜା ହୋଇପାରିଲେ ତ ଭଲ, ନହେଲେ ଘର କାମରେ ଲାଗିବେ। ବାପାମାଆଙ୍କୁ ସାହାଯ୍ୟ କରିବେ। ଜଙ୍ଗଲରୁ କାଠ ହାଣିବେ, ପତ୍ର ଗୋଟାଇବେ। ଅନ୍ୟ ଘରକୁ ମଜୁରୀ ଲାଗିବାକୁ ଯିବେ। ଆମ ଭାଗ୍ୟ ଏମିତି। ଗୋବର ଗୋଟେଇ ଝିଅ ରାଜା ଘରର ବୋହୂ ହେବା ପାଇଁ ସ୍ୱପ୍ନ ଦେଖିବା ଯାହା, ଆମ ପିଲା ହାକିମ ହେବ ବୋଲି ଭାବିବା ସେଇଆ। ଦ୍ୱିତୀୟ ଯୁକ୍ତିଟି ଆହୁରି କଠୋର। ପାଠ ପଢ଼ିଲେ ବଢ଼ିବେ ନା ଦୂରେଇ ଯିବେ? ଯେଉଁମାନେ ଉଚ୍ଚଶିକ୍ଷା ଲାଭ କରୁଛନ୍ତି ସେମାନେ ବାପାମାଆଙ୍କୁ ଭୁଲି ଯାଉଛନ୍ତି। ସହରରେ ରହିବାକୁ ପସନ୍ଦ କରୁଛନ୍ତି। ଗାଁକୁ ଫେରୁନାହାନ୍ତି। ମଲା ବେଳେ ମୁହଁରେ ଟୋପାଏ ପାଣି ଦେବାକୁ ମଧ୍ୟ ନଥିବେ। ଗାଁ ଇସ୍କୁଲରେ ଯାହା ପଢ଼ିଲେ ସେତିକି ଯଥେଷ୍ଟ। ଏସବୁ ଯୁକ୍ତିକୁ ଖଣ୍ଡନ କରିବାକୁ ମୋ ପାଖରେ ଶବ୍ଦ ନାହିଁ। ଆପଣମାନେ ଯାହା ଦେଖୁଛନ୍ତି ତାହା କହୁଛନ୍ତି। ଅଙ୍ଗେ ଲିଭା କଥା। ତେବେ ସବୁ ଉଚ୍ଚ ଶିକ୍ଷିତ ମଣିଷ ଯେ ସ୍ୱାର୍ଥପର କିମ୍ବା ସବୁ ସ୍ୱାର୍ଥପର ମଣିଷ ଯେ ଉଚ୍ଚଶିକ୍ଷିତ ଏହା ଭାବିବା ଠିକ୍ ନୁହେଁ। କିନ୍ତୁ ସବୁ ପିଲା ହେଉଛନ୍ତି ଅମୂଲ୍ୟ ସମ୍ପଦ। ଆମେ ଜାଣିଛନ୍ତି ଯତ୍ନ କଲେ ରତ୍ନ ମିଳେ, ଯେଉଁ ରତ୍ନ ପରିବାରଠାରୁ ଦେଶର ବିକାଶରେ ପ୍ରୟୋଜନ ହୋଇଥାଏ। ସବୁ କାମ ଧନ୍ଦା ଭିତରୁ କିଛିସମୟ ବାହାର କରିବାକୁ ପଡ଼ିବ। ଏବେ ତ ସମସ୍ତ ବିଦ୍ୟାଳୟରେ ନିୟମିତ ବ୍ୟବଧାନରେ ବାପାମାଆ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କୁ ନେଇ ବୈଠକ ବସୁଛି। ପିଲାମାନଙ୍କ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରାଯାଉଛି। କିନ୍ତୁ ଆପଣମାନେ ସେହି ବୈଠକରେ ଉପସ୍ଥିତ ହେଉନାହାନ୍ତି। ଆପଣମାନଙ୍କ ଉପସ୍ଥିତି ହିଁ ପିଲାମାନଙ୍କ ମନୋବଳକୁ ଦ୍ୱିଗୁଣିତ କରିବ। ସେମାନେ ଉତ୍ସାହିତ ହେବେ। ପ୍ରେରଣା ପାଇବେ। ନିଶ୍ଚୟ ଅନୁରୋଧ କରିବି, ବିଦ୍ୟାଳୟକୁ ଆସନ୍ତୁ। ନିଜ ପିଲାମାନଙ୍କ ସମ୍ପର୍କରେ ଶିକ୍ଷକଙ୍କଠାରୁ ଜାଣନ୍ତୁ।

ଏବେ ସେହି ବାପାମାଆମାନଙ୍କୁ ଅନୁରୋଧ କରିବାକୁ ଚାହେଁ ଯେଉଁମାନେ ଉଭୟ ଚାକିରି କରନ୍ତି। ସକାଳୁ ସଞ୍ଜ ଯାଏଁ ନିଜ ନିଜ ଅଫିସରେ କଟାନ୍ତି। ମୋର ମନେହୁଏ ଆପଣମାନେ ଯେତିକି ସମୟ ଘରେ ରୁହନ୍ତି ମୋବାଇଲରେ ବ୍ୟସ୍ତ ରୁହନ୍ତି। ଅର୍ଥର ଅଭାବ ନଥିବା ହେତୁ ପୁଅଝିଅଙ୍କ ଦେଖାଶୁଣା ଚାକର ଚାକରାଣୀ ଉପରେ ନ୍ୟସ୍ତ କରିଦିଅନ୍ତି। ପାଠପଢ଼ା ପାଇଁ ବିଷୟଭିତ୍ତିକ ଟ୍ୟୁସନ ମାଷ୍ଟର, ସଙ୍ଗୀତ ଶିକ୍ଷା ପାଇଁ ସଙ୍ଗୀତ ମାଷ୍ଟର, ନୃତ୍ୟ ଶିକ୍ଷା ପାଇଁ ନୃତ୍ୟଗୁରୁ, ଯୋଗ ପାଇଁ ଯୋଗଗୁରୁ ନିଯୁକ୍ତି ଦିଅନ୍ତି। ପ୍ଲେ ସ୍କୁଲରେ ପ୍ରାକ୍ ପ୍ରାଥମିକ ଶିକ୍ଷା, ନାମୀଦାମୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପ୍ରାଥମିକରୁ ମାଧ୍ୟମିକ ଶିକ୍ଷା, ଇନଷ୍ଟରନ୍ୟାସନାଲ୍ ମହାବିଦ୍ୟାଳୟ ଓ ଡିମ୍ଡ୍ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ପ୍ରଦାନର ବ୍ୟବସ୍ଥା କରିଦେଇ ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି। କିନ୍ତୁ କେବେ ଭାବନ୍ତି ନାହିଁ ସ୍ନେହ, ଶ୍ରଦ୍ଧା, ଆଦର, ମମତା ନପାଇବା ଦ୍ୱାରା ପିଲାମାନଙ୍କର କ'ଣ କ୍ଷତି ହୁଏ। ସବୁ ସୁବିଧା ସୁଯୋଗ ହାତ ପାଆନ୍ତାରେ ପାଇବା ଦ୍ୱାରା ଆପଣମାନଙ୍କର ପିଲାମାନେ ହୁଏତ ବଡ଼ ମଣିଷ ହେବେ, କିନ୍ତୁ ଭଲ ମଣିଷ ହେବାରେ କେତେ ସଫଳ ହେବେ ତା'ର କୌଣସି ଗ୍ୟାରେଣ୍ଟି ନାହିଁ। ବରଂ ଜଣେ ଜଣେ ଯନ୍ତ୍ରମାନବ ପରି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ସମ୍ବେଦନଶୀଳତା, ସହିଷ୍ଣୁତା, ସହଯୋଗିତା ଓ ସହଭାଗିତା ଭଳି ମୂଲ୍ୟବୋଧଭିତ୍ତିକ ମାନବୀୟ ଗୁଣଗୁଡ଼ିକର ଆବିର୍ଭାବ ହେବାର ଉପଯୁକ୍ତ ସମୟ ହେଉଛି ପିଲାଦିନ। ପୁଣି ଯେଉଁମାନଙ୍କର ଆବେଗ, ଆଚାର, ଆଚରଣ ଦ୍ୱାରା ହୋଇଥାଏ ସେମାନେ ଯଦି ଏଥିରୁ ନିବୃତ ରହନ୍ତି ତେବେ ପିଲାମାନଙ୍କର କୋମଳ ହୃଦୟଟି କଠିନ ହୋଇଯାଏ। ଏଣୁ ଦାୟିତ୍ୱ ପାଳନ ନାମରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇ ପିଲାମାନଙ୍କୁ ଆପଣମାନେ ଏମିତି ଅଣଦେଖା କରିବା ଉଚିତ୍ ହେବ ନାହିଁ। ଥରେ ଭାବିଲେ ଦେଖି ଅର୍ଜିତ ଅମାପ ଧନ ସମ୍ପତ୍ତି କାହା ପାଇଁ, ଯଦି ପିଲାମାନେ ମଣିଷ ପରି ମଣିଷ ହୋଇ ନପାରିଲେ? ଯେତିକି ସମୟ ମୋବାଇଲ ସହିତ ବିତାଉଛନ୍ତି, ଯେତିକି ସମୟ କ୍ଲବ ପାର୍ଟିରେ କଟାଉଛନ୍ତି ସେତିକି ସମୟ ନିଜ ପିଲା ପାଖରେ ରହିଲେ ଯେଉଁ ଶୂନ୍ୟତା ସେମାନେ ଅନୁଭବ କରୁଛନ୍ତି ତାହା ହେବନାହିଁ।

ବହୁ ପିତାମାତା ଅଛନ୍ତି ଯେଉଁମାନେ ନିଜ ପିଲାଙ୍କ ଭବିଷ୍ୟତ ପ୍ରତି ଅଧିକ ସଚେତନ। ଆବଶ୍ୟକତାଠାରୁ ମଧ୍ୟ ଅଧିକ। ସେମାନେ ପିଲାଙ୍କ ପ୍ରାକୃତିକ ବୃଦ୍ଧିକୁ ଅପେକ୍ଷା କରିପାରନ୍ତି ନାହିଁ। କଥା କହିବାକୁ ଆରମ୍ଭ କଲା ବେଳଠୁ ଚାଲେ ପାଠପଢ଼ା। ପିଲାଟିର ଦକ୍ଷତା କେତେ, ସେ କେତେ ଗ୍ରହଣ କରିପାରିବ, ସେ ଚାହୁଁଛି କ'ଣ ଏସବୁ ପ୍ରତି ଆଦୌ ଧ୍ୟାନ ଦିଅନ୍ତି ନାହିଁ। ତା' ଭିତରେ କେଉଁ ପ୍ରତିଭା ଅଛି ତା'କୁ ଅନ୍ୱେଷଣ ନକରି ସବୁଥିରେ ପାରଙ୍ଗମ କରିବାକୁ ଲାଗିପଡ଼ନ୍ତି। ପାଠପଢ଼ା ସହିତ ନାଚ, ଗୀତ, ଚିତ୍ରାଙ୍କନ ସବୁ ଶିଖୁ ଏବଂ ସବୁଥିରେ ସମସ୍ତଙ୍କଠାରୁ ଭଲ କରୁ, ଏହାହିଁ ସେମାନଙ୍କ ଇଚ୍ଛା। ଏଥିପାଇଁ ଯାହା ଯାହା ଦରକାର ଯୋଗାଇଦେବାକୁ ଲାଗିପଡ଼ନ୍ତି। ଏହି ଧରଣର ମାନସିକତା ଏକ ଗତାନୁଗତିକ ଜୀବନ ଭିତରକୁ ଟାଣିନିଏ ପିଲାମାନଙ୍କୁ। କେବଳ ଏତିକି ନୁହେଁ, ଅସୁସ୍ଥ ପ୍ରତିଯୋଗିତା ପିଲାମାନଙ୍କୁ ଅଣନିଃଶ୍ୱାସୀ କରିପକାଏ।

ଆଉ କିଛି ବାପାମାଆ ଅଛନ୍ତି ଯେଉଁମାନ ନିଜ ପୁଅଝିଅଙ୍କୁ ଉତ୍ସାହିତ କରିବା ପରିବର୍ତ୍ତେ ଏକ ନୈରାଶ୍ୟଜନକ ସ୍ଥିତିକୁ ଟାଣିନିଅନ୍ତି। ଏମାନେ ସଦାସର୍ବଦା ଅନ୍ୟ ପିଲାଙ୍କ ସହିତ ନିଜ ପିଲାଙ୍କୁ ତୁଳନା କରିବା ଆରମ୍ଭ କରିଦିଅନ୍ତି। ଅମୁକ ଘରର ପିଲା କିଛି ସୁଯୋଗ ନଥାଇ ବଢ଼ିଆ ପଢୁଛି, ତା' ବାପାମାଆ ଗଜ ମୂର୍ଖ, ହେଲେ ପିଲାଟି ଭାରି ବିଚକ୍ଷଣ। ଥରେ କହିଦେଲେ ଧରି ନେଉଛି, ତା' ଘରେ କେହି କହିବାକୁ ନାହିଁ, ଅଥଚ ପିଲାଟି ସଦାବେଳେ ପାଠରେ ଲାଗିରହିଛି ଇତ୍ୟାଦି ନକାରାତ୍ମକ କଥାମାନ କହି ନିଜ ପୁଅଝିଅଙ୍କୁ ଗାଳିମନ୍ଦ କରନ୍ତି। ଏହାଦ୍ୱାରା ପିଲାମାନେ ନିଜକୁ ଛୋଟ ମଣନ୍ତି। ନିରୁତ୍ସାହିତ ହୋଇପଡ଼ନ୍ତି। ଯେଉଁମାନଙ୍କ ଉଦାହରଣ ଦିଆଯାଏ ସେମାନଙ୍କ ପ୍ରତି ଈର୍ଷା ପରାୟଣ ହୁଅନ୍ତି। ବୁଝିବା ଆବଶ୍ୟକ, ଏହାଦ୍ୱାରା ନିଜ ପୁଅଝିଅଙ୍କର ଅପୂରଣୀୟ କ୍ଷତି ହୁଏ। ସେମାନଙ୍କର ମନୋବଳ ଭାଙ୍ଗିଯାଏ। ଫଳରେ ଅନେକ ସମୟରେ ସେହି ବାପାମାଆଙ୍କୁ ଅନେକ ଦୁର୍ଘଟଣାକୁ ସାମନା କରିବାକୁ ପଡ଼ିଥାଏ।

ପିଲାମାନଙ୍କ ପିଲାଦିନ ଅତ୍ୟନ୍ତ ସମ୍ବେଦନଶୀଳ ସମୟ। ସହଜରେ ସବୁ କଥା ଗ୍ରହଣ କରିପାରନ୍ତି ନାହିଁ କି ପ୍ରତିବାଦ କରିବାର ସାହସ ଦେଖାଇ ପାରନ୍ତି ନାହିଁ। ନିଜର ଆବଶ୍ୟକତାକୁ ମୁହଁ ଖୋଲି କାହା ଆଗରେ ଖୋଲି କହି ପାରନ୍ତି ନାହିଁ, କିନ୍ତୁ ଅଭାବ ରହିଲେ ଅଣଦେଖା କରାଯାଉଛି ବୋଲି ଧରିନିଅନ୍ତି। ଏଣୁ ବାପାମାଆମାନେ ବେଶ୍ ଯତ୍ନବାନ ହେବା ଜରୁରୀ। ସମୟ ଥିଲା ଶାସନ ଓ ଅନୁଶାସନ ଭିତରେ ପିଲାମାନେ ବଡ଼ ହେଉଥିଲେ। ଭୁଲ କଲେ ଶାରୀରିକ ଦଣ୍ଡ ଦିଆଯାଉଥିଲା। ସମୟ ବଦଳିଛି। ଭୟରୁ ଭକ୍ତି ନୁହେଁ ଭାବରୁ କେମିତି ଭକ୍ତି ଜାତ ହେବ ସେହିକଥା ବିଚାର କରାଯାଉଛି। ଭାବ ଆସେ ଭଲପାଇବା ଭିତରୁ। ଭଲପାଇବା ଦେଇଥିଲେ ଭକ୍ତି ଦେଖିବାକୁ ମିଳିଥାଏ। ତେବେ ଅନ୍ଧ ଭଲପାଇବା ପିଲାଙ୍କୁ ବିପଥଗାମୀ କରାଏ। ସଂସ୍କାର ଦେଇ ପାରେନା। ଶୃଙ୍ଖଳିତ ଜୀବନଶୈଳୀଠାରୁ ଦୂରେଇ ନିଏ।

ବାପାମାଆ ହେଉଛନ୍ତି ପ୍ରତ୍ୟେକ ପିଲାର ପ୍ରଥମ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ପରିବାର ହେଉଛି ପ୍ରଥମ ପାଠଶାଳା। ମାଆର କୋଳଠାରୁ ନିରାପଦ ସ୍ଥାନ ପୃଥିବୀରେ କେଉଁଠି ନାହିଁ କି ବାପାଠାରୁ ଅଧିକ ଭରସାଯୋଗ୍ୟ ବ୍ୟକ୍ତି କେହି ନାହାନ୍ତି। ଆପଣମାନଙ୍କ ସବୁଠୁ ବଡ଼ ଦାୟିତ୍ୱ ହେଲା ପିଲା ଭିତରେ ସତସାହସ ସଞ୍ଚାରିତ କରିବା। କୌଣସି କଥାକୁ ସେମାନେ ଯେପରି ଅନ୍ଧ ଭାବରେ ବିଶ୍ୱାସ କରିଯାଆନ୍ତି ନାହିଁ ସେ ଦିଗରେ ଉଦ୍ୟମ କରିବା। ପିଲା ଭିତରେ ଜିଜ୍ଞାସା ରହିଲେ ସେ କାରଣ ଖୋଜିବ। କାରଣ ଖୋଜିଲେ ସୃଜନଶୀଳତା ବୃଦ୍ଧି ପାଇବ। ଏଣୁ ବାପାମାଆମାନେ ପିଲାଙ୍କୁ ଭୀରୁ କରିଦିଅନ୍ତୁ ନାହିଁ କି ନିଜର ଇଚ୍ଛାକୁ ସେମାନଙ୍କ ଉପରେ ଲଦି ଦିଅନ୍ତୁ ନାହିଁ। ଆମର ମନେରଖିବା ଉଚିତ୍ ପ୍ରତ୍ୟେକ ପିଲା କୌଣସି ନା କୌଣସି ପ୍ରତିଭାର ଅଧିକାରୀ। ସେହି ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନଟ କରି ସେହି ଦିଗରେ ପ୍ରୋତ୍ସାହିତ କଲେ ସେ ଭବିଷ୍ୟତରେ ଏକ ପ୍ରଭାବଶାଳୀ ବ୍ୟକ୍ତିରେ ପରିଗଣିତ ହେବ।

**ଶୁଭେଚ୍ଛା ସହ ଇତି।** ●

# ମଣିଷର ଜ୍ଞାନ ଓ ବିଜ୍ଞାନ



ଡ.ସତ୍ୟ ନାରାୟଣ ମିଶ୍ର
ଭୁବନେଶ୍ୱର, ମୋ: ୯ ୯୩୭୩୪୫୯୦୦



ସଭ୍ୟ ସମାଜରେ ଉପଯୁକ୍ତ ଭାବରେ ବଞ୍ଚିବାକୁ ହେଲେ ମଣିଷକୁ ଜ୍ଞାନର ଆବଶ୍ୟକତା ହୋଇଥାଏ, ଯାହାଦ୍ୱାରା ମଣିଷ ନିଜକୁ ମାର୍ଜିତ କରି ଭୁଲ ଠିକର ନିର୍ଣ୍ଣୟ କରିବାରେ ଉପଯୁକ୍ତ ପଦ୍ଧତି ଶିକ୍ଷା କରିଥାଏ। ଜ୍ଞାନ ଏକ କ୍ରୟ ବସ୍ତୁ, ପଦାର୍ଥ ବା ଦ୍ରବ୍ୟ ନୁହେଁ, ଯାହା ସହଜରେ କ୍ରୟ କରାଯାଇଥାଏ। ଏହା ହେଉଛି ସଚେତନତା, ଶିକ୍ଷା ଓ ଅଭିଜ୍ଞତା ମାଧ୍ୟମରେ ପର୍ଯ୍ୟବେକ୍ଷଣ, ଆବିଷ୍କାର କିମ୍ବା ଶିଖିବା ଦ୍ୱାରା ପ୍ରାପ୍ତ କୌଶଳ। ଜ୍ଞାନ ଉଭୟ ତତ୍ତ୍ୱଗତ ଓ ବ୍ୟାବହାରିକ ବୁଝାମଣାକୁ ସୂଚିତ କରିଥାଏ। ଏହା ହେଉଛି ଶକ୍ତି, ଯାହା ବ୍ୟକ୍ତିର ଜୀବନକୁ ବଦଳାଇପାରେ ତଥା ଉପଯୁକ୍ତ ଭାବରେ ସମକକ୍ଷ ବ୍ୟକ୍ତିମାନଙ୍କ ସମ୍ମୁଖରେ ଦଣ୍ଡାୟମାନ ହେବା ପାଇଁ ସାହସ ଓ ଶିକ୍ଷା ଦେଇଥାଏ। ସକାରାତ୍ମକ ଭାବରେ ସମାଜ ଗଠନ କରିବାରେ ସାହାଯ୍ୟ କରିଥାଏ। ତେଣୁ ବ୍ୟକ୍ତି ପାଇଁ ଶିକ୍ଷା ଅତ୍ୟନ୍ତ ଜରୁରୀ, ଯେଉଁଥିରୁ ଜଣେ ଅନେକ କିଛି ଶିକ୍ଷା କରି ତାହାର ପ୍ରୟୋଗ ପରିବାରରେ, ସମାଜରେ କରିଥାଏ। କ'ଣ କରିବା ଉଚିତ୍ ଓ କ'ଣ ଅନୁଚିତ ସେ ବିଷୟରେ ନିର୍ଣ୍ଣୟ କରିବାର କ୍ଷମତା ବ୍ୟକ୍ତିକୁ ଶିକ୍ଷା ହିଁ ଦେଇଥାଏ।

ଜ୍ଞାନ ଜୀବନର ଏକ ଅତ୍ୟାବଶ୍ୟକ ଅଂଶ, ଯାହା ନୂତନ ଶିକ୍ଷା ଓ ଅନ୍ୟମାନଙ୍କୁ ବୁଝିବା ଭଳି ସୁଯୋଗ ପ୍ରଦାନ କରେ। ବ୍ୟକ୍ତିର ବୃତ୍ତିଗତ ଜୀବନରେ ଜ୍ଞାନ ଅନେକ ସାହାଯ୍ୟ କରିପାରେ। ଜ୍ଞାନ ହେଉଛି ଏଭଳି ଉପଯୁକ୍ତ ବ୍ୟବସ୍ଥିତ ନିର୍ଦ୍ଦେଶ, ଯାହା ପ୍ରୟୋଗାତ୍ମକ ଜୀବନଶୈଳୀରେ ନିଜକୁ ପ୍ରତିଷ୍ଠିତ କରିଥାଏ। ପଢ଼ିବା ଶୁଣିବା ଓ ଦେଖିବା ଆଦି ଜରିଆରେ ଜ୍ଞାନ ଉପଲବ୍ଧ ହୋଇଥାଏ। ଏହା ଏକ ଶକ୍ତିଶାଳୀ ଉତ୍ସ, ଯାହା ବ୍ୟକ୍ତି ଓ ସମାଜକୁ ମହତ୍ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥାଏ। ଜ୍ଞାନର ସମ୍ଭାବନା ବ୍ୟକ୍ତିକୁ ନିଜର ପରିଧି ମଧ୍ୟରୁ ବାହାରି କିଛି ଚିନ୍ତା କରିବାକୁ ଓ ସଂଯୋଗ ସ୍ଥାପନ କରିବାକୁ ଅନୁମତି ଦିଏ। ତେଣୁ ଜ୍ଞାନ ହେଉଛି ସମସ୍ତ ଉତ୍କର୍ଷର କେନ୍ଦ୍ର।

ଅପରପକ୍ଷରେ ବିଜ୍ଞାନ ହେଉଛି ଏକ ବ୍ୟବସ୍ଥିତ ପ୍ରକ୍ରିୟା, ଯେଉଁଥିରେ ବିଭିନ୍ନ ତତ୍ତ୍ୱ, ସୂତ୍ର, ନିୟମ ଓ ଚିନ୍ତାଧାରାର ବିଶ୍ଳେଷଣ କରାଯାଇଥାଏ ତଥା କୌଣସି ବିଷୟର ସତ୍ୟତା ଜାଣିବା ପାଇଁ ମୂଲ୍ୟାଙ୍କନ କରାଯାଇଥାଏ। ବିଶେଷ ଭାବରେ ଜ୍ଞାନକୁ ବିଜ୍ଞାନ ବୋଲି ଅଭିହିତ କରାଯାଏ, କାରଣ ବିଜ୍ଞାନରେ ନିହିତ ଥାଏ ଉଦ୍ଦେଶ୍ୟର ଗୁଣାତ୍ମକ ମାନ। ବିଜ୍ଞାନ ହେଉଛି ପଦ୍ଧତି ଭାବରେ ଜଣାଶୁଣା ନିୟମର ଏକ ଧାରାର ପାଳନ, ଯାହା ଯେକୌଣସି ପ୍ରଦତ୍ତ ଚିନ୍ତାଧାରାରୁ ପ୍ରକୃତ ତଥ୍ୟ ବାହାର କରିବାର ଏକ ପଦ୍ଧତିଗତ ପ୍ରକ୍ରିୟା। ଏହା ବ୍ୟବସ୍ଥିତ ପ୍ରକ୍ରିୟାର ଅଧ୍ୟୟନ ଓ ପ୍ରକୃତିରେ ଘଟୁଥିବା ଯେକୌଣସି କାର୍ଯ୍ୟକଳାପରୁ ନୂତନ ଜ୍ଞାନ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ବିଜ୍ଞାନ ହେଉଛି ଏକ ବିଷୟ ଯାହା ବ୍ୟକ୍ତିର ଚତୁଃପାର୍ଶ୍ୱରେ ଥିବା ଶାରୀରିକ ଓ ପ୍ରାକୃତିକ ସ୍ଥିତିକୁ ଅନୁଭବ କରିବାରେ ସାହାଯ୍ୟ କରେ। ପରୀକ୍ଷଣ ଓ ନିରୀକ୍ଷଣ କରି ସମାଜର ଚତୁଃପାର୍ଶ୍ୱରେ ଥିବା ବିଶ୍ୱ ଓ ଏହାର ଆଚରଣ ଉପରେ ଅଧ୍ୟୟନ ତଥା ଜ୍ଞାନ ଆହରଣ କରିବାର ଏହା ଏକ ପ୍ରଣାଳୀ। ମଣିଷର ଦୈନନ୍ଦିନ ଜୀବନରେ କୌଣସି ଏକ ଦିନ ନାହିଁ, ଯେଉଁଦିନ ବିଜ୍ଞାନକୁ ଛାଡ଼ି ମଣିଷ ବଞ୍ଚିଛି। ଖାଦ୍ୟରୁ ଆରମ୍ଭ କରି ଭୂମି ପର୍ଯ୍ୟନ୍ତ, ବିଜ୍ଞାନ ଆମର ଦୈନନ୍ଦିନ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବିଦ୍ୟୁତ୍, ପରିବହନ, ଚିକିତ୍ସା ସେବାଠାରୁ ଆରମ୍ଭ କରି ଇଣ୍ଟରନେଟ୍ ପର୍ଯ୍ୟନ୍ତ ଆମ ଜୀବନରେ ସବୁକିଛି ବିଜ୍ଞାନ ଉପରେ ନିର୍ଭରଶୀଳ। ବିଜ୍ଞାନ ଜଗତର ପ୍ରତ୍ୟେକ କ୍ଷେତ୍ରରେ ବିଦ୍ୟମାନ ଅଛି, ଯେଉଁଠି ବ୍ୟକ୍ତିକୁ କେବଳ ବିଶ୍ଳେଷଣ ଓ ଦକ୍ଷତାର ସହିତ ବ୍ୟବହାର କରିବାକୁ ହୋଇଥାଏ।

ଜ୍ଞାନ ଓ ଆବିଷ୍କାର ଦ୍ୱାରା ବିଜ୍ଞାନ ହିଁ ବ୍ୟକ୍ତିର ଚତୁର୍ଦ୍ଦିଗରେ ଥିବା ବିଶ୍ୱକୁ ଶିଖିବା ଓ ବୁଝିବାରେ ସାହାଯ୍ୟ କରେ। ବିଜ୍ଞାନ ପରୀକ୍ଷଣ, ପର୍ଯ୍ୟବେକ୍ଷଣ ଓ ଆବିଷ୍କାରର ଏକ ସୃଜନଶୀଳ ରାସ୍ତାକୁ ନେଇଯାଏ ତଥା ନୂତନ ପ୍ରଯୁକ୍ତିବିଦ୍ୟାର ସାମଗ୍ରୀ ଓ ସେବା ଉତ୍ପାଦନ ପାଇଁ ବୈଜ୍ଞାନିକ ଜ୍ଞାନର ପ୍ରୟୋଗ ଜୀବନକୁ ସହଜ କରିଥାଏ। ବିଜ୍ଞାନରେ ଅଧିକ ଅଗ୍ରଗତି ସହିତ ସମାଜର ନୂତନ ଜ୍ଞାନକୌଶଳ ଅଛି, ଯାହା ଏକ ଉପାଦେୟ ଜୀବନ ନିର୍ବାହ କରିବାରେ ସହାୟକ ହୋଇଥାଏ। ପ୍ରଗତି ଓ ବିକାଶ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିନା ବ୍ୟକ୍ତି ନିର୍ଜନରେ ବାସ କରୁଥିବା ଆଦିମ ଅଧିବାସୀ ସହ ସମାନ ହୋଇଥାଏ। ବର୍ତ୍ତମାନ ସମସ୍ତ ବିକାଶ ସହିତ ବ୍ୟକ୍ତି ନିକଟରେ କ୍ଷଣିକରେ ସମସ୍ତ ଆବଶ୍ୟକ ଦ୍ରବ୍ୟ ଉପଲବ୍ଧ ହେଉଛି ଓ ପୃଥିବୀକୁ ଅତି ସ୍ୱଳ୍ପ ସମୟରେ ପରିଭ୍ରମଣ କରି ଅନେକ ଜ୍ଞାନ ଆହରଣ କରିପାରୁଛି, ଯାହା ବିଜ୍ଞାନ ଦ୍ୱାରା ହିଁ ସମ୍ଭବ ହେଉଛି। ବିଜ୍ଞାନ ପୂର୍ବ ଧାରଣାକୁ ପରୀକ୍ଷଣ ଦ୍ୱାରା ପ୍ରଶ୍ନ କରିବାରେ ସାହାଯ୍ୟ କରିଥାଏ ତଥା ଜ୍ଞାନକୁ ବିସ୍ତାର କରିବାରେ ସହାୟକ ହୋଇଥାଏ। ବିଜ୍ଞାନ ବିନା ବ୍ୟକ୍ତି ବା ସମାଜ ଗମନାଗମନ, ସ୍ୱାସ୍ଥ୍ୟ, ଖାଦ୍ୟ, ଆବଶ୍ୟକ ଉପକରଣ ଆଦିକୁ ପ୍ରାପ୍ତ କରିବା ସମ୍ଭବ ହୋଇପାରନ୍ତା ନାହିଁ। ସେଥିପାଇଁ ମଣିଷ ଜ୍ଞାନ ନିକଟରେ କୃତଜ୍ଞ ଓ ବିଜ୍ଞାନ ନିକଟରେ ଋଣୀ। ଅତଏବ ବିଜ୍ଞାନ ସମସ୍ୟାର ସମାଧାନ କରିବାରେ ଓ ସକାରାତ୍ମକ ଅଗ୍ରଗତି କରିବାରେ ସାହାଯ୍ୟ କରେ, ଯେପର୍ଯ୍ୟନ୍ତ ବିଜ୍ଞାନର ଅପବ୍ୟବହାର ହୋଇନଥାଏ।

ସମ୍ପ୍ରତି ବିଜ୍ଞାନ ଯେତିକି ମଣିଷର ଚିନ୍ତାଧାରାକୁ ତଥା କୌଶଳକୁ ଅଗ୍ରଗତି କରିଛି, ତାହାଠାରୁ ଅଧିକ ମଧ୍ୟ ମଣିଷକୁ ନିମ୍ନଗାମୀ କରିଛି। ଏଥିରେ କିନ୍ତୁ ବିଜ୍ଞାନର ଦୋଷ ନଥାଏ। ମାତ୍ର ବିଜ୍ଞାନକୁ ଯେଉଁମାନେ ଅନୁପଯୁକ୍ତ ଭାବେ ପ୍ରୟୋଗ କରୁଛନ୍ତି ସେମାନଙ୍କ ଯୋଗୁଁ ବିଜ୍ଞାନ ବର୍ତ୍ତମାନ ମାନବ ସଭ୍ୟତାକୁ ଏକ ଧ୍ୱଂସ ମୁଖକୁ ନେଇ ଚାଲିଛି। ଆତ୍ମ ରକ୍ଷା ପାଇଁ ବନ୍ଧୁକ ବା ପରମାଣୁ ବୋମା ବା ରାସାୟନିକ ପଦାର୍ଥର ସୃଷ୍ଟି ହୋଇଥିଲା। ମାତ୍ର ତାହା ବର୍ତ୍ତମାନ ପୃଥିବୀର ଭୌଗୋଳିକ ସୃଷ୍ଟିକୁ ନଷ୍ଟଭ୍ରଷ୍ଟ କରି ମଣିଷର ଜୀବନକୁ ଅସ୍ତବ୍ୟସ୍ତ କରିସାରିଲାଣି। କୃଷି, ନିର୍ମାଣ ଓ ଶିଳ୍ପାୟନରେ ସାର ଓ କୀଟନାଶକ ଔଷଧ ଆଦି ଆଧୁନିକ ବୈଜ୍ଞାନିକ ଉଦ୍ଭାବନ ବହୁ ପ୍ରଦୂଷଣ ଓ ବିଶ୍ୱ ତାପମାତ୍ରା ସୃଷ୍ଟି କରୁଛି। ପ୍ରଯୁକ୍ତି ବିଦ୍ୟା ଓ ଜ୍ଞାନକୌଶଳ ଉପରେ ନିର୍ଭରଶୀଳତା ସମାଜକୁ ଅଳସୁଆ କରୁଛି। ବୈଜ୍ଞାନିକ ଉଦ୍ଭାବନରେ ଅସ୍ତ୍ରଶସ୍ତ୍ର ଓ ରାସାୟନିକ ପଦାର୍ଥ ନିଜର ଚତୁଃପାର୍ଶ୍ୱରେ ଥିବା ପରିବେଶକୁ ବିପଜ୍ଜନକ ସ୍ଥିତିକୁ ନେଇ ଯାଉଛି, ଯାହା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ସୃଷ୍ଟି କରୁଛି। ଏହା ଆମର ସୃଜନଶୀଳତା ଓ ଉତ୍ପାଦକତାକୁ ମଧ୍ୟ ପ୍ରଭାବିତ କରୁଛି। ଯନ୍ତ୍ରର ବହୁଳ ବ୍ୟବହାର ଯୋଗୁଁ ବେରୋଜଗାର ହାର ବୃଦ୍ଧି ପାଇଛି ଓ ନିଜର ମାନକୁ ବ୍ୟକ୍ତି ନିଜେ ଧ୍ୱଂସ କରୁଛି। ଅତଏବ ଏଥିରେ ଦୋଷ ବିଜ୍ଞାନର ନଥାଏ ବା ବୈଜ୍ଞାନିକ ପଦ୍ଧତିର ନଥାଏ, ମାତ୍ର ଥାଏ ଏହାର ଅପପ୍ରୟୋଗକାରୀ ବ୍ୟକ୍ତିମାନଙ୍କ ପାଇଁ। ଆଜିର ପରିବର୍ତ୍ତିତ ଦୁନିଆରେ ଜ୍ଞାନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଗ୍ରହଣ କରିଥିବା ମଣିଷ ଏହାର ପରବର୍ତ୍ତୀ ସମୟକୁ ଉପଯୁକ୍ତ ନିର୍ଦ୍ଧାରଣ କରିବାର ଦାୟିତ୍ୱ ମଧ୍ୟ ବହନ କରିବା ଉଚିତ। ●

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ‘ଏଆଇ’ରେ ପ୍ରବୀଣ; କିନ୍ତୁ ହୃଦୟହୀନ

# ପୁଅକୁ ହତ୍ୟାକଲା ସିଇଓ ମାଆ

**ପାଣାଜୀ, ୯।୧ (ଏଜେନ୍ସି)**

ଗୋଆରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ପୁଅ ପ୍ରତି ଥିବା ମାଆର ମମତା ମରି ଯାଇଛି। ପିଶାଚୀ ସାଜି ଦଶ ମାସ ଗର୍ଭଧାରଣ କରିଥିବା ମା’ ପୁଅର ତଣ୍ଟିଚିପି ହତ୍ୟା କରିଛି। କୌଣସି ଅଶିକ୍ଷିତ କିମ୍ବା ପାଗେଳୀ ନୁହେଁ, ବରଂ ଜଣେ ଉଚ୍ଚଶିକ୍ଷିତ ମା’ ଏପରି ଜଘନ୍ୟ କାଣ୍ଡ ଘଟାଇଛନ୍ତି। ବେଙ୍ଗାଲୁରୁର ଏକ ଷ୍ଟାର୍ଟଅପ୍ କମ୍ପାନୀ ମାଇଣ୍ଡଫୁଲ୍ ଏଆଇ ଲ୍ୟାବ୍‌ର ପ୍ରତିଷ୍ଠାତା ତଥା ସିଇଓ ସୁଚନା ସେଠ୍ (୩୯) ଗୋଆର ଏକ ଗେଷ୍ଟହାଉସ୍‌ରେ ନିଜର ୪ ବର୍ଷୀୟ ପୁଅକୁ ହତ୍ୟା କରିଛନ୍ତି। ପରେ ମୃତଦେହକୁ ବ୍ୟାଗ୍‌ରେ ଭର୍ତ୍ତି କରି ଟ୍ୟାକ୍ସିରେ ବେଙ୍ଗାଲୁରୁ ଆସିଛନ୍ତି। ମହିଳା ରହୁଥିବା ଗେଷ୍ଟହାଉସ୍ ରୁମ୍ ସଫା କରିବାକୁ ଯାଇଥିବାବେଳେ ରକ୍ତଛିଟା ଦେଖି ଜଣେ କର୍ମଚାରୀ ଚମକି ପଡ଼ିଥିଲେ। ସେ ଏ ବିଷୟରେ ଗେଷ୍ଟହାଉସ୍ ପରିଚାଳକଙ୍କୁ କହିଥିଲେ। ଏହାର ସୂଚନା ପାଇ କଲାଙ୍ଗୁଟେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଗତ ୬ ତାରିଖରେ ମହିଳା ପୁଅକୁ ସାଙ୍ଗରେ ଧରି କାଣ୍ଡୋଲିମ୍‌ର ଏକ ଆପାର୍ଟମେଣ୍ଟ (ଗେଷ୍ଟହାଉସ୍)କୁ ଆସିଥିଲେ। ମାତ୍ର ସୋମବାର ଗେଷ୍ଟହାଉସ୍ ଛାଡ଼ିବା ବେଳେ ପୁଅ ସାଙ୍ଗରେ ନ ଥିବା ସିସିଟିଭି ଫୁଟେଜରୁ ଜଣା ପଡ଼ିଥିଲା।



- ମୃତଦେହ ଧରି ଟ୍ୟାକ୍ସିରେ ବେଙ୍ଗାଲୁରୁ ଯାତ୍ରା
- ରକ୍ତଛିଟାରୁ ଖୋଲିଲା ସୁଚନା ସେଠ୍‌ଙ୍କ ଗୁମର

ପୁଅକୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହେବା ପରେ ଏହାର ସୂଚନା ବେଙ୍ଗାଲୁରୁ ପୁଲିସକୁ ଦିଆଯାଇଥିଲା। ପୁଲିସ ଚିତ୍ରଦୁର୍ଗରୁ ଏହି ମହିଳାଙ୍କୁ ଗିରଫ କରିଥିଲା। ଟ୍ୟାକ୍ସିରୁ ପୁଅର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ପଶ୍ଚିମବଙ୍ଗ ମହିଳା ସୁଚନାଙ୍କୁ ପୁଲିସ ୬ ଦିନ ପାଇଁ ହେପାଜତକୁ ନେଇଛି। ଏ ପର୍ଯ୍ୟନ୍ତ ହତ୍ୟାର ପ୍ରକୃତ କାରଣ ଜଣା ପଡ଼ି ନାହିଁ। ମାତ୍ର ପୁଅର ହେପାଜତକୁ ନେଇ ପୂର୍ବ ସ୍ୱାମୀଙ୍କ ସହ ତାଙ୍କର ବିବାଦ ଲାଗି ରହିଥିଲା ବୋଲି ସୂଚନା ମିଳିଛି। ଗେଷ୍ଟହାଉସ୍ କର୍ମଚାରୀ ଏବଂ ଟ୍ୟାକ୍ସି ଡ୍ରାଇଭରଙ୍କ ବୁଦ୍ଧିମତା ଯୋଗୁଁ ଅପରାଧୀକୁ ଧରିବାରେ ସଫଳତା ମିଳିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ ମହିଳାଙ୍କ ସ୍ୱାମୀ କେରଳର ବାସିନ୍ଦା। ଏବେ ସେ ଇଣ୍ଡୋନେସିଆରେ ଅଛନ୍ତି। ଗୋଆ ପୁଲିସ ତାଙ୍କୁ ପଚରାଉଚୁରା ପାଇଁ ଭାରତ ଆସିବାକୁ କହିଛି। ପୁଲିସ ସୂଚନା ଅନୁଯାୟୀ ସୋମବାର ଗେଷ୍ଟହାଉସ୍ ଛାଡ଼ିବା ପୂର୍ବରୁ ସୁଚନା ଏକାକୀ ବାହାରକୁ ଆସିଥିଲେ ଏବଂ ବେଙ୍ଗାଲୁରୁ ଯିବା ପାଇଁ ଏକ ଟ୍ୟାକ୍ସି ଯୋଗାଡ଼ କରିଦେବାକୁ କର୍ମଚାରୀଙ୍କୁ କହିଥିଲେ। ଗୋଆରୁ ବେଙ୍ଗାଲୁରୁକୁ ବିମାନରେ ଗଲେ ମାତ୍ର ୯୦ ମିନିଟ ଏବଂ ଗାଡ଼ିରେ ଗଲେ ୧୨ ଘଣ୍ଟା ଲାଗିଥାଏ। ତେଣୁ କର୍ମଚାରୀ ତାଙ୍କୁ ବିମାନରୁ ଯିବାକୁ ପରାମର୍ଶ ଦେଇଥିଲେ। ମାତ୍ର ସୁଚନା ରାଜି ନ ହେବାରୁ ଏକ ଟ୍ୟାକ୍ସି ଡକା ଯାଇଥିଲା। ପରେ ସେ ଟ୍ୟାକ୍ସିରେ ବେଙ୍ଗାଲୁରୁ ବାହାରି ଥିଲେ। ପୁଅର ହତ୍ୟା ବିଷୟରେ ସ୍ପଷ୍ଟ ହେବା ପରେ ଗୋଆ ପୁଲିସ ଟ୍ୟାକ୍ସି ଡ୍ରାଇଭରଙ୍କୁ ଫୋନ୍ କରି ମହିଳାଙ୍କୁ ଦେବାକୁ କହିଥିଲା। ରକ୍ତ ଛିଟା ଏବଂ ପୁଅ ବିଷୟରେ ପୁଲିସ ତାଙ୍କୁ ପଚାରି ଥିଲା। ରକ୍ତଛିଟା ମାସିକ ଧର୍ମ ସମୟର ଏବଂ ପୁଅକୁ ଗୋଆର ଫତୋର୍ଡାର ଜଣେ ସମ୍ପର୍କୀୟଙ୍କ ଘରେ ଛାଡ଼ି ଆସିଥିବା କହିଥିଲେ। ଯାଞ୍ଚରୁ ମହିଳା ମିଥ୍ୟା ତଥ୍ୟ ଦେଇଥିବା ଜଣାପଡ଼ିଥିଲା। ସନ୍ଦେହ ଗଭୀର ହେବାରୁ ମହିଳାଙ୍କ ଅଗୋଚରରେ ପୁଲିସ ଡ୍ରାଇଭରଙ୍କ ସହ କୋଙ୍କଣୀ ଭାଷାରେ କଥା ହୋଇ ଗାଡ଼ିକୁ ସ୍ଥାନୀୟ ଥାନା ନିକଟକୁ ନେବା ପାଇଁ କହିଥିଲା। ପରେ ଡ୍ରାଇଭର ଚିତ୍ରଦୁର୍ଗ ଥାନାକୁ ଟ୍ୟାକ୍ସି ନେଇଥିଲା। ଟ୍ୟାକ୍ସିରେ ଥିବା ଏକ ବଡ଼ ବ୍ୟାଗ୍‌ରୁ ପୁଅର ମୃତଦେହ ମିଳିଥିଲା। ପୁଲିସ ମୁତାବକ, ସୁଚନା ୨୦୧୦ରେ ଭେଙ୍କଟ ରମଣଙ୍କୁ ବିବାହ କରିଥିଲେ। ସେ ଜଣେ ଏଆଇ ଡେଭଲପର ଥିଲେ। ୨୦୧୯ରେ ଉଭୟଙ୍କର ପୁଅ ଜନ୍ମ ହୋଇଥିଲା। ତେବେ ୨୦୨୦ରୁ ଦମ୍ପତିଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଛାଡ଼ପତ୍ର ମଧ୍ୟ ହୋଇ ସାରିଥିଲା। ପୁଅ ସହ ପ୍ରତି ରବିବାର ଭେଟିବା ପାଇଁ କୋର୍ଟ ଭେଙ୍କଟ ରମଣଙ୍କୁ ଅନୁମତି ଦେଇଥିଲେ। ମାତ୍ର ସୁଚନା ଏହା ଚାହୁଁ ନ ଥିଲେ। ଏଥିପାଇଁ ସେ ପୁଅକୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ। ପୁଅକୁ ହତ୍ୟାକରିବା ପରେ ସୁଚନା ନିଜ ବାମ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ରକ୍ତଛିଟା ଗେଷ୍ଟହାଉସ୍‌ରେ ପଡ଼ିଥିବା ଗେଷ୍ଟହାଉସ୍ କର୍ମଚାରୀ ଦେଖିଥିଲେ।

ସୁଚନାଙ୍କ ଲିଙ୍କଇଡ୍ ଇନ୍ ପ୍ରୋଫାଇଲ ଅନୁଯାୟୀ, ସେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏଥିକ୍ସ ଏକ୍ସପର୍ଟ ଏବଂ ଡାଟା ସାଇଣ୍ଟିଷ୍ଟ। ସେ ୧୨ ବର୍ଷ ହେଲା ଏହି କ୍ଷେତ୍ରରେ କାମ କରୁଥିଲେ। ସେ ୨୦୨୧ରେ ଏଆଇ ଏଥିକ୍ସ ତାଲିକାର ଶହେ ଜଣ ପ୍ରତିଭାଶାଳୀ ମହିଳାଙ୍କ ମଧ୍ୟରେ ସାମିଲ ଥିଲେ। ଏହା ବ୍ୟତୀତ ସେ ଡାଟା ଆଣ୍ଡ ସୋସାଇଟିରେ ମୋଜିଲା ଫେଲୋ, ହାର୍ଭାର୍ଡ ୟୁନିଭର୍ସିଟିର ‘ବର୍କମାନ କ୍ଲେନ ସେଣ୍ଟର’ରୁ ଫେଲୋ ଏବଂ ରମଣ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ରୁ ରିସର୍ଚ୍ଚ ଫେଲୋ ରହିସାରିଥିଲେ। ସେ କଲକତା ୟୁନିଭର୍ସିଟିରୁ ପ୍ଲାଜ୍‌ମା ଫିଜିକ୍ସ ଏବଂ ଆଷ୍ଟ୍ରୋଫିଜିକ୍ସରେ ବିଶେଷଜ୍ଞତା ସହିତ ପଦାର୍ଥ ବିଜ୍ଞାନ (ଫିଜିକ୍ସ)ରେ ମାଷ୍ଟର୍ସ ଡିଗ୍ରୀ ମଧ୍ୟ ହାସଲ କରିଥିଲେ। ସୁଚନାଙ୍କ କମ୍ପାନୀ ‘ଦ ମାଇଣ୍ଡଫୁଲ ଏଆଇ ଲ୍ୟାବ୍’ର ୱେବସାଇଟ ଅନୁଯାୟୀ, ଏହି କମ୍ପାନୀ ପାଖରେ ଏଆଇ ଏଥିକ୍ସ, ମେସିନ ଲର୍ଣ୍ଣିଂ ସିଷ୍ଟମର ବିକାଶ ଏବଂ ସ୍କେଲିଂର ବିଶେଷଜ୍ଞ। ଏହି କମ୍ପାନୀ ଡାଟା ସାଇନ୍ସ ପ୍ରୋଜେକ୍ଟ ଲାଇଫ ସାଇକିଲ ଏବଂ ରିୟଲ ୱାର୍ଲ୍ଡରେ ଏଆଇ ସିଷ୍ଟମର ମୁତୟନରେ ସୃଷ୍ଟି ହେଉଥିବା ଆହ୍ୱାନକୁ ବୁଝିଥାଏ।

## ଗାୟକ ରସିଦ ଖାନ୍‌ଙ୍କ ପରଲୋକ



**ନୂଆଦିଲ୍ଲୀ, ୯।୧(ଏଜେନ୍ସି):** ପ୍ରସିଦ୍ଧ ଗାୟକ ଓସ୍ତାଦ ରସିଦ ଖାନଙ୍କର ମଙ୍ଗଳବାର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୫ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ହେଲା ପ୍ରୋଷ୍ଟେଟ କ୍ୟାନ୍ସରରେ ପୀଡ଼ିତ ଥାଇ କୋଲକାତାରେ ଚିକିତ୍ସିତ ହେଉଥିଲେ। ନିକଟରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ି ଯାଇଥିବାରୁ ତାଙ୍କୁ ‘ଅକ୍ସିଜେନ ସପୋର୍ଟ’ରେ ରଖାଯାଇଥିଲା। ତେବେ ମଙ୍ଗଳବାର ଅପରାହ୍ନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ଜଣାପଡ଼ିଛି। ରସିଦ ଖାନଙ୍କ ପରଲୋକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୋକପ୍ରକଟ କରିଛନ୍ତି। ରସିଦଙ୍କ ବିୟୋଗ ଦେଶ ତଥା ସଙ୍ଗୀତଜଗତ ପାଇଁ ଅପୁରଣୀୟ କ୍ଷତି ବୋଲି ମମତା କହିଛନ୍ତି।

**● ଅସୁରକ୍ଷିତ ବୋଇଂ ୭୩୭ ମାକ୍ସ**

## ଭାରତୀୟ ବିମାନରୁ ୱାଶର ଗାଏବ୍

**ନୂଆଦିଲ୍ଲୀ, ୯।୧ (ଏଜେନ୍ସି):** ଆମେରିକାରେ ମଝି ଆକାଶରେ ବୋଇଂ ୭୩୭ ମାକ୍ସ ୯ ବିମାନର ଜରୁରୀକାଳୀନ ଦ୍ୱାର ଉଡ଼ିଯିବା ଘଟଣାକୁ ନେଇ ସାରା ବିଶ୍ୱରେ ସତର୍କତା ପ୍ରକାଶ ପାଇଛି। କିଛି ଦେଶ ଏହି ବିମାନର ଉଡ଼ାଣରେ କଟକଣା ଲଗାଇ ଦେଇଛନ୍ତି। ଏବେ ଭାରତରେ ବୋଇଂ ୭୩୭ ମାକ୍ସ ବିମାନରୁ ତ୍ରୁଟି ସାମ୍ନାକୁ ଆସିଛି। ଦେଶରେ ଥିବା ୪୦ରୁ ଗୋଟିଏ ବିମାନର ୱାଶର ଗାଏବ ହୋଇଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ବୋଇଂର ମାର୍ଗଦର୍ଶିକା ଅନୁଯାୟୀ ଏଥିପାଇଁ ଜରୁରୀ ପଦକ୍ଷେପ ନିଆଯାଇଛି। ଡିଜିସିଏ ଅନୁଯାୟୀ, ଏୟାର ଇଣ୍ଡିଆ ଏକ୍ସପ୍ରେସ, ସ୍ପାଇସ୍‌ଜେଟ୍ ଏବଂ ଆକାଶା ଏୟାର ପାଖରେ ବୋଇଂ ୭୩୭ ମାକ୍ସ ବିମାନ ରହିଛି। ଏହା ପୂର୍ବରୁ ସୋମବାର ଆମେରିକାର ୟୁନାଇଟେଡ ଏୟାରଲାଇନ୍ସର ୧୦ଟି ବୋଇଂ ୭୩୭ ବିମାନର ବୋଲ୍ଟ ଢ଼ିଲା ଥିବା ଜଣାପଡିଛି। ଏହା ଦ୍ୱାରା ପୁଣି ବିମାନ ଖୋଲିଯିବାର ଭୟ ଥିଲା।

## ଗାବ୍ରିଏଲ୍ ଫ୍ରାନ୍ସର ପ୍ରଥମ ସମଲିଙ୍ଗୀ ପ୍ରଧାନମନ୍ତ୍ରୀ



**ପ୍ୟାରିସ୍, ୯।୧(ଏଜେନ୍ସି):** ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ମଙ୍ଗଳବାର ମନ୍ତ୍ରୀ ଗାବ୍ରିଏଲ୍ ଅଟଲଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଚୟନ କରିଛନ୍ତି । ୩୪ ବର୍ଷୀୟ ସମଲିଙ୍ଗୀ ଗାବ୍ରିଏଲ ଫ୍ରାନ୍ସର ସର୍ବ କନିଷ୍ଠ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସୋମବାର ଏଲିଜାବେଥ ବୋର୍ନ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଗାବ୍ରିଏଲଙ୍କୁ ତାଙ୍କ ସ୍ଥାନରେ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ ଗାବ୍ରିଏଲ ଶିକ୍ଷା ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ଏହାବ୍ୟତୀତ କରୋନାକାଳରେ ସେ ମୁଖ୍ୟ ପ୍ରବକ୍ତା ଭାବେ ମଧ୍ୟ ଫ୍ରାନ୍ସ ପାଇଁ କାର୍ଯ୍ୟ କରିଥିଲେ। ରାଷ୍ଟ୍ରପତି ମାକ୍ରୋନ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗାବ୍ରିଏଲଙ୍କୁ ଏହି ଗୁରୁ ଦାୟିତ୍ୱ ଦେଇଥିବା କୁହାଯାଉଛି।

**୪୭-୫୧ ପୃଷ୍ଠାର ଆରୋପପତ୍ର ଦାଖଲ କଲା ଇଡି**

## ଲାଲୁଙ୍କ ପତ୍ନୀ, ଝିଅ ସମେତ ୭ ଅଭିଯୁକ୍ତ

**ନୂଆଦିଲ୍ଲୀ, ୯।୧ (ଏଜେନ୍ସି):** ଜମି ନେଇ ଚାକିରି ଦେବା ମାମଲାରେ ଲାଲୁ ପରିବାରର ସମସ୍ୟା ବଢ଼ିବାକୁ ଯାଉଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ଏହି ମାମଲାରେ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟରେ ୪, ୭୫୧ ପୃଷ୍ଠାର ନୂଆ ଆରୋପପତ୍ର ଦାଖଲ କରିଛି। ଏଥିରେ ଆରଜେଡି ମୁଖ୍ୟ ଲାଲୁ ଯାଦବଙ୍କ ପତ୍ନୀ ରାବ୍ରୀ ଦେବୀଙ୍କ ସହିତ ଝିଅ ହେମା ଯାଦବଙ୍କୁ ଅଭିଯୁକ୍ତ ବନାଯାଇଛି। ଏହି ମନି ଲଣ୍ଡରିଂ ମାମଲାର ଅନ୍ୟ ଅଭିଯୁକ୍ତଙ୍କ ମଧ୍ୟରେ ମୀସା ଭାରତୀ, ଅମିତ କାତ୍ୟାଲ, ହୃଦୟାନନ୍ଦ ଚୌଧୁରୀ ଏବଂ ୨ କମ୍ପାନୀ ଏବି ଏକ୍ସପୋର୍ଟ ଓ ଏକେ ଇନ୍‌ଫୋସିଷ୍ଟମ୍ସ ସାମିଲ ରହିଛି। ଗତ ବର୍ଷ ଇଡି ଏହି ମାମଲାରେ ଏକେ ଇନଫୋସିଷ୍ଟମ୍ସର ପ୍ରମୋଟର ଅମିତ କାତ୍ୟାଲଙ୍କୁ ଗିରଫ କରିଥିଲା। ସେ ଲାଲୁ ପରିବାରର ଘନିଷ୍ଠ ଥିଲେ। କୋର୍ଟ ଇଡିକୁ ମାମଲାର ଇ-କପି ଦାଖଲ କରିବାକୁ କହିଛନ୍ତି। ୧୬ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଲାଲୁ ପରିବାରର ସଦସ୍ୟ ଏହି ଅପରାଧର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ଇଡି ଓକିଲ କହିଛନ୍ତି।

**ଚକ୍ରବ୍ୟୁହରେ ଫସିଲେ ମାଲଦ୍ୱୀପ ରାଷ୍ଟ୍ରପତି ମୁଇଜ୍ଜୁ**

# ଅନାସ୍ଥା ଆଣିବାକୁ ବିରୋଧୀଙ୍କ ହୁଙ୍କାର

**ନୂଆଦିଲ୍ଲୀ, ୯।୧(ଏଜେନ୍ସି)**

- ଭାରତ-ମାଲଦ୍ୱୀପ ସୁସମ୍ପର୍କ ବଜାୟ ରହିବା ଜରୁରୀ
- ମାଲଦ୍ୱୀପ ପାଇଁ ଭାରତ ‘୯୧୧ କଲ୍’ କହିଲେ ପୂର୍ବତନ ମନ୍ତ୍ରୀ



ଭାରତ ଏବଂ ମାଲଦ୍ୱୀପ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦକୁ ନେଇ ଯାହା ଆକଳନ କରାଯାଉଥିଲା ତାହା ଏବେ କ୍ରମଶଃ ସ୍ପଷ୍ଟ ହେବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ମାଲଦ୍ୱୀପର ତିନି ମନ୍ତ୍ରୀଙ୍କ ଅପମାନସୂଚକ ମନ୍ତବ୍ୟକୁ ନେଇ ଉଠିଥିବା ଝଡ଼ ବ୍ୟାପକ ରୂପ ନେବା ସହ ଏଥିପାଇଁ ମାଲଦ୍ୱୀପକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ ବୋଲି କୂଟନୀତିକ ମହଲରେ ଆଲୋଚନା ଜୋର ଧରିଥିଲା। ବର୍ତ୍ତମାନ ଏହି ବିବାଦ କେବଳ ଭାରତ ଏବଂ ମାଲଦ୍ୱୀପ ମଧ୍ୟରେ ସୀମିତ ହୋଇ ରହିନାହିଁ ; ବରଂ ଚୀନ୍ ଏବଂ ଇସ୍ରାଏଲ ଭଳି ଅନ୍ୟ ରାଷ୍ଟ୍ର ମଧ୍ୟ ସାମିଲ ହୋଇଛନ୍ତି। ଯାହାକୁ ନେଇ ମାଲଦ୍ୱୀପର ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବିରୋଧୀ ଦଳ ଚିନ୍ତାପ୍ରକଟ କରିଛନ୍ତି। ବିଶେଷକରି ମାଲଦ୍ୱୀପ ବିରୋଧରେ ଭାରତରେ ଆରମ୍ଭ ହୋଇଥିବା ଟ୍ରେଣ୍ଡ ଆହୁରି ବ୍ୟାପକ ହୋଇଥିବାରୁ ଆଗାମୀ ଦିନରେ ଉଭୟ ଦେଶ ମଧ୍ୟରେ ରହିଥିବା ସୁସମ୍ପର୍କ କ୍ଷୁଣ୍ଣ ହେବାର ଆଶଙ୍କାକୁ ନେଇ ସେଠାକାର ବିରୋଧୀ ଦଳ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଗୋଟିଏ ପକ୍ଷରେ ସେମାନେ ଭାରତ ଭଳି ଏକ ବନ୍ଧୁ ରାଷ୍ଟ୍ରର ସଦଭାବନାକୁ ଭୁଲି ପାରୁ ନଥିଲା ବେଳେ ସମ୍ପର୍କ ଖରାପ ଦ୍ୱାରା ମାଲଦ୍ୱୀପ ଅର୍ଥନୀତି ପ୍ରଭାବିତ ହେବାର ଆଶଙ୍କାକୁ ଏଡାଇ ଦେଇପାରୁ ନାହାନ୍ତି। ଯାହାକୁ ନେଇ ଏବେ ଖୋଦ୍ ମାଲଦ୍ୱୀପରେ ମୁଇଜ୍ଜୁ ସରକାର ବିରୋଧରେ ସ୍ୱର ଉତ୍ତୋଳନ ହେବା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟ ଜାରି କରାଯିବା ଘଟଣାରେ ଗତକାଲି ପୂର୍ବତନ ମନ୍ତ୍ରୀ ଏବଂ ବହୁ ସାଂସଦ ମୁଇଜ୍ଜୁ ସରକାରଙ୍କୁ କଟୁ ସମାଲୋଚନା କରିବା ସହିତ ସେମାନେ ଭାରତୀୟ ଗଣମାଧ୍ୟମ ସାମ୍ନାରେ ପ୍ରତିକ୍ରିୟା ରଖି କ୍ଷମାପ୍ରାର୍ଥନା କରିଥିଲେ। କିନ୍ତୁ ଏହାର ଦିନକ ପରେ ମାଲଦ୍ୱୀପର ପ୍ରମୁଖ ବିରୋଧୀ ଦଳ ‘ମାଲଦ୍ୱୀପ ଡେମୋକ୍ରାଟିକ୍ ପାର୍ଟି’(ଏମ୍‌ଡିପି) ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କ ବିରୋଧରେ ହୁଙ୍କାର ଦେଇଛି। ବିରୋଧୀ ଦଳ ନେତା ଅଲି ଅଜିମ୍ ଅନ୍ୟ ବିରୋଧୀ ଦଳଙ୍କୁ ଏକାଠି କରି ରାଷ୍ଟ୍ରପତି ମୁଇଜ୍ଜୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଦାବି କରିଛନ୍ତି। ମୋଦୀଙ୍କ ବିରୋଧରେ ମାଲଦ୍ୱୀପର ତିନି ମନ୍ତ୍ରୀଙ୍କ ମନ୍ତବ୍ୟ ବ୍ୟକ୍ତିଗତ ଏବଂ ଏଥିରେ ମାଲଦ୍ୱୀପ ସରକାରଙ୍କ କୌଣସି ଭୂମିକା ନାହିଁ ବୋଲି ମାଲଦ୍ୱୀପ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲେ ହେଁ ବୈଦେଶିକ ମନ୍ତ୍ରୀ ସଂସଦରେ ଏହି ପ୍ରସଙ୍ଗରେ ଜବାବ ରଖିବାକୁ ଏମଡିପି ପକ୍ଷରୁ ଦାବି କରାଯାଇଛି। ଅଲି ଅଜିମ୍ ମାଲଦ୍ୱୀପ ସରକାରଙ୍କ ବୈଦେଶିକ ନୀତିକୁ ତୀବ୍ର ସମାଲୋଚନା କରିଥିବା ବେଳେ ଭାରତ ଭଳି ଏକ ପଡୋଶୀ ଏବଂ ବନ୍ଧୁ ରାଷ୍ଟ୍ର ସହ ସମ୍ପର୍କ ତିକ୍ତ କରିବା ମାଲଦ୍ୱୀପ ପାଇଁ ମହଙ୍ଗା ପଡିବ ବୋଲି କହିଛନ୍ତି। ଏଥିପାଇଁ ସେ ରାଷ୍ଟ୍ରପତିଙ୍କ ବିରୋଧରେ ତୁରନ୍ତ ଅନାସ୍ଥା ପ୍ରସ୍ତାବ ଆଣିବାକୁ ନିଜ ଦଳର ନେତାମାନଙ୍କୁ କହିଛନ୍ତି। ମାଲଦ୍ୱୀପର ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଅହମ୍ମଦ ମେହଲୁଫ ଏହି ଘଟଣାକୁ ନିନ୍ଦା କରିବା ସହିତ ଭାରତ ସହ ସମ୍ପର୍କ ଖରାପ ହେଲେ ମାଲଦ୍ୱୀପ ଉପରେ ଯେଉଁ ଆର୍ଥିକ ବୋଝ ପଡ଼ିବ ତାହାକୁ ସମ୍ଭାଳିବା ଅସମ୍ଭବ ହୋଇପଡ଼ିବ ବୋଲି କହିଛନ୍ତି। ସାଂସଦ ମାଇକେଲ ନସିମ ମଧ୍ୟ ସମାନ କଥା କହି ମୁଇଜ୍ଜୁ ସରକାରଙ୍କୁ ତୀବ୍ର ନିନ୍ଦା କରିଛନ୍ତି। ସେହିପରି ମାଲଦ୍ୱୀପର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମାରିଆ ଅହମ୍ମଦ ଦିଦି ଏହି ଘଟଣାକୁ ତୀବ୍ର ନିନ୍ଦା କରି ଭାରତ ମାଲଦ୍ୱୀପ ପାଇଁ ‘୯୧୧ କଲ୍’ (ବିପଦର ସାଥୀ) ବୋଲି କହିଛନ୍ତି। ଭାରତ ଭଳି ଏକ ବନ୍ଧୁ ରାଷ୍ଟ୍ର ଏବଂ ମୋଦୀଙ୍କ ଭଳି ଜଣେ ତୁଙ୍ଗ ନେତାଙ୍କ ପ୍ରତି ମାଲଦ୍ୱୀପର ତିନି ମନ୍ତ୍ରୀଙ୍କ ମନ୍ତବ୍ୟ ମୁଇଜ୍ଜୁ ସରକାରଙ୍କ ଦୂରଦୃଷ୍ଟିର ଅଭାବ ବୋଲି ସେ କହିଛନ୍ତି। ତେବେ ରାଷ୍ଟ୍ରପତି ମୁଇଜ୍ଜୁଙ୍କ ବିରୋଧରେ ମାଲଦ୍ୱୀପରେ ଉଙ୍କି ମାରୁଥିବା ବିରୋଧ ଆଗାମୀ ଦିନରେ ମହଙ୍ଗା ପଡ଼ିପାରେ ବୋଲି କୁହାଯାଉଛି।

## ଇଣ୍ଡୋନେସିଆରେ ବଡ଼ ଭୂକମ୍ପ

**ଜାକାର୍ତ୍ତା, ୯।୧ (ଏଜେନ୍ସି):** ଇଣ୍ଡୋନେସିଆରେ ସୋମବାର ବିଳମ୍ବିତ ରାତିରେ ବଡ଼ଧରଣର ଭୂକମ୍ପ ହୋଇଛି। ଏହାର ତୀବ୍ରତା ୬.୭ ରେକର୍ଡ କରାଯାଇଛି। ତଲୌଦ ଦ୍ୱୀପରେ ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା। ଭୂପୃଷ୍ଠରୁ ୮୦ କିମି ତଳେ ଏହା ସୃଷ୍ଟି ହୋଇଥିଲା। ଏଥିରେ କୌଣସି କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ। ଅନ୍ୟପଟେ ନୂଆ ବର୍ଷ ପରେ ପୁଣି ମଙ୍ଗଳବାର ଜାପାନର ଇଶିକାୱା କ୍ଷେତ୍ରରେ ୬ ତୀବ୍ରତାର ଭୂକମ୍ପ ଆସିଛି। ଏହାକୁ ନେଇ କୌଣସି ସୁନାମୀ ଚେତାବନୀ ଦିଆଯାଇ ନାହିଁ। କୌଣସି କ୍ଷୟକ୍ଷତି ମଧ୍ୟ ହୋଇନାହିଁ।

## ‘ମଙ୍କି ଫିଭର’ରେ ଯୁବତୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୯।୧ (ଏଜେନ୍ସି):** କର୍ଣ୍ଣାଟକ ଶିବମୋଗା ଜିଲ୍ଲାର ଜଣେ ୧୮ ବର୍ଷୀୟ ଯୁବତୀ ‘ମଙ୍କି ଫେଭର’ ତଥା ‘କ୍ୟାସାନୁର ଫରେଷ୍ଟ ଡିଜିଜ’ରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ଚଳିତ ବର୍ଷର ଏହା ପ୍ରଥମ ମାମଲା। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅନୁଯାୟୀ, ଜ୍ୱର ଆସିବାରୁ ୪ ତାରିଖରେ ଯୁବତୀଙ୍କ କେଏଫ୍‌ଡି ପରୀକ୍ଷା କରାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷରେ ଦେଶରେ କରୋନାର ନୂଆ ପ୍ରଜାତି ଜେଏନ୍.୧ ମାମଲା ୮୧୯ରେ ପହଞ୍ଚି ଯାଇଛି। ଏହା ୧୨ ରାଜ୍ୟକୁ ବ୍ୟାପିଗଲାଣି। କେବଳ ମହାରାଷ୍ଟ୍ରରେ ୨୫୦ ଏବଂ କର୍ଣ୍ଣାଟକରୁ ୧୯୯ ରୋଗୀ ଚିହ୍ନଟ ହୋଇଛନ୍ତି।

## ବସ୍-ଟ୍ରକ୍ ଧକ୍କା; ୨୫ ମୃତ

**ବ୍ରାସିଲିଆ, ୯।୧ (ଏଜେନ୍ସି):** ବ୍ରାଜିଲ ବାହିୟା ରାଜ୍ୟର ଜ୍ୟାକୋବିନ ସହର ନିକଟରେ ଏକ ମିନି ବସ୍ ଏବଂ ଟ୍ରକ୍ ମୁହାଁମୁହିଁ ହୋଇଛି। ଏହି ଦୁର୍ଘଟଣାରେ ୨୫ ଜଣଙ୍କ ମୃତ୍ୟୁ ହୋଇଛି। ୬ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ତେବେ ଏ ପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ। ଏହାକୁ ନେଇ ଜ୍ୟାକୋବିନରେ ୩ ଦିନିଆ ଶୋକ ଘୋଷଣା କରାଯାଇଛି। ସ୍ଥାନୀୟ ଅଧିକାରୀ ସୋମବାର ଏହି ସୂଚନା ଦେଇଛନ୍ତି।

## ୟୁଏଇ ରାଷ୍ଟ୍ରପତିଙ୍କ ସହ ମୋଦୀଙ୍କ ରୋଡ୍ ଶୋ’



**ଅହମ୍ମଦାବାଦ, ୯।୧(ଏଜେନ୍ସି):** ବୁଧବାର ଠାରୁ ଅହମ୍ମଦାବାଦରେ ଦୁଇ ଦିନିଆ ଭାଇବ୍ରାଣ୍ଟ ଗୁଜରାଟ ଗ୍ଲୋବାଲ ସମିଟ୍(ଭିଜିଜିଏସ୍)ର ଦ୍ୱାଦଶତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବାକୁ ମଙ୍ଗଳବାର ସନ୍ଧ୍ୟାରେ ଅହମ୍ମଦାବାଦରେ ପହଞ୍ଚିଛନ୍ତି। ମିଳିତ ଆରବ ଆମିରାତ୍ ରାଷ୍ଟ୍ରପତି ମହମ୍ମଦ ବିନ୍ ଜାଏଦ୍ ମଧ୍ୟ ଏହି ସମିଟ୍‌ରେ ଯୋଗ ଦେବାକୁ ଅହମ୍ମଦାବାଦ୍‌ରେ ପହଞ୍ଚିଥିଲା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଉଭୟ ନେତା ଏକ ରୋଡ୍ ଶୋ’ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ମହମ୍ମଦ ବିନ୍ ଜାଏଦ୍ ବିମାନ ବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ତାଙ୍କୁ ସ୍ୱାଗତ କରିବା ସହ ଉଭୟ ନେତା ବିମାନ ବନ୍ଦର ଠାରୁ ପ୍ରାୟ ତିନି କିମି ରୋଡ୍ ଶୋ’ରେ ଯାଇଥିଲେ।

## ଭାରତ ବିକଶିତ କଲା ‘ଉଗ୍ରମ’ ରାଇଫଲ୍



**ହାଇଦରାବାଦ, ୯।୧(ଏଜେନ୍ସି):** ଭାରତ ନିଜସ୍ୱ ଜ୍ଞାନକୌଶଳରେ ଅତ୍ୟାଧୁନିକ ରାଇଫଲ୍’ ଉଗ୍ରମ୍’ ବିକଶିତ କରିଛି। ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ(ଡିଆରଡିଓ) ପକ୍ଷରୁ ମାତ୍ର ୧୦୦ ଦିନ ମଧ୍ୟରେ ଏହି ରାଇଫଲ ପ୍ରସ୍ତୁତ କରାଯାଇଥିଲା ବେଳେ ହାଇଦରାବାଦ୍‌ସ୍ଥିତ ଏକ ଘରୋଇ କମ୍ପାନୀ ଦ୍ୱୀପା ଆରମୋର୍ ଇଣ୍ଡିଆ ପକ୍ଷରୁ ଏହାର ଉତ୍ପାଦନ କରାଯିବ ବୋଲି କୁହାଯାଇଛି। ବର୍ତ୍ତମାନ ଦେଶରେ ଅର୍ଦ୍ଧ ସାମରିକ ବଳ ସର୍ବାଧିକ ଭାବେ ଇନ୍‌ସାସ୍ ରାଇଫଲ ବ୍ୟବହାର କରୁଛନ୍ତି। କିନ୍ତୁ ଇନ୍‌ସାସ୍ ଠାରୁ ଏହି ରାଇଫଲ ଆହୁରି ଶକ୍ତିଶାଳୀ ଏବଂ ଭୟାନକ ବୋଲି କୁହାଯାଇଛି।

**୨୨ରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା**

# ରାମ ମନ୍ଦିରରେ ଲାଗିଲା ପ୍ରଥମ ସୁନା କବାଟ

- ୪୨ କବାଟରେ ଲଗାଯିବ ଶହେ କେଜି ସୁନା
- କେଜିଏ ସୁନା, ୭ କେଜି ରୁପାରେ ଶ୍ରୀରାମଙ୍କ ପାଦୁକା



**ଅଯୋଧ୍ୟା, ୯।୧ (ଏଜେନ୍ସି)**

ରାମ ଲଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଅଯୋଧ୍ୟା ଉତ୍ସବମୁଖର। ୨୨ ତାରିଖରେ ନୂତନ ମନ୍ଦିରକୁ ରାମଲଲାଙ୍କୁ ସ୍ୱାଗତ କରିବା ପାଇଁ ଜୋରସୋର୍‌ରେ ପ୍ରସ୍ତୁତି ଚାଲିଛି। ଅଯୋଧ୍ୟା ରାମମୟ ହୋଇଯାଇଛି। ଏପରି ସମୟରେ ରାମ ମନ୍ଦିରରେ ଲଗା ଯାଇଥିବା ପ୍ରଥମ ସୁନା କବାଟର ଫଟୋ ସାମ୍ନାକୁ ଆସିଛି। ଏହି କବାଟର ଉଚ୍ଚତା ୧୨ ଫୁଟ ଏବଂ ଓସାର ୮ ଫୁଟ ରହିଛି। ପ୍ରଥମ ମହଲାରେ ଏହାକୁ ଲଗାଯାଇଛି। ଆଗାମୀ ୩ ଦିନରେ ଆଉ ୧୩ଟି କବାଟ ଲଗାଯିବ। ଗର୍ଭଗୃହରେ କେବଳ ଗୋଟିଏ କବାଟ ରହିବ। ଏହାର ଚଉକାଠରେ ଭଗବାନ ବିଷ୍ଣୁଙ୍କ ଅନନ୍ତ ଶୟନ ମୁଦ୍ରାର ଚିତ୍ର ଅଙ୍କା ଯାଇଛି। ରାମ ମନ୍ଦିରରେ ମୋଟ ୪୬ଟି କବାଟ ରହିବ। ଏଥିରୁ ୪୨ଟି କବାଟରେ ୧୦୦ କେଜିର ସୁନା ପରସ୍ତ ଚଢ଼ାଯିବ। ପାହାଚ ପାଖରେ ମଧ୍ୟ ୪ଟି କବାଟ ଲାଗିବ। ଏହି କବାଟରେ ସୁନା ଚଢ଼ାଯିବ ନାହିଁ। ମହାରାଷ୍ଟ୍ରର ଶାଗୁଆନ କାଠରେ ଏହି କବାଟ ପ୍ରସ୍ତୁତ କରାଯାଇଛି। ହାଇଦରାବାଦର ବଢ଼େଇ ଏହା ଉପରେ ଚିତ୍ର ଆଙ୍କିଛନ୍ତି। ପରେ ଏହା ଉପରେ ତମ୍ବା ଚଢ଼ା ଯାଇଥିଲା। ରାମଲଲାଙ୍କ ସିଂହାସନ ମଧ୍ୟ ସୁନାରେ ପ୍ରସ୍ତୁତ କରାଯିବ। ୧୫ ତାରିଖ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ। ମନ୍ଦିରରେ ଶିଖରରେ ବି ସୁନା ଲଗାଯିବ। ମାତ୍ର ଏହି କାମ ପରେ କରାଯିବ। ମନ୍ଦିରରେ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ପ୍ରାଣ ପ୍ରତିଷ୍ଠା ପରେ ତାଙ୍କ ଚରଣ ପାଦୁକା ରଖାଯିବ। ଏକ କେଜି ସୁନା ଏବଂ ୭ କେଜି ରୁପାରେ ଏହି ପାଦୁକା ପ୍ରସ୍ତୁତ କରାଯାଇଛି। ହାଇଦରାବାଦର ଶ୍ରୀଚଲ୍ଲା ଶ୍ରୀନିବାସ ଶାସ୍ତ୍ରୀ ଏହାକୁ ନିର୍ମାଣ କରିଛନ୍ତି।

## ନେପାଳରୁ ଅଯୋଧ୍ୟା ଆସିବେ ୨୧ ହଜାର ପଣ୍ଡିତ

- ପ୍ରତିଷ୍ଠା ହେବ ୧୦୦୮ ନର୍ମଦେଶ୍ୱର ଶିବଲିଙ୍ଗ
- ଆହୁତି ଦେବେ ୧୧୦୦ ଦମ୍ପତି

ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ରାମ ମନ୍ଦିରରୁ ୨ କିମି ଦୂର ସରଯୁ ନଦୀ ଘାଟର ଶହେ ଏକର ଜାଗାରେ ବିଶାଳ ‘ଟେଣ୍ଟର ସହର’ ବନାଯାଇଛି। ଏଠାରେ ୧୪ରୁ ୨୫ ତାରିଖ ପର୍ଯ୍ୟନ୍ତ ରାମନାମ ମହାଯଜ୍ଞ ଚାଲିବ। ଏଥିପାଇଁ ୧୦୦୮ ନର୍ମଦେଶ୍ୱର ଶିବଲିଙ୍ଗ ପ୍ରତିଷ୍ଠା କରାଯିବ। ହଜାରେ ଆଠ ଶିବଲିଙ୍ଗ ପାଇଁ ୧୦୦୮ କୁଟୀର ନିର୍ମାଣ କରାଯାଇଛି। ୧୧ ମହଲାର ଯଜ୍ଞ ମଣ୍ଡପ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏଥିରେ ଶହେ ଯଜ୍ଞ କୁଣ୍ଡ ରହିଛି। ଏହି ଯଜ୍ଞରେ ନେପାଳର ୨୧ ହଜାର ପଣ୍ଡିତ ସାମିଲ ହେବେ। ୧୪ ତାରିଖରୁ ଜଜମାନଙ୍କ ମୁଣ୍ଡନରୁ ଏହି ସମାରୋହ ଆରମ୍ଭ ହେବ। ୧୭ ତାରିଖରୁ ରାମାୟଣର ୨୪ ହଜାର ଶ୍ଳୋକରେ ଯଜ୍ଞ ପ୍ରାରମ୍ଭ ହେବ। ଏହା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ପଞ୍ଚାମୃତରେ ୧୦୦୮ ଶିବଲିଙ୍ଗଙ୍କ ଅଭିଷେକ କରାଯିବ। ୧୦୦ କୁଣ୍ଡରେ ୧୧୦୦ ଦମ୍ପତି ରାମ ମନ୍ତ୍ରରେ ଆହୁତି ଦେବେ। ସନ୍ଥ ଆତ୍ମାନନ୍ଦ ଦାସ ମହାତ୍ୟାଗୀ (ନେପାଳୀ ବାବା)ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେ କହିଛନ୍ତି ଯେ ପ୍ରତ୍ୟେକ ଦିନ ୫୦ ହଜାର ଶ୍ରଦ୍ଧାଳୁଙ୍କ ରହିବାର ବ୍ୟବସ୍ଥା କରାଯାଇଛି। ଦିନକେ ପ୍ରାୟ ଲକ୍ଷେ ଶ୍ରଦ୍ଧାଳୁ ଏଠାରେ ଭୋଜନ କରିବେ। ମହାଯଜ୍ଞ ସମାପ୍ତ ହେବା ପରେ ହଜାରେ ଆଠ ଶିବଲିଙ୍ଗଙ୍କୁ ସରଯୁ ନଦୀରେ ପ୍ରବାହିତ କରି ଦିଆଯିବ।



# ଜୟ ଜଗନ୍ନାଥ



ଲସଦ୍ଦାରୁରୂପଂ ମହାବିଶ୍ୱଭୂପଂ
ଗୃହୀତାବ୍ଜଶଙ୍ଖଂ ପରିଧ୍ୱସ୍ତପଙ୍କମ୍ ।
ବଶୀଭୂତଶକ୍ରଂ ବହନ୍ତଂ ସୁବକ୍ରଂ
ସ୍ଫୁଟାକ୍ଷ୍ୟପ୍ରମେୟଂ ଜଗନ୍ନାଥମୀଡେ ।

ଦାରୁସ୍ୱରୂପରେ ଶୋଭାୟମାନ, ବିଶାଳବିଶ୍ୱର ଅଧୀଶ୍ୱର, ପଦ୍ମ ଓ ଶଙ୍ଖକୁ ଧାରଣ କରିଥିବା, ପାପକୁ ଧ୍ୱଂସ କରୁଥିବା, ଦେବରାଜ ଇନ୍ଦ୍ରଙ୍କୁ (ଅହଂକାର ଦମନଦ୍ୱାରା) ବଶୀଭୂତ କରିଥିବା ତଥା ବିସ୍ତାରିତ ବକ୍ରନେତ୍ର (ଚକାଆଖି)କୁ ବହନ କରିଥିବା ଅପ୍ରମେୟ ଜଗନ୍ନାଥଙ୍କୁ ମୁଁ ପୂଜା କରୁଅଛି ।

(ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ)

# ଚତୁର୍ଦ୍ଧାମୂର୍ତ୍ତିଙ୍କ ବେଶ

## ଅବକାଶ ବା ତଡ଼ପ ଉତ୍ତରୀ ବେଶ

ପ୍ରାତଃକାଳରେ ନିତ୍ୟକର୍ମ ସମୟରେ ଠାକୁରମାନେ ଯେଉଁ ବେଶ ହୋଇଥା'ନ୍ତି, ତାହା ଅବକାଶ ବେଶ। ଏହି ବେଶରେ ଠାକୁରମାନେ ଗାମୁଛା ପରି ଧଳାବସ୍ତ୍ର ପରିଧାନ କରନ୍ତି। ସେଥିରେ ହଳଦିଆ ବା କମଳାରଙ୍ଗ ଧଡ଼ି ଥାଏ। ବଡ଼ଠାକୁର ଦୁଇଟି, ଶ୍ରୀଜଗନ୍ନାଥ ଦୁଇଟି, ଦେବୀ ସୁଭଦ୍ରା ଗୋଟିଏ ଓ ସୁଦର୍ଶନ ମହାରାଜା ଗୋଟିଏ ବସ୍ତ୍ର ପରିଧାନ କରିଥା'ନ୍ତି। ସ୍ନାନାନ୍ତେ ଠାକୁରମାନେ ପାଟବସ୍ତ୍ର ପରିଧାନ କରିଥା'ନ୍ତି। ଏହି ବେଶ ପ୍ରତିଦିନ ଅନୁଷ୍ଠିତ ହୋଇଥାଏ।

## ଚନ୍ଦନଲାଗି ବେଶ

ଚନ୍ଦନଲାଗି ବେଶ ପ୍ରତିଦିନ ରତ୍ନ ସିଂହାସନ ଉପରେ ହୋଇଥାଏ। (ଗୁଣ୍ଡିଚା ସମୟକୁ ବାଦ୍ ଦେଇ) ପ୍ରତ୍ୟହ ସନ୍ଧ୍ୟାଧୂପ ପରେ ଠାକୁରମାନଙ୍କ ଚନ୍ଦନ ଲାଗି ପାଇଁ ରାତ୍ର ୧୦ଟା ନିର୍ଦ୍ଧାରିତ ସମୟ। ଏହି ବେଶ ପ୍ରତିଦିନ ଅନୁଷ୍ଠିତ ହେଉଥିଲେ ବି ବୈଶାଖ ଅକ୍ଷୟ ତୃତୀୟାଠାରୁ (ଚନ୍ଦନ ଯାତ୍ରା) ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ବହୁ ଆଡ଼ମ୍ବରର ସହିତ ବିଧି ବ୍ୟବସ୍ଥାକୁ ଅନୁସରଣ କରି ଏହା ହୁଏ। ବିଶେଷକରି ୨୧ ଦିନ ବାହାର ଚଳନରେ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ୨୦ଟି ବେଶ ହୋଇଥା'ନ୍ତି।

## ବଡ଼ ସିଂହାର ବେଶ

ରତ୍ନସିଂହାସନ ବଡ଼ଠାକୁର- ୪ଖଣ୍ଡ, ଜଗନ୍ନାଥ ମହାପ୍ରଭୁ ୪ ଖଣ୍ଡ, ଦେବୀ ସୁଭଦ୍ରା- ୩ଖଣ୍ଡ, ସୁଦର୍ଶନ, ଭୂଦେବୀ, ଶ୍ରୀଦେବୀ- ୧ ଖଣ୍ଡ ଲେଖାଏଁ ବାରଲାଗି ପାଟ ପରିଧାନ କରନ୍ତି। ନୀଳମାଧବଙ୍କ ପାଇଁ ଅଲଗା ଏକ ବସ୍ତ୍ରରେ ଶୃଙ୍ଗାର କରାଯାଏ। ଏହି ବାରଲାଗି ପାଟକୁ ଗୀତଗୋବିନ୍ଦ ଖଣ୍ଡୁଆ କୁହାଯାଏ। କାରଣ ଏହି ବସ୍ତ୍ରରେ ଗୀତଗୋବିନ୍ଦର ଶ୍ଳୋକ ବୁଣାଯାଇଥାଏ। ତିନିଠାକୁରଙ୍କ ଶିରରେ ଶିରକପଡ଼ା ପକାଯାଏ। କପଡ଼ାର ରଙ୍ଗ ଧଳା ମାତ୍ର ବଡ଼ଠାକୁରଙ୍କ କପଡ଼ାର ଧଡ଼ି ନୀଳ ହୋଇଥିବା ବେଳେ ଜଗନ୍ନାଥଙ୍କ ହଳଦିଆ ଓ ସୁଭଦ୍ରାଙ୍କ ନାଳି।

## ହାତୀବେଶ

ଜ୍ୟେଷ୍ଠ ସ୍ନାନପୂର୍ଣ୍ଣିମା ଦିନ ସ୍ନାନମଣ୍ଡପରେ ବର୍ଷକୁ ଥରେ ହାତୀ ବେଶ ବା ଗଜାନନ ବେଶ ଅନୁଷ୍ଠିତ ହୋଇଥାଏ।

## ଗଜ ଉଦ୍ଧାରଣ ବେଶ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଏହି ବେଶ ମାଘପୂର୍ଣ୍ଣିମା ଦିନ ଅନୁଷ୍ଠିତ ହୋଇଥାଏ। ପୁରାଣ ପରମ୍ପରା କହେ ଏହି ଦିନ ବହୁବର୍ଷ ପୂର୍ବେ ବିଷ୍ଣୁ ଜଗନ୍ନାଥ ଆର୍ତ୍ତଭକ୍ତ ଗଜକୁ କୁମ୍ଭୀର କବଳରୁ ଉଦ୍ଧାର କରିଥିଲେ। ଏହି ବେଶରେ ଦୁଇଟି ଗଜର ବିଗ୍ରହ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ସମ୍ମୁଖରେ ରଖାଯାଏ। ଭାଗବତର ଗଜସ୍ତୁତି ପାଠ କରାଯାଏ।

## ରାଜା ବେଶ / ସୁନା ବେଶ

ସୁନାବେଶର ଅନ୍ୟ ନାଁ ବଡ଼ ତଡ଼ଉ ବେଶ। ତଡ଼ଉ କହିଲେ ସୁନାକୁ ବୁଝାଏ। ଜଗନ୍ନାଥ ହେଲେ ରାଜାଧିରାଜ। ସେମିତି ତାଙ୍କ ରାଜା ବେଶ, ସମସ୍ତ ବେଶ ମଧ୍ୟରେ ଶ୍ରେଷ୍ଠ। ସୁନାବେଶ ବର୍ଷକରେ ଦଶହରା (ବିଜୟା ଦଶମୀ / ଆଶ୍ୱିନ ଶୁକ୍ଳପକ୍ଷୀ ଦଶମୀ) କାର୍ତ୍ତିକ ପୂର୍ଣ୍ଣିମା, ଅଭିଷେକ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା ଓ ଆଷାଢ଼ ଶୁକ୍ଳ ଏକାଦଶୀ ରାତି ପରି ପାଞ୍ଚଟି ଉତ୍ସବରେ ହୋଇଥାଏ। ଏହି ବେଶର ଅନ୍ୟ ନାଁ ଐଶ୍ୱର୍ଯ୍ୟ ବେଶ।

## ବଣଭୋଜି ବେଶ

ଏହି ବେଶ ଶ୍ରୀକୃଷ୍ଣଙ୍କ ଗୋପଲୀଳା ସହ ସଂପୃକ୍ତ। ଭାଦ୍ର ଶୁକ୍ଳ ଦଶମୀ ତିଥିରେ ଏହି ବେଶ ଶ୍ରୀଜଗନ୍ନାଥ, ବଡ଼ଠାକୁର ଓ ସୁଭଦ୍ରା ଧାରଣ କରିଥା'ନ୍ତି। ଏହି ବେଶରେ ଠାକୁରମାନେ ପ୍ରଥମେ ଖଣ୍ଡୁଆ, ତା' ଉପରେ ବୋଇରାଣୀ ଶାଢ଼ି ପରିଧାନ କରନ୍ତି। ପୁଷ୍ପର ଚୂଳ, ଅଧର, ଶ୍ରୀପୟର ନାକୁଆସି, ଚିତା, ଝମ୍ପା ଓ ମାଳ ଆଦି ପିନ୍ଧିଥା'ନ୍ତି। ବହୁପ୍ରକାର ସୁନା ଅଳଙ୍କାରରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଦେବୀ ମଣ୍ଡିତ ହୁଅନ୍ତି।

## କାଳୀୟ ଦଳନ ବେଶ

ଭାଦ୍ର କୃଷ୍ଣ ଏକାଦଶୀରେ ଭଗବାନ କାଳୀୟର ଦର୍ପ ଦଳନ କରିଥିବାରୁ ଜଗନ୍ନାଥଙ୍କର କାଳୀୟ ଦଳନ ବେଶ ଓ ନୀତି ଅନୁଷ୍ଠିତ ହୋଇଥାଏ। କାଳୀୟ ଦଳନ ବେଶ ମହାପ୍ରଭୁଙ୍କ ବାଡ଼ରେ ହେଉଥିବା ବେଳେ, କାଳୀୟ ଦଳନ ଉତ୍ସବ ମାର୍କଣ୍ଡ ପୁଷ୍କରିଣୀରେ ହୋଇଥାଏ। ଏହି ନୀତିରେ ପ୍ରାୟ ଏକ ବିରାଟକାୟ ସର୍ପ ଜଗନ୍ନାଥଙ୍କ ଶରୀରକୁ ଗୁଡ଼ାଇ ରଖିଥିଲେ ବି ସପ୍ତଫେଣି ମସ୍ତକ ଠାକୁରଙ୍କ ଶ୍ରୀପୟର ତଳେ ଥାଏ। ସର୍ପର ଲାଞ୍ଜକୁ ବାମ ହାତରେ ପ୍ରଭୁ ଧାରଣ କରିଥା'ନ୍ତି। ଏହି ହାତରେ ମଧ୍ୟ ଧରିଥା'ନ୍ତି ଏକ ସୋଲ ନିର୍ମିତ ପଦ୍ମଫୁଲ। ଦକ୍ଷିଣ ହସ୍ତରେ ବେଣୁ (ମତାନ୍ତରେ ଶିଙ୍ଗା) ଧାରଣ କରିଥା'ନ୍ତି।

## ପ୍ରଲମ୍ବାସୁର ବଧ ବେଶ

ରାମଙ୍କ ଦ୍ୱାରା ପ୍ରଲମ୍ବାସୁର ବଧ ଭାଦ୍ରକୃଷ୍ଣ ଦ୍ୱାଦଶୀ ତିଥିରେ ହୋଇଥିଲା ବୋଲି ମନେ କରାଯାଇ ଶ୍ରୀମନ୍ଦିରରେ ଏହି ଲୀଳା ଓ ବେଶ ଅନୁଷ୍ଠିତ ହୋଇଥାଏ। ଏହି ଦିନ ମଧ୍ୟାହ୍ନ ଧୂପ ପରେ ଶ୍ରୀ ବଳଭଦ୍ରଙ୍କ ବାଡ଼ରେ ଏହି ବେଶ ହୋଇଥାଏ। କାଠର ଶ୍ରୀପୟର ଓ ଶ୍ରୀହସ୍ତ ବଡ଼ଠାକୁରଙ୍କୁ ସଂଯୋଜିତ ହେବା ସହିତ କାଠର ଅସୁର ପ୍ରତିମା ଠାକୁରଙ୍କ ସମ୍ମୁଖରେ ରଖାଯାଇଥାଏ। ବଳଭଦ୍ରଙ୍କ ଦୁଇ ହସ୍ତରେ ହଳମୂଷଳ ଶୋଭାପାଏ। ଶ୍ରୀଜଗନ୍ନାଥଙ୍କର ସୁବର୍ଣ୍ଣ ପୟର ଓ ଶ୍ରୀହସ୍ତ ଲାଗି ହୁଏ। ଦୁଇ ହସ୍ତରେ କାଳିଆ ଠାକୁର ଚକ୍ର ଓ ଶଙ୍ଖ ଧାରଣ କରିଥା'ନ୍ତି।

## କୃଷ୍ଣବଳରାମ ବେଶ

ଭାଦ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ରତ୍ନସିଂହାସନ ଉପରେ ଏହି ବେଶ ଅନୁଷ୍ଠିତ ହୋଇଥାଏ। ଶ୍ରୀଜଗନ୍ନାଥଙ୍କୁ କୃଷ୍ଣ ଓ ବଳଭଦ୍ରଙ୍କୁ ବଳରାମ ଓ ଦେବୀ ସୁଭଦ୍ରାଙ୍କୁ ଏମାନଙ୍କ ଭଗ୍ନୀ ରୂପେ ସଜେଇ ଦିଆଯାଏ। ବଳରାମ କୃଷ୍ଣ ତ୍ରିଭଙ୍ଗୀ ଠାଣିରେ (ପାଦକୁ ଛନ୍ଦି) ଠିଆ ହୋଇଥା'ନ୍ତି। ଜଗନ୍ନାଥ ଗୋଟେ ହାତରେ ସୁନାର ବଂଶୀ ଓ ଅନ୍ୟ ହାତରେ ପଦ୍ମଧାରଣ କରିଥିବା ବେଳେ ବଳରାମ ଗୋଟିଏ ହାତରେ ଶିଙ୍ଗା ଓ ଅନ୍ୟ ହାତରେ ପଦ୍ମଧାରଣ କରିଥା'ନ୍ତି। ମଝିରେ ଦେବୀ ସୁଭଦ୍ରା ଚତୁର୍ଭୁଜ ଧାରଣ କରି କାଠ ସିଂହାସନ ଉପରେ ପଦ୍ମାସନରେ ଆସୀନା ହେବା ସହିତ ଚାରି ହାତରେ ପାଶ, ଅଙ୍କୁଶ, ଅଭୟ ଓ ବରଦ ମୁଦ୍ରା ଧାରଣ କରିଥା'ନ୍ତି। ବଳଭଦ୍ରଙ୍କ ଶିରରେ ସପ୍ତଫେଣୀ ନାଗ ଶୋଭାପାଇଥାଏ।

## ବଳିବାମନ ବେଶ

ଶ୍ରୀଜଗନ୍ନାଥଙ୍କର ଭାଦ୍ର ଶୁକ୍ଳ ଦ୍ୱାଦଶୀରେ ବଳିବାମନ ବେଶ ହୋଇଥାଏ। ଏହି ଦିନ ଶ୍ରୀମନ୍ଦିରରେ ବାମନଙ୍କ ଜନ୍ମଦିନ ପାଳନ କରାଯାଏ। ଶ୍ରୀବଳଭଦ୍ର ବଳୀରାଜ, ଦେବୀ ସୁଭଦ୍ରା ବଳିର ପତ୍ନୀ ବିନ୍ଧ୍ୟାବଳୀ ଭୂମିକାରେ ଦେଖିବାକୁ ମିଳେ। ଶ୍ରୀଜଗନ୍ନାଥ ସ୍ୱୟଂ ବାମନ ବେଶ ହୁଅନ୍ତି।

## ରାଧାଦାମୋଦର ବେଶ

ପ୍ରତିବର୍ଷ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ଯାଏଁ ଶ୍ରୀକ୍ଷେତ୍ରରେ ରାଧାଦାମୋଦର ବେଶ ଅନୁଷ୍ଠିତ ହୋଇଥାଏ। କାର୍ତ୍ତିକ ମାସରେ ବିଷ୍ଣୁଙ୍କ ନାଁ ଦାମୋଦର ବୋଲି ଏହି ବେଶର ନାଁ ରାଧା-ଦାମୋଦର ହୋଇଛି ବୋଲି ଅନୁମାନ କରାଯାଏ।

## ଲକ୍ଷ୍ମୀନାରାୟଣ ବେଶ

କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଏହି ବେଶ ଅନୁଷ୍ଠିତ ହୋଇଥାଏ। ଏହି ବେଶର ଅନ୍ୟନାମ 'ଠିଆକିଆ ବେଶ'। ଏହି ବେଶସ୍ନାନ ରୀତି ପରେ ଆରମ୍ଭ ହୁଏ ଏବଂ ବାଲଧୂପ ପର୍ଯ୍ୟନ୍ତ ରହେ। ଏହି ବେଶର ଅନ୍ୟନାମ ଠିଆକିଆ କହିବାର ଅର୍ଥ ହେଲା ମସ୍ତକରେ ସୁବର୍ଣ୍ଣ କିଆ ଠିଆ ଭାବରେ ଲାଗି ହୋଇଥାଏ। ଶ୍ରୀଜଗନ୍ନାଥ ବାମ ହସ୍ତରେ ଶଙ୍ଖ ଓ ଦକ୍ଷିଣ ହସ୍ତରେ ଚକ୍ର ଧାରଣ କରିଥା'ନ୍ତି। ବଳଭଦ୍ର ହଳ ଓ ମୂଷଳ ଧରିଥା'ନ୍ତି। ସୁଭଦ୍ରାଙ୍କ ବେଶରେ କୌଣସି ପରିବର୍ତ୍ତନ ହୁଏ ନାହିଁ।



### ନାଗାର୍ଜୁନ ବେଶ

ଯେଉଁ ବର୍ଷ କାର୍ତ୍ତିକ ଶୁକ୍ଳପକ୍ଷରେ ପଞ୍ଚକ ପାଞ୍ଚଦିନ ପରିବର୍ତ୍ତେ ଛଅଦିନ ପଡ଼େ, ସେହିବର୍ଷ ମଳ ତିଥିରେ ଶ୍ରୀଜଗନ୍ନାଥଙ୍କର ନାଗାର୍ଜୁନ ବେଶ ହୁଏ। ଏହି ବେଶରେ ମହାପ୍ରଭୁମାନଙ୍କ ଅଣ୍ଟାରେ ଏକ ନାଗା ତାଟି ଭିଡ଼ାଯାଏ। ସେ ଧନୁ, ଶରପୂର୍ଣ୍ଣ ତୂଣୀର, କଟାରୀ, ଛୁରି, ବାଘନଖ, ଏରା ପକ୍ଷୀର ପର, ଢାଲ, ତ୍ରିଶୂଳ, ଭାଲା ଆଦି ଧାରଣ କରିଥା'ନ୍ତି। ଏହି ବେଶକୁ ମଧ୍ୟ 'ପର୍ଶୁରାମ ବେଶ' ବୋଲି କୁହାଯାଇଥାଏ।

## ବାଙ୍କ ଚୂଡ଼ା ବେଶ

କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ଏହି ବେଶ ଅନୁଷ୍ଠିତ ହୋଇଥାଏ। ଏହି ବେଶରେ ଜଗନ୍ନାଥ ଓ ବଳଭଦ୍ରଙ୍କର ସୁନାର ଶ୍ରୀହସ୍ତ ଓ ଶ୍ରୀପୟର ଲାଗି ହୁଅନ୍ତି। ସୁନାର କାନ, କୁଣ୍ଡଳ ସହିତ ଠାକୁରମାନେ ନିଜ ନିଜର ଆୟୁଧ ଧାରଣ କରନ୍ତି। ସୁନାଳଙ୍କାର ବିମଣ୍ଡିତ ଠାକୁରମାନେ ସୁନାର କିରୀଟ ଧାରଣ କରନ୍ତି। ଏହି ବେଶ ସ୍ନାନ ପରେ ଆରମ୍ଭ ହୋଇ ବାଲଧୂପ ପର୍ଯ୍ୟନ୍ତ ରହେ।

## ତ୍ରିବିକ୍ରମ ବା ଆଡ଼କିଆ ବେଶ

କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀରେ ଏହି ବେଶ ଅନୁଷ୍ଠିତ ହୋଇଥାଏ। ଏଥିରେ ଶ୍ରୀଜଗନ୍ନାଥ ଓ ବଡ଼ଠାକୁରଙ୍କ ମସ୍ତକରେ ଚୂଳ ଲଗାଯାଏ। ଚୂଳରେ ସୁନାର କିଆ ଆଡ଼ବାଗରେ ଲଗା ଯାଇଥିବାରୁ, ଏହି ବେଶର ନାଁ ଏପରି ହୋଇଛି। ଚୂଳର ଶେଷରେ ଲଗାଯାଏ ସୁନାର ଚନ୍ଦ୍ରିକା। ସୁଭଦ୍ରା ସୁନା ଚନ୍ଦ୍ରିକା ଧାରଣ କରିବା ସହିତ ସୁନାର ମୁକୁଟ ପରିଧାନ କରିଥା'ନ୍ତି। ଠାକୁରମାନଙ୍କର ହସ୍ତପଦ ଲାଗି ହେବା ସହିତ ଆୟୁଧ ମଧ୍ୟ ହସ୍ତରେ ଶୋଭାପାଏ।

## ଡାଳିକିଆ ବେଶ

କାର୍ତ୍ତିକମାସ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ରତ୍ନସିଂହାସନ ଉପରେ ଠାକୁରଙ୍କ ଏହି ବେଶ ଅନୁଷ୍ଠିତ ହୋଇଥାଏ। ଏହି ବେଶର ଅନ୍ୟ ନାଁ ଡାଳିକିଆ ବେଶ। ସୁନାକିଆ ଡାଳି ପରି ଖଞ୍ଜା ହେଉଥିବାରୁ ଏପରି ନାମକରଣ ହୋଇଛି।

## ଶ୍ରାଦ୍ଧ ବେଶ

ମଣିଷମାନେ ନିଜ ପିତୃପୁରୁଷଙ୍କୁ ଶ୍ରାଦ୍ଧ, ଅର୍ଘ୍ୟ ଅର୍ପଣ କଲାପରି ଭଗବାନ ଜଗନ୍ନାଥ ମଧ୍ୟ ତାଙ୍କ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେଇଥା'ନ୍ତି। ମାର୍ଗଶିର ଶୁକ୍ଳ ଚତୁର୍ଦ୍ଦଶୀରେ ଅଦିତି ଓ କଶ୍ୟପଙ୍କୁ (ବାମନଙ୍କ ପିତାମାତା) ଅମାବାସ୍ୟାରେ ଦଶରଥ ଓ କୌଶଲ୍ୟାଙ୍କୁ (ଶ୍ରୀରାମଚନ୍ଦ୍ରଙ୍କ ପିତାମାତା) ଓ ଶୁକ୍ଳ ପ୍ରତିପଦାରେ ନନ୍ଦ, ଯଶୋଦା, ବସୁଦେବ, ଦେବକୀଙ୍କୁ (ଶ୍ରୀକୃଷ୍ଣ ଓ ବଳରାମଙ୍କ ପିତାମାତା) ଓ ଇନ୍ଦ୍ରଦ୍ୟୁମ୍ନଙ୍କୁ ମହାପ୍ରଭୁ ଶ୍ରାଦ୍ଧ ଦେଇଥା'ନ୍ତି। ଏହି ସମୟରେ ମହାପ୍ରଭୁ ଧଳାବସ୍ତ୍ର ପରିଧାନ କରନ୍ତି।

## ଘୋଡ଼ଲାଗି ବେଶ

ମାର୍ଗଶିର ଶୁକ୍ଳ ଷଷ୍ଠୀ (ପ୍ରାବରଣ ଷଷ୍ଠୀ) ଦିନରୁ ଠାକୁରମାନଙ୍କୁ ଶୀତବସ୍ତ୍ର ଲାଗି କରାଯାଏ। ଶୀତବସ୍ତ୍ରକୁ 'ଘୋଡ଼' କହନ୍ତି। ଏହି ବେଶ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଚାଲେ। ଏହି ବେଶରେ ଲାଗୁଥିବା ଘୋଡ଼ର ରଙ୍ଗ ବାର ଅନୁସାରେ ବଦଳେ। ଯେପରି ରବିବାର-ଲାଲ, ସୋମବାର- କଳାଛିଟ ମିଶା ଧଳା, ମଙ୍ଗଳବାର- ବାରପଟିଆ (ପଞ୍ଚରଙ୍ଗ ମିଶା), ବୁଧବାର- ନୀଳରଙ୍ଗ, ଗୁରୁବାର- ପୀତ ବା ବସନ୍ତରଙ୍ଗ, ଶୁକ୍ରବାର- ଶୁକ୍ଳ ବା ଧଳା, ଶନିବାର- କଳା। ଏହି ବେଶ ଦ୍ୱାରା ତିନିଠାକୁର ସଂପୂର୍ଣ୍ଣ ଘୋଡ଼ି ହୋଇ ରହନ୍ତି।

## ଚାଚେରୀ ବେଶ

ଶ୍ରୀମନ୍ଦିରରେ ଫଗୁଣ ମାସର ଶୁକ୍ଳ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ରତ୍ନସିଂହାସନରେ ଠାକୁରମାନଙ୍କର ଚାଚେରୀ ବେଶ ହୋଇଥାଏ। ଠାକୁରମାନେ ନାଲିରଙ୍ଗର ପାଟବସ୍ତ୍ର ପରିଧାନ କରିଥା'ନ୍ତି। ବଡ଼ ଠାକୁର ଓ ଶ୍ରୀଜଗନ୍ନାଥ ସୁନା ନଳିଭୁଜରେ ସୁସଜ୍ଜିତ ହୋଇ ନିଜ ନିଜର ଆୟୁଧ ଧାରଣ କରନ୍ତି।

## ରାଜରାଜେଶ୍ୱର ବେଶ

କାର୍ତ୍ତିକ ପୂର୍ଣ୍ଣିମା ଦିନ ଅବକାଶ ନୀତି ପରେ ରତ୍ନସିଂହାସନରେ ଏହି ବେଶ ଅନୁଷ୍ଠିତ ହୋଇଥାଏ। ବିଭିନ୍ନ ପ୍ରକାର ରତ୍ନ ଅଳଙ୍କାର, ପୁଷ୍ପର ଅଳଙ୍କାର ଓ ମୂଲ୍ୟବାନ ପାଟବସ୍ତ୍ରରେ ସୁସଜ୍ଜିତ ହୋଇ ଠାକୁରମାନେ ରାଜରାଜେଶ୍ୱର ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥା'ନ୍ତି। ଏହି ବେଶ ଠାକୁରମାନଙ୍କର ଐଶ୍ୱର୍ଯ୍ୟ ଲୀଳାର ପ୍ରତିନିଧିତ୍ୱ କରେ।

## ନବାଙ୍କ ବେଶ

ମକର ସଂକ୍ରାନ୍ତି ପୂର୍ବଦିନ ଶ୍ରୀଜଗନ୍ନାଥଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୁଏ। ଏହି ବେଶ ବଡ଼ସିଂହାର ବେଶ ସହିତ ହୁଏ। ସୋଲ ଓ ଜରିରେ ନିର୍ମିତ ଶଂଖ, ଚକ୍ର, ହଳ, ମୂଷଳ, କୁଣ୍ଡଳ, ତଡ଼କି, ବଡ଼ଠାକୁର, ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରା ଧାରଣ କରନ୍ତି। ଏହି ବେଶରେ ଠାକୁରମାନେ ଗେଣ୍ଡୁ ଫୁଲରେ ସର୍ବାଙ୍ଗ ମଣ୍ଡିତ ହୁଅନ୍ତି।

## ପଦ୍ମ ବେଶ

ଶ୍ରୀଜଗନ୍ନାଥଙ୍କର ପଦ୍ମବେଶ ମାଘ ଅମାବାସ୍ୟା ଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଡ଼ିଲେ ଅନୁଷ୍ଠିତ ହୁଏ।

## ରଘୁନାଥ ବେଶ

ଶେଷଥର ପାଇଁ ଏହି ବେଶ ୧୯୦୫ ଖ୍ରୀଷ୍ଟାବ୍ଦରେ ହୋଇଥିଲା ବୋଲି ଜଣାପଡ଼େ। ଏହି ବେଶରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀରାମଚନ୍ଦ୍ର ରୂପେ ସଜାଇ ଦିଆଯାଏ। ସେ କାଠ ନିର୍ମିତ ହସ୍ତ ଓ ପଦଯୁକ୍ତ ହୁଅନ୍ତି। ସେ ସିଂହାସନରେ ବୀରାସନରେ ଉପବିଷ୍ଟ ହେବା ବେଳେ ଗୋଟିଏ ପାଦ ସିଂହାସନ ଉପରେ ଥାଏ ଓ ଅନ୍ୟ ପାଟଦି ତଳକୁ ଲମ୍ବିଥାଏ। ବାମ ହସ୍ତରେ ଧନୁ ଓ ଦକ୍ଷିଣ ହସ୍ତରେ ଶର ଧାରଣ କରନ୍ତି। ତାଙ୍କ ବାମ ଜାନୁରେ ଲକ୍ଷ୍ମୀ ସୀତା ରୂପେ ବସିଥା'ନ୍ତି। ଲକ୍ଷ୍ମଣ ରୂପେ ସଜେଇ ହୁଅନ୍ତି ବଡ଼ଠାକୁର। ରାମଚନ୍ଦ୍ରଙ୍କ ବାମପାଶ୍ୱର୍ରେ ଭରତ, ଶତ୍ରୁଘ୍ନ ଠିଆହୋଇଥା'ନ୍ତି।

ଡକ୍ଟର ଅରୁଣ କୁମାର ଖଣ୍ଡା

ବେଶ ହେଉଛି ବିଶେଷ ମାନସିକତା, ଭାବାବସ୍ଥା ତଥା ପ୍ରକୃତିର ପ୍ରତିଫଳନ। ସମଗ୍ର ବିଶ୍ୱର ଆଦିପୁରୁଷଙ୍କ ବିବିଧ ବେଶକୁ ଲକ୍ଷ୍ୟ କଲେ ତାଙ୍କ ମହାନୁଭବତା, ଉଦାରତା ତଥା ପ୍ରେମମୟତା ଏବଂ ସହୃଦୟତାର ପରିଚୟ ମିଳିଥାଏ। ଭଗବାନ ବିଷ୍ଣୁଙ୍କ ପ୍ରସିଦ୍ଧ ଅବତାର ହେଲେ ଚବିଶ। ଶ୍ରୀଜଗନ୍ନାଥ ସ୍ୱୟଂ ଅବତାରୀ ହୋଇଥିବାରୁ ତାଙ୍କର ପ୍ରସିଦ୍ଧ ବେଶ ଚବିଶ ବୋଲି କୁହାଯାଏ। କିନ୍ତୁ ଠାକୁରଙ୍କର ଏହାଠୁ ଅଧିକ ବେଶ ହୋଇଥାଏ। ଏହି ଚବିଶ ବେଶ ବର୍ଷର ବିଭିନ୍ନ ମାସ ଓ ତିଥି ଅନୁସାରେ ପାଳିତ ହୋଇଥାଏ। ମହାବାହୁଙ୍କ ୨୪ ବେଶ ମଧ୍ୟରୁ ରାମ-୧, ଗଣେଶ-୧, ବାମନ-୨, ନରସିଂହ-୧, ଶ୍ରୀକୃଷ୍ଣ-୭ ଓ ସ୍ୱୟଂ ଜଗନ୍ନାଥଙ୍କ ୧୨ଟି ବେଶ ଅନୁଷ୍ଠିତ ହୋଇଥାଏ। ବିଭିନ୍ନ ବେଶ ବା ଶୃଙ୍ଗାର ମଧ୍ୟରେ ବସ୍ତ୍ର ଶୃଙ୍ଗାର ବା ସିଂଗାର, ଭୂଷଣ ଶୃଙ୍ଗାର ଓ ପୁଷ୍ପ ଶୃଙ୍ଗାର ଅନ୍ତର୍ଭୁକ୍ତ। ବସ୍ତ୍ର ଶୃଙ୍ଗାରର ଅର୍ଥ ହେଲା ବାର ଅନୁସାରେ ଠାକୁର ବିଭିନ୍ନ ରଙ୍ଗର ବସ୍ତ୍ର ପରିଧାନ କରିବା। ଏହି ନିୟମରେ ମହାପ୍ରଭୁ ରବିବାର-ଲାଲ ବସ୍ତ୍ର (ରକ୍ତ ବର୍ଣ୍ଣ), ସୋମବାର କଳାଛିଟ ଥିବା ଧଳାରଙ୍ଗର ବସ୍ତ୍ର, ମଙ୍ଗଳବାର-ବାରପଟିଆ (ପାଞ୍ଚରଙ୍ଗ) ବସ୍ତ୍ର, ବୁଧବାର-ନୀଳବସ୍ତ୍ର, ଗୁରୁବାର-ପୀତରଙ୍ଗର ବସ୍ତ୍ର, ଶୁକ୍ରବାର-ଶ୍ୱେତ ବସ୍ତ୍ର ଏବଂ ଶନିବାର- କୃଷ୍ଣରଙ୍ଗର ବସ୍ତ୍ର ପରିଧାନ କରିଥା'ନ୍ତି। ଭୂଷଣ ଶୃଙ୍ଗାରରେ ବିଭିନ୍ନ ଅମୂଲ୍ୟ ରତ୍ନ, ମଣି, ମାଣିକ ଓ ସୁବର୍ଣ୍ଣ ଆଦିରେ ଠାକୁରମାନଙ୍କୁ ସିଙ୍ଗାର କରାଯାଏ। ପୁଷ୍ପ ଶୃଙ୍ଗାର କହିଲେ ବିଭିନ୍ନ ସୁଗନ୍ଧିତ ଫୁଲରେ ଅଳଙ୍କାର ଓ ମାଳା ଆଦି କରି ଠାକୁରମାନଙ୍କୁ ସୁନ୍ଦର ଭାବେ ସଜେଇ ଦେବା। ତୁଳସୀ, ଦୟଣା ଓ ଚନ୍ଦନ, କର୍ପୂର ଆଦି ମଧ୍ୟ ଏହି ବେଶର ଅନ୍ୟସବୁ ଉପାଦାନ।



# ଆହା କି ସୁନ୍ଦର ବଡ଼ଦାଣ୍ଡ

ମହାପ୍ରଭୁ ହେଉଛନ୍ତି ବଡ଼ ଠାକୁର। ଶ୍ରୀମନ୍ଦିର ବଡ଼ଦେଉଳ। ଯେଉଁ ଦାଣ୍ଡ ଦେଇ ପ୍ରଭୁ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି ସେ ଦାଣ୍ଡ ବଡ଼ଦାଣ୍ଡ। ବଡ଼ଦାଣ୍ଡର ମାହାତ୍ମ୍ୟ ସ୍ୱତନ୍ତ୍ର। ଏହି ବଡ଼ଦାଣ୍ଡରେ ହିଁ ଗଡ଼ିଥାଏ ତିନିରଥ। ମହାପ୍ରଭୁ ଭାଇଭଉଣୀଙ୍କ ସହିତ ସର୍ବସାଧାରଣଙ୍କ ସହିତ ଲୀଳା ପାଇଁ ରତ୍ନସିଂହାସନରୁ ବାହାରି ବଡ଼ଦାଣ୍ଡରେ ଧୂଳିଧୂସରିତ ହୁଅନ୍ତି। ସେଇଥିପାଇଁ ତ ତାଙ୍କ ମହିମା ବିଶ୍ୱବିଦିତ। ଶ୍ରୀକ୍ଷେତ୍ର ଆସୁଥିବା ଭକ୍ତମାନେ ପ୍ରଥମେ ବଡ଼ଦାଣ୍ଡର ଧୂଳିକୁ ନେଇ ମୁଣ୍ଡରେ ମାରି ମହାପ୍ରଭୁଙ୍କ ସାକ୍ଷାତ୍ କରିଥାନ୍ତି। ଏବେ ପରିକ୍ରମା ପ୍ରକଳ୍ପ ପାଇଁ ବଡ଼ଦାଣ୍ଡରେ ସୃଷ୍ଟି ହେବ ଅଦିନିଆ ରଥଯାତ୍ରା। ଭାରତର ପ୍ରମୁଖ ମନ୍ଦିରର ମୁଖ୍ୟ, ସାଧୁସନ୍ଥ, ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ ଶ୍ରୀକ୍ଷେତ୍ରରେ। ସେମାନଙ୍କୁ ସ୍ୱାଗତ ପାଇଁ ସଜେଇ ହେଉଛି ଶ୍ରୀକ୍ଷେତ୍ର ପୁରୀ। ଆଉ ଗୋଟିଏ ରଙ୍ଗ ଫିକା ଗୋଲାପୀରେ ରଙ୍ଗେଇ ହୋଇଛି ବଡ଼ଦାଣ୍ଡର କୋଠା। ସେ ବ୍ୟବସାୟିକ କୋଠା ହେଉ କି ବ୍ୟକ୍ତିଗତ ଘର, ରଙ୍ଗରେ ସମାନତା ଅଣାଯାଇଛି ।

## ଚିତ୍ରରେ ଝଲସୁଛି ସିଂହଦ୍ୱାର

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଯୋଗ ଦେବାକୁ ଆସୁଛନ୍ତି ଦେଶ ବିଦେଶର ବିଶିଷ୍ଟ ବ୍ୟକ୍ତି । ଯେଉଁମାନେ କି ହେବେ ଆମର ଅତିଥି । ତେଣୁ ଅତିଥିମାନେ କିଭଳି ସୁନ୍ଦର ଅନୁଭୂତି ନେଇ ଫେରିବେ ସେଥିପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି । ବିଶେଷକରି ଜଗନ୍ନାଥ ଧାମରେ ସେମାନଙ୍କ ଆତିଥେୟତାରେ ଯେପରି ସାମାନ୍ୟତମ ତ୍ରୁଟି ନ ହେବ ସେଥିଲାଗି ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ଅତିଥିଙ୍କୁ ସ୍ୱାଗତ କରିବା ଲାଗି ସଜେଇ ହେଉଛି ପୁରୀ । ବିଶେଷକରି ଅତିଥି ଅଭ୍ୟାଗତମାନେ ଯେଉଁସବୁ ସ୍ଥାନ ଦେଇ ଯିବେ ବା ରହିବେ ତା' ଉପରେ ଅଧିକ ଫୋକସ ରଖାଯାଇଛି । ଯେ ହେତୁ ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଯଜ୍ଞ ହେଉଛି ତେଣୁ ସିଂହଦ୍ୱାର ସବୁବେଳେ ଗହଳି ଚହଳି ରହିଛି । ଏହାକୁ ନଜରରେ ରଖି ସିଂହଦ୍ୱାର ସମ୍ମୁଖ ଭାଗ ଅଞ୍ଚଳକୁ ଚିତ୍ରକଳାରେ ସଜା ଯାଉଛି । ରଙ୍ଗ ତୂଳୀରେ ଶିଳ୍ପୀମାନେ ତାଙ୍କ କଳା ଚାତୁରୀକୁ ଫୁଟାଉଛନ୍ତି ଏଠାରେ, ଯାହାକି ବେଶ୍ ଆକର୍ଷଣୀୟ ଦେଖାଯାଉଛି ।

## ବଡ଼ଦାଣ୍ଡ କୋଠା ଏକରଙ୍ଗୀ

୨୮୦୦ ମିଟର ଲମ୍ବ ଓ ୬୦ ମିଟର ପ୍ରସ୍ଥ ବିଶିଷ୍ଟ ଏଇ ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରେ ରହିଛି ଅନେକ କୋଠାବାଡ଼ି ଓ ମଠ ମନ୍ଦିର। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଏବେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ ସବୁ କୋଠା ଗୋଟିଏ ରଙ୍ଗ ଅର୍ଥାତ୍ ଫିକା ଗୋଲାପୀରେ ରଙ୍ଗେଇ ହୋଇଛି । ଗୋଟିଏ ରଙ୍ଗ ଯୋଗୁ ବେଶ୍ ସୁନ୍ଦର ଦିଶୁଛି ଏବେ ବଡ଼ଦାଣ୍ଡ । '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ବହୁ ରଙ୍ଗ ଅନୁଧ୍ୟାନ କରିବା ପରେ ଫିକା ଗୋଲାପି ରଙ୍ଗ ଚୟନ କରିଥିଲେ । ଏହି ରଙ୍ଗ କାମ ପ୍ରାୟ ୮୦ ପ୍ରତିଶତ ଶେଷ ହେଲାଣି । ବଳକା କୋଠାରେ ରଙ୍ଗ ଦିଆଯାଉଛି ।

ନବକଳେବର ସମୟରେ ବଡ଼ଦାଣ୍ଡରେ ଥିବା କୋଠାର ରଙ୍ଗରେ ସମାନତା ଆଣିବା ଉଦ୍ଦେଶ୍ୟରେ ପ୍ରଥମ ପଦକ୍ଷେପ ନିଆଯାଇଥିଲା । ସବୁ କୋଠାକୁ ସରକାରଙ୍କ ପକ୍ଷରୁ ଫିକା ହଳଦିଆ ରଙ୍ଗରେ ରଙ୍ଗାଯାଇଥିଲା । ସେ ବେଠୁ ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରେ ଥିବା ଘରୋଇ ଓ ବ୍ୟବସାୟିକ କୋଠାକୁ ଲୋକେ ଫିକା ହଳଦିଆ ରଙ୍ଗ ଦେଉଥିବା ବେଳେ ଏବେ ପରିକ୍ରମା ପ୍ରକଳ୍ପ ପାଇଁ ବଦଳିଛି ରଙ୍ଗ । ଫିକା ହଳଦିଆରୁ ଏବେ ହୋଇଛି ଫିକା ଗୋଲାପୀ । ଏହାକୁ ମଧ୍ୟ ସ୍ୱାଗତ ଜଣାଇଛନ୍ତି ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ରହୁଥିବା ଲୋକେ ।

## ବଡ଼ ବଢ଼ିଆ ବଡ଼ଦାଣ୍ଡ

ଜବରଦଖଲ ମୁକ୍ତ ହେଉଛି ବଡ଼ଦାଣ୍ଡ । ସ୍ଥାନୀୟ ସହରବାସୀ ଏବଂ ବାହାରୁ ଆସୁଥିବା ଭକ୍ତମାନେ ଯେପରି ବଡ଼ଦାଣ୍ଡରେ ବିନା ପ୍ରତିବନ୍ଧକରେ ଚଳପ୍ରଚଳ କରିପାରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଦୁଇଟି ପର୍ଯ୍ୟାୟରେ ସିଂହଦ୍ୱାରଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରୁ ସମସ୍ତ ଉଠାଦୋକାନୀଙ୍କୁ ହଟାଇ ଦିଆଯାଇଛି। ଫଳରେ ମେଡିକାଲ ଛକରୁ ସିଂହଦ୍ୱାର ପର୍ଯ୍ୟନ୍ତ ଏବେ ବଡ଼ ଦେଖାଗଲାଣି ବଡ଼ଦାଣ୍ଡ । ଅର୍ଥାତ୍ ପୂର୍ବରୁ ଉଠାଦୋକାନୀଙ୍କ ଯୋଗୁ ସଂକୁଚିତ ହୋଇପଡିଥିବା ବଡ଼ଦାଣ୍ଡର ଶୋଭା ଏବେ ବଢ଼ିଯାଇଛି।



## ଭକ୍ତ ଦେଖିବେ ରସିକ ରସରାଜଙ୍କ ୨୫ ବେଶ

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ପ୍ରଦର୍ଶନ କରାଯିବ । ପୁରୀର ବିଶିଷ୍ଟ ବେଶ ଶିଳ୍ପୀ ବସନ୍ତ ରଣା ଏହି ବେଶ ତିଆରି କରୁଛନ୍ତି। ପ୍ରଶାସନଠାରୁ ନିର୍ଦ୍ଦେଶ ପାଇବା ପରେ ପ୍ରାୟ ଅଢେଇ ମାସ ଆଗରୁ ପ୍ରସ୍ତୁତି ଚଳାଇଛନ୍ତି ବସନ୍ତ। ଗଙ୍ଗାମାତା ମଠ ପରିସରରେ ବେଶ ପ୍ରସ୍ତୁତ କରୁଥିବା ବେଳେ ଆମେ ଭେଟିଥିଲୁ ଏହି ନିଆରା ଶିଳ୍ପୀଙ୍କୁ । ତାଙ୍କ ସୂଚନା ଅନୁଯାୟୀ, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ମହାପ୍ରଭୁଙ୍କ ୨୫ଟି ବେଶ ତିଆରି କରିବା ଲାଗି ତାଙ୍କୁ ନିର୍ଦ୍ଦେଶ ମିଳିଛି । ତେଣୁ ସାଥି ସତ୍ୟନାରାୟଣ ବେହେରା ଏବଂ ଅନ୍ୟ ୧୫ ଜଣଙ୍କ ସହିତ ବେଶ ପ୍ରସ୍ତୁତିରେ ଲାଗିଛନ୍ତି। ନିଷ୍ଠାର ସହ ମହାପ୍ରଭୁଙ୍କର ଏହି ବେଶ କରାଯାଉଛି ।

ସେ ତିଆରି କରୁଥିବା ବେଶଗୁଡ଼ିକ ମଧ୍ୟରେ ରହିଛି ଅବକାଶ ବେଶ (ତଡ଼ପ ଉତ୍ତରି ବେଶ), ସାଧା ବେଶ, ବଡ଼ସିଂହାର ବେଶ, ଗଜାନନ ବା ହାତୀବେଶ, ରାଜାଧିରାଜ ବେଶ (ସୁନାବେଶ), ବନଭୋଜୀ ବେଶ, କାଳୀୟଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣ ବଳରାମ ବେଶ, ବାମନ ବେଶ, ରାଧାଦାମୋଦର ବେଶ, ଲକ୍ଷ୍ମୀନାରାୟଣ ବେଶ (ଠିଆକିଆ), ବାଙ୍କଚୂଡ଼ ବେଶ, ତ୍ରିବିକ୍ରମ ବେଶ (ଡାଳିକିଆ ବେଶ), ଲକ୍ଷ୍ମୀନୃସିଂହ ବେଶ (ଆଡ଼କିଆ ବେଶ), ନାଗାର୍ଜୁନ ବେଶ, ଶ୍ରାଦ୍ଧ ବେଶ, ଘୋଡ଼ଲାଗି ବେଶ, ଜାମାଲାଗି ବେଶ, ନବାଙ୍କ ବେଶ, ପଦ୍ମମୁଖ ବେଶ, ଗଜଉଦ୍ଧାରଣ ବେଶ, ଚାଚେଡ଼ି ବେଶ, ରଘୁନାଥ ବେଶ (ରାମାଭିଷେକ) ବେଶ ଓ ଚନ୍ଦନଲାଗି ବେଶ ।

ଜଗନ୍ନାଥବଲ୍ଲଭ ମଠ ପରିସରରେ ଏହି ବେଶ ପ୍ରଦର୍ଶୀତ ହେବ। ସବୁବେଶରେ ଚତୁର୍ଦ୍ଧାମୂର୍ତ୍ତି ବସିବେ। ଏଥିପାଇଁ ୩ ଫୁଟ ଉଚ୍ଚତାର ଜଗନ୍ନାଥ ଓ ବଳରାମଙ୍କ ମୂର୍ତ୍ତି ତିଆରି କରାଯାଇଥିବାବେଳେ ୨.୫ ଫୁଟ ଉଚ୍ଚର ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି ରହିଛି। ପ୍ରାୟ ୪ ଫୁଟର ସିଂହାସନ ଉପରେ ଠାକୁରଙ୍କର ଏହି ବେଶ ସବୁ ରହିବ। ମନ୍ଦିରରେ ଯେଉଁଭଳି ଠାକୁରଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଏ ସେହିଭଳି ବେଶ କରାଯିବ। ଜରି, ଜମ୍ବୁରା, ସୋଲ, ଅଠା, ବିଭିନ୍ନ ପ୍ରକାର ମାଳି, କାର୍ଡବୋଡ ଆଦିରେ ଅଳଙ୍କାର ଓ ସାଜସଜ୍ଜା ସବୁ ତିଆରି କରାଯାଉଛି। ବେଶ ପ୍ରସ୍ତୁତି ଏବେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ୧୧ ତାରିଖ ସନ୍ଧ୍ୟା ସୁଦ୍ଧା ପ୍ରଦର୍ଶନୀ ସ୍ଥଳରେ ସବୁ ବେଶ ପ୍ରସ୍ତୁତ କରିବାକୁ ପ୍ରଶାସନ ପକ୍ଷରୁ ତାଙ୍କୁ ନିର୍ଦ୍ଦେଶ ଥିବା କହିଛନ୍ତି ଶିଳ୍ପୀ ବସନ୍ତ।

ତିଆରି କରୁଛନ୍ତି ବେଶ କାରିଗର ବସନ୍ତ ରଣା



# ୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

**ପୋଲସରା, ୯ ।୧(ସମିସ):** ପୋଲସରା ବ୍ଲକର ବିକାଶମୂଳକ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବାକୁ ଯାଇ ମଙ୍ଗଳବାର ୩ଟି ପଞ୍ଚାୟତର ତିନୋଟି ଉନ୍ନୟନ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ। ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ତୁଙ୍ଗାପଡ଼ା ପଞ୍ଚାୟତର ସୀତାରାମପଲ୍ଲୀ ଛକଠାରୁ ୧୬ମାଇଲ ରାସ୍ତାର ଉନ୍ନତିକରଣ ନିମନ୍ତେ ୧୭୩୧.୯୭ ଲକ୍ଷଟଙ୍କା ବ୍ୟୟ ଅଟକଳ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବି.ନୂଆପଲ୍ଲୀ ଗ୍ରାମ ଆର.ଡି ରାସ୍ତାଠାରୁ ଟେଙ୍ଗ କୁମାରୀଖଣୀ ଓ ପାଣ୍ଡିରିପଡ଼ା ପଞ୍ଚାୟତର ସିଂହାସନୀ ନିକଟସ୍ଥ ନିରାସପଲ୍ଲୀ ରାସ୍ତାର ଏକ କିମିର ଲୋକାଲ୍ ନାଳ ଉପରେ ବିଜୁ ସେତୁ ନିର୍ମାଣ ସବିଶେଷ ଅର୍ଥ ମଞ୍ଜୁରୀ ହୋଇଛି। ଫଳରେ ବିଗତ ବହୁ ଦିନର ଆଶା ଆକାଂକ୍ଷାରେ ଥିବା ମୌଳିକ ସମସ୍ୟାର



ସମାଧାନ ହୋଇଛି। ଆଗାମୀ ଦିନରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ନିରୀହ ଲୋକମାନେ ଗମନାଗମନର ସୁବିଧା ସହଯୋଗ ପାଇବା ସହ ସେମାନଙ୍କ ଅର୍ନ୍ତନିହୀତ ବିକାଶର ବୃଦ୍ଧି ହେବ ବୋଲି ଏଠାରେ କୁହାଯାଇଛି।ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ. ଆଶିଷ କୁମାର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅମିୟ କୁମାର ମିଶ୍ର, କନିଷ୍ଠ ଯନ୍ତ୍ରୀ ଇଂ.ଉମାକାନ୍ତ ପୃଷ୍ଟି, ଗ୍ରାମ୍ୟଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ଅରବିନ୍ଦ ସ୍ୱାଇଁ, ଯନ୍ତ୍ରୀ ଇଂ.ମହେନ୍ଦ୍ର ତରାଇ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ତୁଙ୍ଗାପଡ଼ା ସରପଞ୍ଚ ସିମାଞ୍ଚଳ ସେଠୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ରନାଥ ପ୍ରଧାନ, ବ୍ଲକ ବିଜେଡି ମହିଳା ସଭାପତି ସଞ୍ଜୁକ୍ତା ବାଡ଼ତ୍ୟା, ପ୍ରଶାନ୍ତ କୁମାର ଗୌଡ଼, ଯୁବ ସଙ୍ଗଠକ ନରେନ୍ଦ୍ର କୁମାର ଦେବତା, କେଦାର ଗୌଡ଼, ନିଳାଞ୍ଚଳ ପଣ୍ଡା, ସୁଶାନ୍ତ ଗୌଡ଼, ଦିଲ୍ଲୀପ କୁମାର ତ୍ରିପାଠୀ, ପାଣ୍ଡିରିପଡ଼ା ସରପଞ୍ଚ ରଘୁନାଥ ଭୂୟାଁ, ରବୀନ୍ଦ୍ର ନାୟକ ସମେତ ତିନୋଟି ପଞ୍ଚାୟତର ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ପାଇବ ପୋଲସରା ଏନ୍‌ଏସି

**ପୋଲସରା, ୯ ।୧(ସମିସ):** ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩-୨୪ରେ ପରିମଳ ଓ ସଫେଇ ପାଇଁ ପୁରସ୍କୃତ ହେବ ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ। ଚଳିତମାସ୧୧ତାରିଖରେନୂଆଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରୁ ଏନ୍‌ଏସିର ଜନପ୍ରତିନିଧି ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରସ୍କାର ଗ୍ରହଣ କରିବେ। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠି ନଂ-୬୬୬/୬-୦୧-୨୪ପ୍ରକାରେ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଛି। କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ତରଫରୁ ସର୍ଭେ ଦଳ ବିଭିନ୍ନ



ସହରାଞ୍ଚଳରେ ପରିମଳ ଓ ସ୍ୱଚ୍ଛତା ଅନୁଧ୍ୟାନ କରିଥିଲା। ସର୍ଭେ ରିପୋର୍ଟ ଆଧାରରେ ପୋଲସରା ବିଜ୍ଞାପିତ ଅଞ୍ଚଳକୁ ସାମିଲ କରାଯାଇଛି। ବାହ୍ୟ ପରିବେଶକୁ ଆବର୍ଜନା ମୁକ୍ତ ରଖିବା, ବାହ୍ୟ ମଳମୁକ୍ତ ସହର, ସହରବାସୀ ନିଜ ନିଜ ପାଇଖାନା ବ୍ୟବହାର କରୁଥିବା ପ୍ରମୁଖ ଦିଗରେ ସଚେତନତାକୁ ବିଚାର କରି ଏହି ମାନ୍ୟତା ମିଳିଛି। ପୋଲସରା ଏନ୍‌ଏସି ପକ୍ଷରୁ ମର୍ଦ୍ଦରାଜପୁର ଗ୍ରାମ ନିକଟରେ ମଳ ଉପଚାର କେନ୍ଦ୍ର ସ୍ଥାପନ ସହ ଏମ୍. ସି.ସି ପଏଣ୍ଟରେ ସଫେଇ କର୍ମଚାରୀଙ୍କ ଦ୍ୱାରା ସହରର ପ୍ରତ୍ୟେକ ଘରୁ ଡଷ୍ଟବିନ୍ ଜରିଆରେ ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ସଂଗ୍ରହ କରାଯାଉଛି। ଏଣୁ ଅଳିଆ ଆବର୍ଜନାମୁକ୍ତ ସହରାଞ୍ଚଳ ଭାବେ ପରିଗଣିତ କରାଯାଇଛି। ଏନ୍‌ଏସି ଅଧକ୍ଷା ସଙ୍ଗୀତା ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କାର ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏନେଇ ପୋଲସରା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ଆବର୍ଜନାମୁକ୍ତ ସହର ବେଲଗୁଣ୍ଠା, ଜାତୀୟସ୍ତରରେ ପ୍ରଶଂସିତ ହେବ

**ବେଲଗୁଣ୍ଠା, ୯ ।୧(ସମିସ):** ସହରକୁ ସ୍ୱଚ୍ଛ ସୁନ୍ଦର କରିବା ଦିଗରେ ବେଲଗୁଣ୍ଠା ସହରରେ ବହୁ ବିଧି ପଦକ୍ଷେପ ଗ୍ରହଣ କରାଯାଇଛି। ପରିମଳଠାରୁ ଆରମ୍ଭ କରି ସର୍ବନିମ୍ନ ମୌ?ଳିକ ସୁବିଧା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବେଳେ ; ବର୍ତ୍ତମାନ ଆର୍ବଜନା ମୁକ୍ତ ସହର ଭାବେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩ ଅଭିଯାନ ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲାର ୧୦ଟି ଏନ୍.ଏ.ସି ମଧ୍ୟରେ ବେଲଗୁଣ୍ଠା ଏନ୍.ଏ.ସି ଜାତୀୟ ସ୍ତରରେ ଚୟନ ହୋଇ ରାଷ୍ଟ୍ରପତିଙ୍କ ନିକଟରୁ ପୁରସ୍କାର ପାଇବା ପାଇଁ ଧାର୍ଯ୍ୟ ହୋଇଛି। ଏନେଇ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଚିଠି ମାଧ୍ୟମରେ ଏନ୍‌ଏସିକୁ ଅବଗତ କରାଯାଇଛି। ଏହି ଖବର ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଦେଖାଦେଇଛି। ଆସନ୍ତା ୧୧ ତାରିଖ ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପରେ ପୁରସ୍କାର ବିତରଣ ଉତ୍ସବରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏସ . ରାକେଶ କୁମାର ପାତ୍ର ଓ ପରିମଳ ବିଭାଗର କର୍ମଚାରୀ ଏହି ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାଯାଇଛି। କାଉନସିଲର ମାନଙ୍କ ଉଦ୍ୟମ ଓ ସହରବାସୀଙ୍କ ସହଯୋଗ ଯୋଗୁ ଏଭଳି ପୁରସ୍କାର ପାଇବାରେ ସହାୟକ ହୋଇପାରିଥିବା ଏନ୍‌ଏସି ପକ୍ଷରୁ କୁହାଯାଇଛି। ବିଶେଷ କରି ବିଭିନ୍ନ ଗୁଣାନକ ଆଧାରକୁ ନେଇ ସର୍ଭେ ହୋଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲାର ପ୍ରାଧାନ୍ୟତା କୁ ବିଚାର କୁ ନିଆଯାଇ ପୁରସ୍କୃତ କରାଯାଇଥିବା ସୂଚନା ମିଳିଛି।

## ମାରଦା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ପୋଲସରା, ୯ ।୧(ସମିସ):** ପୋଲସରା ଅଞ୍ଚଳର ଐତିହାସିକ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ବିକାଶ ଓ ପୂର୍ବ ପରମ୍ପରା ସଂସ୍କୃତିକୁ ସ୍ମରଣୀୟ କରିବାକୁ ଯାଇ ବହୁ ପ୍ରସିଦ୍ଧ ମାରଦା ମହୋତ୍ସବ ଅନୁଷ୍ଠିତ କରାଯିବ। ଏନେଇ ସୋମବାର ପୋଲସରା ଏନ୍.ଏ.ସି ସ୍ଥିତ କୋଣାର୍କ କଲ୍ୟାଣ ମଣ୍ଡପ ଗୃହରେ ସମସ୍ତ ବିଭାଗୀୟ ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ସମସ୍ତ ନବନିର୍ବାଚିତ ଜନପ୍ରତିନିଧିମାନଙ୍କୁ ନେଇ ମାରଦା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ବିଡ଼ିଓ କୁରେଶ ଚନ୍ଦ୍ର ଜାନୀ, ଥାନା ଅଧିକାରୀ କୌଶିକ୍ ମାଝୀ, କମିଟିର ଉପସଭାପତି ଲଳିତ ମୋହନ ରଥ, ଅବସରପ୍ରାପ୍ତ ପ୍ରିନ୍ସିପାଲ୍ ଡ଼. ଦିବାକର ମିଶ୍ର, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ବ୍ଲକ ଅଧକ୍ଷ ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ, ଉପାଧକ୍ଷ କାହ୍ନୁ ପରିଡ଼ା, ଏନ୍.ଏ.ସି ଉପାଧକ୍ଷ ସନ୍ତୋଷ କୁମାର ବେହେରା, ପୂର୍ବତନ ଅଧକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ଘନଶ୍ୟାମ ଦାସ, ସଂସଦ ପ୍ରତିନିଧି ପ୍ରତାପ ପ୍ରଧାନ, ପୀତବାସ ପ୍ରଧାନ ଓ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ମଞ୍ଚାସିନ ରହି ମାରଦା ମହୋତ୍ସବ ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ଉଭୟ ପୋଲସରା ଏନ୍. ଏ.ସି ଓ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନପ୍ରତିନିଧି ମାନେ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପୂର୍ବ ଇତିହାସକୁ ସ୍ମରଣ ପକାଇ ଏହାର କୀର୍ତ୍ତି ଗୌରବ ଉପରେ ଆଲୋକପାତ କରିଥିଲେ। ପୋଲସରା ଅଞ୍ଚଳରେ ମାରଦା ମହୋତ୍ସବ ଲୁଣିଘାଟି ସ୍ଥିତ ପଡ଼ିଆ ଠାରେ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ନେଇ ଚର୍ଚ୍ଚାର ପରିସରକୁ ଆସିଥିଲା। ଯାହାକୁ ନେଇ ଆଗାମୀ ଦିନରେ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ଉପସ୍ଥିତରେ ଦିନ ଆସନ୍ତା ମାସ (ଫେବୃଆରୀ ୧୦, ୧୧, ୧୨ତାରିଖ)ରେ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆସିକା କୋପରେଟିଭ ସଭାପତି ରଞ୍ଜନ କୁମାର ସାହୁ, ପବିତ୍ର ରାଉତ, ଦୀପିକା ବାରିକ, ପିତବାସ ପ୍ରଧାନ ପ୍ରମୁଖ ସମେତ ବହୁ ଜନପ୍ରତିନିଧି ସରପଞ୍ଚ ସମିତି ସଭ୍ୟ ଓ କାଉନସିଲର ମାନେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଲୋକକଳା କର୍ମଶାଳା




**ଛତ୍ରପୁର, ୯ ।୧(ସମିସ):** ଗଞ୍ଜାମ ଜିଲ୍ଲାର ପାରମ୍ପରିକ ଲୋକକଳା ମଧ୍ୟମରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ ସମ୍ପର୍କରେ ଜିଲ୍ଲାସ୍ତରୀୟ ଏକ ଦିବସୀୟ କର୍ମଶାଳା ଜିଲ୍ଲା ସଂସ୍କୃତି ଭବନ ଛତ୍ରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବେଗୁନିଆପଡ଼ା ଉପ-ସଭାପତି ମହେଶ୍ୱର ବରାଡ ସ୍ୱାଗତ ସମ୍ଭାଷଣ ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗୀୟ ସୂଚନା, ଶିକ୍ଷା ଓ ଯୋଗା ଯୋଗର ମାର୍ଗଦର୍ଶକ କୃଷ୍ଣଚନ୍ଦ୍ର ନିଶଙ୍କ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରବି ନାରାୟଣ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ରାଧେକୃଷ୍ଣ ରାମ, ଜିଲ୍ଲା କଳା ସଂସ୍କୃତି ସଂଘ ଉପ-ସଭାପତି ସନ୍ତୋଷ କୁମାର ପାଢ଼ୀ, ଆକାଶବାଣୀ ଉଦେଘୋଷକ ଅରୁଣ କୁମାର ଶତପଥୀ ପ୍ରମୁଖ ମଞ୍ଚାସିନ ଥିଲେ। ୨୨ବ୍ଲକର ଉପସ୍ଥିତ ଥିବା ବିଏସ୍‌ଏସ ଓ ଉପ-ସଭାପତି ଓ ବୟୋଜ୍ୟେଷ୍ଠ କଳାକାରମାନଙ୍କୁ ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନାର ପ୍ରଚାର ଓ ପ୍ରସାର କରିବା ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରି ସରକାରଙ୍କ ମାର୍ଗ ଦର୍ଶିକା ସମ୍ପର୍କରେ ଅବଗତ କରାଇଥିଲେ। ମଙ୍ଗଳବାର ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଉପ-ସଭାପତି ଓ ବିଏସଏସ ଓ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତି ବିଶେଷ ଆସନ୍ତା ୧୭ତାରିଖ ମଧ୍ୟରେ ବ୍ଲକସ୍ତରରେ ବ୍ଲକ କଳା ସଂସ୍କୃତି ସଂଘରେ ସାମିଲ ଥିବା କଳାକାରମାନଙ୍କୁ ନେଇ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ କରିବାକୁ ପରାମର୍ଶ ଦିଆଯାଇଥିଲା। ଆସନ୍ତା ଜାନୁୟାରୀ ୨୩ ତାରିଖଠାରୁ ଫେବୃଆରୀ ୨୦ପର୍ଯ୍ୟନ୍ତ ଜିଲ୍ଲାର ପ୍ରତି ଗ୍ରାମାଞ୍ଚଳରେରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ ବୋଲି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଯୋଜନା ରହିଛି।

## ବୁଲିବ ନିଖିଳ ଉତ୍କଳ ଆଳୀୟ ଖଣ୍ଡାୟତ ସମାଜ ପରିକ୍ରମା ରଥ

**ଆସିକା, ୯ ।୧(ସମିସ):** ଆଳୀୟ ଖଣ୍ଡାୟତ ସମାଜର ଶତବାର୍ଷିକି ସାଂସ୍କୃତିକ ମହାସଭା ଆସନ୍ତା ଶୁକ୍ରବାର ଦିନଠାରୁ ଆରମ୍ଭ ହୋଇ ରବିବାର ଦିନ ଶେଷ ହେବ। ଏନେଇ ମଙ୍ଗଳବାର ମାଁ ଖମ୍ବେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଛି। ଏଥିସହ ଏକ ପରିକ୍ରମା ରଥ ଶୁଭାରମ୍ଭ ହୋଇଛି। ଏହି ରଥ ଗାଁକୁ ଗାଁ ବୁଲି ସମାଜ ସମସ୍ତଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିବ। ନିଜ ଘର ଇଷ୍ଟ ମାଁ ଖମ୍ବେଶ୍ୱରୀଙ୍କ ପୂଜାର୍ଚ୍ଚନା ବେଳେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ବିଜେଡି ଗଞ୍ଜାମ ଜୋନ ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକ, ସମାଜର ମୁଖ୍ୟ ନିର୍ବାଚନ ଅଧିକାରୀ ଶିବ ନାହାକ, କେନ୍ଦ୍ର ସଭାପତି ପ୍ରହଲ୍ଲାଦ ଲେଙ୍କା, ମୁନା ମହାନ୍ତିଙ୍କ ସମେତ ସମାଜର ପଦାଧିକାରୀ ଉପସ୍ଥିତ ଥିଲେ।



## ବୁଲିଲା ‘ଅର୍ପଣ ରଥ’; ଉତ୍ସବମୁଖର ପୁରପଲ୍ଲୀ

**ଆସିକା, ୯ ।୧(ସମିସ):** ଆସିକା ବ୍ଲକର ଗତ ତିନି ଦିନ ଧରି ପ୍ରତେକ ଗାଁକୁ ଗାଁ ଲୋକାର୍ପଣ ରଥ ବୁଲୁଛି। ମଙ୍ଗଳବାର କାଳଷଣ୍ଢପୁର ଗାଁରେ ବିଭିନ୍ନ ସାହିକୁ ସାହି ଲୋକାର୍ପଣ ରଥ ପରିକ୍ରମା କରିଥିଲା। ଘଣ୍ଟ, ମୃଦୁଙ୍ଗ ସହ ହୁଳହୁଳିରେ ଚର୍ତ୍ତୁଦିଗ ପ୍ରକମ୍ପିତ ହୋଇଥିଲା। ସମସ୍ତେ ଘର ଆଗରେ କୁମ୍ଭ ରଖିଥିଲେ। ଗାଁ ପରିବେଶ ଜଗନ୍ନାଥମୟ ହୋଇଥିଲେ। ଗାଁବାସିନ୍ଦା ଅର୍ପଣ ରଥକୁ ପାଛୋଟି ନେଇଥିଲେ। ଘରକୁ ଘର ବୁଲି ଗୁଆ ଓ ଚାଉଳ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧକ୍ଷ ତ୍ରିବେଣୀ ନାହାକ, ଗଞ୍ଜାମ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବିଜେଡି ଜିଲ୍ଲା ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ସମୀର ବେହେରାଙ୍କ ସମେତ



ପଞ୍ଚାୟତର ସରପଞ୍ଚ ଜୟନ୍ତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରଥ ଘରକୁ ଘର ବୁଲି ଗୁଆ ଚାଉଳ ସଂଗ୍ରହ କରିଥିଲା। ସେହିଭଳି ଦେବଭୂମି ଗ୍ରାମ ପଞ୍ଚାୟତ, ଗୁଣ୍ଡପଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ମୋଚିଆଣି ବେହେରାଙ୍କ ସଂଯୋଜନାରେ ରଥ ରାଇପଲି, ଗୁଣ୍ଡପଡ଼ା ରେ ବୁଲିବା ସହ ବିଭିନ୍ନ ପଞ୍ଚାୟତକୁ ଯାଇ ଚାଉଳ, ଗୁଆ ସଂଗ୍ରହ କରାଯାଉଥିବା ବେଳେ ଗୁଣ୍ଡପଡ଼ା ପଞ୍ଚାୟତର ଯୁବ ବିଜେଡି ନେତା ସନ୍ତୋଷ ବେହେରାଙ୍କ ସମେତ ବହୁ ବିଜେଡି କର୍ମୀ ଓ ଗ୍ରାମବାସୀ ସମେତ ନିର୍ବାଚିତ ପତିନିଧି ମାନେ ଉପସ୍ଥିତ ଥିଲେ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର, ୯ ।୧(ସମିସ):** ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୋମବାର ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଉପଜିଲ୍ଲାପାଳ ଡ଼. ଗୌରବମୟ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଡେପୁଟି କଲେକ୍ଟର କସ୍ତୁରୀ ସ୍ୱାଇଁ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସାଧାରଣତନ୍ତ୍ର ଦିବସରେ ଭୋର ୪ଟା ୩୦ମିନଟରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ବ୍ରହ୍ମପୁର ସହରରେ ରାମଧୁନ ପରିବେଷଣ କରାଯିବ। ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡ଼ିକରେ ସକାଳ ୭ଘଣ୍ଟାରେ ପତାକା ଉତ୍ତୋଳନ କରିବେ। ସେହିପରି ସକାଳ ୮ଟା ୩୦ମିନଟରେ ସ୍ଥାନୀୟ ଖୋଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଖେଳପଡ଼ିଆରେ ଆନୁଷ୍ଠାନିକ ଭାବେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ମିଳିତ ପ୍ୟାରେଡ୍ ଅଭ୍ୟାସ ନିମନ୍ତେ ଆସନ୍ତା ୨୨ ଓ ୨୩ତାରିଖ ଅପରାହ୍ନ ୩ଘଣ୍ଟା ଏବଂ ୨୪ତାରିଖ ସକାଳ ୮ଘଣ୍ଟା ସମୟରେ ଅଭ୍ୟାସ କରାଯିବା ନିମନ୍ତେ ସ୍ଥିର କରାଯାଇଛି। ଆସନ୍ତା ୧୨, ୧୩ ଓ ୧୪ତାରିଖରେ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ କୋର୍ଟପେଟାରେ ସକାଳ ୮ଘଣ୍ଟା ସମୟରେ ଚିତ୍ରାଙ୍କନ, ବକ୍ତୃତା ଓ ରଚନା ପ୍ରତିଯୋଗିତା ଆୟୋଜିତ ହେବ। ଏହି ବୈଠକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ପରିଚାଳନା କରିଥିବାବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀ ଲୋକନାଥ ଶତପଥୀ, ରବୀନ୍ଦ୍ର ସାହୁ ଓ ମମତା ମହାନ୍ତି ସହଯୋଗ କରିଥିଲେ।

## ଡ୍ରାଇଭର ମହାସଂଘର ନୂତନ କୋଠା ଭିତ୍ତିପ୍ରସ୍ତର ସ୍ଥାପନ

**ବେଲଗୁଣ୍ଠା, ୯ ।୧(ସମିସ):** ବେଲଗୁଣ୍ଠା ବ୍ଲକ ଡ୍ରାଇଭର ମହାସଂଘର ନୂତନ କୋଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗୋଶାଳା ନିକଟରେ ୬୫ ଡ଼ିସିମିଲ ଜାଗା ସହିତ ୫ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିବାରୁ ମହାସଂଘର ସମସ୍ତ ସଦସ୍ୟ ବିଧାୟକ ଶ୍ରୀ ସ୍ୱାଇଁକୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ବିଜେଡି ସଭାପତି ତଥା ବଦବୋରସିଂ ସରପଞ୍ଚ ଏସ ରାମେଶ୍ୱର ପାତ୍ର, ପ୍ରାକ୍ତନ ନଗରପାଳ ଚନ୍ଦ୍ରମଣି ସାମଲ ଓ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ମାଗତାଦଳ ବେହେରା, ଜିଲ୍ଲା ପରିଷଦ ସଭ୍ୟ ବିଦ୍ୟାଧର ବିଷୋୟୀ, ବିଜେଡି ଛାତ୍ର ସହ ସମ୍ପାଦକ ଜ୍ୟୋତିରଞ୍ଜନ ନାୟକ, ପ୍ରମୁଖ ଉପସ୍ଥିତ ଥିଲେ।

## ଖେମୁଣ୍ଡି ଖଲାସୀ ସଂଘର ବୈଠକ

**ଦିଗପହଣ୍ଡି, ୯ ।୧(ସମିସ):** ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡ ନିକଟ ଶ୍ରମିକ ସଂଗଠନ ଏଆଇଟିୟୁସି କାର୍ଯ୍ୟାଳୟ ପରିସରରେ ସୋମବାର ଖେମୁଣ୍ଡି ଖଲାସୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ତଥା ଶ୍ରମିକ ସଂଗଠନ ଏଆଇଟିୟୁସିର ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ବୈଠକରେ ଅଧକ୍ଷତା କରିଥିଲେ। ଖଲାସୀ ସଂଘକୁ ଅଧିକା କ୍ରିୟାଶୀଳ କରାଯିବା ନିମନ୍ତେ ବୈଠକ ରେ ବିସ୍ତୃତ ଆଲୋଚନା କରାଯାଇ ନିର୍ଦ୍ଧାରଣ ଗୃହୀତ କରାଯାଇଥିଲା। ସଂଘର ସ୍ଥାୟୀ କାର୍ଯ୍ୟାଳୟ ନିମନ୍ତେ ଏନ୍‌ଏସି ପକ୍ଷରୁ ଜମି ଯୋଗାଇଦେବାକୁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ସବିଶେଷ ଆଲୋଚନା କରାଯିବା ନିମନ୍ତେ ବୈଠକରେ ଆଗତ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଅନୁଯାୟୀ ସଂଘର ସଭ୍ୟବୃନ୍ଦ ଆବେଦନ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସଂଘର କାର୍ଯ୍ୟକର୍ତ୍ତା ପାଣ୍ଡବ ସେଠୀ, ଯୁଧିଷ୍ଠିର ଦାସ, ରଞ୍ଜନ ସେଠୀ, ଉଜ୍ଜଳ ସେଠୀ, ସୁନୀଲ ସେଠୀ, ଶୁକଦେବ ବେହେରା, ଆନନ୍ଦ ସେଠୀ, ସନ୍ତୋଷ ସେଠୀ, କାଳିଆ ସେଠୀ, ପିଣ୍ଟୁ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗାୟାଗଣ୍ଡାରେ ଖୋଲିଲା ଧାନମଣ୍ଡି

**ଭଞ୍ଜନଗର, ୯ ।୧(ସମିସ):** ଜଗନ୍ନାଥପ୍ରସାଦ ବ୍ଲକ ଗାୟାଗଣ୍ଡା ସେବା ସମବାୟ ସମିତି ପକ୍ଷରୁ ଧାନ କ୍ରୟ ଶୁଭାରମ୍ଭ ହୋଇଛି। ଏଥିରେ ସମ୍ପାଦକ ବିରେନ୍ ନାୟକ, ସଭାପତି ଶ୍ରୀନିବାସ ଡାକୁଆଙ୍କ ନେତୃତ୍ୱରେ ଆଜିଠାରୁ ପ୍ରତ୍ୟେକ ଦିନ ମଣ୍ଡିରୁ ଧାନ କ୍ରୟ କରାଯିବ। ଏହି ବ୍ଲକରେ ନାମ ପଞ୍ଜୀକରଣ କରିଥିବା ଚାଷୀମାନଙ୍କ ମଧ୍ୟରେ ଅନନ୍ତ ନାୟକ, ବିରାଟ ଦଳବେହେରା, ଚିତ୍ତ ରଞ୍ଜନ ନାୟକ, ଜଗନ୍ନାଥ ଜେନା, ଚନ୍ଦ୍ରଧ୍ୱଜ ବେହେରା, ହରେକୃଷ୍ଣ ପ୍ରଧାନ ଓ ଅନ୍ୟ ଚାଷିଙ୍କଠାରୁ ଧାନ କ୍ରୟ ନିମନ୍ତେ ସୂଚନା ଦିଆଯିବା ସଙ୍ଗେ ଚାଷୀ ଦୁହ୍ଲାଳ ମାଝି, ନିଶା ନାୟକ, ଗୋବିନ୍ଦ ଚନ୍ଦ୍ର ନାୟକ, ମହାଜନ ନାୟକ ସମେତ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଇଥିଲା।

## ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ଭଞ୍ଜନଗର, ୯ ।୧(ସମିସ):** ସ୍ଥାନୀୟ ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନୂତନ ବର୍ଷର ପ୍ରଥମ ବୈଠକ ହାଇସ୍କୁଲ ଛକରେ ଥିବା ନାୟକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ସୋମନାଥ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଂଘର ବରିଷ୍ଠ ସଦସ୍ୟଙ୍କ ଦେହାନ୍ତରେ ସଦସ୍ୟମାନେ ଏକ ମିନଟ ନୀରବ ପ୍ରାର୍ଥନା ପରେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।ଗତାୟୁ ମାନଙ୍କ ଫୋଟ ଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ।

## ଯଶୋଦା ଫାଉଣ୍ଡେସନ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

**ଛତ୍ରପୁର, ୯ ।୧(ସମିସ):** ଛତ୍ରପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଯଶୋଦା ଫାଉଣ୍ଡେସନ୍ ପକ୍ଷରୁ ତାଡେପଲ୍ଲୀ ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ବାସନାପଲ୍ଲୀ ଗ୍ରାମର ଅସହାୟ ବୃଦ୍ଧା ଓ ଏକାକୀ ମହିଳା ମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯଶୋଦା ଫାଉଣ୍ଡେସନର ଟ୍ରଷ୍ଟି ସାଗରିକା ପଣ୍ଡାଙ୍କ ପୌରହିତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଯୋଗଦେଇ ବୃଦ୍ଧା ଓ ଏକାକୀ ମହିଳାଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଫାଉଣ୍ଡେସନର ସୁଦେଷ୍ଣା ସାହୁ ଓ ପୁଷ୍ପାଞ୍ଜଳୀ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## ଏଚ୍‌ଆଇଭି ଓ ଟିବିମୁକ୍ତ ପଞ୍ଚାୟତ ଗଠନ ଲାଗି ସଚେତନତା ବୈଠକ

**କବିସୂର୍ଯ୍ୟନଗର, ୯ ।୧(ସମିସ):** ଓଡ଼ିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ବିଭାଗ ଭୁବନେଶ୍ୱର ନିର୍ଦ୍ଦେଶ ପ୍ରକାରେ ସୋମବାର କବିସୂର୍ଯ୍ୟନଗର ବ୍ଲକ ବୈଠକ ଗୃହରେ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟଧିକାରୀ ଡ଼. ଅମରେସ ସାହୁଙ୍କ ଅଧ୍ୟକ୍ଷତକ୍ଷରେ ହେଚଆଇଭି, ଏଡ଼ସ ଓ ଟିବି ମୁକ୍ତ ପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ସାଗରୀକା ଷଡ଼ଙ୍ଗୀ, ମୁଖ୍ୟବକ୍ତା ବ୍ଲକ ଅଧକ୍ଷ ଜ୍ୟୋର୍ତିମୟୀ ସ୍ୱାଇଁ, ସମ୍ମାନିତ ଅତିଥି ଏବିଡ଼ିଓ ନାରାୟଣ ବେହେରା, ବିପିଏମ ସୁନୀଲ କୁମାର ପଣ୍ଡା, ଆଇସିଟିସି କାଉନସିଲର ରାକେଶ କୁମାର ସେଠି ଓ କାମନା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ରୋଗୀ ଓ ଲୋକଙ୍କୁ ସଚେତନ କରାଇବା ଏହାର ଉଦ୍ଦେଶ୍ୟ। ଏଚଆଇଭି, ଏଡ଼ସ, ଟିବିର କାରଣ, ଚିକିତ୍ସା, ନିରାକରଣ ଓ ସଚେତନତା ସୃଷ୍ଟି ହେଲେ ଏହା ବ୍ୟାପିବାର ଆଶଙ୍କା ନଥାଏ ବୋଲି ମତ ପ୍ରକାଶ ପାଇଥିଲା।

## ପାଣି ପଞ୍ଚାୟତ ପକ୍ଷ ପାଳନ ନେଇ ବିଭିନ୍ନ ପ୍ରତିଯୋଗିତା

**ଭଞ୍ଜନଗର, ୯ ।୧(ସମିସ):** ଭଞ୍ଜନଗର ଜଳସେଚନ ବିଭାଗ ଅଧୀନରେ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଡିଭିଜନସ୍ତରରେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ସ୍ଥାନୀୟ



ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ହୋଇଯାଇଛି। ଏଥିରେ ଭଞ୍ଜନଗର, ସୋରଡ଼ା ଓ ଧରାକୋଟ ବ୍ଲକର ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ବିତର୍କ, ପ୍ରବନ୍ଧ, କୁଇଜ୍, ପେଇଣ୍ଟିଂ, ମଡେଲ୍ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ଭଞ୍ଜନଗର ବ୍ଲକ ଶିକ୍ଷାଧିକାରୀ ଏସ. ଧନଞ୍ଜୟ, ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର ନାଥ ସେଠୀ, ଡ଼ିହ ସହକାରୀ ନିର୍ବାହୀ ଯନ୍ତ୍ରୀ ପଞ୍ଚୁ ବେହେରା, ରଶ୍ମି ରଞ୍ଜନ ରଥ, କନିଷ୍ଠଯନ୍ତ୍ରୀ ବିଶ୍ୱମୋହନ ବେହେରା, ଆସଲମ ଖାନ୍ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଅବଶିଷ୍ଟାଂଶ...

### ମାଲ୍ୟବନ୍ତରେ ବିକାଶର...

ଯୋଗାଯୋଗ, ପର୍ଯ୍ୟଟନ ଓ ବାଣିଜ୍ୟ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଆକାଶପଥରେ ସଂଯୋଗ କରାଯିବାପରେ ଉପାନ୍ତ ଅଞ୍ଚଳଗୁଡ଼ିକରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମାଲକାନଗିରିକୁ ବିମାନ ଚଳାଚଳ ଓଡ଼ିଶାରେ ଶିଳ୍ପ ତଥା ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବିଚାର କରାଯାଉଛି। ଏହି ବିମାନ ବନ୍ଦର ୨୩୩ ଏକର ଅଞ୍ଚଳରେ ପରିବ୍ୟାପ୍ତ ଏବଂ ଏଥିରେ ୧୬୨୦ ମିଟର ଦୈର୍ଘ୍ୟ ଓ ୩୦ ମିଟର ପ୍ରସ୍ଥ ବିଶିଷ୍ଟ ଏକ ରନୱେ ନିର୍ମାଣ କରାଯାଇଛି। ଏଥିପାଇଁ ୭୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ବିମାନବନ୍ଦର ଉଦଘାଟନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହିତ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ।

### ଗୋବିନ୍ଦପାଲି ସମନ୍ୱିତ...

୪୦୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଗୋବିନ୍ଦପାଲି ସମନ୍ୱିତ ଜଳସେଚନ ପ୍ରକଳ୍ପର ଡିପିଆର ପ୍ରସ୍ତୁତ କରାଯାଇ ବୈଷୟିକ ପରାମର୍ଶଦାତା କମିଟିର ଅନୁମୋଦନ ନିମନ୍ତେ କେନ୍ଦ୍ରୀୟ ଜଳ ଆୟୋଗକୁ ପ୍ରେରଣ କରାଯାଇଅଛି। ଏହି ପ୍ରକଳ୍ପ ଅଧୀନରେ ସପ୍ତଧାରା ଓ ଗରିଆଠାରେ ଦୁଇଗୋଟି ଡ୍ୟାମ, ଏକ ସଂଯୋଗୀକରଣ ଟନେଲ ଓ ଭୂତଳ ପାଇପଲାଇନ ଦ୍ୱାରା ଜଳସେଚନର ବ୍ୟବସ୍ଥା ରହିଛି। ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲ୍ଲାର ଚାରିଗୋଟି ବ୍ଲକ ଯଥା ମାଲକାନଗିରି, ମାଥିଲି, ଖଇରିପୁଟ ଓ କୋରକୁଣ୍ଡାରେ ଅତିରିକ୍ତ ୯୨,୮୧୫ ଏକର ଚାଷ ଜମିରେ ଜଳସେଚନର ସୁବିଧା ସୃଷ୍ଟି କରାଯିବ। ଏହାସହ ୧.୫୦ ଲକ୍ଷ ସ୍ଥାନୀୟ ଜନସାଧାରଣଙ୍କୁ ପାନୀୟଜଳ ଯୋଗାଣ କରାଯାଇପାରିବ।

### ଅବିଶ୍ୱସନୀୟକୁ...

କୋରାପୁଟ ଜିଲ୍ଲା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ମନରେ ବେଶ୍ ଦରଦ ଓ ଆକର୍ଷଣ ଥିବା ମତବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ପାଣ୍ଡିଆନ୍ ଆଜି ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ସହିତ ବିଭାଗର ପ୍ରଦର୍ଶନରେ ସନ୍ତୋଷବ୍ୟକ୍ତ କରିଛନ୍ତି। ଏହି ପ୍ରକଳ୍ପ ସବୁ ଲୋକଙ୍କ ମତାମତ ଆଧାରରେ ଆରମ୍ଭ କରାଯାଇଛି ଏବଂ ତାହାକୁ ଧାର୍ଯ୍ୟ ସମୟ ଭିତରେ ସମ୍ପୂର୍ଣ୍ଣ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ନବରଙ୍ଗପୁର ଜିଲ୍ଲାର ରାଇଘର, କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଓ ମାଲକାନଗିରିଠାରେ ଆୟୋଜିତ ସମାବେଶରେ '୫-ଟି' ଅଧ୍ୟକ୍ଷ କହିଛନ୍ତି ଯେ ତାଙ୍କ ସମୀକ୍ଷା ଓ ଜନ ଶୁଣାଣିରେ ସାଧାରଣ ଲୋକ ଦେଇଥିବା ପ୍ରସ୍ତାବ ଅନୁସାରେ ଗତ ୯ ମାସରେ ମାଲକାନଗିରିକୁ ସପ୍ତଧାରା ଜଳସେଚନ ପାଇଁ ୪୫୦୦ କୋଟି ଟଙ୍କା ବ୍ୟତୀତ ମାଲକାନଗିରିର ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ୭୮୬ କୋଟି ଟଙ୍କା ଅନୁଦାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି ନବରଙ୍ଗପୁର ଜିଲ୍ଲାକୁ ୪୫୦ କୋଟି ଏବଂ କୋରାପୁଟ ଜିଲ୍ଲାକୁ ୪୦୦ କୋଟି ଟଙ୍କା ଅନୁଦାନ ଦେଇଛନ୍ତି। କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ୬ଟି ଡିଗ୍ରୀ କଲେଜ ନୂଆ ଡ଼ିଗ୍ରୀ କଲେଜ ଖୋଲିବା ସହ ଏସବୁ କଲେଜରେ ଚଳିତ ବର୍ଷରୁ ପାଠ ପଢ଼ା ଆରମ୍ଭ ହେବ। ଗତ ମାର୍ଚ୍ଚ ମାସରେ ସେ ମାଲକାନଗିରି ଗସ୍ତ କରିଥିବା ବେଳେ ଲୋକଙ୍କ ଠାରୁ ୮୫୦ଟି ଦରଖାସ୍ତ ପାଇଥିଲେ। ଏଥିରୁ ୮୨୦ଟି ଦରଖାସ୍ତ ଉପରେ ପଦକ୍ଷେପ ନିଆଯାଇଛି ଓ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। ମନ୍ଦିର, ମସଜିଦ୍, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ପାଇଁ ୧୬ କୋଟି ଟଙ୍କା ଦିଆଯାଇଛି। ମାଛକୁଣ୍ଡ ନଦୀ ଉପରେ ଦେଶୀଗୁଡା ଯନ୍ତ୍ରୀ ରାସ୍ତାରେ ସେତୁ ପାଇଁ ୪୦ କୋଟି, କୁମୁଟୁପୁଡା ନଦୀ ଉପରେ ଦାନାବେଢ଼ା ରାସ୍ତାରେ ସେତୁ ପାଇଁ ୨୭ କୋଟି, କାଳିଆଘର ନାଳ ଉପରେ ଯନ୍ତ୍ରୀ ରାସ୍ତାରେ ସେତୁ ପାଇଁ ୨୦ କୋଟି ଟଙ୍କା ମଞ୍ଜୁର ହୋଇଛି। ମାଲକାନଗିରି ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ସର୍ବମୋଟ ୪୧୮୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଜିଲ୍ଲାରେ ଆହୁରି ଅଧିକ ସଂଖ୍ୟକ ଲକ୍ଷ୍ମୀ ବସ୍ ଚଳାଇବା ଦାବି ଶୀଘ୍ର ପୂରଣ କରାଯିବ ବୋଲି ୫-ଟି ଅଧ୍ୟକ୍ଷ ଘୋଷଣା କରିବା ସହ ଲୋକମାନଙ୍କ ଦରଖାସ୍ତର ବିଚାର କରାଯାଇ ଆସନ୍ତା ୧୦ ଦିନ ମଧ୍ୟରେ ଖୁସି ଖବର ଦିଆଯିବ ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରତିଶ୍ରୁତି ଦେଇଥିଲେ।

ନବରଙ୍ଗପୁର ରାଇଘର ଠାରେ ୫-ଟି ଅଧ୍ୟକ୍ଷ ବିକାଶ କାର୍ଯ୍ୟର ସମୀକ୍ଷା ପରେ ଜନସଭାକୁ ସମ୍ବୋଧିତ କରି ଗତ ମାର୍ଚ୍ଚ ମାସରେ ଦେଇଥିବା ପ୍ରତିଶ୍ରୁତିର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଛନ୍ତି। ୯ ମାସ ଭିତରେ ନବରଙ୍ଗପୁରକୁ ୪୫୦ କୋଟି ଟଙ୍କା ମିଳିଥିବା ବେଳେ ଉମରକୋଟ ନିର୍ବାଚନମଣ୍ଡଳୀ ପାଇଁ ବିପୁଳ ଅର୍ଥ ମଞ୍ଜୁର ହୋଇଛି ବୋଲି ସେ କହିଛନ୍ତି। ଜିଲ୍ଲା ପାଇଁ ମିଳିଥିବା ୪୫୦ କୋଟି ଭିତରେ ଜଳସେଚନ ପାଇଁ ମିଳିଥିବା ଅନୁଦାନ ରାଶିକୁ ଯୋଡ଼ାଯାଇ ନାହିଁ। ତେନ୍ତୁଳିଖୁଣ୍ଟି, କୋଷାଗୁମୁଡ଼ା, ଝରିଗାଁ ଓ ରାଇଘରରେ ଡିଗ୍ରୀ କଲେଜକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ସେହିପରି ଉମରକୋଟରେ ଡାଏଲିସିସ ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ଦେଇଛନ୍ତି। ଏହି ଅବସରରେ '୫-ଟି' ଅଧ୍ୟକ୍ଷ କୋରାପୁଟ ଓ ଲକ୍ଷ୍ମୀପୁରରେ ଆୟୋଜିତ ସମାବେଶରେ ବିଏସ୍‌କେୱାଇ ନବୀନ କାର୍ଡରେ ସମସ୍ତଙ୍କୁ ସାମିଲ କରାଯିବ ବୋଲି ଘୋଷଣା କରିଛନ୍ତି। ଗତଥର ନାରାୟଣପାଟଣା ଆସିଥିବା ବେଳେ ୧୫ଟି ଦରଖାସ୍ତ ସଂଗ୍ରହ କରିଥିଲେ ଏବଂ ସେଥିରୁ ୧୨ଟି ଉପରେ ପଦକ୍ଷେପ ନିଆଯାଇଛି। ବନ୍ଧୁଗାଁ ଓ ନାରାୟଣପାଟଣାରେ ସରକାରୀ ଡିଗ୍ରୀ କଲେଜ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମତି ପ୍ରଦାନ କରିଛନ୍ତି। ଚଳିତ ବର୍ଷରୁ ସେଠାରେ ପାଠପଢ଼ା ଆରମ୍ଭ ହେବ। ନାରାୟଣପାଟଣା ଜଗନ୍ନାଥ ମନ୍ଦିର ରୂପାନ୍ତରଣ ପାଇଁ ୪ କୋଟି ଟଙ୍କା, ବନ୍ଧୁଗାଁରେ ଅଗ୍ନିଗଙ୍ଗା ମା' ମନ୍ଦିର ପାଇଁ ୨ କୋଟି, ଲକ୍ଷ୍ମୀପୁର କଲେଜ ପାଇଁ ମୁଖ୍ୟମନ୍ତ୍ରୀ ୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ସେ କହିଛନ୍ତି। କୋରାପୁଟ ଜିଲ୍ଲାରେ ୩୦୦ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୧୫ କୋଟି ଟଙ୍କା ଓ କେବଳ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ପାଇଁ ୧୩୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ। ୫-ଟି ଅଧ୍ୟକ୍ଷ କହିଛନ୍ତି ଯେ ନିକଟରେ ଜୟପୁର ଗସ୍ତରେ ଆସିଥିବା ସମୟରେ ଆଉ କିଛି ଆବେଦନ ମିଳିଥିଲା। ସେଥିରୁ ୩୦୦ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୧୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ଗୁପ୍ତେଶ୍ୱର ମନ୍ଦିର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ୨୦ କୋଟି ୨୦ ଲକ୍ଷ ଟଙ୍କା ଦେଇଥିବା ବେଳେ କୋଲାବ ନଦୀ ଉପରେ ସେତୁ ପାଇଁ ୧୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଗତ ୧୦ ମାସରେ କେବଳ କୋରାପୁଟ ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ୪୦୦ କୋଟି ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ।

### ବିପଜ୍ଜନକ ବୋତଲ...

ପାକସ୍ଥଳୀ କିମ୍ବା ଫୁସ୍‌ଫୁସ୍‌ରୁ ରକ୍ତରେ ମିଶିଯାଏ। ପରେ ଏହା ହୃଦୟ ଏବଂ ମସ୍ତିଷ୍କ ଉପରେ ପ୍ରଭାବ ବିସ୍ତାର ଆରମ୍ଭ କରେ। ଏହାକୁ ନେଇ ବିଶ୍ୱର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ଖାଦ୍ୟ, ପାନୀୟରେ ପ୍ଲାଷ୍ଟିକ୍‌ର ଉପସ୍ଥିତି ଜାଣିବା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳର ଆବଶ୍ୟକତା ଅଛି। ପାରମ୍ପରିକ ଗବେଷଣା ପଦ୍ଧତିରୁ ନାନୋପ୍ଲାଷ୍ଟିକ୍‌ର ଉପସ୍ଥିତି ସ୍ପଷ୍ଟ ହୋଇଛି, ତେବେ ମାନବ ଓ ପରିବେଶ ଉପରେ ତାହାର ବିତରଣ, ପ୍ରଭାବ, ପ୍ରକାର ସମ୍ପର୍କରେ ଏବେ ବି ସୂଚନାର ଅଭାବ ରହିଛି। ଗବେଷକମାନେ ୨୪୦,୦୦୦ ଚିହ୍ନଟ ଯୋଗ୍ୟ ପ୍ଲାଷ୍ଟିକ୍ କଣିକା ଚିହ୍ନଟ କରିଥିବା ବେଳେ ସେଥିରୁ ୧୦% ହେଉଛି ମାଇକ୍ରୋପ୍ଲାଷ୍ଟିକ୍ ଏବଂ ଅବଶିଷ୍ଟ ହେଉଛି ନାନୋପ୍ଲାଷ୍ଟିକ୍। ସଂଗୃହୀତ ନମୁନାରୁ ସମସ୍ତ ସାତ ପ୍ରକାର ପ୍ଲାଷ୍ଟିକ୍ କଣିକା ଚିହ୍ନଟ କରାଯାଇଛି। ପାଣି ବୋତଲ ଗରମ ସ୍ଥିତିରେ ରହିଲେ ଅବା ଚେପା ହୋଇଗଲେ ସେଥିରୁ କଣିକା ନିର୍ଗତ ହୋଇ ପାଣିରେ ମିଶିଥାଏ। ଡିସ୍ପୋଜେବଲ୍ ପାନୀୟ ବୋତଲ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ପୋଲିଥିନ୍ ଟେରେଫଥାଲେଟ୍ ଅବା ପିଇଟି ପାଣିରେ ଅତି ସହଜରେ ମିଶିପାରେ। ଏହା ପୂର୍ବରୁ ମାନବ ରକ୍ତ ନମୁନାରେ ପ୍ଲାଷ୍ଟିକ୍ ଥିବା ଚିହ୍ନଟ କରାଯାଇଥିଲା। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ରିପୋର୍ଟ ଅନୁସାରେ ଭାରତରେ ପାଖାପାଖି ୫୦ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଉତ୍ପାଦନ ହୋଇଥାଏ। ଏଥିରେ ଓଡ଼ିଶାର ଯୋଗଦାନ ପ୍ରାୟ ୩% ରହିଛି। ଥରେ ବ୍ୟବହୃତ ପ୍ଲାଷ୍ଟିକ୍‌ର ବ୍ୟବହାର ବନ୍ଦ ପାଇଁ ପ୍ରଶାସନ ପକ୍ଷରୁ ଚାରି ବର୍ଷ ହେଲା ଅଭିଯାନ ଚାଲିଛି। କିନ୍ତୁ ଏହାର କୌଣସି ପ୍ରଭାବ ପଡୁଥିବା ଦେଖାଯାଉନାହିଁ। ଡାକ୍ତର ଅରବିନ୍ଦ ମହାନ୍ତି କହିଛନ୍ତି, ପରିବେଶ ଓ ପ୍ରାଣୀ ଜଗତ ପ୍ରତି ପ୍ଲାଷ୍ଟିକ୍ ଯଥେଷ୍ଟ ବିପଦ ସୃଷ୍ଟି କରୁଛି। ପୂର୍ବରୁ ରକ୍ତରେ ପ୍ଲାଷ୍ଟିକ୍ ଥିବା ସ୍ପଷ୍ଟ ହୋଇଥିଲା ବେଳେ ଏବେ ବୋତଲ ପାଣିରେ ପ୍ଲାଷ୍ଟିକ୍ କଣିକା ଚିହ୍ନଟ ହେବା ଅତ୍ୟନ୍ତ ଉଦ୍‌ବେଗର ବିଷୟ।

### ଭିଜିଲାନ୍ସ ଜାଲରେ...

ପକ୍ଷରୁ ଏନେଇ ତଦନ୍ତ ଆରମ୍ଭ ହୋଇଛି। ସେହିପରି ଶୈଳଶ୍ରୀବିହାର ଥିବା ଦୁଇ ମହଲା କୋଠା, ସତ୍ୟବିହାର ପାଣ୍ଡରାରେ ଥିବା ଗୋଟିଏ ମହଲା କୋଠା, ୭୨ ଲକ୍ଷ ୮୦ ହଜାର ଟଙ୍କାର ବ୍ୟାଙ୍କ ବୀମାରେ ଜମାରାଶି ଠାବ କରାଯାଇଛି। ଏହାବାଦ୍ ଭିଜିଲାନ୍ସ ତାଙ୍କ ଠାରୁ ୧୫ଲକ୍ଷ ଟଙ୍କାର ସୁନାଗହଣା, ନଗଦ ଟଙ୍କା ଓ ଘରର ଆସବାବପତ୍ର ଓ ୪ଟି ବେନାମୀ ଗାଡ଼ି ବି ମିଳିଛି। ଏଥିରେ ୩ଟି ଦୁଇଚକିଆ ଯାନ ରହିଥିବା ବେଳେ ଗୋଟିଏ ଚାରିଚକିଆ ଯାନ ରହିଛି। ସେଭଳି ପଞ୍ଚାନନ ତାଙ୍କ ପୁଅକୁ ସୋଆ ବିଶ୍ୱବିଦ୍ୟାଳୟରେ ଡାକ୍ତରୀ ପାଠପଢ଼ା(ଏମ୍‌ବିବିଏସ୍) ବାବଦରେ ୫୦ ଲକ୍ଷଟଙ୍କା ଖର୍ଚ୍ଚ କରିଛନ୍ତି। ତେବେ ପଞ୍ଚାନନଙ୍କ ଠାରୁ ମିଳିଥିବା ଘର ଓ ପ୍ଲଟ୍‌ର ହିସାବପତ୍ର କରୁଛି ଭିଜିଲାନ୍ସର ସ୍ୱତନ୍ତ୍ର ୟୁନିଟ୍। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପଞ୍ଚାନନଙ୍କ ଘର ସମେତ ଏକକାଳୀନ ୭ଟି ସ୍ଥାନରେ ଚଢ଼ଉ କରାଯାଇଛି। ଭୁବନେଶ୍ୱର ଶୈଳଶ୍ରୀବିହାରରେ ଥିବା ଦୁଇ ମହଲା କୋଠା ଘର, ଭୁବନେଶ୍ୱର ପାଣ୍ଡରାରେ ଥିବା ଏକ ମହଲା ଘର, ନୟାଗଡରେ ଥିବା ଭଡା ଘର, କଟକ ବାଲିପଦା ନିଜ ପୈତୃକ ଘର, ଖୋର୍ଦ୍ଧା ଗୋବିନ୍ଦପୁର ଗ୍ରାମର ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱର ପାଣ୍ଡରାର ସତ୍ୟବିହାର ସରପଞ୍ଚଙ୍କ ଘର, ନୟାଗଡର ଆର୍‌ଟିଓ କାର୍ଯ୍ୟାଳୟ ଓ ଚାମ୍ବରରେ ଚଢ଼ଉ ଜାରି ରହିଛି।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**LOST**

ମୁଁ, ବିଷ୍ଣୁ କୁମାର ଭୂୟାଁ, ପିତା- ପରୀକ୍ଷୀତ ଭୂୟାଁ, ଗ୍ରାମ-ମାଳିହତା, ପୋଷ୍ଟ-ରାମେଶ୍ୱର, ଥାନା- ଜଗତପୁର, ଜିଲ୍ଲା-କଟକ, ମୋର ମୂଳ ROR/ପଟ୍ଟା, ମୌଜା- ମାଳିହତା, ଖାତା ନଂ. ୨୭୨, ପ୍ଲଟ୍ ନଂ ୪୧, ୭୨, ୧୫୨, ୧୧୬, ୧୭୮ (୫ଟି ପ୍ଲଟ) ତା. ୨୬/୧୨/୨୦୨୩ ଦିନ ସକାଳ ପ୍ରାୟ ୯ଟା ସମୟରେ N.S.B. ବସ୍ ଟର୍ମିନାଲ୍, କଟକ ଠାରେ କେଉଁଠି ହଜିଯାଇଛି। ମୁଁ ଏହାକୁ ଖୋଜି ପାଇଲି ନାହିଁ। ଯଦି କେହି ପାଇଥାନ୍ତି, ତେବେ ଦୟାକରି 9437472713 ଫୋନ୍‌ରେ ଜଣାଇବାକୁ ଅନୁରୋଧ।

**AFFIDAVIT**

By virtue of an affidavit before the Executive Magistrate, Bhubaneswar, Odisha, I Rupanjali Pathak W/o-Jyotish Pathak R/o-Flat No 409, MM Balianta Enclave, Andilo,Dist-Khordha, Bhubaneswar, Odisha-752101, declare by this affidavit No.65AA 256892 dtd -04/01/2024 that now onwards I shall be known as **Rupanjali Barman** for all future purposes.

**AFFIDAVIT**

I, Mohammad Arif, S/o- Habib Ahmed, resident of AT- West Amalapada, Near Okaya EV Store, Angul, Pin-759122, Dist-Angul, Odisha declare by this affidavit No.36, dtd-08/01/2024, that now onwards I shall be known as **MOHOMMAD ARIF** for all future purposes.

**AFFIDAVIT**

I, Sankar Ojha, S/o-Manaranjan Ojha, resident of AT- Plot No. N-1/186, IRC Village, Nayapalli, Bhubaneswar, Dist-Khurda, Pin-751015 Odisha declare by this affidavit No.15, dtd-08/01/2024, that now onwards I shall be known as **SHANKAR OJHA** for all future purposes.

**AFFIDAVIT**

I, Geetika, D/o-Eswar Rao Killamsetty, resident of Behera Sahi, Nayapalli, Bhubaneswar, Pin-751012, Dist. Khurda, Odisha declare by this affidavit No.10, dtd.- 08/01/2024 that now onwards I shall be known as **GEETIKA KILLAMSETTY** for all future purpose.


**OFFICE OF THE CDM & PHO, KORAPUT** E-723
**DISTRICT PROGRAMME MANAGEMENT UNIT, NHM**

Advt . No. 5043/DPMU/NHM/KPT Dt. 06.01.2024

**Tender Call Notice**

Sealed tenders are invited from eligible agencies to undertake outsourcing of Mechanized Laundry Services at Government Health Institutions of Koraput District under NIRMAL Scheme.

Details regarding the eligibility, terms & conditions and formats for submission of tender may be downloaded from the website: www.koraput.nic.in. The tenders should reach the office of the undersigned by31.01.2024 till 04:00 P.M. The undersigned reserves the right to reject any or all the tenders without assigning any reason thereof.

OIPR-10077/11/0017/2324

Sd/- CDM & PHO -cum-
District Mission Director, Koraput

---

**OFFICE OF THE CDM & PHO A DISTRICT MISSION DIRECTOR,** E-725
**BHADRAK DISTRICT HEALTH MISSION**
**(DEPARTMENT OF HEALTH & FW, GOVT. OF ORISSA)**

Advt. no: 01/2024 Dt. 08.01.2024

**REQUEST FOR PROPOSAURFP) FOR HIRING OF VEHICLES FOR DPMU UNDER NHM**

Sealed proposals as per the Prescribed RFP document are invited from interested eligible bidders (Individuals flour operators/ Travel agencies/Firm) for luring of 2 nos. of vehicles for DPMU on Monthly Basis & Daily. Basis for the year 2023-24 The eligibility criteria, terms of reference and the formats for submission of Bid are set forth in the RFP document which can be downloaded from the website www.bhadrak.nic.in. Interested bidders fulfilling the eligibility criteria may submit their proposal(s) (with EMD and documents as per RFP The bidders have to submit their proposal(s) to the office of the CDM & PHO, BHADRAK. The details of proposal(s) complete in all respect superscribing "Tender for hiring of vehicles on Monthly/Daily rental Basis for DPMU" Separately & the advertisement reference no. ___ On the envelope and should reach to the office of the CDM & PHO, Bhadrak on or before 30.01.2024 (tHI 4 PM.) by Speed Post or Registered Posts Only. The technical and financial bids shall be opened at the office of the CDM & PHO, Bhadrak on 31.01.2024 at 12.00 Noon. The authority reserves the right to reject any or all the proposals without assigning any reason thereof.

OIPR-10123/11/0011/2324 Sd/- CDM & PHO, Bhadrak

---

B-1575

Email: eerbngpur@yahoo.com
Tel & Fax: 06858-222833 (O)

GOVERNMENT OF ODISHA
OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR

**e-Procurement Notice**

Bid Identification No. S.E (R&B)-39/2023-24/NGP

Date 05.01.2024

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website I.e www.tendersodisha.gov.in.

1. Name of the Work : Civil Work as mentioned in DTCN
2. No. of Work : 01 No.
3. Estimated Cost : Rs. 49.60 Lakhs
4. Period of completion : 4 Calendar of Months
5. Date & Time of Bidding : From 11.00 hours of 10.01.2024. upto 16.00 hours of 19.01.2024.
6. Last date & time for receipt of bids in portal : 16.00 hours of 19.01.2024.
7. Bids received online shall be opened on : 11.00 hours of 20.01.2024.
8. Name and address of the officer inviting Bid : Superintending Engineer, Nabarangpur(R&B)Division, Nabarangpur

Further details can be seen from the www.tendersodisha.gov.in

Superintending Engineer
Nabarangpur (R&B) Division

OIPR-34143/11/0030/2324

---

**ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି**
**NOTIFIED AREA COUNCIL, KANTABANJI**
(Near Kantabanji CHC, At/Po –Kantabanji, Dist –Balangir (Odisha), Pin-767039)
(e-Mail ID : nackantabanji@gmail.com)

Letter No. 74 Date 08.01.2024

**EXPRESSION OF INTREST**

Expression of interest in prescribed schedule in sealed covers are invited from the intending reputed firms/ Event Management Agencies having required eligibility and expertise in relevant field for installation of temporary tent house and all event essentials at proposed **"Shree Mandir Parikrama program-2024 at Kantabanji NAC"** on 17.01.2024. The interested EMA may visit the spot ascertaining for themselves the site condition, location, surroundings for submission of the offer. The cost of paper schedule is Rs.1000/-(Rupees one thousand) only (non refundable) in shape of cash/draft. The EOI schedule paper will be sold from **09.01.2024 to 15.01.2024** up to 5.00 P.M. The last date and time of receipt of EOI document is **16.01.2024 up to 12 Noon** and the same will be opened at **12.30 P.M on dt.16.01.2024** in presence of the participant or their authorized persons. They are required to submit the Copy of PAN, Aadhar & GSTIN along with EOI schedule documents. They should quote the rate per sq. meter. of covered area of tent house and specification unit rate of event management. The EOI along with all documents shall be dropped in the box provided at the office of the undersigned. The authority reserves the right to reject/ cancel any or all EOI without assigning any reason thereof.

Executive Officer
Kantabanji NAC

OIPR-13111/11/0009/2324 C-2312

---

**OFFICE OF THE SUPERINTENDING ENGINEER, RWS&S DIVISION, BALASORE**
Tel: 06782-262249, Fax: 262931, email: eerwss_bls@nic.in, eerwssbls@gmail.com.

**NATIONAL COMPETITIVE BIDDING THROUGH e-Tendering**

*Identification No. 36 / 2023-2 Dt. 08.01.2024*

The *Superintending Engineer, RWS&S Division, Balasore* on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent Grade / Class registered with Central Government / MES / Railways for the works detailed in the table below to be eventually drawn up in P1 contract with design and execution of the following Piped Water Supply Projects.

1. Nos. of Work : 2 Nos. RPWS Works.
2. Estimated cost : Rs. 265.54 lakhs & Rs. 398.35 lakhs
3. Period of completion 330 days
4. Availability of bid document in Portal: Dt. 16.01.2024 at 10.00 hours to 30.01.2024 up to 17.00 hours through online.
5. Seeking of Clarification : Dt. 16.01.2024 at 10.00 hours to Dt. 25.01.2024 up to 15.00 hours
6. Date of opening of Bid Dt. 31.01.2024 at 11.00 hours in the O/O EE, RWSS Division, Balasore.
7. Name and address of the Officer Inviting Tender :Superintending Engineer, RWS&S Division, Balasore

Bid Cost will be receipt through electronic payment by NEFT / RTGS.
Further details can be seen from the e-Procurement Portal: http://tendersodisha.gov.in

SUPERINTENDING ENGINEER,
RWS&S DIVISION, BALASORE

OIPR-25013/11/0016/2324 O-2154

---

**GOVERNMENT OF ODISHA** PP-79
**OFFICE OF THE ASSISTANT DIRECTOR OF TEXTILES, KORAPUT**
Near special Circuit House, Koraput-764020,
email id- adtkpt@gmail.com, Ph-06852296218

Order No.27 **QUOTATION FOR HIRING OF VEHICLE** Date 08.01.2024

Sealed quotation/Tenders are invited from interested reputed Travel Agencies/Tour operators or private individuals for providing one no. of non-AC petrol driven vehicle (like Tiago/ Bolt / Celerio) having seating capacity not more than four including driver for official use in office of the Asst. Director of Textiles, Koraput on monthly rent basis.

The details information, eligibility criteria terms & condition and application form are available in the website www.koraput.nic.in & www.sadhacodisha.org. The bidders may also contact to the Office of Asst. Director of Textiles, Koraput in the above address.

The quotation completed in all respect may submit in a sealed envelope super scribing on the top of the envelope as "tender for hiring of private vehicle" should reach the undersigned by post on or before Dt.17.01.2024 by 5.00 P.M & shall be opened on dt.18.01.2024 at 10.30A.M. In presence of the bidders or their authorized representatives.

The authority / committee reserve the right to reject any tender without assigning any reason thereof.

Sd /- S.K. Nag
Deputy Director of Textiles, KBK, Division, Koraput
-cum- I/C. Asst. Director of Textiles, Koraput

OIPR-31017/11/0003/2324

---

**OFFICE OF THE MUNICIPAL COUNCIL: RAYAGADA** C-2302
PIN CODE - 765001, ODISHA
Tel. No. / Dax No. 06856-235067, email id- raygadamhud@nic.in

Letter No. 43 **TENDER NOTICE** Date 05.01.2023

Bid documents consisting of **4(four) Nos. of Civil Work** with their Estimated Cost (Work Value) Cost of Tender Paper, E.M.D, Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary document available in Rayagada Municipalty.

1. Name of the Work : Civil Works as mentioned in the Office Notice Board.
2. No. of Works : **4(four) Only**
3. Tender Amount : **53401**(Fifty three thousand four hundred one) to **169453** (One lakh sixty nine thousand four hundred fifty three)
4. Period of Completion : **One Month(30 Days)**
5. Date & Time of Availability of Bid Documents at the Office(Development section) : **from Dated 06.01.2024, 11.30 A.M to Dated 12.01.2024, 5.30 P.M**
6. Last date & Time for Original Documents Submission : **Dated 12.01.2024, 5.30 P.M**
7. Bids received Offline to be opened on : **Dated 16.01.2024, 11.30 A.M**
8. Name and Address of the officer inviting the *Bid* : **Executive Officer, Rayagada Municipality, Rayagada.**

**Further details of the Tender documents can be seen from Municipality Office in Working hours.**

Executive Officer
Rayagada Municipality

OIPR-13150/11/0048/2324

---

**DISTRICT PROJECT OFFICE** n-252
**SARVA SHIKSHA ABHIYAN, BOUDH**

No. 123 PED/24 Date: 09.01.2024

**TENDER CALL NOTICE FOR PROCRUREMENT OF TEACHING LEARNING MATERIAL(CLASS-I-V) FOR THE ACADEMIC YEAR 2023-24**

Sealed tenders are invited in the prescribed format from the registered offset printers having TIN/SRIN, PAN, VAT registration for supply of **TEACHING LEARNING MATERIAL(CLASS-I-V) FOR THE ACADEMIC YEAR 2023-24** of Boudh district. The Bid documents should be submitted through **Speed Post or Registered Post** as per the terms and conditions specified below in the envelope duly marked on the top "***Tender for printing and supply of*** **TEACHING LEARNING MATERIAL (CLASS-I-V) FOR THE ACADEMIC YEAR 2023-24** in the office of the District Project Coordinator, RTE-SSA, Boudh during office hours by 5.00 pm of Dt. 29.01.2024 The bid documents shall be opened at 4.00 pm on Dt. 30.01.2024 In the office of the District Project Coordinator, SSA, Boudh in the presence of the bidders or their authorized representatives.

By order of Collector-cum-Chairperson
District Project Coordinator
RTE-SSA, Boudh

OIPR-27138/11/0001/2324

---

**BHUBANESWAR MUNICIPAL CORPORATION** C-2300
**E-PROCUREMENT NOTICE**
E-Mail: ae-elect@bmc.gov.in

1. Bid reference No : BMC-EE (Elect.) 14 (El.)/2024-25
2. Tender Call notice No. : **No. 1377/ Dt. 06.01.2024**
3. No of Work : 01 No.
4. Bid value of each work : Rs. 24,46,468.00
5. Period of Completion : ......days

**Date & time schedule**

| Start | End | Opening |
|---|---|---|
| 11.00 AM of 08.01.24 | 5.00 PM of 17.01.24 | 11.00 AM of Dt. 18.01.24 |

6. Tender details: Can be seen for the procurement portal: https://www.tendersodisha.gov.in

Executive Engineer (Elect)
Bhubaneswar Municipal Corporation

OIPR-13002/11/0248/2324

---

**ଚିଲିକା ବନ୍ୟପ୍ରାଣୀ ବନଖଣ୍ଡର କାଜୁ ମଞ୍ଜି (୨୦୨୩-୨୪ ପାଇଁ) ସଂଗ୍ରହ ନିମନ୍ତେ**

MM-407 **ଠିକା ପଦ୍ଧତି ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଥିବା ଟିଙ୍ଗିରିଆ କାଜୁ ଜଙ୍ଗଲରୁ କାଜୁ ସଂଗ୍ରହ ନିମନ୍ତେ ଲଫାଫାଦିଆ ଟେଣ୍ଡର ନିର୍ଦ୍ଧାରିତ ଫର୍ମରେ ଆହ୍ୱାନ କରାଯାଉଅଛି । କାଜୁ ମଞ୍ଜି ସଂଗ୍ରହ ସମ୍ବନ୍ଧୀୟ ସବିଶେଷ ବିବରଣୀ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ, ଗୋପିନାଥପୁର, ବାଲୁଗାଁ, ଜିଲ୍ଲା – ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ନିମ୍ନଲିଖିତ କାର୍ଯ୍ୟଦିବସ ମାନଙ୍କରେ ଦିବା ୧୧:୦୦ ଘଟିକା ଠାରୁ ଅପରାହ୍ନ ୨:୦୦ ଘଟିକା ସମୟରେ ମିଳିପାରିବ । ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଖୋଲିବାର ନିର୍ଦ୍ଧାରିତ ସମୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଅଂଶଗ୍ରହଣ କରିପାରିବେ କିମ୍ବା ତାଙ୍କର ମନୋନୀତ ପ୍ରତିନିଧିଙ୍କୁ ପ୍ରମାଣପତ୍ର ଦେଇ ହାଜର କରାଇପାରିବେ । ନିର୍ଦ୍ଧାରିତ ଫର୍ମରେ ଅମାନତ ଜମା ସହ ନିଜର ଗୋଟିଏ ସଦ୍ୟ ଫଟୋଗ୍ରାଫ ସଲଗ୍ନେ ପ୍ରମାଣ ପତ୍ର ଓ GST Clearance Certificate ତା ୨୪.୦୧.୨୦୨୪ ପୂର୍ବାହ୍ନ ୧୧:୩୦ ଘଟିକା ସମୟ ମଧ୍ୟରେ ଲଫାଫାଦିଆ ଲଫାପାରେ ଭର୍ତ୍ତି କରି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ, ଗୋପିନାଥପୁର, ବାଲୁଗାଁ, ଜିଲ୍ଲା – ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଦାଖଲ କରିବାକୁ ପଡ଼ିବ ।

୧) ଟେଣ୍ଡର ଫର୍ମ ବିକ୍ରୟ ତାରିଖ / ସମୟ । : ତା ୧୮.୦୧.୨୦୨୪ ଠାରୁ ୨୪.୦୧.୨୦୨୪ ଦିନ (ସମସ୍ତ କାର୍ଯ୍ୟ ଦିବସରେ) ଦିବା ଘ ୧୧:୦୦ ଠାରୁ ଅପରାହ୍ନ ଘ ୦୨:୦୦ ।
୨) ଟେଣ୍ଡର ଫର୍ମ ଦାଖଲର ଶେଷ ତାରିଖ / ସମୟ । : ତା ୨୫.୦୧.୨୦୨୪ ପୂର୍ବାହ୍ନ ଘ ୧୧:୩୦ ମଧ୍ୟରେ ।
୩) ଟେଣ୍ଡର ଫର୍ମ ଖୋଲିବା ସମୟ । : ତା ୨୫.୦୧.୨୦୨୪ ମଧ୍ୟାହ୍ନ ଘ ୧୨:୦୦ ମିନିଟ୍ ।
୪) ଟେଣ୍ଡର ଫର୍ମ ମୂଲ୍ୟ । : ଟ ୧୦୦ (ଏକଶହ) ବ୍ୟକ୍ତିଗତ ଭାବେ ।

ସମସ୍ତ ସତ୍ତ୍ୱାଧିକାର ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ସଂରକ୍ଷିତ ରହିବ । କୌଣସି କାରଣ ନ ଦର୍ଶାଇ ଯେ କୌଣସି ଟେଣ୍ଡରକୁ ଦରକାର ହେଲେ ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀ ଖାରଜ ବା ପରିବର୍ତ୍ତନ କରିପାରିବେ ।

ବନଖଣ୍ଡ ଅଧିକାରୀ,
ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ବାଲୁଗାଁ

OIPR-08015/11/0008/2324

---

**OFFICE OF THE DEAN & PRINCIPAL,** E-717
**FAKIR MOHAN MEDICAL COLLEGE & HOSPITAL, BALASORE**
Remuna, Balasore, Odisha - 756019
E-mail: dean.fmmchb@gmail.com , Tel 06782 – 224901, Web: blsmch.nic.in

No. 147/ESTT/D/FMMCHB Date 05.01.2024

**ADVERTISEMENT FOR FILLING UP OF POSTS OF JUNIOR RESIDENTS IN FM MCH, BALASORE**

Eligible candidates are invited for Walk-In Interview for Selection to the Posts of Junior Resident in FM MCH, Balasore on contractual basis. The applicant must have acquired the required qualification for the post applied for, on or before the date of counseling. The engagement shall be purely temporary for a period of one year which may be extended on year-to-year basis. The posts are non-practicing. The candidates will be paid consolidated amount of Rs.60,000/- (Rupees Sixty thousand only) per month. Any additional incentive declared by the Government of Odisha for these posts shall also be applicable. Eligibility of application will be guided as per the provisions mentioned here under:

1. Available vacancy: **33 Posts**
2. Age: **Must be less than 69 years.**
3. Schedule of Walk in Interview: **Date of Interview — 16 / 01/ 2024**
   **Time — 11.00 A.M.**
   **Venue - Office of the Dean & Principal, FM MCH, Balasore**
4. **Eligibility and Qualifications for Junior Residents:**
   **i. Qualification:**
   i. A candidate must possess a MBBS degree (for medical stream) or equivalent degree recognized by MCI/NMC as the case may be.
   ii. The candidate must have completed the compulsory one-year rotating internship.
   iii. The above qualifications must have been obtained on or before the date of counseling.
   **ii. Other Eligibility Conditions:**
   i. The candidate must be a citizen of India.
   ii. The candidates must have registered their Medical Qualification at Central/ State Medical Council. (Permanent Registration)
   iii. Candidates having post-graduation in any discipline or are continuing or have completed the three years tenure as Senior Resident / Tutor in any MCI /NMC/DCI permitted /approved/ recognized institute are not eligible to apply.
   iv. Candidates who are serving under OMHS cadre on regular basis are not eligible to apply.
5. **Procedure for Application:**
   Candidates shall download the Application Form annexed in this Advertisement (Page 4 and 5) from official website of FM MCH, Balasore (i.e https://www.blsmch.nic.in) and come along for the Interview with duly filled in Application Form and all requisite documents in original.
6. **Procedure of Interview:**
   a. The candidate shall have to appear in person before the Convenor, Selection Committee on **16.01.2024 at 11:00 AM. in the Office of Dean & Principal, FM MCH, Balasore** along with the following documents:
   1. Application Form – Duly filled in
   2. One recent passport size colour photograph signed by the candidate at front to be pasted on the application form.
   3. All Original Documents and Self-attested Photocopies of -
      i. H.S.C. / Equivalent Certificate in support of age;
      ii. +2 Science / Equivalent Examination Certificate;
      iii. MBBS Pass Certificate
      iv. Mark Sheets in support of all the aforesaid examinations
      v. Chance Certificate
      vi. Internship Completion Certificate
      vii. Certificate of Medical Registration (valid)
      viii. Valid Photo ID Card issued by Govt. Authority (Passport/ Aadhaar Card/ PAN Card/ Voter ID Card)

   b. There will be Document Verification and Interview by the Selection Committee based upon which candidates will be selected. At the time of document verification, physical presence of the candidate is mandatory and no authorization will be entertained.
7. **Selection of Candidates** :
   i. After successful verification of the Documents & Selection, a Provisional Merit List shall be prepared and notified in the website inviting any grievance to the merit.
   ii. The grievances from the candidates, if any, will be allowed to be put forth to the Email 'fmmchb@gmail.com' within 3 days from the date of notification in the website.
   iii. The Final Merit List will be notified and Engagement Order will be uploaded in the website after compilation if any.
   iv. After publication of final merit list, the selected candidate can join immediately or within 7 days from the date of publication in the website.
   v. In case the candidate does not join, the next candidate in the Merit list will be allowed to join in the same post.
   vi. The final merit list will remain valid for a period of one year or till subsequent advertisement whichever is earlier. Any other related information / changes if required shall be notified by the Convener, Selection Committee in the official website of FMMCH, Balasore i.e. https://www.blsmch.nic.in . All communication shall be made through the website of FMMCH, Balasore (No Postal/ Personal communication will be made).

   N.B.: In case any candidate is found to have provided a false information or certificate etc. or is found to have withheld or concealed any information, his/her application shall be rejected and disciplinary /legal action as deemed proper will be initiated against him/her.
8. **Selection Process:**
   1. Selection will be strictly on the basis of merit list prepared on basis of career marks. Weightage for different examinations shall be as under:
      HSC/Matriculation- 20% of total percentage of marks secured.
      Intermediate Science- 20% of total percentage of marks secured.
      MBBS examination- 60% of total percentage of marks secured.
   2. One mark will be deducted from total Career Mark for each extra attempt taken to pass the examination.
   3. In case of Foreign Medical Graduates (FMGE), the marks secured in the subjects as per the **NMC/MCI** conducted by NBE shall be taken for calculation of merit as above. Where the candidate does not submit such mark sheet, their mark shall be taken as 50%.
   4. In case of tie, it will be resolved as follows:
      i. The candidate securing more mark in MBBS shall be placed in higher rank.
      ii. In case of further tie, the elderly candidates shall be placed higher in rank to the younger."
5. **Terms and Conditions:**
   The terms and conditions as stipulated in the Govt. Guidelines issued from time to time in force will be followed.

Sd/- Dean & Princial,
FM MCH, Balasore

OIPR-10134/11/0017/2324

# ବୁଲିଲା 'ଅର୍ପଣ ରଥ'; ଗାଁ ଗାଁରେ ଭବ୍ୟ ସ୍ୱାଗତ



**ପାରଳାଖେମୁଣ୍ଡି, ୯ ।୧(ସମିସ):** ପୁରୀରେ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଆସନ୍ତା ୧୭ ତାରିଖରେ ହେବ। ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ପ୍ରଭୁ ଜଗନ୍ନାଥଙ୍କ ଅର୍ପଣ ରଥ ଜଗନ୍ନାଥ ମନ୍ଦିରରୁ ଶୁଭାରମ୍ଭ ହୋଇଛି। ପାରଳାଖେମୁଣ୍ଡି ରାଜକୁମାରୀ କଲ୍ୟାଣୀ ଗଜପତିଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇ ଗୁଆ ଚାଉଳ ସଂଗ୍ରହ ପାଇଁ ରଥଗୁଡିକ ସାହି, ବସ୍ତି ଅଭିମୁଖେ ବାହାରିଥିଲା। ଏଥିରେ ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ସଭାପତି ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଶଶିଭୂଷଣ ମହାନ୍ତି ପ୍ରମୁଖଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଅର୍ପଣ ରଥର ଶୁଭାରମ୍ଭ ହୋଇଥିଲା। ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ ଘରକୁ ଘର ବୁଲି ଚାଉଳ ଓ ଗୁଆ ସଂଗ୍ରହ କରିଥିବାର ଦେଖିବାକୁ ମିଳିଥିଲା। ଏହାପରେ ଅର୍ପଣ ରଥଗୁଡ଼ିକ ଗୁଆ ଚାଉଳ ସଂଗ୍ରହ ଆରମ୍ଭ ହୋଇଥିଲା। ଆଜି ପ୍ରଥମ ଦିବସରେ ପୌରପରିଷଦର ୫, ୬, ୭ ଓ ୮ ନଂ ୱାର୍ଡର ସାହିବସ୍ତି ତଥା ଗଳିଗୁଡ଼ିକୁ ବୁଲି ବୁଲି ଗୁଆ ଚାଉଳ ସଂଗ୍ରହ କରିଥିଲେ। ଏହି ରଥକୁ ପ୍ରତ୍ୟେକ ସାହି ବସ୍ତିରେ ଭବ୍ୟ ସ୍ୱାଗତ କରାଯାଇଥିଲା।

**କାଶୀନଗର:** ଗଜପତି ଜିଲ୍ଲା କାଶୀନଗର ବ୍ଲକରେ ମଙ୍ଗଳବାର ଶ୍ରୀଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ବିଡିଓ ଅନୁପ ପଣ୍ଡାଙ୍କ ଅଧ୍ୟକ୍ଷତାରେ କାଶୀନଗର ଜଗନ୍ନାଥ ମନ୍ଦିରଠାରେ ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷା ବି.ଶାୟମ୍ମା ଉଦ୍‌ଘାଟନ କରିଥିଲେ। ଜୋନ୍ ୧ ଜିଲ୍ଲା ପରିଷଦ ସଭ୍ୟା ଆର୍. ରାଜ୍ୟଲକ୍ଷ୍ମୀ, କାଶୀନଗର ଏନ୍‌ଏସି ଅଧ୍ୟକ୍ଷା ଏମ୍. ସୁଧାରାଣୀ, ଉପାଧ୍ୟକ୍ଷ ରଘୁରାମ ସାହୁ, ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ପାଢ଼ୀ, ବ୍ଲକର ସମସ୍ତ ଯନ୍ତ୍ରୀ, କର୍ମଚାରୀ, ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। କାଶୀନଗର ବ୍ଲକ୍ ପରିକ୍ରମା ପାଇଁ ୩ଟି ରଥ କରାଯାଇଥିବା ବେଳେ ପ୍ରଥମ ଦିନରେ କିଡିଗାଁ, ହାଡୁଭାଙ୍ଗି, ଗୋରିବନ୍ଧା, ଅଲଡ଼ା ପଞ୍ଚାୟତରେ ରଥଗୁଡ଼ିକ ପରିକ୍ରମା କରିବା ନେଇ ବିଡିଓ ସୂଚନା ଦେଇଛନ୍ତି। ଉକ୍ତ ପଞ୍ଚାୟତ ମାନଙ୍କରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ଶଶିଭୂଷଣ ମହାନ୍ତି, ଯୁବ ନେତା ରୁପେଶ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଉକ୍ତ ରଥକୁ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହ ସାରା ଓ ଖାରଡ଼ା ଗ୍ରାମରୁ ଆସିଥିବା କୀର୍ତ୍ତନ ମଣ୍ଡଳୀ ସଦସ୍ୟମାନେ ସଂକୀର୍ତ୍ତନ କରି ସ୍ୱାଗତ ଜଣାଇ ବିଭିନ୍ନ ଗ୍ରାମକୁ ନେଇଥିଲେ। ସମସ୍ତ ଘରୁ ଶ୍ରଦ୍ଧାଳୁମାନେ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ଅର୍ପଣ ଚାଉଳ ଓ ଗୁଆକୁ କାଶୀନଗର ଜଗନ୍ନାଥ ମନ୍ଦିରର ଏକ କୋଠରୀରେ ରଖାଯିବ ବୋଲି ବିଡିଓ କହିଛନ୍ତି।






**କ.ନୂଆଗାଁ:** କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ପ୍ରଶାସନ ପକ୍ଷରୁ ଶ୍ରୀଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରାଯାଇଛି। ପ୍ରଥମେ କଞ୍ଚାମେଣ୍ଡି ପଞ୍ଚାୟତ ପୁରୁଣା ନୂଆଗାଁ ଭଜନ କୀର୍ତ୍ତନ କରି ଭକ୍ତିମୟ ପରିବେଶରେ ଅର୍ପଣ ରଥ ବୁଲିବା ସହ ଅରୁଆ ଚାଉଳ, ଗୁଆ ସଂଗ୍ରହ କରାଯାଇଛି। ୧୬ ତାରିଖ ମଧ୍ୟରେ ୧୪ଟି ପଞ୍ଚାୟତ ରଥ ପରିକ୍ରମା କରି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରି ଶ୍ରୀକ୍ଷେତ୍ର ପଠାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଆସିଷ୍ଟାଣ୍ଟ ଇଞ୍ଜିନିୟର ସୁଭମ ମହାପାତ୍ର, ସିପି ରାକେସ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ସୁଲୋଚନା ଦଳ ବେହେରା, ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ପିଓ କେଶବ ଚନ୍ଦ୍ର କାମ୍ପୋ, ସାଂସଦ ପ୍ରତିନିଧି ସହଦେବ ପାତ୍ର, ଅଚ୍ୟୁତ ପାତ୍ର, ସରପଞ୍ଚ ଗୁନୁ ଲତା ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

**ଗୋଷାଣି:** ଗଜପତି ଜିଲ୍ଲା ଗୋଷାଣି ବ୍ଲକରେ ବୁଲୁଛି ଜଗନ୍ନାଥ ଅର୍ପଣ ରଥ। ଆଜି ଗୁରାଣ୍ଡି ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଅର୍ପଣ ରଥଗୁଡିକର ଶୁଭାରମ୍ଭ ହୋଇଛି। ଏହି ରଥଗୁଡ଼ିକ ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମକୁ ଗ୍ରାମ ଏବଂ ଘର ଘର ବୁଲି ଗୁଆ ଓ ଚାଉଳ ସଂଗ୍ରହ କରିବ। ଆଜି ଶୁଭାରମ୍ଭ ଅବସରରେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ବିଡିଓ ଅଜୟ କୁମାର ପ୍ରଧାନ, ଉପାଧ୍ୟକ୍ଷ ଏସ୍.ଅନୁସୁୟାଦେବୀ, ଗାରବନ୍ଧ ଥାନା ଅଧିକାରିଣୀ ରୀନାରାଣି ସାହୁ, ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ଗୁରାଣ୍ଡି ସରପଞ୍ଚ ଶିଳ୍ପା ପାତ୍ର, ଆରଏମସି ସଭାପତି ଏସ୍.ଗଜପତି ରାଓ, ପଞ୍ଚାୟତ ଉନ୍ନୟନ ଅଧିକାରୀ ବିନୋଦ ଗୌଡ ପ୍ରମୁଖଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ଜନସାଧାରଣ ଯୋଗଦେଇଥିଲେ। ଆଜି ପ୍ରଥମ ଦିବସରେ ବଡ଼କଡୁରୁ, ରମ୍ଭା, ବୋମିକା, ବାଘଶଳା ଆଦି ବହୁ ଗ୍ରାମାଞ୍ଚଳ ଅର୍ପଣ ରଥ ବୁଲିଥିଲା।





**ଜି.ଉଦୟଗିରି:** ଆସନ୍ତା ଜାନୁୟାରୀ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବାକୁ ଯାଉଛି। ଯାହାକୁ ନେଇ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସମଗ୍ର ରାଜ୍ୟରେ ଜଗନ୍ନାଥଙ୍କ ଅର୍ପଣ ରଥ ବୁଲୁଛି। ଏହି କ୍ରମରେ ଜି. ଉଦୟଗିରିରେ ଦ୍ୱିତୀୟ ଦିନରେ ୭, ୮ ଓ ୯ ନମ୍ବର ୱାର୍ଡରେ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କରିଛି। ବସଷ୍ଟାଣ୍ଡ ସାହି, କଚେରୀ ସାହୀ, ସୁବାସନଗର, ବଡ଼ସାହୀ ଆଦି ସାହି ପରିକ୍ରମା କରିଥିଲା। ସଂକୀର୍ତ୍ତନ ମଣ୍ଡଳୀର ନାମ ସଂକୀର୍ତ୍ତନର ଆଧ୍ୟାତ୍ମିକ ପରିବେଶରେ ଜଗନ୍ନାଥ ପ୍ରେମୀ ଗୁଆ ଓ ଅକ୍ଷତ ଅର୍ପଣ କରିଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପରିକ୍ରମାରେ ଏନ୍‌ଏସି ତରଫରୁ ସତ୍ୟପ୍ରକାଶ ମହାପାତ୍ର, ଗଣେଶ ଜେନା ଓ ଅନାନ୍ୟ କର୍ମଚାରୀଙ୍କ ସହିତ ଜଗନ୍ନାଥ ପ୍ରେମୀମାନେ ସାମିଲ ଥିଲେ।

## ମହିଳାଙ୍କ ପାଇଁ ଆଇନଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୯ ।୧(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗଜପତି ଜିଲ୍ଲା ପଞ୍ଚାୟତ ପ୍ରଶିକ୍ଷଣ କେନ୍ଦ୍ରଠାରେ ସ୍ୱାତୀ ଅନୁଷ୍ଠାନ ପକ୍ଷରୁ ଓୟୁଏ କନସୁଲେଟ୍ ଜେନେରାଲ ହାଇଦ୍ରାବାଦ ସହାୟତାରେ ମହିଳାମାନଙ୍କ ନିମନ୍ତେ ଆଇନ ସଚେତନତା ସମ୍ପର୍କିତ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ଉପଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ସଶକ୍ତୀକରଣ ବିଭାଗ ପ୍ରୋଗ୍ରାମ ଅଫିସର କେ. ସୁନିତା ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆଶା ଓ ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର, ୱାନ-ଷ୍ଟପ୍ କେନ୍ଦ୍ର, ଆଇସିଡିଏସ, ଛାତ୍ରଛାତ୍ରୀ, ସିଆରପି, ଫେଡରେସନ ଲିଡର୍ସ, ସ୍ୱଧାର ଗୃହ, ସରପଞ୍ଚ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ତାଲିମଦାତା ଭାବେ ସାଧନା ଫାଉଣ୍ଡେସନର ସମ୍ପାଦିକା ସୁଜାତା ମହାପାତ୍ର ଏବଂ ସତ୍ୟଜିତ ପ୍ରତିହାରୀ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ଉପଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ, ଜିଲ୍ଲା ପରିଷଦର ଏପିଡି ତଥା ଅତିରିକ୍ତ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଦକ୍ଷତା ବିକାଶ ପ୍ରୋଗ୍ରାମ ମ୍ୟାନେଜର ଜିଲ୍ଲା ପରିଷଦ ଦେବେନ୍ଦ୍ର କୁମାର କର, ଓସଡମା ପ୍ରୋଗ୍ରାମ ଅଫିସର ପ୍ରଦୋଷ କୁମାର ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁଜାତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଏସ୍‌କେୱାଇ 'ନବୀନ କାର୍ଡ' ସଚେତନତା ରଥ ଉଦ୍‌ଘାଟିତ

**ପାରଳାଖେମୁଣ୍ଡି, ୯ ।୧(ସମିସ):** ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ 'ବିଏସ୍‌କେୱାଇ-ନବୀନ କାର୍ଡ'ର ୨ଟି ସଚେତନତା ରଥକୁ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ସଚେତନତା ରଥ ଦ୍ୱୟ ଜିଲ୍ଲାର ୭ଟି ବ୍ଲକର ପ୍ରତି ଗ୍ରାମକୁ ଯାଇ ଜନସାଧାରଣଙ୍କୁ ସଚେତନ କରାଇବ। ଯେଉଁମାନେ ବିଏସ୍‌କେୱାଇରୁ ବାଦ ପଡ଼ିଛନ୍ତି ସେମାନେ ୬ରୁ ୧୬ ତାରିଖ ମଧ୍ୟରେ ଆବେଦନ କରିପାରିବେ। ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ପ୍ରାବଧାନ କରାଯାଇଛି। ଏହି କାର୍ଡ ଆସନ୍ତା ମେ ୧ ତାରିଖରୁ କାର୍ଯ୍ୟ କରିବ। ଏପରି ପଦକ୍ଷେପ ସମୟ ଉପଯୋଗୀ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଲକ୍ଷ୍ୟରେ ସରକାରୀ ଓ ବେସରକାରୀ ହସ୍ପିଟାଲ ମାନଙ୍କରେ ଉପଲବ୍ଧ ହେବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ଏମ୍‌ଏମ୍ ଅଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



## ବ୍ଲକସ୍ତରୀୟ 'ନୂଆ-ଓ' କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଗୁମ୍ମା, ୯ ।୧(ସମିସ):** ରାଜ୍ୟ ସରକାରଙ୍କ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଉପାନ୍ତ ଅଞ୍ଚଳର କ୍ରୀଡ଼ାବିତ୍ ତଥା ଯୁବପିଢ଼ିମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି। ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଆନୁକୂଲ୍ୟରେ ବିକାଶ ବିଦ୍ୟାନିକେତନ ଖେଳ ପଡ଼ିଆରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ମାଧ୍ୟମରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗୁମ୍ମା ବିଡିଓ ଶରତ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ବିଡିଓ ଶରତ କୁମାର ପାତ୍ର, ତହସିଲଦାର ଜୟବ୍ରତ ଆଚାର୍ଯ୍ୟ, ଉପାଧ୍ୟକ୍ଷ ଏସ୍ ଶ୍ରୀନିବାସ ପ୍ରମୁଖ ଯୋଗ ଦେଇଥିଲେ। ଗୁମ୍ମା ବ୍ଲକର ଉଭୟ ବାଳକ ଓ ବାଳିକା ବର୍ଗର ୮ଟି ଫୁଟବଲ୍ ଦଳ, ୯ଟି କ୍ରିକେଟ ଦଳ, ୧୭ଟି କବାଡ଼ି ଦଳ ଓ ମହିଳା ଖୋ ଖୋ ଆଦି ପ୍ରତିଯୋଗିତାରେ ଅଞ୍ଚଳର ବହୁ ଯୁବପିଢ଼ି ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ବିଜୟୀ ଦଳମାନଙ୍କୁ ମୁଖ୍ୟ ଅତିଥି ଟ୍ରଫି, ମାନପତ୍ର ଓ ଚେକ୍ ପ୍ରଦାନ କରିଥିଲେ। ବିଦ୍ୟାଳୟ ଓ ବ୍ଲକ କର୍ମଚାରୀ ରାକେଶ କୁମାର ସାହୁ, ମନୋଜ କୁମାର ସାହୁ, ମନ୍ମଥ ପାତ୍ର, ଉପେନ୍ଦ୍ର ମାଛ ଓ ସତ୍ୟଜିତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ସିଲେଇ ତାଲିମ କେନ୍ଦ୍ର ଉଦ୍‌ଘାଟିତ

**ବାଲିଗୁଡ଼ା, ୯।୧(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ରେବୀଙ୍ଗିଆ ପଞ୍ଚାୟତ ସାତମଷ୍କା ଗ୍ରାମଠାରେ ପୋଷାକ ସିଲେଇ ତାଲିମ୍ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନନ୍ଦିନୀ ମଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପିଆଇଟିଡିଏ କୃପାସିନ୍ଧୁ ବେହେରା, କୃଷି ବିଶେଷଜ୍ଞ ରାଜେସ ପ୍ରଧାନ, ସାମାଜିକ ଓ ଅନୁଷ୍ଠାନ ଜୀବିକା ବିଶେଷଜ୍ଞ ଜଗମୋହନ ପୃଷ୍ଟି ଯୋଗ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଭାରତମାତା ଉତ୍ପାଦକ ସ୍ୱୟଂ ସହାୟକ ଗୋଷ୍ଠୀର ୫୦ ଜଣ ମହିଳାଙ୍କୁ ପୋଷାକ ସିଲାଇ ଶିଖିବା ନେଇ ତାଲିମ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଜୀବିକା ବିଶେଷଜ୍ଞ ଶରତ ଚନ୍ଦ୍ର ସାହୁ ଏବଂ ଜନାଥନ ଦିଗାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶିକ୍ଷକ ସନ୍ୟାସୀ ଦିଗାଲ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ନିଆଁରେ ପୋଡ଼ିହୋଇ ନାବାଳିକା ଗୁରୁତର

**ମୋହନା, ୯।୧(ସମିସ):** ଗଜପତି ଜିଲ୍ଲା ମୋହନା ଥାନା ଡୋଳାଆମ୍ବ ଗ୍ରାମରେ ନିଆଁପୋଉଁ ଥିବାବେଳେ ପୋଡ଼ିହୋଇ ଜଣେ ୭ ବର୍ଷର ନାବାଳିକା ଗୁରୁତର ଆହତ ହୋଇଛନ୍ତି। ନାବାଳିକା ଜଣକ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁପୋଉଁ ଥିବା ସମୟରେ ତାଙ୍କ ପିନ୍ଧା ଡ୍ରେସ୍‌ରେ ନିଆଁ ଲାଗିଯାଇଥିଲା। ନିଆଁ ଲିଭାଇବା ସହ ପରିବାର ବର୍ଗ ନାବାଳିକା ଜଣକୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଶରୀରର ୫୦ଭାଗ ପୋଡ଼ିଯାଇଥିବା ଯୋଗୁଁ ପ୍ରାଥମିକ ଚିକିତ୍ସା ପରେ ନାବାଳିକା ଜଣକୁ ପ୍ରଥମେ ବ୍ରହ୍ମପୁର ଏବଂ ପରେ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ

**ପାରଳାଖେମୁଣ୍ଡି, ୯।୧(ସମିସ):** ଚଳିତ ବର୍ଷ ଜିଲ୍ଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ଗଜପତି ଷ୍ଟାଡିୟମ୍ ଠାରେ ମହାସମାରୋହରେ ପାଳିତ ହେବ। ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସଟିକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିବା ନେଇ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗଜପତି ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ. କୁମାର, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଉପ ଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ ଓ କମାଣ୍ଡାଣ୍ଟ ଓଏସଏପି ୩ୟ ବାଟାଲିୟନ ଅଶୋକ କୁମାର ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ। ଚଳିତ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରେଡ୍‌ରେ ଅଂଶଗ୍ରହଣ କରିବେ। ସେଥିପାଇଁ ଚଳିତ ମାସ ୨୧ରୁ ୨୩ ତାରିଖ ଦିନ ଗଜପତି ଷ୍ଟାଡିୟମ୍ ଠାରେ ପରେଡ୍ ଅଭ୍ୟାସ ଅନୁଷ୍ଠିତ ହେବ। ଏହି ଜାତୀୟ ଦିବସଟି ସହରର ସମସ୍ତ ମାନ୍ୟଗଣ୍ୟ ଅତିଥିଙ୍କୁ ଆମନ୍ତ୍ରିତ କରାଯିବ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରାତଃ ୪ଟା ୩୦ମିନିଟ୍ ସମୟରେ ପାରଳାଖେମୁଣ୍ଡି ସହରରେ ରାମଧୂନ ପରିବେଷଣ କରାଯିବ। ପୂର୍ବାହ୍ନ ୮ଟା ୩୦ମିନଟ୍ ସମୟରେ ଗଜପତି ଷ୍ଟାଡିୟମ୍ ଠାରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରି ସମବେତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ଅଭିଭାଷଣ ପ୍ରଦାନ କରିବେ। ପରେଡ୍ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଦଳଙ୍କୁ ସିଲ୍ଡ ଏବଂ ଅନ୍ୟାନ୍ୟ କୃତୀତ୍ୱ ହାସଲକାରୀ ଦଳଙ୍କୁ ମେମୋରିଆଲ୍ ସିଲ୍ଡ ପ୍ରଦାନ କରାଯିବ। ଅନୁଷ୍ଠିତ ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନଗୁଡିକରେ ଉକ୍ତ ଦିନ ସକାଳ ୭ଟା ସମୟରେ ରାଷ୍ଟ୍ରୀୟ ସଙ୍ଗୀତଗାନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ବୈଠକରେ ରିଜର୍ଭ ଇନ୍‌ସପେକ୍ଟର ଅଫ୍ ପୁଲିସ୍ ନିରଞ୍ଜନ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ବରିଷ୍ଠ ନାଗରିକଙ୍କ ସମେତ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ମୁଖ୍ୟ ଅଧିକାରୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଗଣ, ବ୍ୟାଙ୍କ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।



**ଖାଇବା ସୋଡ଼ା ବଦଳରେ ଭୁଲରେ ଖାଇଲେ ୟୁରିଆ ଗୁଣ୍ଡ**

## ଶିଶୁ ସମେତ ୪ ଅସୁସ୍ଥ; ହସ୍‌ପିଟାଲରେ ଭର୍ତ୍ତି

**ପାରଳାଖେମୁଣ୍ଡି, ୯।୧(ସମିସ):** ଗଜପତି ଜିଲ୍ଲା କାଶୀନଗର ବ୍ଲକ୍ ପାର୍ତଡ଼ା ପଞ୍ଚାୟତ ଅନ୍ତର୍ଗତ ଏସ୍. ବୁରୁଡି ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଭୁଲ୍‌ବଶତଃ ପକୁଡ଼ି ପ୍ରସ୍ତୁତ କରିବା ସମୟରେ ଖାଇବା ସୋଡ଼ା ଭାବି ୟୁରିଆ ଗୁଣ୍ଡ ମିଶାଇ ଦେଇଥିଲେ। ଯାହାକୁ ଖାଇ ପରିବାରର ଚାରି ଜଣ ଅସୁସ୍ଥ ହେବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିହୋଇ ପରେ ସୁସ୍ଥ ହୋଇ ଫେରିଛନ୍ତି। ସୂଚନାନୁଯାୟୀ, ସୋମବାର ସନ୍ଧ୍ୟାରେ ଘରେ ପକୁଡ଼ି ପ୍ରସ୍ତୁତ କରିଥିଲା ଝିଅ। ଯାହାକୁ ଖାଇବା ପରେ ଜଣେ ଶିଶୁ ସମେତ ପରିବାରର ତିନ ସଦସ୍ୟ ବେହୋସ୍ ହୋଇପଡ଼ିଥିଲେ। ପକୁଡ଼ି ଖାଇଥିବା ମା' ଓ ଦୁଇ ଭଉଣୀ ଯଥା ସଂଗୀତା ଗମାଙ୍ଗ, ରୀତା ଗମାଙ୍ଗ, ରଶ୍ମିତା ଗମାଙ୍ଗ ଏବଂ ଦୁଇ ବର୍ଷର ଶିଶୁପୁତ୍ର ସିମନ୍ ଗମାଙ୍ଗ ବେହୋସ୍ ହୋଇପଡ଼ିଥିଲେ। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ଶରୀରରେ ବିଷ କ୍ରିୟା ହୋଇଥିବା ଜାଣି ସେମାନଙ୍କ ଚିକିତ୍ସା କରାଯାଇଥିଲା। ଏବେ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଅବସ୍ଥାକୁ ଆସିଛି। ଜମିରେ ୟୁରିଆ ପକାଇବା ପରେ ବଳକା କିଛି ୟୁରିଆଗୁଣ୍ଡ ଏକ ଡବାରେ ଥିଲା। ଯାହାକୁ ଖାଇବା ପରେ ଏଭଳି ଘଟଣା ଘଟିଥିଲା।



## ଧାନକ୍ରୟ ନିୟମ କର୍ମଶାଳାରେ ଚାଷୀ ଅସନ୍ତୋଷ

**ଭଞ୍ଜନଗର, ୯ ।୧(ସମିସ):** ଘୁମୁସରୀ କେଟଲ ସମିତି, ଋଷିକୁଲ୍ୟା ରୟତ ମହାସଂଘ ଓ ଖାଉଟି ଅନୁଷ୍ଠାନ ବର୍ତ୍ତର ମିଳିତ ଆନୁକୂଲ୍ୟରେ ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସଭା ଗୃହରେ ଧାନ କିଣା ନିୟମ ଉପରେ ସଚେତନତା କର୍ମଶାଳାକୁ ରୟତ ମହାସଂଘ ସମ୍ପାଦକ ସିମାଞ୍ଚଳ ନାହାକ ଉଦଘାଟନ କରିଥିଲେ। ଆୟୋଜକ ପ୍ରକାଶ ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଯୋଗାଣ ନିରିକ୍ଷକ ଚମ୍ପାଇ ମରାଣ୍ଡି, ଆରଏମସିର ନୃସିଂହ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଚାଷୀ ସରକାରଙ୍କ ଧାର୍ଯ୍ୟ ଏମଏସପି କୁଇଣ୍ଟାଲ ପିଛା ୨୧୮୩ ଟଙ୍କା ପାଇବା କଥା କିନ୍ତୁ ଏଫଏକ୍ୟୁ ନାମରେ ମିଲ ମାଲିକମାନେ ଚାଷୀଙ୍କଠାରୁ ୮କେଜି ଧାନ ଠକୁଛନ୍ତି। ପ୍ରତି ବସ୍ତାରେ ଚକ୍ରବର୍ତ୍ତୀ ବ୍ୟବହାର କରି କେଜିଏ ଧାନ ବାହାର କରିବା, ସେମାନେ ଜିଲ୍ଲା ଯୋଗାଣ ବିଭାଗକୁ ପରିଚାଳନା କରିବା, ଦଲାଲଙ୍କୁ ଚାଷୀ ନାମରେ ପଞ୍ଜୀକୃତ କରିବା, ଓଜନ ଓ ମାପରେ ଠକାମି, ଆଖାସୂତା ପଇସା ଚାଷୀଙ୍କଠାରୁ ଆଦାୟ, ପୂଜା ଓ ସ୍ୱର୍ଣ୍ଣ ଧାନ କେବଳ କିଣିବା, ଧାନର ପ୍ରକାର ନିର୍ଦ୍ଧାରଣ, ପ୍ରକୃତ ଭାଗଚାଷୀ ହିତାଧିକାରୀଙ୍କୁ ବଞ୍ଚିତ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ପ୍ରଶାସନିକ ମଣ୍ଡି ପରିଚାଳନାରେ କୃଷକ ସଂଗଠନ ଗୁଡ଼ିକୁ ଡକାଯାଉ ନାହିଁ ବୋଲି ଚାଷୀ ନେତା ଅଭିଯୋଗ ଆଣିଛନ୍ତି। ବହୁ ଚାଷୀ, ମହିଳା ଗୋଷ୍ଠୀ ଆରଏମସିରୁ ରାଲିରେ ସ୍ଲୋଗାନ ଦେଇ ଉପ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ୭ଦିନ ମଧ୍ୟରେ ଉପ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଚାଷୀ ସଙ୍ଗଠନ, ମିଲର ସଂଘଙ୍କୁ ନେଇ ବୈଠକ ଡକାଯାଉ ନହେଲେ ଆନ୍ଦୋଳନ କରିବା ଓ ଆବଶ୍ୟକ ହେଲେ ଧାନ ବସ୍ତା ରାସ୍ତାରେ ରଖି ଧର୍ମଘଟ କରାଯିବ ବୋଲି କୃଷକ ନେତା ବିରେନ୍ଦ୍ର ନାୟକ ଓ ରବିନାରାୟଣ ଶତପଥୀ ପ୍ରେସ ଇସ୍ତାହାର ଦେଇଛନ୍ତି। ଉପଖଣ୍ଡର ଆଠଟି ବ୍ଲକରେ କୃଷକ ସଂଘ ଗଠନ କରାଯାଇ ବ୍ଲକସ୍ତରୀୟ କମିଟି ଚୟନ କରାଯାଇଥିବା ଜଣାପଡ଼ିଛି।

● ଜୟସେନ ପାଳ ହତ୍ୟା ଘଟଣା

## ଦୁଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଆସିକା, ୯ ।୧(ସମିସ):** ଆସିକା ଅଞ୍ଚଳର ଜୟସେନ ପାଳ ହତ୍ୟା ଘଟଣାରେ ୮ ବର୍ଷ ପରେ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଏହି ଘଟଣାରେ କୋର୍ଟ ଦୁଇଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ସୂଚନା ପ୍ରକାରେ ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗାଁ ଦାଣ୍ଡରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨୦୧୫ମସିହା ଜୁଲାଇ ୩୦ତାରିଖରେ ଉକ୍ତ ଗ୍ରାମର ଜୟରାମ ପାଳଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାର ବିଚାରଣା ଚାଲିଥିବା ବେଳେ ୧୦ ସାକ୍ଷୀଙ୍କ ବୟାନ ରେକଡର୍ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଘଟଣାର ଅଭିଯୁକ୍ତ ପଞ୍ଚୁ ପାତ୍ର ଓ ମନୋଜ ପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଆସିକା ଅତିରିକ୍ତ ଜିଲ୍ଲା ଦୌରା ଜଜ ପ୍ରବୀର କୁମାର ଚୌଧୁରୀ। ଏହି ଘଟଣା ନେଇ ସେତେବେଳେ ଆସିକା ଥାନାରେ ୧୪୫/୨୦୧୫ରେ ଏକ ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ବାଲେଶ୍ୱର ଗିଦ୍ଧି ଚାର୍ଜସିଟ୍ ଦାଖଲ କରିଥିଲେ।

## କର୍ଣ୍ଣାଟକରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

**ପାତ୍ରପୁର, ୯ ।୧(ସମିସ):** ପାତ୍ରପୁର ବ୍ଲକ ଖାରିଆଗୁଡା ପଞ୍ଚାୟତ ଖାରିଆନାଳ ଗ୍ରାମର ଜଣେ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ କର୍ଣ୍ଣାଟକରେ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ହେଲେ ଦେବରାଜ ଶବର (୩୫)। ଦୁଇମାସ ପୂର୍ବେ ଦେବରାଜ କର୍ଣ୍ଣାଟକର ଧରୁଆଡ଼ ଜିଲ୍ଲା ମାଣ୍ଡିଆଲାସ୍ଥିତ ଏକ ପାଇପ ଲାଇନ କମ୍ପାନୀରେ କାମ କରିବାକୁ ଯାଇଥିଲେ। ରବିବାର କମ୍ପାନୀ ଗାଡ଼ିରେ ବଜାରକୁ ଯାଇ ଫେରୁଥିବା ବେଳେ ସେ ଗାଡ଼ିରୁ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପରିବାର ଲୋକେ କର୍ଣ୍ଣାଟକ ଯାଇଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହ ଅଣାଯିବ ବୋଲି ପରିବାର ଲୋକେ ସୂଚନା ଦେଇଛନ୍ତି। କମ୍ପାନୀ ପକ୍ଷରୁ ଶବ ଆଣିବା ଲାଗି ବ୍ୟବସ୍ଥା କରାଯାଇଥିବା ଜଣାପଡିଛି।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**ସାନଖେମୁଣ୍ଡି, ୯ ।୧(ସମିସ):** ସାନଖେମୁଣ୍ଡି ବ୍ଲକର ଦୁଇଟି ସ୍ଥାନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ହୋଇଯାଇଛି। ଛଣମେରିସ୍ଥିତ ସାନଖେମୁଣ୍ଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୨୦୦ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ୧୯୧ ଜଣ ପରୀକ୍ଷା ଦେଇଥିଲେ। ପରୀକ୍ଷା ଅଧୀକ୍ଷକ ଭାବେ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ରଶ୍ମି ରଞ୍ଜନ ବେଉରା, ପର୍ଯ୍ୟବେକ୍ଷକ ଭାବେ ସାନଖେମୁଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ଚୌଧୁରୀ କାର୍ଯ୍ୟ ତୁଲାଇଥିଲେ। ସେହିଭଳି ତୁଡଙ୍ଗପୁର ସ୍ଥିତ ସାନଖେମୁଣ୍ଡି ଉଚ୍ଚ ବିଦ୍ୟାଳୟରେ ୧୯୬ ଛାତ୍ରଛାତ୍ରୀ ପଞ୍ଜିକରଣ କରିଥିବା ବେଳେ ୧୯୩ ପରୀକ୍ଷା ଦେଇଥିଲେ। ପରୀକ୍ଷା ଅଧୀକ୍ଷକ ଭାବେ ସାନଖେମୁଣ୍ଡି ଉଚ୍ଚବିଦ୍ୟାଳୟର ଭାରପ୍ରପ୍ତ ପ୍ରଧାନଶିକ୍ଷକ ଦୂର୍ଯ୍ୟୋଧନ ପାତ୍ର, ପର୍ଯ୍ୟବେକ୍ଷକ ଭାବେ ଦୀନବନ୍ଧୁ ବେହେରା ପରୀକ୍ଷା ପରିଚାଳନା କରିଥିଲେ।

## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ; ଯୁବକ ଗିରଫ

**ବ୍ରହ୍ମପୁର, ୯ ।୧(ସମିସ):** ନାବାଳିକାକୁ ଦୁଷ୍କର୍ମ ମାମଲାରେ ଗୋପାଳପୁର ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ପୁରୁଣା କମଳାପୁର ଗ୍ରାମର ଗଙ୍ଗାଧର ବେହେରା(୪୦)। ପୁଲିସ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମଇନା କରିଛି। ଏହା ସହ ପିଡ଼ିତାଙ୍କ ବୟାନ ରେକର୍ଡ ପୁଲିସ କରିଥିବା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗୋପାଳପୁର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଗତ ୬ ତାରିଖ ସନ୍ଧ୍ୟାରେ ଗଙ୍ଗାଧର ଘରକୁ ଡାକିଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ନାବାଳିକାଙ୍କୁ ବଳପୂର୍ବକ ଦୁଷ୍କର୍ମ କରିଥିଲେ। ପୀଡ଼ିତାଙ୍କର ପାଟି ଶୁଣି ଘର ଲୋକେ ପହଞ୍ଚି ଉଦ୍ଧାର କରିଥିଲେ। ଘଟଣାକୁ ନେଇ ପରିବାର ବର୍ଗ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ନାବାଳିକାର ବୟାନ ରେକର୍ଡ କରି ଦୁଷ୍କର୍ମ ମାମଲା ରୁଜୁ କରିଥିଲା। ଗଙ୍ଗାଧରକୁ ପୁଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ସାନଖେମୁଣ୍ଡି, ୯ ।୧(ସମିସ):** ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସୌଜନ୍ୟରେ ସାନଖେମୁଣ୍ଡି ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକର ୩୦୬ଜଣ ଭିନ୍ନକ୍ଷମ ନାମ ପଞ୍ଜିକରଣ କରିଥିଲେ। ୧୩ଜଣଙ୍କୁ ଟ୍ରାଏସାଇକେଲ, ୧୦ ଟି ହ୍ୱିଲଚେୟାର ପ୍ରଦାନ କରାଯାଇଥିଲା। ଏହା ସହ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଇବା ପାଇଁ ଅଧିକାରୀମାନେ ପଞ୍ଜିକରଣ କରାଇଥିଲେ। ଏହି ଶିବିର ଭିନ୍ନକ୍ଷମଙ୍କ ଲାଗି ବିଶେଷ ସହାୟକ ହେଉଥିବା ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ସସ୍ମିତା କୁମାରି ସାହୁ, ବ୍ଲକ ଅଧ୍ୟକ୍ଷ ସିମାଞ୍ଚଳ ପାତ୍ର, ଉପଧକ୍ଷା ରିଙ୍କି ନାୟକ ପ୍ରମୁଖ ମତବ୍ୟକ୍ତ କରିଛନ୍ତି।

ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

# ୩ ପ୍ରକଳ୍ପର ଶୁଭଦେଲେ ବିଧାୟିକା

**କବିସୂର୍ଯ୍ୟନଗର, ୯ ।୧(ସମିସ)**



କବିସୂର୍ଯ୍ୟନଗର ବ୍ଲକ ଗଙ୍ଗାପୁର ପଞ୍ଚାୟତଠାରୁ କବିସୂର୍ଯ୍ୟନଗର ଖରିଡା ରାସ୍ତାର ନିର୍ମାଣ ଲାଗି ମୁଖ୍ୟମନ୍ତ୍ରୀ ୪ କୋଟି ୨୨ ଲକ୍ଷ ଅନୁଦାନ ମଞ୍ଜୁର କରିଛନ୍ତି। ଏଥିଦ୍ୱାରା କବିସୂର୍ଯ୍ୟନଗର ସହ ନୂତନ କନ୍ଦ ଖରିଡା, ଗଙ୍ଗାପୁର, ପିଠାପୁର, ବଡଆଗୁଳ ଆଦି ଗ୍ରାମ ରାସ୍ତା ଯୋଡି ହେବ। କବିସୂର୍ଯ୍ୟନଗର ବିଧାୟିକା ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗଙ୍ଗାପୁର ସରପଞ୍ଚ ପ୍ରତିନିଧି କରଣ କୁମାର ସେଠୀଙ୍କ ସଭାପତିତ୍ୱରେ ବୈଠକରେ ବିଧାୟିକା ଲତିକା ପ୍ରଧାନ, ଜରଡ଼ ସରପଞ୍ଚ ପଦ୍ମଚରଣ ନାହାକ, ସମିତିସଭ୍ୟ ରାଜେଶ କୁମାର ତ୍ରିପାଠୀ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ଗଙ୍ଗାପୁର ସରପଞ୍ଚ ଝୁନୁ ସେଠି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କବିସୂର୍ଯ୍ୟନଗର ବ୍ଲକ ବଡ ମହୁରୀଠାରୁ ସାମନ୍ତରତ୍ନପଲ୍ଲୀ ରାସ୍ତାର ପ୍ରଶସ୍ତିକରଣ ଲାଗି ମୁଖ୍ୟମନ୍ତ୍ରୀ ୮କୋଟି ୬୦ଲକ୍ଷ ଓ ପଥରା ପଲ୍ଲୀ ପୂର୍ତ୍ତବିଭାଗ ରାସ୍ତାଠାରୁ ବଡ଼ମହୁରି ଭାୟା କମଳପୁର ରାସ୍ତାର ସଂଯୋଗୀକରଣ ଲାଗି ୩କୋଟି ୬୭ଲକ୍ଷ ବ୍ୟୟ ମଞ୍ଜୁର କରାଯାଇଥିବା ଜଣାପଡିଛି। ମୋଟ ୧୬କୋଟି ୪୯ଲକ୍ଷର ରାସ୍ତା କାର୍ଯ୍ୟ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବା ସହ ଉକ୍ତ ରାସ୍ତାରେ ଲକ୍ଷ୍ମୀ ବସ ଦୌଡ଼ିବ ବୋଲି ବିଧାୟିକା ଆଶାବ୍ୟକ୍ତ କରିଛନ୍ତି।

ଏହି ସଭାରେ ବଡ଼ମହୁରି ସମିତି ସଭ୍ୟ ଟି. ବ୍ରଜେନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବୁଢ଼ାମ୍ବ ସରପଞ୍ଚ ପ୍ରତିନିଧି ଝଙ୍କପ୍ରସାଦ ପଣ୍ଡା ଓ ସମିତିସଭ୍ୟ ପ୍ରତିନିଧି ଚନ୍ଦ୍ରଶେଖର ପ୍ରଧାନ, ଖଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ, ସୋସାଇଟି ସଭାପତି ଯୋଗେନ୍ଦ୍ର ବିଷୋୟୀ ପ୍ରମୁଖ ଜନପ୍ରତିନିଧି ଉପସ୍ଥିତ ଥିଲେ। ଏହି କ୍ରମରେ ଏହି ତିନୋଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଧାୟିକା ସାଧୁବାଦ ଜଣାଇଛନ୍ତି। ଗ୍ରାମ୍ୟ ଉନ୍ନୟନ ଉପନିର୍ବାହୀ ଯନ୍ତ୍ରୀ ବାଦଲ ପାଢ଼ୀ, ଅନୁଜ ଯନ୍ତ୍ରୀ ଗିରୀଶ ଚନ୍ଦ୍ର ନାୟକ ସଂଯୋଜନା କରିଥିଲେ।

# ବ୍ଲକ୍‌ସ୍ତରୀୟ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ



**ଜଗନ୍ନାଥପ୍ରସାଦ, ୯ ।୧(ସମିସ):** ଜଗନ୍ନାଥପ୍ରସାଦ ବ୍ଲକ ପ୍ରଶାସନ ପକ୍ଷରୁ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ କ୍ରୀଡାପଡ଼ିଆଠାରେ ଆୟୋଜିତ ନୂଆ-ଓ, ଯୁବ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମର ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଡିଓ ଅଶ୍ୱିନୀ ମହାପାତ୍ର, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ବିପ୍ର ଚରଣ ବାରିକ, ଉପାଧକ୍ଷ ରଞ୍ଜିତ ପାତ୍ର ପ୍ରମୁଖ ମଞ୍ଚାସିନ ରହିଥିଲେ। ଖେଳକୁଦ ମଣିଷ ଜୀବନକୁ ସୁସ୍ଥ ଓ ସବଳ ରଖିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କ୍ରିଡ଼ା ଉତ୍ସବରେ ସର୍ବମୋଟ ୧୨ଟି ଖେଳରେ କୃତି ଅର୍ଜନ କରିଥିବା ଟିମକୁ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଟିମକୁ ୨୦ହଜାର, ପ୍ରଥମ ରନ-ଅପ ଟିମକୁ ୧୫ହଜାର, ଦୁଇ ଟିମକୁ ଦ୍ୱିତୀୟ ରନ-ଅପ ଟିମକୁ ୧୦ହଜାର ଲେଖାଏଁ ନଗଦ ପୁରସ୍କାର କରାଯାଇଥିଲା। ବାଳିକା ହକି ଦଳ ରାଜ୍ୟ ସ୍ତରୀୟ କ୍ରୀଡା ଉତ୍ସବକୁ ମନୋନିତ ହୋଇଥିବା ବ୍ଲକ ଉପାଧକ୍ଷ ରଞ୍ଜିତ ପାତ୍ର ସୂଚନା ଦେଇଥିଲେ। ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ, ବିଭାଗୀୟ ଅଧିକାରୀ ରାମକୃଷ୍ଣ ମହାନ୍ତି, ଜିପିଓ ମାଥୁରାମ ନାୟକ, ପିଇଓ ବସନ୍ତ ସାହୁ, ବ୍ଲକ ସାମାଜିକ ଅଧିକାରୀ ମିତାଲୀ ପ୍ରିୟଦର୍ଶିନୀ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମୋନାଲି ମହାନ୍ତି, ସମସ୍ତ ଯନ୍ତ୍ରୀ, ଗ୍ରାମସେବକ, ଅଞ୍ଚଳର ସରପଞ୍ଚ ଏବଂ ସମିତି ମେମ୍ବର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଓଡ଼ିଆ ଭାଷାର ପ୍ରକଳ୍ପ ପ୍ରଦର୍ଶନୀ ମେଳା

**ଟିକାବାଲି, ୯।୧(ସମିସ):** ବାହାଡ଼ସାହି ପଞ୍ଚାୟତ ଅଧୀନସ୍ଥ ଲୁଜୁରାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଓଡ଼ିଆ ଭାଷାର ଉନ୍ନତି ପାଇଁ ପ୍ରକଳ୍ପ କାର୍ଯ୍ୟ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୬୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଲତାଞ୍ଜଳି ମହାନ୍ତିଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ "ଆମ ମାତୃଭାଷା ଓଡ଼ିଆ, ମିଠା ମିଠା କଥା ବଢ଼ିଆ ଅନୁଷ୍ଠିତ ହୋଇଛି। ସହଯୋଗୀ ଶିକ୍ଷକ କୁମୁଦ କହଁର, ଭୁବନି ପ୍ରଧାନ, ଶାନ୍ତନୁ ପଟ୍ଟନାୟକ, ରଚୟିତା ସ୍ୱାଇଁ, ମଧୁସ୍ମିତା ବେହେରା, ରଞ୍ଜୁକ୍ତା ଭୋଇଙ୍କ ସହଯୋଗରେ ପରିଚାଳିତ ହେଉଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ମହାଭୋଇ, ବୁର୍ବୀନାୟୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଗୌର ଚରଣ ବିଶ୍ୱାଳ ଓ କନ୍ଧମାଳ ରାଜ୍ୟ ସମ୍ବଳ ଶିକ୍ଷକ ତଥା ଟିପାରୀଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ମହାପାତ୍ର ପ୍ରମୁଖ ମାତୃଭାଷାର ଗୁରୁତ୍ୱ ଉପରେ ମତ ରଖିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭୀଷ୍ମ କହଁର ଆମ ମାତୃଭାଷା ଓଡ଼ିଆ ସପକ୍ଷରେ ଏକ ପ୍ରେରଣାଦାୟୀ ମନ୍ତବ୍ୟ ପ୍ରଦାନ କରିଥିଲେ।

# 'ସରୁନି ଗପ କି ସରୁନି ପାପ' ମଞ୍ଚସ୍ଥ



**ପୋଲସରା, ୯ ।୧(ସମିସ):** ପୋଲସରା ଏନ୍‌ଏସିର ଓଡ଼ିଆ ସାହିରେ ଚଳିତ ବର୍ଷର ଶ୍ରେଷ୍ଠ ସାମାଜିକ ନାଟକ "ସରୁନି ଗପକି ସରୁନି ପାପ' ମଞ୍ଚସ୍ଥ ହୋଇଯାଇଛି। ଯୁବ ସଂଗଠକ ଭାସ୍କର ନାହାକଙ୍କ ପୌରହିତ୍ୟରେ ଶ୍ରୀଶ୍ରୀ ବଡ଼ରାଉଳ ସ୍ୱାମୀ ନାଟ୍ୟ ସଂସଦର ପ୍ରଥମ ଅବଦାନରେ "ସରୁନି ଗପକି ସରୁନି ପାପ" ନାଟକ ଭେଟି ଦେଇଛନ୍ତି। ଏହି ନାଟକକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ପୋଲସରା ବ୍ଲକ ବିଜେଡ଼ି ସଭାପତି ସୁରେନ୍ଦ୍ର ନାଥ ପ୍ରଧାନ, ନଗର ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ବିଷୋୟୀ, ଯୁବ ବିଜେଡ଼ି ସଭାପତି ସୁଶାନ୍ତ କୁମାର ପୋଲେଇ, ସମାଜସେବୀ ନରେନ୍ଦ୍ର କୁମାର ଦେବତା, ସୁକାନ୍ତ କୁମାର ଭୂୟାଁ, ସରପଞ୍ଚ ପବିତ୍ର ରାଉତ ସହ ନାଟକର ନିର୍ଦ୍ଦେଶକ କାହ୍ନୁ ଚରଣ ସାହୁଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଆୟୋଜିତ ନାଟକର ସଭାପତି ଭାସ୍କର ନାହାକ, ଜଗନ୍ନାଥ ଡାଙ୍ଗୁଆ, ମ୍ୟାନେଜର ବାବୁ ପ୍ରଧାନ, ମୁଖ୍ୟ ପରିଚାଳକ ସଞ୍ଜୟ ଖଟେଇ, ମଞ୍ଚ ପରିଚାଳକ ଟିଟୁ ଖଟେଇ, ଉପଦେଷ୍ଟା ଶ୍ରୀକାନ୍ତ ଡ଼ାଙ୍ଗୁଆ, କୋଷାଧ୍ୟକ୍ଷ ଶରତ ପ୍ରଧାନ ଓ ଓଡ଼ିଆ ସାହିର ଯୁବକ ମାନେ ସହଯୋଗ କରିଥିଲେ।

## ରାସାୟନିକ ବିପର୍ଯ୍ୟୟ ମୁକାବିଲା ମକ୍‌ଡ୍ରିଲ୍ ପାଇଁ ପ୍ରସ୍ତୁତି ବୈଠକ



**ଛତ୍ରପୁର, ୯ ।୧(ସମିସ):** ରାସାୟନିକ ବିପର୍ଯ୍ୟୟର ମୁକାବିଲା ଲାଗି ଚଳିତ ମାସ ୧୧ତାରିଖରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ଓ ଜିଲ୍ଲା ଜରୁରୀ କାଳୀନ ବିଭାଗ ପକ୍ଷରୁ ମକଡ୍ରିଲ ଅନୁଷ୍ଠିତ ହେବ। ଜିଲ୍ଲାର ଆଇଆରଇଏଲ, ଗ୍ରାସୀମ କମ୍ପାନୀ, ସନଟେକ ଓ ଟାଟା କମ୍ପାନୀ ଭଳି ୪ଟି ଶିଳ୍ପ ଅନୁଷ୍ଠାନରେ ଏହି ମକଡ୍ରିଲ ଅନୁଷ୍ଠିତ ହେବ । ଏହି ମକଡ୍ରିଲକୁ ସୁରୁଖୁରରେ ସମ୍ପାଦନ କରିବା ଲାଗି ଜାତୀୟ ବିପର୍ଯ୍ୟୟ ମୁକାବିଲା ପ୍ରାଧିକରଣ ଦ୍ୱାରା ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଭାସୀ ବୈଠକରେ ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ ଡେପୁଟି କଲେକ୍ଟର ଆୟୁସି ପତି, ଓସଡେମାର ଡିପିଓ ଦେବେନ୍ଦ୍ର ନାୟକ, ଛତ୍ରପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟଶ୍ରୀ ନାୟକ, ଆଇଆରଇଏଲ, ଗ୍ରାସୀମ, ସନଟେକ ଓ ଟାଟା ଫେରୋକ୍ରମର ବହୁ ଅଧିକାରୀ, ଅଗ୍ନିଶ୍ରମ, ଓଡ୍ରାଫ, ପ୍ରଦୂଷଣ ନିୟନ୍ତ୍ରିତ ବୋର୍ଡର ବହୁ କର୍ମଚାରୀ ଉପସ୍ଥିତ ରହି ଅନୁଷ୍ଠିତ ହେବାକୁ ଥିବା ଏହି ମକଡ୍ରିଲକୁ ସଫଳ ରୂପାୟନ କରିବା ଲାଗି ଆଲୋଚନା କରିଥିଲେ।

## ଆଦର୍ଶ ବିଦ୍ୟାଳୟ ନାମଲେଖା ପ୍ରବେଶିକା ପରୀକ୍ଷା



**ପୁରୁଷୋତ୍ତମପୁର, ୯ ।୧(ସମିସ):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଭାଟକୁମରଡା ଆଦର୍ଶ ବିଦ୍ୟାଳୟରେ ନାମଲେଖ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଦୁଇଟି କେନ୍ଦ୍ରରେ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଆଦର୍ଶ ବିଦ୍ୟାଳୟରେ ୨୦୦ ଜଣ, ନରସିଂହ ପଣ୍ଡା ହାଇସ୍କୁଲରେ ୧୭୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

## ସାଧାରଣ ନିର୍ବାଚନ ଲାଗି ପୁଲିସ ଓ ସେକ୍ଟର ଅଫିସରଙ୍କୁ ପ୍ରଶିକ୍ଷଣ

**ଛତ୍ରପୁର, ୯ ।୧(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ଲାଗି ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ତତ୍ତ୍ୱାବଧାନରେ ବୈଠକ କରାଯାଇ ବିଭିନ୍ନ ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ସାଧାରଣ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ପୁଲିସ ଓ ସେକ୍ଟର ଅଫିସରମାନଙ୍କୁ ନେଇ ୩ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ପ୍ରଥମ ଦିନରେ ଛତ୍ରପୁର ଉପଖଣ୍ଡ ସ୍ତରୀୟ ପୁଲିସ ଓ ସେକ୍ଟର ଅଫିସରମାନଙ୍କୁ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି ପ୍ରଶିକ୍ଷଣ ଶିବିର ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଅଧ୍ୟକ୍ଷତା କରିଥିବା ବେଳେ ଗଞ୍ଜାମ ଜିଲ୍ଲାପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ, ଡେପୁଟି କଲେକ୍ଟର ଦୟାସିନ୍ଧୁ ପରିଡା, ଡେପୁଟି କଲେକ୍ଟର(ନିର୍ବାଚନ) ରାଜେଶ କୁମାର ଏକା, ଆସିଷ୍ଟାଣ୍ଟ କଲେକ୍ଟର ଓମ ପ୍ରକାଶ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରେ ନିୟୋଜିତ ହେବାକୁ ଥିବା ପୁଲିସ ଓ ସେକ୍ଟର ଅଫିସର ମାନଙ୍କୁ ନିର୍ବାଚନି ସମ୍ପର୍କିତ ବିଭିନ୍ନ ତାଲିମ ପ୍ରଦାନ କରାଯାଇଥିଲା। ସେକ୍ଟର ଅଫିସରମାନେ ଇଭିଏମ ଉପରେ ଲୋକଙ୍କୁ ବିଭିନ୍ନ ସଚେତନତା କରାଇବେ। ଭୋଟ ମତଦାନ ନିମନ୍ତେ ୩୦୭୭ ବୁଥ୍ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି।

## ଡେଙ୍ଗାପଦର ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁକୁଡ଼ାଖଣ୍ଡି, ୯ ।୧(ସମିସ):** କୁକୁଡ଼ାଖଣ ବ୍ଲକ୍ ଡେଙ୍ଗାପଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶିବଚରଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ମଙ୍ଗଳବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟା ଶିବାନୀ ସେଠୀ ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ମହାକୁଡ଼, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପି.ଗଣେଶ ପାତ୍ର ଓ ପୂର୍ବତନ ସଭାପତି ଦଣ୍ଡପାଣି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଲିଲିଗଡ଼ରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ମୋହନା, ୯।୧(ସମିସ)**




ମୋହନା ବ୍ଲକ ଲିଲିଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ଏସ୍‌ପି ସ୍ୱାତି ଏସ୍ କୁମାର ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ଅଞ୍ଚଳର ରାସ୍ତା, ସ୍କୁଲ, ଭତ୍ତା ପ୍ରଦାନ ଆଦି ଅଭିଯୋଗ ଆସିଥିଲା। ମୋଟ ୬୫ଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ୨୮ଟି ବ୍ୟକ୍ତିଗତ ଓ ୩୭ଟି ସାମୂହିକ ଅଭିଯୋଗ ଆସିଥିଲା। ୫ ଜଣଙ୍କୁ ୫୫ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରିଛନ୍ତି ଜିଲ୍ଲାପାଳ। ୩ ଜଣଙ୍କୁ ୧୫ ହଜାର ଲେଖାଏଁ ଓ ୨ ଜଣଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ମୋହନାରେ ସାଧାରଣ ବର୍ଗ ପିଲାଙ୍କ ପାଇଁ ହାଇସ୍କୁଲ ସ୍ଥାପନ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା। ବରିଷ୍ଠ ଶିକ୍ଷାବିତ୍ ମଧୁସୂଦନ ପାଢ଼ୀ, ପ୍ରଶାନ୍ତ ବିର, ଯୁବନେତା ଜିତେନ୍ଦ୍ର ବେହେରା ପ୍ରମୁଖ ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ସେହିଭଳି ଲିଲିଗଡ଼ ପଞ୍ଚାୟତ ଲୋକେ ଜମିଜମା ମାମଲା ଓ ସାର୍ଟିଫିକେଟ୍ ପାଇଁ ଲୁହାଗୁଡ଼ି ରାଜସ୍ୱ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପଞ୍ଚାୟତବାସୀ। ତେଣୁ ଲିଲିଗଡ଼ ପଞ୍ଚାୟତବାସୀଙ୍କୁ ଲୁହାଗୁଡ଼ି ପରିବର୍ତ୍ତେ ମୋହନା ରାଜସ୍ୱ କାର୍ଯ୍ୟାଳୟ ସହ ସଂଲଗ୍ନ କରିବାକୁ ସରପଞ୍ଚ ବାସନ୍ତୀ ମଲିକଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି ଅଞ୍ଚଳବାସୀ। ବିଡିଓ ହଳଧର ଶବର, ବ୍ଲକ୍ ଅଧ୍ୟକ୍ଷ ରଞ୍ଜୀବ ଶବରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବଉଳା କୁମ୍ଭୀର ଗଣନା ପାଇଁ ପ୍ରଶିକ୍ଷଣ ଶିବିର

# ଦିନରେ ପଲିଗନ ସର୍ଚ୍ଚ ଆପ୍, ରାତିରେ ପାରମ୍ପରିକ ପଦ୍ଧତିରେ ହେବ ଗଣନା




**ରାଜନଗର, ୯।୧(ସମିସ):** ଭିତରକନିକା ଜାତୀୟ ଉଦ୍ୟାନ ଓ ଉଦ୍ୟାନ ବାହାରେ ପ୍ରବାହିତ ନଦୀ ନାଳ ଗୁଡିକରେ ଥିବା ବଉଳା କୁମ୍ଭୀରମାନଙ୍କ ଗଣନା ପାଇଁ ଆଜି ବନ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଆସନ୍ତା କାଲିଠାରୁ ୧୨ ତାରିଖ ଯାଏଁ କୁମ୍ଭୀର ଗଣନା କରାଯିବ ଓ ୧୩ ତାରିଖ ଦିନ ଗଣନା ପକ୍ରିୟା ଶେଷ ହେବ। ସେଥିପାଇଁ ଜାନୁୟାରୀ ୫ ରୁ ୧୩ ତାରିଖ ଯାଏଁ ୯ ଦିନ ଧରି ଭିତରକନିକା ଜାତୀୟ ଉଦ୍ୟାନ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଛି। ପ୍ରତିବର୍ଷ କୁମ୍ଭୀର ଗଣନା ହେଉଥିବା ପାରମ୍ପାରିକ ପଦ୍ଧତି ସହିତ ପଲିଗନ ସର୍ଚ୍ଚ ମୋବାଇଲ ଆପ୍‌ରେ କୁମ୍ଭୀର ଗଣନା କରାଯିବାକୁ ସ୍ଥିର କରାଯାଇଛି। ଦିନରେ ପଲିଗନ ସର୍ଚ୍ଚ ଆପ୍ ଓ ରାତିରେ ପାରମ୍ପାରିକ ପଦ୍ଧତିରେ କୁମ୍ଭୀର ଗଣନା କରାଯିବ। ଦିନରେ ଖରା ପୋଇଁବା ଅବସ୍ଥାରେ ବଡ କୁମ୍ଭୀର ଓ ରାତିରେ ସ୍ୱଷ୍ଟ ଲାଇଟ ମାଧ୍ୟମରେ ଛୋଟ କୁମ୍ଭୀର ଗଣନା କରାଯାଉଥିଲା। ଗତ ୨ବର୍ଷ ହେଲା ପଲିଗନ ସର୍ଚ୍ଚ ମାଧ୍ୟମରେ କୁମ୍ଭୀର ଗଣନା କରାଯାଉଛି। ଚଳିତ ବର୍ଷ କୁମ୍ଭୀର ଗଣନା ପାଇଁ ୨୨ଟି ଟିମ୍ ଗଠନ କରାଯାଇଛି। ପ୍ରତି ଟିମ୍‌ର ୪ଜଣ ଲେଖାଏଁ ବନକର୍ମଚାରୀ ସାମିଲ ହୋଇଛନ୍ତି। ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ୧୭ଟି ଟିମ୍ ଓ ଜାତୀୟ ଉଦ୍ୟାନ ବାହାରେ ୫ଟି ଟିମ୍ କୁମ୍ଭୀର ଗଣନା କରିବେ। ମଙ୍ଗଳବାର ଡାଙ୍ଗମାଳଠାରେ କୁମ୍ଭୀର ଗଣନାକାରୀ ବନକର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ, କୁମ୍ଭୀର ବିଶାରଦ ଡଃ. ସୁଧାକର କର, ଏସିଏଫ ଗଗନ ବିହାରୀ ମଲ୍ଲିକ, ସାଇଣ୍ଟିଷ୍ଟ ଭକ୍ତ ପ୍ରସାଦ ରଥ, ନିମାଇଁ ପଲାଇ, ରେଞ୍ଜ ଅଫିସର ମାନସ କୁମାର ଦାସ, ପ୍ରଦୋଷ କୁମାର ମହାରଣା ପ୍ରମୁଖ ଗଣନାକାରୀମାନଙ୍କୁ କିପରି କୁମ୍ଭୀର ଗଣନା କରାଯିବ ଓ କିପରି ଏହି ଆପ ବ୍ୟବହାର କରାଯିବ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। କୁମ୍ଭୀର ଗଣନା ପାଇଁ ଗଠନ କରାଯାଇଥିବା ଟିମ ଖୋଲାରୁ କଣ୍ଟିଆଖାଇମାଉଥ୍, ଜେଠିରୁ ପାଟଶାଳା ଓ ଖୋଲା ମାଉଥ୍, ଖୋଲା ମାଉଥ୍‌ରୁ ଚେକ୍‌ଗେଟ, ପତିମାଉଥ୍ ରୁଗୋଖଣି, ବାଲିଯୋର, ଜୁଣାଯୋର, ବାଲିଯୋରୀ, ଧୋଧୋଇଆ କ୍ରିକ, ମହିଁଷାମୁଣ୍ଡା ମାଉଥ୍‌ରୁ କାଠୁଆ, କାଠୁଆମାଉଥ୍ ରୁ ସାପୁଆମାଉଥ୍, ଥାନପତିମାଉଥ୍‌ରୁ ଚିନ୍ତାମଣିମହାନ୍ତି କ୍ରିକ, ଶୁଆଯୋର କ୍ରିକ, ଡାଙ୍ଗମାଳ ସ୍କିମରୁ ବାଙ୍କୁଆଳ ଓ ଭିତରକନିକା ଫରେଷ୍ଟବ୍ଲକ, ଜୟନଗରରୁ ଦୁର୍ଗାପ୍ରସାଦଡିଆ, ରାଜନଗରରୁ ଖୋଲା, ରାଜନଗର ରୁ ବରୁଣେଇ, ଗୁପ୍ତିରୁ ଏକକୂଳା, ଗୁପ୍ତିରୁ ହଂସିଣା ବ୍ରିଜ, ବାଉଁଶଗଡ଼ ନଦୀରୁ ସୁନେଇରୂପେଇ ଓ ସାତଭାୟା କ୍ରିକ, ସାତଭାୟା କ୍ରିକରୁ ଚିଞ୍ଚିରିବେରି ଓ ଅଙ୍ଗାରି କ୍ରିକ, ବଗୁଳି, ପାପୁଲିମାଉଥ୍‌ରୁ ଶାସନପେଟା ବିଟ, କଣ୍ଡିରାପାଟିଆ ମାଉଥ୍‌ରୁ ପାଣିଆଖିଆ, ଗୋବରୀ, କଂସାରଡିଆ ଓ ଉଉରଖୋଲା କ୍ରିକ ଆଦି ନଦୀ ଓ ନାଳରେ କୁମ୍ଭୀର ଗଣନା କରାଯିବ। ପ୍ରତ୍ୟେକ ଟିମ ପାରମ୍ପରିକ ପଦ୍ଧତି ସହିତ ମୋବାଇଲ ଆପରେ ଗଣନା କରିବେ ବୋଲି ନିଷ୍ପତି ନିଆଯାଇଛି। ଗତବର୍ଷ କୁମ୍ଭୀର ଗଣନା ରିପୋର୍ଟ ଅନୁଯାୟୀ ଭିତରକନିକାରେ ୧୭୯୩ କୁମ୍ଭୀର ରହିଛନ୍ତି।

# ଗୋଟିଏ ଜୁଇରେ ଜଳିଲା ମାଆ-ପୁଅଙ୍କ ଚିତା

## ଯୁବକଙ୍କ ଆତ୍ମହତ୍ୟା ଖବର ଶୁଣିବା ପରେ ମା'ଙ୍କ ମୃତ୍ୟୁ

**ଫିରିଙ୍ଗିଆ, ୯।୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ଲୋଇସିଂ ପଞ୍ଚାୟତର ରାଞ୍ଜୀଣୀ ଗାଁରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ସୁଶାନ୍ତ ହରିପାଳ ନାମକ ଜଣେ ଯୁବକ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରି ମେଡିକାଲରେ ମୃତ୍ୟୁ ହୋଇଥିବାବେଳେ ଏହି ଖବର ଶୁଣି ତାଙ୍କ ସାବତ ମା'ଙ୍କ ମଧ୍ୟ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବରଗାଁ ପଞ୍ଚାୟତ ମହିବିଲା ଗାଁର ସ୍ୱର୍ଗତ କୃଷ୍ଣଚନ୍ଦ୍ର ହରିପାଳଙ୍କ ପୁଅ ସୁଶାନ୍ତ ଲୋଇସିଂ ପଞ୍ଚାୟତ ରାଞ୍ଜୀଣୀ ଗାଁର ବିଜୟ ଦିଗାଳ ନାମକ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ଦୀର୍ଘ ଦିନ ହେଲା ରହିଆସୁଥିଲେ। କୌଣସି କାରଣକୁ ନେଇ ସୁଶାନ୍ତ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କ ପରିବାର ଲୋକ ଓ ଗ୍ରାମବାସୀଙ୍କ ସାହାଯ୍ୟରେ ପ୍ରଥମେ ବାଲାନ୍ଦାପଡ଼ା ପ୍ରାଥମିକ ଚିକିତ୍ସାଳୟ ଓ ପରେ ଫୁଲବାଣୀ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ମଙ୍ଗଳବାର ଫୁଲବାଣୀ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଗୋଛାପଡ଼ା ପୁଲିସ ମେଡିକାଲରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପଟେ ଯୁବକଙ୍କ ମୃତ୍ୟୁ ଖବର ଶୁଣି ତାଙ୍କ ସାବତ ମା' ପୋଇନ ହରିପାଳଙ୍କର ମଧ୍ୟ ହୃତଘାତରେ ମୃତ୍ୟ ହୋଇଛି। ଏହି ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପଟେ ଯୁବକଙ୍କ ମରଶରୀର ତାଙ୍କ ଗାଁ ମହିବିଲାରେ ପହଞ୍ଚିବା ପରେ ଗାଁ ମଶାଣିରେ ଗୋଟିଏ ଜୁଇରେ ଉଭୟ ମା' ଓ ପୁଅଙ୍କ ଚିତା ଜଳିଛି। ସେ କାହିଁକି ଆତ୍ମହତ୍ୟା କଲେ ତାହାର କାରଣ ସ୍ୱଷ୍ଟ ହୋଇନଥିବା ବେଳେ ପୁଲିସର ତଦନ୍ତ ପରେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ତଦନ୍ତ ଦାୟିତ୍ୱରେ ଥିବା ଗୋଛାପଡ଼ାର ଅତିରିକ୍ତ ଥାନା ଅଧିକାରୀ ମନୋରଞ୍ଜନ ଭୋଇ ସୂଚନା ଦେଇଛନ୍ତି।



# ଓଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୯ ।୧(ସମିସ):** ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଧିକାରୀଙ୍କ ସ୍ତରରେ ଅଦଳବଦଳ କରିଛନ୍ତି। ମଙ୍ଗଳବାର ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ବରିଷ୍ଠ ଓଏଏସ୍ ଅଫିସର ଅନୁଜ କୁମାର ଦାସପଟ୍ଟନାୟକଙ୍କୁ ରାଜ୍ୟ ମ୍ୟୁଜିୟମ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ସଚିବ ତଥା ବରିଷ୍ଠ ଓଏଏସ୍ ଅନୁଜ କୁମାର ଦାସପଟ୍ଟନାୟକଙ୍କୁ ମ୍ୟୁଜିୟମ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାର ସେସଙ୍କୁ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ବ୍ରହ୍ମପୁର ଆରଡିସି ଅଫିସକୁ ତାଙ୍କର ପୂର୍ବ ବଦଳିକୁ ବାତିଲ କରାଯାଇଥିବା ନେଇ ବିଜ୍ଞପ୍ତିରେ ଦର୍ଶାଯାଇଛି। ସେହିପରି କଟକ ମହାନଗର ନିଗମର ଡେପୁଟି କମିଶନର ସଞ୍ଜିବିତା ରାୟଙ୍କୁ କଟକସ୍ଥିତ ଟେକ୍ନିକାଲ ଏଜୁକେସନ୍ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଓଏଏସ୍ ବିନୋଦ କୁମାର ଜେନାଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ଜେନା ଏବେ ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ଅଛନ୍ତି। ସେହିପରି କଟକସ୍ଥିତ ଟେକନିକାଲ ଏଜୁକେସନ୍ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶାଳୟର ଡେପୁଟି ନିର୍ଦ୍ଦେଶିକା ଅନାମିକା ସିଂଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଡେପୁଟି ସିଇଓ ଭାବେ ବଦଳି କରାଯାଇଛି।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନକୁ ନେଇ ହାଇକୋର୍ଟରେ ମାମଲା

**କଟକ, ୯ ।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନକୁ ନେଇ ହାଇକୋର୍ଟରେ ମାମଲା ପହଞ୍ଚିଛି। ଭାରତୀୟ ବିକାଶ ପରିଷଦ ତରଫରୁ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ସେଥିରେ ଦର୍ଶାଯାଇଛି ଯେ ପ୍ରକଳ୍ପ ଉଦ୍‌ଘାଟନ ପାଇଁ ଅଯଥାରେ କୋଟି କୋଟି ଟଙ୍କା ରାଜକୋଷରୁ ଖର୍ଚ୍ଚ କରାଯାଉଛି। ସେହିପରି ଭର୍ଚୁଆଲରେ ଦର୍ଶନ ସୁବିଧା ନକରି ଲକ୍ଷଲକ୍ଷ ଲୋକଙ୍କୁ ପୁରୀରେ ସମାଗମ କରିବା ଦ୍ୱାରା କରୋନାକୁ ଆମନ୍ତ୍ରଣ କରାଯାଉଥିବା ଅଭିଯୋଗ ହୋଇଛି। ଉକ୍ତ ମାମଲାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ, ଅର୍ଥ ବିଭାଗ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ଆଜିର ରାଶିଫଳ

**ମେଷ:** ବ୍ୟକ୍ତିଗତ ମାମଲାରେ ବ୍ୟସ୍ତ ରହିବେ। ସକାରାତ୍ମକ ଦୃଷ୍ଟିକୋଣ ବନାନ୍ତୁ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**ବୃଷ:** ନିଜ ପାଇଁ ସମୟ କାଢ଼ନ୍ତୁ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ବ୍ୟାପାରରେ ସଫଳ ହେବେ। ଉଧାର ଧନ ଫେରିପାଇବେ। କୋର୍ଟକଚେରୀ ମାମଲାର ସମାଧାନ ହେବ।

**ମିଥୁନ:** ପରିଶ୍ରମର ଫଳ ମିଳିବ। ନୂତନ ଦାୟିତ୍ୱ ମିଳିପାରେ। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଧନପ୍ରାପ୍ତି ହେବ। ମନ ପ୍ରସନ୍ନ ରହିବ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କର୍କଟ:** ଅଫିସ୍ କାମ ପାଇଁ ଦୂରସ୍ଥାନ ଯାତ୍ରା କରିପାରନ୍ତି। ବ୍ୟବସାୟ ପାଇଁ ଯୋଜନା କରିବେ। ଧାର୍ମିକ ସମାବେଶରେ ସମୟ ବିତିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ବ୍ୟୟ ହେବ।

**ସିଂହ:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗଣ୍ଡଗୋଳ ଉପୁଜିପାରେ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଜୀବନସାଥୀଙ୍କଠାରୁ ଉପହାର ମିଳିବ।

**ତୁଳା:** ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ଭଲ କାମ କରି ପ୍ରଶଂସିତ ହେବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆୟ ଅନୁସାରେ ବ୍ୟୟ କରିବା ଭଲ। ପୁରୁଣା ରୋଗ ସମସ୍ୟା ଚିନ୍ତା ବଢ଼ାଇପାରେ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ପରିବାରରେ ହସଖୁସି ଲାଗି ରହିବ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ମଧୁମୟ ହେବ। ବହୁ ଦିନର ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ସନ୍ତାନଙ୍କ ସଫଳତାରେ ଅଭିଭାବକ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ। ଗୃହିଣୀଙ୍କୁ ଗୁରୁ ଦାୟିତ୍ୱ ମିଳିବ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୁଚାରୁରୂପେ ତୁଲାଇବେ। ଲେଖାଲେଖି ପ୍ରତି ରୁଚି ବଢ଼ିବ। ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ। ଅଚାନକ ଖୁସି ଖବର ପାଇପାରନ୍ତି।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତିତ ରହିବେ। ଆଜି ଦିନଟି ଦାନ ଧର୍ମରେ ବିତିବ। ରାଜନୀତିରେ ସକ୍ରିୟ ହୋଇପାରନ୍ତି।

# CBSE BOARD EXAMINATION (2023-24)
# PROBABLE QUESTION PAPER
# CLASS-X, SUB- ENGLISH

### SECTION – A READING SKILLS

**1. Read the following Text.** (10)

1. The road to <u>success</u> is not straight; there is a curve called failure, a loop called confusion, speed bumps called friends, caution lights called family, and you will have flats called jobs. But, if you have a spare called determination, an engine called perseverance, insurance called faith, and a driver called God, you will make it to a place called success! In spite of all our planning and preparation, unexpected challenges are certain to arise. The bumps in the road are unavoidable, but you'll never get to your destination if you aren't willing to drive over them. The difference between a disaster and triumph lies in whether or not you're prepared and willing to weather the storm. If you're ready, those bumps will become stepping-stones.

2. The key thing to realize is that working harder is same as working smarter. How do you work smarter? You just need to have the right skills. People want improved circumstances and better life without an improved self. They want victory without paying the price or making efforts. It really cannot happen without the other. Any improvements that have not been generated by improving yourself are superficial and short-lived. If you want to have a better future, you have to change yourself. Stop worrying about the various challenges that will come your way. Just believe in yourself and use them as stepping-stones.

3. "Success" is getting whatever you want out of life without violating the rights of others. It is not an accident Success is the result of our attitude and our attitude is a choice. Hence success is a matter of choice and not chance. Today success represents a holistic and positive attitude to life. Attitude is everything. Success is not restricted within some kind of brick and mortar premises. It assumes the individuality of a complete act executed with perfection; material achievements do not define life. We don't remember sports stars for the products they endorse but the spirit of achievement they represent. In the abundance of positive attitude underline the grandeur of a truly rewarding rich life.

4. Success can be measured from two standpoints—the external and the internal. Externally it is the measure of a job well done and recognition. Internally it is the feeling of achievement and wholeness derived from the completion of a task or fulfillment of desire.

Based on your understanding of the passage, answer the following questions.

(i) The internal measure of our success is the feeling of achievement (1)
(a) from the completion of a task.
(b) from the fulfilment of desire.
(c) Both (a) and (b)
(d) Neither (a) nor (b)

(ii) "If you are ready, those bumps will become stepping-stones." Through this sentence the writer tells us to: (1)
(a) ignore ups and downs while working to achieve our goal.
(b) work with a proper plan to achieve our goal.
(c) focus only on our goal and ignore all responsibilities.
(d) take all challenges with strong determination.

(iii) Which one of the following quotes captures the central idea of the passage? (1)
(1) It is better to fail in originality than to succeed in imitation. - Herman Melville
(2) Success is not final; failure is not total. It is the courage to continue that counts. – Winston Churchill
(3) The road to success and the road to failure are almost exactly the same. – Colin R.
(4) Success usually comes to those who are too busy to be looking for it. – Henry David
(a) option 1 (b) option 2 (c) option 3 (d) option 4

(iv) In order to work smarter, we must have: (1)
(a) improved circumstances. (b) right skills.
(c) better life (d) All of these

(v) If we want to have a better future, we have to do many? Explain? (2)

(vi) Success can be measured from true standpoints — the external and the internal. Explain the measures. (2)

(vii) Select the option that makes the correct use of 'destination' as used in Paragraph – 1 (1)
(a) We will reach our destination by 6 o'clock.
(b) She is working hard to reach her destination.
(c) Shimla is her favourite destination.
(d) The cinema hall is the largest entertainment destination in the city.

(viii) The synonym of the word 'viewpoint' as given in para 3 is ........... (1)

### SECTION – B- WRITING AND GRAMMAR

**2. Attempt any Ten of the following questions :** (1 x 10 = 10)

(i) Fill in the blank by using the correct form of the word in the bracket, for the given portion of the letter.
Subject: Complaint against misconduct.
Dear Sir,
This is to respectfully submit that I ________ (write) this letter with extreme disgust against the misconduct of the government officials at workplace.

(ii) Read the given sentence from an article. Identify the error and supply the correction in the sentence.
At present situation the problem of overpopulation comes under a category of global crisis which is growing with each passing second.
Use the given format for your response.
Error Correction

(iii) Shreya shared some information with Sneha about the location of the bank.
Report Shreya's question.
Shreya said, "Do you know where the nearest bank is?"

(iv) Select the correct option to complete the narration of the dialogue.
Divya: I am planning to buy a car.
Arti: Which car do you intend to buy?
Divya: I intend to buy the latest model of any popular company.
Arti: It is a wise decision.
Divya told Arti that ____________. Then Arti asked her which car she intended to buy. Divya said that she intended to buy the latest model of any popular company. Arti said that it was a wise decision.
(a) She was planning to buy a new car (b) She plans to buy a new car
(c) She will buy a new car (d) She will be buying a new car

(v) Fill in the blanks by choosing the correct option to complete the given statement. He ...................................... (will/may/shall) become the youngest cricket player ever.

(vi) Identify the error in the given sentence and supply the correction.
After using the computer for a long time, looking into the distance for about five minutes relaxed the eyes.
Use the given format for your response.
Error Correction

(vii) Select the option that identifies the error and supplies the correction for the following line.
He finally decides to call her to know how she was.

| Option | Error | Correction |
|---|---|---|
| (a) | to | on |
| (b) | was | is |
| (c) | decide | decided |
| (d) | call | calling |

(viii) Select the correct option to fill in the blanks for the given line.
There ......................... something wrong with the cooker today
(a) must be (b) should have been (c) must have been (d) could have been

(ix) Read the conversation below complete the sentence by reporting it correctly.
"Alas! I have broken my father's watch," said Amit.
Amit exclaimed sorrowfully that....................................

(x) I can't stand it anymore. I .......................................the furniture since breakfast.
(a) am polishing (b) have been polished (c) have polished (d) was polishing

(xi) Complete the line from a self-awareness song, by filling the blank with the correct option.

I don't want to have you
To fill the empty parts of me.
I want to be full on my own.
I want to be so complete.
I ........................ light a whole city

(a) could (b) need (c) should (d) must

(xii) Identify the error in an online advertisement.

Jhankar Classes
New Delhi

If music is your passions, we are the right choice for you. Use the given format for your response.
Error Correction

**3. Attempt the questions given below :** (5x2)

(a) You are pained to see that in your city, there is no proper arrangement for cleaning of drains. There are heaps of accumulated garbage and stagnant water. Write a letter to the Municipal Commissioner of your city complaining about the same as there is a fear of outbreak of disease. You are Alka/Ashish. (Word limit 100-120)

(b) The bar graph given here, depicts the adult literacy rate in two states of India. Write an analytical paragraph in 100 - 120 words drawing comparison between the two and write possible reasons for this difference.




### SECTION C Literature Text Book and Supplementary Reading Text

**4. Read the following extract and answer the questions that follow :** (5)

To the assembled guests and the watching world, I said : Today, all of us do, by our presence here .... confer glory and hope to newborn liberty. Out of the experience of an extraordinary human disaster that lasted too long, must be born a society of which all humanity will be proud. We who were outlaws not so long ago, have today been given the rare privilege to be host to the nations of the world on our own soil. We thank all our distinguished international guests for having come to take possession with the people of our country of what is after all, a common victory for justice, for peace, for human dignity.

(i) A society that ________ was born out of human disaster. 1
(a) all humanity would be proud of (b) was full of extraordinary human disaster
(c) was full of outlaws and fighters (d) hosts nations on their soil
(ii) The former outlaws were given the privilege of ________. Supply the suitable answer. 2
(iii) The speaker was overwhelmed with the sense of ________. 1
(a) gratitude (b) achievement (c) happiness (d) charity
(iv) State whether the following statement is True or False : 1
The common victory was when South Africa did not become an independent nation.

**5. Answer the following questions in about 40 -50 words each :** (3x3)
(a) " Family played a vital role in the first flight of the young seagull"
Give examples to substantiate the above statement. .
(b) Why did Pranjol not share Rajvir's excitement at seeing the tea gardens ?
(c) What stopped Valli from going to the stall to have a drink ? What do we learn about Valli from this ?

**6. Answer the following questions in about 40 - 50 words each :** (3x2)
(a) Why is Dr. Herriot tempted to keep Tricki on as a permanent guest ?
(b) Why did Ausable frame the story of the balcony ?

**7. Answer the following questions in about 100 - 120 words :** (6x2)
(a) Forgiveness is the foundation of a cordial relationship. Do you agree? How is this message conveyed in the play " The proposal"
(b)Matilda's over-ambitiousness was the cause of her destruction. Justify.

### ANSWER KEY

**1. i.** (c), **ii.**(d), **iii.** (b), **iv.** (b), **v.** change ourselves, stop worrying about the various challenges, believe in ourselves. , **vi.** job well done, recognition. , **vii.** (b), **viii.** attitude

**2. (i)** am writing **(ii)** Error: a Correction : the **(iii)** Shreya asked Sneha if she knew the nearest tank was
**(iv)** (a) **(v)** may
**(vi)** Error: relaxed Correction : relaxes **(vii)** (c) **(viii)** (a)
**(ix)** He had broken his father's watch
**(x)** (b) **(xi)** (a) **(xii)** Error: passions Correction : passion

**4. (i)** (a), **(ii)** hosting the nations of the world on their soil **(iii)** (a)/(b), **(iv)** false

| | | | | | |
|---|---|---|---|---|---|
| ePaper | : | sakalaepaper.com | Twitter | : | SakalaNews |
| News Portal | : | thesakala.in | Instagram | : | sakalanews |
| Facebook | : | SakalaNews | Youtube | : | @SakalaNews |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

# ସାତ୍ତ୍ୱିକ, ଚିରାଗ ପାଇଲେ ଖେଳରତ୍ନ

■ ସାମି, ପାଠକଙ୍କୁ ଅର୍ଜୁନ ପୁରସ୍କାର
■ ୨୬ ଖେଳାଳିଙ୍କୁ ଅର୍ଜୁନ, ୫ ପ୍ରଶିକ୍ଷକଙ୍କୁ ଦ୍ରୋଣାଚାର୍ଯ୍ୟ


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ପୁରସ୍କାର ଗ୍ରହଣ ଅବସରରେ (ବାମରୁ ଡାହାଣକୁ) ଶୀତଲ ଦେବୀ, ଶିବେନ୍ଦ୍ର ସିଂ, ସୁଶୀଲା ଚାଣୁ, ନସରିନ, କିଷନ ବାହାଦୂର ପାଠକ ଓ ମହମ୍ମଦ ସାମି

ନୂଆଦିଲ୍ଲୀ, ୯ ।୧(ଏଜେନ୍ସି): ରାଷ୍ଟ୍ରପତି ଭବନରେ ମଙ୍ଗଳବାର ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ପୁରୁଷ ବ୍ୟାଡମିଣ୍ଟନ ଯୋଡି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ 'ମେଜର ଧ୍ୟାନଚାନ୍ଦ ଖେଳରତ୍ନ' ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି କ୍ରିକେଟର ମହମ୍ମଦ ସାମି, ଶୁଟର ଐଶ୍ୱର୍ଯ୍ୟ ପ୍ରତାପ ସିଂଙ୍କ ସମେତ ମୋଟ୍ ୨୬ଜଣ ଖେଳାଳି ଅର୍ଜୁନ ପୁରସ୍କାର ପାଇଥିବା ବେଳେ ୫ଜଣ ପ୍ରଶିକ୍ଷକଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ସାତ୍ତ୍ୱିକ ଓ ଚିରାଗ ଏବେ ମାଲେସିଆ ଓପନ ସୁପର ୧୦୦୦ ଟୁର୍ଣ୍ଣାମେଣ୍ଟ ଖେଳୁଥିବାରୁ ଏହି ଉତ୍ସବରେ ଯୋଗ ଦେଇପାରି ନଥିଲେ।

### ସାତ୍ତ୍ୱିକ, ଚିରାଗ ଜିତିଛନ୍ତି ୩ଟି ବିଡବ୍ଲ୍ୟୁଏଫ୍ ଟାଇଟଲ

ଖେଳରତ୍ନ ପୁରସ୍କାର ଜିତିଥିବା ସାତ୍ତ୍ୱିକ ଓ ଚିରାଗଙ୍କ ପାଇଁ ୨୦୨୩ ବର୍ଷ ବେଶ୍ ସ୍ମରଣୀୟ ହୋଇ ରହିବ। ଏହି ଯୋଡି ଭାରତ ପାଇଁ ବ୍ୟାଡମିଣ୍ଟନରେ ପ୍ରଥମ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଏସିଆନ ଚାମ୍ପିଅନସିପ୍ ଟାଇଟଲ ମଧ୍ୟ ହାସଲ କରିଥିଲେ। ଏହାକୁ ବାଦଦେଲେ ଏହି ଯୋଡି ଇଣ୍ଡୋନେସିଆ ସୁପର ୧୦୦୦, କୋରିଆ ସୁପର ୫୦୦ ଓ ସୁଇସ୍ ସୁପର ୩୦୦ ଟାଇଟଲ ମଧ୍ୟ ଜିତିଥିଲେ। ସେହିପରି ବିଶ୍ୱ ଚାମ୍ପିଅନସିପ୍‌ରେ ସେ କାଂସ୍ୟ ପଦକ ହାସଲ କରିବା ସହ ୨୦୨୨ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ।

## ସାମିଙ୍କୁ କୋହଲିଙ୍କ ଅଭିନନ୍ଦନ

ସମ୍ମାନଜନକ ଅର୍ଜୁନ ପୁରସ୍କାର ହାସଲ କରିଥିବାରୁ ମହମ୍ମଦ ସାମିଙ୍କୁ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଅଭିନନ୍ଦନ ଜଣାଇଛନ୍ତି। ଅର୍ଜୁନ ପୁରସ୍କାର ପାଇବା ପରେ ସାମି ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ସେୟାର କରିଥିଲେ। କୋହଲି ଏହାର କମେଣ୍ଟ ଦେଇ 'ମୁବାରକ ହୋ ଲାଲା' ବୋଲି ଉଲ୍ଲେଖ କରିଛନ୍ତି। ସାମି ଏବେ ଗୋଇଠିରେ ଆଘାତ ସମସ୍ୟା ଦେଇ ଗତି କରୁଛନ୍ତି। ଏହି ପୁରସ୍କାର ମୋ ପାଇଁ ଏକ ସ୍ୱପ୍ନ। ଏଥିପାଇଁ ସେ ନିଜ କୋଚ୍, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ), ଦଳୀୟ ସାଥୀ, ନିଜ ପରିବାର, ବନ୍ଧୁ ପରିଜନ ଓ ପ୍ରଶଂସକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦୀର୍ଘ ଦିନର କଠିନ ପରିଶ୍ରମକୁ ମାନ୍ୟତା ଦେଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ବିଶ୍ୱକପ୍‌ରେ ସାମି ନେଇଥିଲେ ସର୍ବାଧିକ ୱିକେଟ

ଭାରତରେ ଅନୁଷ୍ଠିତ ଗତ ଦିନିକିଆ ବିଶ୍ୱକପ୍‌ରେ ୩୩ ବର୍ଷୀୟ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ଦମ୍‌ଦାର ପ୍ରଦର୍ଶନ କରି ସର୍ବାଧିକ ୱିକେଟ ହାସଲ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ପ୍ରଥମ ୪ଟି ମ୍ୟାଚ୍ ଖେଳି ନଥିଲେ ମଧ୍ୟ ସେ ବାକି ୭ଟି ମ୍ୟାଚ୍‌ରେ ୨୪ଟି ୱିକେଟ ହାସଲକରି ସଫଳତମ ବୋଲର ବିବେଚିତ ହୋଇଥିଲେ।

**ଖେଳରତ୍ନ ପୁରସ୍କାର:** ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ, ଚିରାଗ ସେଟ୍ଟୀ (ବ୍ୟାଡମିଣ୍ଟନ)।

**ଅର୍ଜୁନ ପୁରସ୍କାର:** ମହମ୍ମଦ ସାମି (କ୍ରିକେଟ), ଅଜୟ ରେଡ୍ଡୀ (ଦୃଷ୍ଟିହୀନ କ୍ରିକେଟ), ଓଜର ପ୍ରବୀଣ ଦେବତାଲେ (ତୀରନ୍ଦାଜୀ), ଆଦିତି ଗୋପୀଚାନ୍ଦ ସ୍ୱାମୀ (ତୀରନ୍ଦାଜୀ), ଶୀତଲ ଦେବୀ (ପାରା ତୀରନ୍ଦାଜୀ), ପାରୁଲ ଚୌଧୁରୀ ଓ ମୁରଲୀ ଶ୍ରୀଶଙ୍କର (ଦୌଡ଼କୁଦ), ମହମ୍ମଦ ହୁସାମୁଦ୍ଦିନ (ମୁଷ୍ଟିଯୁଦ୍ଧ), ଆର ବୈଶାଳୀ (ଚେସ୍), ଦିବ୍ୟକୃତି ସିଂ ଓ ଅନୁଷ ଅଗ୍ରୱାଲ (ଅଶ୍ୱଚାଳନା), ଦୀକ୍ଷା ଡାଗର (ଗଲ୍ଫ), କିଷନ ବାହାଦୂର ପାଠକ (ହକି), ସୁଶୀଳା ଚାନୁ (ହକି), ପିଙ୍କି (ଲନ୍‌ବଲ୍), ଐଶ୍ୱର୍ଯ୍ୟ ପ୍ରତାପ ସିଂ (ସୁଟିଂ), ଅନ୍ତିମ ପଙ୍ଘାଲ (କୁସ୍ତି), ଅହିକା ମୁଖାର୍ଜୀ (ଟେବଲ ଟେନିସ), ଈଶା ସିଂ (ସୁଟିଂ), ହରିନ୍ଦର ପାଲ ସିଂ ସାନ୍ଧୁ (ସ୍କ୍ୱାଶ), ସୁନୀଲ କୁମାର (କୁସ୍ତି), ତାଓରେମ୍ ରୋଶିବିନା ଦେବୀ (ଉଶୁ), ପ୍ରାଚୀ ଯାଦବ (ପାରା କାନୋଇଂ), ପବନ କୁମାର (କବାଡ଼ି), ରତୁ ନେଗୀ (କବାଡି) ଓ ନସରିନ (ଖୋଖୋ)।

**ଜୀବନ ବ୍ୟାପୀ (ଧ୍ୟାନଚାନ୍ଦ):** କବିତା (କବାଡ଼ି), ମଞ୍ଜୁସା କୁଅଁର (ବ୍ୟାଡମିଣ୍ଟନ) ବିନୀତ କୁମାର ଶର୍ମା (ହକି)।

**ଦ୍ରୋଣାଚାର୍ଯ୍ୟ ପୁରସ୍କାର:** ଗଣେଶ ପ୍ରଭାକରନ (ମଲଖମ୍ବ), ମହାବୀର ସୋନି (ପାରା ଆଥଲେଟ୍ସ), ଲଳିତ କୁମାର (କୁସ୍ତି), ଆରବି ରମେଶ (ଶତରଞ୍ଜ) ଓ ଶିବେନ୍ଦ୍ର ସିଂ (ହକି)।

## ଓଏମ୍‌ସିକୁ ଜାତୀୟ ଖେଳ ପ୍ରୋତ୍ସାହନ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ରାଷ୍ଟ୍ରପତି ଭବନରେ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଛନ୍ତି। କ୍ରୀଡ଼ା ବିକାଶରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ଓଡ଼ିଶା ମାଇନିଂ କର୍ପୋରେସନ ଲିମିଟେଡ (ଓଏମ୍‌ସି)କୁ ଜାତୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ପ୍ରଦାନ କରିଛନ୍ତି। ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ତଥା ଭାରତୀୟ ପ୍ରଶାସନିକ ଅଧିକାରୀ ବଲବନ୍ତ ସିଂ ଓଏମ୍‌ସି ତରଫରୁ ଏହି ପୁରସ୍କାର ରାଷ୍ଟ୍ରପତିଙ୍କଠାରୁ ଗ୍ରହଣ କରିଥିଲେ। ତୃଣମୂଳ, ରାଜ୍ୟ ଓ ଜାତୀୟସ୍ତରରେ କ୍ରୀଡ଼ାର ବିକାଶ ପାଇଁ ଓଏମ୍‌ସି ଏପର୍ଯ୍ୟନ୍ତ ଦୃଷ୍ଟାନ୍ତମୂଳକ ଭୂମିକା ନିର୍ବାହ କରିଆସିଛି। ଖାସ୍ କରି ଗତ ୫ ବର୍ଷ ମଧ୍ୟରେ ହକିର ଉନ୍ନତି ପାଇଁ ଓଏମ୍‌ସି ଚେଷ୍ଟିତ ରହିଆସିଛି। କେବଳ ସେତିକି ନୁହଁ ଆଗାମୀ ୧୦ ବର୍ଷ ପାଇଁ ହକିର ଉନ୍ନତି ପ୍ରତିଶ୍ରୁତିବଦ୍ଧ ରହିଛୁ ବୋଲି କମ୍ପାନୀ ତରଫରୁ କୁହାଯାଇଛି। କମ୍ପାନୀ ଲାଭ କରୁଥିବା ୩% ଅର୍ଥକୁ ରାଜ୍ୟର କ୍ରୀଡ଼ା ବିକାଶରେ ଖର୍ଚ୍ଚ କରାଯାଉଛି। ଖେଳାଳିମାନଙ୍କୁ ଚାକିରି ଦେବା ସହ କ୍ରୀଡ଼ା ପ୍ରତିଭା ଓ ଭିତ୍ତିଭୂମିର ବିକାଶ ପାଇଁ କାର୍ଯ୍ୟ କରାଯାଉଛି ବୋଲି ଟୁଇଟ୍ କରି ଓଏମ୍‌ସି ଉଲ୍ଲେଖ କରିଛି। ହକି ଇଣ୍ଡିଆ ସହ ସହଭାଗିତା ଭାରତୀୟ ହକିର ଉନ୍ନତିରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି ବୋଲି ରାଷ୍ଟ୍ରପତି ଭବନ ତରଫରୁ ଟୁଇଟ୍ କରି ଉଲ୍ଲେଖ କରାଯାଇଛି।



### ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଜାତୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ପାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଏମ୍‌ସିକୁ ଅଭିନନ୍ଦନ ଜଣାଇଛନ୍ତି। କ୍ରୀଡ଼ା ପ୍ରଚାର ଓ ବିକାଶ ପାଇଁ ଓଏମ୍‌ସି ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଟୁଇଟ୍ କରାଯାଇଛି।

## ୧୨ରୁ ଉତ୍କଳ ଓପନ୍ ଟେନିସ

ଭୁବନେଶ୍ୱର, ୯ ।୧ (ସମିସ): ନିଖିଳ ଓଡ଼ିଶା 'ଉତ୍କଳ ଓପନ୍ ଟେନିସ' ପ୍ରତିଯୋଗିତାର ୧୦ମ ସଂସ୍କରଣ ଜାନୁଆରୀ ୧୨ ତାରିଖରୁ ଆରମ୍ଭ ହେବ। ଏସିଇ ଟେନିସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟରରେ ଖେଳାଯିବ। ମୋଟ୍ ୮ ଗୋଟି କାଟାଗୋରୀ ଯଥା ୧୪ ବର୍ଷରୁ କମ୍ ବାଳକ ଏକକ ଓ ବାଳିକା ଏକକ, ମହିଳା ଏକକ,



ପୁରୁଷ ଏକକ ଓ ଯୁଗଳ, ଭେଟେରାନ ବିଭାଗରେ ୪୦ ବର୍ଷରୁ ଊର୍ଦ୍ଧ୍ୱ, ୫୦ ବର୍ଷରୁ ଊର୍ଦ୍ଧ୍ୱ ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ବିଭାଗରେ ଯୁଗଳ ମ୍ୟାଚ୍ ଖେଳାଯିବ। ଆଠଗୋଟି ବିଭାଗରେ ମୋଟ୍ ପୁରସ୍କାର ରାଶି ୩ ଲକ୍ଷ ୨୦ ହଜାର ଟଙ୍କା ରଖାଯାଇଛି ବୋଲି ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ କମିଟିର ଅଧ୍ୟକ୍ଷ ବିଶ୍ୱଜିତ୍ ମିଶ୍ର ସୂଚନା ଦେଇଛନ୍ତି। ପ୍ରତିଯୋଗିତାରେ ପ୍ରତିବର୍ଗର କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲରେ ପ୍ରବେଶ କରିଥିବା ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିଭଳି ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳୁଆଡ଼ ମନୋଭାବ ଦେଖାଇଥିବା ଖେଳାଳି, ଉଦୀୟମାନ ଖେଳାଳିଙ୍କୁ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ପ୍ରୋତ୍ସାହନ ଦିଆଯିବ। ଏହାବାଦ୍ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ବାବଦକୁ ମଧ୍ୟ ୨ଜଣଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି।

ଜାନୁଆରୀ ୧୪ରେ ଉଦ୍‌ଯାପିତ ହେବାକୁ ଥିବା ଏହି ଟେନିସ ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଏଆଇଟିଏ ଓ ଆଇଟିଏଫ୍‌ର ନିୟମ ଅନୁଯାୟୀ ଖେଳାଯିବ। ଜଣେ ଖେଳାଳି ସର୍ବାଧିକ ୨ଟି ବିଭାଗରେ ଅଂଶଗ୍ରହଣ କରିପାରିବ। ୧୪ ବର୍ଷରୁ କମ୍ ବାଳକ ଓ ବାଳିକା, ମହିଳା ଏକକ, ପୁରୁଷ ଏକକରେ ଅଂଶଗ୍ରହଣ କରିବା ଲାଗି ପ୍ରବେଶିକା ଦେୟ ୭୦୦ ଟଙ୍କା ଓ ଅନ୍ୟ ବିଭାଗ ପାଇଁ ଏକ ହଜାର ଟଙ୍କା ରଖାଯାଇଛି। ଏଥିରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ଥିବା ଖେଳାଳି ଟୁର୍ଣ୍ଣାମେଣ୍ଟର ରେଫରୀ ଯତୀନ (୯୪୩୭୦୬୦୬୫୩)ଙ୍କ ସହ ଯୋଗାଯୋଗ କରି ଜାନୁଆରୀ ୧୦ ସୁଦ୍ଧା ପ୍ରବେଶିକା ଦେୟ ପ୍ରଦାନ କରି ନାମ ରେଜିଷ୍ଟର କରିବାକୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଏସିଇ ଟେନିସ କ୍ଲବର ସଭାପତି ପ୍ରକାଶ ଚନ୍ଦ୍ର ଭୁରା, ସମ୍ପାଦକ ନବରତ୍ନ ବୋଥ୍ରା, ସୁବାଷ ଚନ୍ଦ୍ର ମୁଖାର୍ଜୀ, ସଦସ୍ୟ ପରେଶ କୁମାର ସିଂ, ବିଏନ୍ ପଟ୍ଟନାୟକ ଓ ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

## କଟକ ଜିଲ୍ଲା ଚେସ୍ ଚାମ୍ପିଅନସିପ୍ ୧୩ରୁ

କଟକ, ୯।୧(ସମିସ): ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଷଗେଟର ଶୀତତାପ ନିୟନ୍ତ୍ରିତ କକ୍ଷରେ ଆସନ୍ତା ୧୩ରୁ ଆରମ୍ଭ ହେବ କଟକ ଜିଲ୍ଲା ଚେସ୍ ଚାମ୍ପିଅନସିପ୍। ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତା ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗରେ ଖେଳାଯିବ। କେବଳ କଟକ ଜିଲ୍ଲାର ପ୍ରତିଯୋଗୀ ହିଁ ଏଥିରେ ଭାଗ ନେଇ ପାରିବେ। ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ପ୍ରବେଶିକା ଶୁଳ୍କ ୪୦୦ଟଙ୍କା ଧାର୍ଯ୍ୟ କରାଯାଇଛି। ବିଜୟୀ ପ୍ରତିଯୋଗୀମାନଙ୍କୁ ୪୯ଟି ଟ୍ରଫି ସହ ୨୫ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଏତଦବ୍ୟତୀତ ବିଭିନ୍ନ ବୟସ ବର୍ଗ, ଭେଟେରାନ, ଶ୍ରେଷ୍ଠ ୩ଜଣ ମହିଳା ଓ ଦିବ୍ୟାଙ୍ଗ ଖେଳାଳିଙ୍କୁ ପୁରସ୍କୃତ କରାଯିବ। ଇଚ୍ଛୁକ ପ୍ରତିଯୋଗୀମାନେ ବାରବାଟୀ ଷ୍ଟାଡିୟମ ପରିସରରେ ଥିବା ଚେସ ସଂଘ କାର୍ଯ୍ୟାଳୟରେ ୧୨ ତାରିଖ ସୁଦ୍ଧା ନାମ ପଞ୍ଜୀକରଣ କରି ପାରିବେ। ଅଧିକ ବିବରଣୀ ନିମନ୍ତେ ସଂଘର ଉପସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ତାପସ କୁମାର ମହାନ୍ତି, ନିହାର ରଞ୍ଜନ ସାସମଲ କିମ୍ବା ଖେଳ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବିଶୋୟୀଙ୍କ ସହ ଯୋଗାଯୋଗ କରିବା ପାଇଁ ସଂଘର ସମ୍ପାଦକ ଅଜୟ କୁମାର ନାୟକ ପ୍ରେସବିବୃତ୍ତିରେ ଜଣାଇଛନ୍ତି।

## ଭୁବନେଶ୍ୱର ଆନ୍ତଃବିଦ୍ୟାଳୟ କ୍ରିକେଟ୍: ଷ୍ଟୁଆର୍ଟ, ଜାଭିୟର ବିଜୟୀ

ଭୁବନେଶ୍ୱର, ୯ ।୧ (ସମିସ): ଭେଟେରାନ କ୍ରିକେଟ୍ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୨ ବାଳିକା ହାଇସ୍କୁଲ ପଡ଼ିଆରେ ଚାଲିଥିବା ଆନ୍ତଃବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତାରେ ମଙ୍ଗଳବାର ୨ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଷ୍ଟୁଆର୍ଟ ଓ ଜାଭିଅର (ଖଣ୍ଡଗିରି) ସ୍କୁଲ ବିଜୟ ଲାଭ କରିଛନ୍ତି। ଷ୍ଟୁଆର୍ଟ ଓ ଡିଏଭି ପବ୍ଲିକ ସ୍କୁଲ (କଳିଙ୍ଗ ନଗର) ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଡିଏଭି ସ୍କୁଲ ୨୫ ଓଭରରେ ୯ ୱିକେଟ୍ ହରାଇ ୧୦୯ ରନ କରିଥିଲା। ବୋଲିଂରେ ଷ୍ଟୁଆର୍ଟ ପକ୍ଷରୁ ଅଂଶୁମାନ ଆଚାରୀ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଷ୍ଟୁଆର୍ଟ ସ୍କୁଲ ଆକାଶଜ୍ୟୋତି ସାହାଣୀଙ୍କ ଅପରାଜିତ ୬୭ ରନ ବଳରେ ଗୋଟିଏ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସେହିଭଳି ଡିଏଭି ସ୍କୁଲ (ୟୁନିଟ୍-୮) ଓ ଜାଭିଅର (କେଦାରଗୌରୀ) ମଧ୍ୟରେ ଦିବସର ଦ୍ୱିତୀୟ ମ୍ୟାଚ୍ ଖେଳାଯାଇଥିଲା। ଏହି ମୁକାବିଲାରେ ଟସ୍ ଜିତି ଜାଭିଅର ବୋଲିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଡିଏଭି ସ୍କୁଲ ୨୫ ଓଭରରେ ୪ ୱିକେଟ୍ ହରାଇ ୧୪୨ ରନ କରିଥିଲା। ଏହାର ଜବାବରେ ଜାଭିଅର ୨୧ ଓଭରରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳର ସ୍ୱସ୍ତିକ ଘଶାଲ ଅପରାଜିତ ୭୧ ରନ କରିଥିଲେ। ପ୍ରଥମ ମ୍ୟାଚରେ ଆକାଶଜ୍ୟୋତି ଓ ୨ୟ ମ୍ୟାଚରେ ସ୍ୱସ୍ତିକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଜାତୀୟ ଦୃଷ୍ଟିହୀନ ମହିଳା ଟି-୨୦ରେ ଓଡ଼ିଶା ଜିତିଲା

କଟକ, ୯।୧(ସମିସ): ଜାତୀୟ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। କର୍ଣ୍ଣାଟକ ହୁବଳିସ୍ଥିତ ଜିମଖାନା ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୧୨୨ ରନରେ ଗୁଜରାଟକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୩ ୱିକେଟ ବିନିମୟରେ ୧୬୬ ରନ ସଂଗ୍ରହ କରିଥିଲା। ମୁନି ପୂର୍ତ୍ତି ସର୍ବାଧିକ ୮୨ ରନ, ଫୁଲ ସୋରେନ ୨୮ ଏବଂ ବାସନ୍ତୀ ହାଁସଦା ୨୭ ରନର ପାଳି ଖେଳିଥିଲେ। ଜବାବରେ ଗୁଜରାଟ ମାତ୍ର ୪୪ ରନରେ ଅଲଆଉଟ ହୋଇଥିଲା। ୭ଜଣ ଖେଳାଳି ରନଆଉଟ ହୋଇଥିଲେ। ଫୁଲ ସୋରେନ, ରଚନା ଜେନା ଓ ଯମୁନାରାଣୀ ଟୁଡୁ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଅର୍ଦ୍ଧଶତକୀୟ ପାଳି ଖେଳିଥିବା ମୁନିଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବୁଧବାର ମଧ୍ୟପ୍ରଦେଶ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।

## ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଆନ୍ତଃଜୋନ ମହିଳା ଭଲିବଲ୍ ଉଦ୍‌ଘାଟିତ | କିଟ୍‌ର ବିଜୟ ଅଭିଯାନ



ଭୁବନେଶ୍ୱର, ୯ ।୧ (ସମିସ): କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ମଙ୍ଗଳବାରଠାରୁ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଆନ୍ତଃଜୋନ ମହିଳା ଭଲିବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ଭଲିବଲ୍ ସଂଘର ସଭାପତି ତଥା ସାଂସଦ ଅଚ୍ୟୁତ ସାମନ୍ତ ଅତିଥି ଭାବେ ଯୋଗଦେଇ ଏହି ସମ୍ମାନଜନକ ପ୍ରତିଯୋଗିତାକୁ ଉଦ୍‌ଘାଟିତ କରିଛନ୍ତି।

ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଦେଶର ୪ଟି ଜୋନରୁ ୧୬ଟି ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଛନ୍ତି। ରାଜ୍ୟର ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ କିଟ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛି। ପ୍ରଥମ ଦିବସରେ ଅନୁଷ୍ଠିତ ମୁକାବିଲାରେ କିଟ୍ ୩-୦ ସେଟ୍‌ରେ ଗୁଜରାଟ ବିଦ୍ୟାପୀଠ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଉଦ୍‌ଘାଟନୀ ଦିବସରେ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ପଟିଆଲା ୩-୦ ସେଟ୍‌ରେ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟକୁ, ଏସ୍‌ଆର୍‌ଏମ୍ ଆଇଏସଟି ୩-୦ ସେଟ୍‌ରେ ଏଲ୍‌ପିୟୁକୁ, ଜେପିଆର ବିଶ୍ୱବିଦ୍ୟାଳୟ ୩-୧ ସେଟ୍‌ରେ ଶ୍ରୀ କୁଶାଲ ଦାଶ ବିଶ୍ୱବିଦ୍ୟାଳୟ (ରାଜସ୍ଥାନ)କୁ, ଆଦାମସ୍ ବିଶ୍ୱବିଦ୍ୟାଳୟ (ପଶ୍ଚିମବଙ୍ଗ) ୩-୦ ସେଟ୍‌ରେ ଦୀନଦୟାଲ ଉପାଧ୍ୟାୟ ଶେଖାୱତି ବିଶ୍ୱବିଦ୍ୟାଳୟକୁ, ୟୁନିଭରସିଟି ଅଫ୍ କାଲିକଟ୍ ୩-୦ ସେଟ୍‌ରେ ଏଲ୍‌ଏନ୍‌ଆଇପିଇ ଗ୍ୱାଲିୟରକୁ, ଏମ୍‌ଜି ବିଶ୍ୱବିଦ୍ୟାଳୟ ୩-୦ ସେଟ୍‌ରେ ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଜାନୁଆରୀ ୧୩ରେ ଏହି ଭଲିବଲ୍ ବିଶ୍ୱବିଦ୍ୟାଳୟସ୍ତରୀୟ ମହିଳା ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହେବ।

## ମାଲେସିଆ ଓପନ୍ ବ୍ୟାଡମିଣ୍ଟନ | ଶ୍ରୀକାନ୍ତଙ୍କ ବିଜୟ ଅଭିଯାନ

କୁଆଲାଲମ୍ପୁର, ୯ ।୧(ଏଜେନ୍ସି): ସ୍ଥାନୀୟ ଅକ୍ଷିଆଟା ଏରିନାରେ ମଙ୍ଗଳବାରଠାରୁ ମାଲେସିଆ ଓପନ୍ ସୁପର ୧୦୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ୧୦ କୋଟି ୮୦ ଲକ୍ଷ ୪୫ ହଜାର ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକରେ ଅଭିଜ୍ଞ ଭାରତୀୟ ଖେଳାଳି କିଦାମ୍ବି ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ୩୦ ବର୍ଷୀୟ ଶ୍ରୀକାନ୍ତ ୧୨-୨୧, ୨୧-୧୮, ୨୧-୧୬ରେ ବିଶ୍ୱର ୫ ନଂ ଖେଳାଳି ଇଣ୍ଡୋନେସିଆର ଜୋନାଥନ ଖ୍ରୀଷ୍ଟିଙ୍କୁ ଏକ ଘଣ୍ଟା ୫ ମିନିଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଏବେ ସେ ଦ୍ୱିତୀୟ ରାଉଣ୍ଡରେ ପୂର୍ବତନ ୧ ନଂ ଖେଳାଳି ହଂକଂର ଏନ୍‌ଜି କା ଲଙ୍ଗ୍ ଅଙ୍ଗସଙ୍କୁ ଭେଟିବେ। ନୂଆ ସିଜନରେ ପ୍ରଥମ ମ୍ୟାଚ୍ ଖେଳି ଶ୍ରୀକାନ୍ତ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଅପରପକ୍ଷରେ ମହିଳା ଏକକରେ ଭାରତର ଆକର୍ଷୀ କାଶ୍ୟପ୍ ପ୍ରଥମ ରାଉଣ୍ଡରେ ଚୀନ୍‌ର ଝାଙ୍ଗ ୟିମାନଙ୍କଠାରୁ ୧୫-୨୧, ୧୫-୨୧ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପୁରୁଷ ଯୁଗଳ ପ୍ରତିଯୋଗିତାରେ ଭାରତର ଏମ୍‌ଆର ଅର୍ଜୁନ ଓ ଧ୍ରୁବ କପିଳ ପ୍ରଥମ ରାଉଣ୍ଡ ମୁକାବିଲାରେ ୧୬-୨୧, ୧୯-୨୧ରେ ଚାଇନିଜ ତାଇପେ ଯୋଡି ଫାଙ୍ଗ-ଚ ଲି ଓ ଫାଙ୍ଗ ଜେନ୍ ଲିଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।



### ରତୁପର୍ଣ୍ଣା- ଶ୍ୱେତପର୍ଣ୍ଣା ହାରିଲେ

ଏହି ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଦୁଇ ଭଉଣୀ ରତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ମହିଳା ଯୁଗଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତେବେ ଏହି ଓଡ଼ିଆ ଯୋଡି ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଦୁହେଁ ଜାପନାର ସପ୍ତମ ସିଡ୍ ଯୋଡି ମାୟୁ ମାସୁମୋତୋ ଓ ୱକାନା ନାଗାହାରାଙ୍କଠାରୁ ୧୨-୨୧, ୧୧-୨୧ ଗେମ୍‌ରେ ପରାସ୍ତ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡରେ ଏହି ଜାପାନ ଯୋଡିଙ୍କୁ ଅନ୍ୟତମ ଭାରତୀୟ ଯୋଡି ତନିଷା କାଷ୍ଟ୍ରୋ ଓ ଅଶ୍ୱିନୀ ପୋନାପ୍ପା ଭେଟିବେ। ଅନ୍ୟଏକ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ତନିଷା ଓ ଅଶ୍ୱିନୀ ୨୧-୧୩, ୨୧-୧୬ରେ ଆମେରିକୀୟ ଯୋଡି ଫ୍ରାନସେସ୍କା କୋର୍ବେଟ ଓ ଅଲିସନ ଲିଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ଆରମ୍ଭ ହେଲା କଳିଙ୍ଗ ସୁପର୍ କପ୍

# ଇଷ୍ଟ ବେଙ୍ଗଲ, ମୋହନ ବାଗାନ ବିଜୟୀ



ଭୁବନେଶ୍ୱର, ୯ ।୧ (ସମିସ): ଭାରତୀୟ ଫୁଟ୍‌ବଲର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା କଳିଙ୍ଗ ସୁପର୍ କପ୍‌ର ୪ର୍ଥ ସଂସ୍କରଣ ମଙ୍ଗଳବାରଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଯାଇଛି। ପ୍ରତିଯୋଗିତାର ଉଦ୍‌ଘାଟନୀ ମୁକାବିଲାରେ ଇଷ୍ଟ ବେଙ୍ଗଲ ଏଫ୍‌ସି ବାଜିମାତ୍ କରିନେଇଛି। ଇଷ୍ଟ ବେଙ୍ଗଲର ବ୍ରାଜିଲ ଷ୍ଟ୍ରାଇକର୍ ଓଲିଭେରିଆ ସିଲ୍‌ଭା ଦୁଇଟି ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ୨ୟ ମ୍ୟାଚରେ ଅନ୍ୟତମ ବେଙ୍ଗଲ ଟିମ୍ ମୋହନ ବାଗାନ ସୁପର୍ ଜାଏଣ୍ଟ୍‌ସ ୨-୧ରେ ଶ୍ରୀନିଦି ଡେକାନକୁ ପରାସ୍ତ କରିଛି।

କଳିଙ୍ଗ ଷ୍ଟାଡିୟମ ପିଚ୍-୧ରେ ଅପରାହ୍ଣ ୨ଟାରେ ଖେଳାଯାଇଥିବା ଏହି ଗ୍ରୁପ୍-ଏ ମୁକାବିଲାରେ ଇଷ୍ଟବେଙ୍ଗଲ ଓ ହାଇଦ୍ରାବାଦ୍ ଏଫ୍‌ସି ସାମ୍ନାସାମ୍ନି ହୋଇଥିଲେ। ଏଥିରେ ପ୍ରଥମାର୍ଦ୍ଧରେ ଜୋର୍‌ଦାର ଲଢ଼େଇ ଦେଖିବାକୁ ମିଳିଥିଲା ଏବଂ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚ୍‌ର ୩୩ତମ ମିନିଟ୍‌ରେ ବ୍ରାଜିଲର ସିଲ୍‌ଭା ପ୍ରଥମ ଗୋଲ୍ ଦେଇ ଇଷ୍ଟବେଙ୍ଗଲକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଏହାପରେ ପ୍ରଥମାର୍ଦ୍ଧର ଶେଷ ମିନିଟ୍‌ରେ ରାମଲୁଚୁଙ୍ଗା (୪୫ତମ ମିନିଟ୍)ଙ୍କ ଗୋଲ ସହାୟତାରେ ହାଇଦ୍ରାବାଦ୍ ଏଫ୍‌ସି ମ୍ୟାଚକୁ ୧-୧ରେ ସମାନସ୍ତରକୁ ଆଣିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେଉ ହେଉ ସିଲ୍‌ଭା ଆଉ ଏକ ଗୋଲ୍ ଦେଇ ଇଷ୍ଟବେଙ୍ଗଲର ଅଗ୍ରଣୀକୁ ୨-୧କୁ ବୃଦ୍ଧି କରାଇଥିଲେ। ତେବେ ୭୯ତମ ମିନିଟ୍‌ରେ ହାଇଦ୍ରାବାଦ୍ ଏଫ୍‌ସିକୁ ଏକ ପେନାଲ୍ଟି ମିଳିଥିଲା। ଯାହାକୁ ନିମ ଡୋର୍ଜି କୌଣସି ତ୍ରୁଟି ନ କରି ଇଷ୍ଟବେଙ୍ଗଲ ନେଟ୍ସ ମଧ୍ୟକୁ ପଠାଇଦେଇଥିଲେ। ଫଳରେ ମ୍ୟାଚ୍ ୨-୨ସ୍ତରରେ ରହିଥିଲା। କିନ୍ତୁ ଏହାର ଠିକ୍ ପରବର୍ତ୍ତୀ ମିନିଟ୍‌ରେ ସ୍ପାନିଶ ତାରକା ସାଉଲ କ୍ରିସ୍ପୋଙ୍କ ଗୋଲ୍ ପୁନର୍ବାର ଇଷ୍ଟ ବେଙ୍ଗଲକୁ ୩-୨ର ଅଗ୍ରଣୀ ସ୍ଥିତିରେ ପହଞ୍ଚାଇଥିଲା। ବଳକା ୧୦ ମିନିଟ୍‌ରେ ହାଇଦ୍ରାବାଦ୍ ଏଫ୍‌ସି ଏହି ଗୋଲ୍‌କୁ ଶୁଝାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲା। ଶେଷରେ ଇଷ୍ଟ ବେଙ୍ଗଲ ୩-୨ ଗୋଲରେ ବିଜୟୀ ହୋଇ ୩ ପଏଣ୍ଟ ହାତେଇନେଇଥିଲା।

ମଙ୍ଗଳବାର ରାତିରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ମୋହନ ବାଗାନ ସୁପର୍ ଜାଏଣ୍ଟ୍‌ସ ୨-୧ ଗୋଲରେ ଶ୍ରୀନିଦି ଡେକାନ ଦଳକୁ ମାତ୍ ଦେଇଛି। ବିଜୟୀ ଦଳ ପକ୍ଷରୁ କମିଙ୍ଗ୍‌ସ ଓ ସାଦିକୁ ଯଥାକ୍ରମେ ୩୯ତମ ଓ ୭୧ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

### ଆଜିର ମ୍ୟାଚ୍

**କେରଳ ବ୍ଲାଷ୍ଟର୍ସ** ବନାମ **ସିଲଂ ଲାଜଂ**
ସମୟ- ଅପରାହ୍ଣ ୨ଟା

**ନର୍ଥଇଷ୍ଟ ୟୁନାଇଟେଡ୍** ବନାମ **ଜାମସେଦପୁର ଏଫ୍‌ସି**
ସମୟ- ରାତି ୭ଟା ୩୦

ସିଧା ପ୍ରସାରଣ: ସ୍ପୋର୍ଟ୍‌ସ ୧୮ ଓ ଜିଓ ସିନେମା

# ମହିଳା ଟି-୨୦ ସିରିଜ ହାରିଲା ଭାରତ

ମୁମ୍ବାଇ, ୯ ।୧(ଏଜେନ୍ସି): ସ୍ଥାନୀୟ ଡିୱାଇ ପାଟିଲ୍ ଷ୍ଟାଡିୟମରେ ଅନୁଷ୍ଠିତ ଭାରତ ବିପକ୍ଷ ତୃତୀୟ ତଥା ଅନ୍ତିମ ମହିଳା ଟି-୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୮ଟି ବଲ ବାକିଥାଇ ୭ ୱିକେଟରେ ବିଜୟୀ ହୋଇଛି। ଏଥିସହ ଅଷ୍ଟ୍ରେଲିଆ ୨-୧ରେ ସିରିଜ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଭାରତ ୬ ୱିକେଟ ହରାଇ ୧୪୭ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୮.୪ ଓଭରରେ ୩ ୱିକେଟ ହରାଇ ୧୪୯ ରନକରି ବିଜୟୀ ହୋଇଥିଲା। ଅଧିନାୟିକା ଆଲିସା ହିଲି ୫୫ ଓ ବେଥ ମୁନି ଅପରାଜିତ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଜିତାଇଥିଲେ।

**ଅଲ୍ଟିମେଟ ଖୋ ଖୋ**

# ଜଗରନଟ୍ସ-ଜାଏଣ୍ଟ୍‌ସ ସେମି ଲଢ଼େଇ

କଟକ, ୯ ।୧(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍ଟିମେଟ ଖୋ ଖୋ ଦ୍ୱିତୀୟ ସଂସ୍କରଣର ଲିଗ ପର୍ଯ୍ୟାୟ ମଙ୍ଗଳବାର ଶେଷ ହୋଇଛି। ଏଠାରେ ଖେଳଯାଇଥିବା ପ୍ରଥମ ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଜଗରନଟ୍ସ ଦଳ ୩୪-୨୪ ପଏଣ୍ଟରେ ମୁମ୍ବାଇ ଖିଲାଡିସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଜଗରନଟ୍ସର ମନୋଜ କୁମାର ଶ୍ରେଷ୍ଠ ଆଟାକର ଏବଂ ପି ମହେଶ ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଥିଲେ। ଅନ୍ତିମ ଲିଗ ମ୍ୟାଚ୍‌ରେ ବିଜୟ ସହ ଜଗରନଟ୍ସ ୧୦ମ ମ୍ୟାଚରୁ ୬ ବିଜୟ ଏବଂ ୨ଟି ଲେଖାଏ ଟାଇ ଓ ପରାଜୟ ସହ ୨୩ ପଏଣ୍ଟ ପାଇ ଟେବଲ୍‌ର ୨ୟ ସ୍ଥାନରେ ରହିଛି। ସେହିଭଳି ମୁମ୍ବାଇ ୧୦ ମ୍ୟାଚରୁ ୭ମ ପରାଜୟ ସହ ୧୦ ପଏଣ୍ଟ ପାଇ ୫ମ ସ୍ଥାନରେ ଅଭିଯାନ ଶେଷ କରିଛି। ସେହିଭଳି ପ୍ରତିଯୋଗିତାର ଶେଷ ଲିଗ୍ ମ୍ୟାଚରେ ଗୁଜରାଟ ଜାଏଣ୍ଟ୍‌ସକୁ ୩୮-୨୧ ପଏଣ୍ଟରେ ଚେନ୍ନାଇ କୁଇକ୍ ଗନ୍ସ ହରାଇଦେଇଛି। ଏଥିସହ ଚେନ୍ନାଇ ୧୦ ମ୍ୟାଚରୁ ୭ ବିଜୟ ସହ ୨୫ ପଏଣ୍ଟ ପାଇ ଲିଗ୍‌ରେ ଶୀର୍ଷ ସ୍ଥାନ ହାସଲ କରିଛି। ଗୁରୁବାର ପ୍ରତିଯୋଗିତାର ୨ଟି ଯାକ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ପ୍ରଥମ ସେମିଫାଇନାଲରେ ଓଡ଼ିଶା ଜଗରନଟ୍ସ ଓ ଗୁଜରାଟ ଜାଏଣ୍ଟ୍‌ସ ସାମ୍ନାସାମ୍ନି ହେବେ। ସେହିଭଳି ସେହିଦିନ ୨ୟ ସେମିଫାଇନାଲ ଚେନ୍ନାଇ କୁଇକ୍ ଗନ୍ସ ଓ ତେଲୁଗୁ ଯୋଦ୍ଧାସ ମଧ୍ୟରେ ଖେଳାଯିବ।

### ଗୁରୁବାର ସେମିଫାଇନାଲ

**ଓଡ଼ିଶା ଜଗରନଟ୍ସ** ବନାମ **ଗୁଜରାଟ ଜାଏଣ୍ଟସ୍**
ସମୟ- ରାତି ୭ଟା।୩୦

**ଚେନ୍ନାଇ କୁଇକ୍‌ଗନ୍ସ** ବନାମ **ତେଲୁଗୁ ଯୋଦ୍ଧାସ୍**
ସମୟ- ରାତି ୮ଟା ୩୦

# କେପ୍‌ଟାଉନ୍ ପିଚ୍ ସନ୍ତୋଷଜନକ ନୁହେଁ

ଦୁବାଇ, ୯ ।୧(ଏଜେନ୍ସି): ଆଇସିସି କେପ୍‌ଟାଉନ୍ ପିଚ୍ ସନ୍ତୋଷଜନକ ନୁହଁ ବୋଲି କହିଛି। କେପ୍‌ଟାଉନ୍‌ର ନ୍ୟୁଲାଣ୍ଡସ ପିଚ୍‌ରେ ଭାରତ ଓ ଘରୋଇ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ମାତ୍ର ଦେଢ଼ ଦିନ ମଧ୍ୟରେ ଶେଷ ହୋଇଥିଲା।

**BIJUPATTNAIK, VIKASH & BRILLIANT GROUP OF NURSING, PHARMACY & ALLIED MEDICAL TECHNOLOGY,**
DEBENDRAPUR, NEAR SBI ATM BARIPADA, MAYURBHANJ, ODISHA,
MOB:-9438047436.7428867569

**URGENTLY SPOT ADMISSION GOING ON**

(GOVERNMENT PERMITTED BY HEALTH & FAMILY WELFARE DEPARTMENT, BHUBANESWAR, RECOGNIZED BY ODISHA NURSES & MIDWIVES COUNCIL, BHUBANESWAR, APPROVED BY INDIAN NURSING COUNCIL, NEW DELHI AND ODISHA UNIVERSITY OF HEALTH SCIENCES)


ବିକାଶ ଚନ୍ଦ୍ର ସେଠୀ, ସମାଜସେବୀ

ସମାଜସେବୀ ବିକାଶ ଚନ୍ଦ୍ର ସେଠିଙ୍କ ଦ୍ୱାରା ଆରମ୍ଭ ତିନୋଟି ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝରରେ INSTITUTION ମାନ ଅଛି ଏଠାରେ ଓଡିଶାରେ ପ୍ରଥମ କରି ସର୍ବ ନିମ୍ନ ମୂଲ୍ୟ ରେ ଟ୍ରେନିଙ୍ଗ ନେବାର ସୁବିଧା ଯୋଗାଇ ଦିଆଯାଉଛି । ଏଣୁ ଯେଉଁ ଛାତ୍ରଛାତ୍ରୀ ମାନେ ଇଚ୍ଛୁକ ନିମ୍ନ COURSES ମାନଙ୍କରେ SPOT ADMISSION ହୋଇ ପାରିବେ ସାଥିରେ ସମସ୍ତ DOCUMENTS ନେଇ ଆସିବେ। ନିମ୍ନ ୱେବ ସାଇଟ ମାଡ଼ି ଆପଣମାନେ କଲେଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପାଇପାରିବେ । FIRST ADMISSION FEES- RS. 20,000/- (SC/ST ପିଲାମାନଙ୍କୁ ପ୍ରଥମେ କେବଳ RS. 10,000/- ଦେବାକୁ ପଡିବ) । ସମସ୍ତ ST ଏବଂ SC ପିଲାମାନଙ୍କ STIPENT ଟଙ୍କା ରେ ସମସ୍ତ ଖର୍ଚ୍ଚ ବହନ କରାଯିବ । ଏଣୁ STIPENT ଟଙ୍କାରେ ଛାତ୍ରଛାତ୍ରୀମାନେ ଟ୍ରେନିଂ ନେଇ ପାରିବେ। ଟ୍ରେନିଂ ସାରିଲା ପରେ ଅନୁଷ୍ଠାନ ତରଫରୁ campus ଦିଆଯାଏ ସେଠାରେ ଚାକିରୀ କାଲେ ମାସକୁ RS.20,000/- ରୁ RS.40,000/- ଟଙ୍କା ଦରମା ମିଳିଥାଏ। INSTALMENT FACILITIES PAYMENT ର ସମସ୍ତ ସୁବିଧା ଅଛି । ସମାଜସେବୀ ବିକାଶ ଚନ୍ଦ୍ର ସେଠିଙ୍କ ଦ୍ୱାରା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ TWENTY LAKHS ର STUDENTS INSURANCE ସୁବିଧା ଯୋଗାଇ ଦିଆଯିବ । www.bijubikashmedicalandnursing.com ୱେବ ସାଇଟ ମାଡ଼ି ଦେଖନ୍ତୁ । SPOT ADMISSION LAST DATE - 31.01.2024

| NAME OF COURSE | QUALIFICATION | COURSE FEES & HOSTEL FEES |
|---|---|---|
| M.SC NURSING COURSE | B.SC NURSING PASS & P.B.B.SC NURSING PASS | RS.70,000/- YEARLY X Duration 2 YEARS |
| P.B.B.SC NURSING COURSE EXCLUDE HOSTEL FEE | GNM PASS, 12 TH /+2 PASS ANY STREAM | RS.50,000/- YEARLY X Duration 2 YEARS |
| B.SC NURSING COURSE | 12 TH /+2 SCIENCE PCBM /PCB(45%) | RS.70,000/- YEARLY X Duration 4 YEARS |
| BIJUPATTNAIK G.N.M COURSE | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| BIJUPATTNAIK A.N.M COURSE | 12 TH /+2 SCIENCE PCM / PCBM / PCB/ARTS | RS.50,000/-YEARLY X Duration 2 YEARS |
| DIPLOMA PHARMACY | 12 TH /+2 SCIENCE PCM / PCBM / PCB/ARTS | RS.70,000/- YEARLY X Duration 2 YEARS |
| B.SC OPTOMETRY(B.O) | 12 TH /+2 SCIENCE PCM / PCBM / PCB | RS.70,000/-YEARLY X Duration 4 YEARS |
| B.SC IN MEDICAL RADIATION TECH (B.M.R.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| B. SC. IN MEDICAL LABORATORY TECH (B.M.L.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| B.SC. IN OPERATION THEATRE (B.O.T.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| B.SC. IN EMERGENCY MEDICINE TECH (B.E.M.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| CERTIFIED DIALYSIS TECHNICIAN (C.D.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 1 YEARS |
| CERTIFIED E.C.G. TECHNICIAN (C.E.C.G.T) | 12 TH /+2 SCIENCE PCM / PCBM / PCB | RS. 30,000/- 6MONTH |
| CERTIFIED COURSE IN FIRST AID (C.C.F.A) | 10TH PASS OR ABOVE | RS. 30,000/- 6MONTH |
| CERTIFIED WARD TECHNICIAN (C.W.T) | 10TH PASS OR ABOVE | RS. 30,000/- 6MONTH |

ALL FEE ARE INCLUDING :- COURSE FEES , TUITION FEES , WITH HOSTEL LODGING (BOARDING FEES, BOOK FEES, (UNIFORM BLAZER CLOTH) GOVT MEDICAL COLLEGE CLINICAL PRACTICAL TRAINING TRANSPORTATION BUS FEES,. AS PER OUR MANAGEMENT RULE.

1:-VIKASH INSTITUTION :- AT-REMUNA BHIMPURA CHAWK, BALASORE,
2:-BRILLIANT INSTITUTION :- GHUTUR, NEAR SATSANGH / GATE, KEONJHOR,
3:-BIJUPATTNAIK INSTITUTION:-DEBENDRAPUR, NEAR SBI ATM BARIPADA,MBJ




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର